ବାଦ ପ୍ରତିବାଦ ଶୁଣି ସାବ୍ୟସ୍ତ କଲେକି ଏଠା କଲେଜର ଅଧ୍ୟାପକ ବାବୁ ଭୁବନାଶ୍ଚନ୍ଦ୍ର ଗୃହୁର୍ଯ୍ୟାଙ୍କ ସେ ଏଥିପୂର୍ବେ କନିକା ରାଜାଙ୍କର ମହାଫିଜ ଥିଲେ ଏବଂ କନିକାର ରାଣୀ ତାହାଙ୍କ ବିରୁଦ୍ଧରେ ଦରଖାସ୍ତ କରିବାରୁ ଇସ୍ତଫା ଦେଇ ବାହାରି ଆସିଲେ ସେହି ଈର୍ଷାବଶତଃ ଦରଖାସ୍ତକାରୀଙ୍କୁ ଆପଣା କ୍ଷୋଭଦ୍ୱାରା ତାହା ସେଠାରୁ ଉଠାଇନେ-ଇ ଆପେ ଇଂରାଜୀରେ ଦରଖାସ୍ତ ଲେଖି ଆପଣା-ପୁତୁରା ଉପର ଲିଖିତ ନଗେନ୍ଦ୍ର ବାବୁ ଓକିଲଙ୍କ ଦ୍ୱାରା ପଠାଇ ଅଛନ୍ତି। ଏହି ମର୍ମର ରୋବକାରୀ ଲିପିବଦ୍ଧରେ ଶ୍ରୀଯୁକ୍ତ କଲେକ୍ଟରସାହେବ ନଥି-ସହିତ ହାଇକୋର୍ଟର ବିଚାର ନିମନ୍ତେ ପଠାଇ-ଅଛନ୍ତି ଏବଂ ତହିଁର ଏକପ୍ରସ୍ଥ ନକଲ କମିଶ୍ନର ସାହେବଙ୍କ ନିକଟକୁ ପଠାଇ ଅଛନ୍ତି। କଲେକ୍ଟର ସାହେବଙ୍କ ବିବେଚନାରେ ଏହି ବିଷୟରେ ଅବିନାଶବାବୁ ପ୍ରଧାନ ଦୋଷୀ ଏବଂ ନଗେନ୍ଦ୍ର-ବାବୁ ଓକିଲଙ୍କ ବିରୁଦ୍ଧରେ ପ୍ରବଳ ପ୍ରମାଣ ନାହିଁ ଏଥିପାଇଁ ତାହାଙ୍କୁ ସସପେଣ୍ଡ ନ କରି ହାଇକୋ-ର୍ଟକୁ ଜଣାଇ ଅଛନ୍ତି। ହାଇକୋର୍ଟ ଯାହା ବିଚାର କରିବେ ଏପରେ ଜଣାଯିବ।

---

ବୈଦ୍ୟନାଥରେ ଗୋଟିଏ କୁଷ୍ଠାଶ୍ରମ ସ୍ଥାପନ କରିବାର ପ୍ରସ୍ତାବ ପାଠକମାନଙ୍କୁ ବହୁଦିନରୁ ଜଣାଇଅଛୁଁ। ଉକ୍ତ କୁଷ୍ଠାଶ୍ରମ ନିମନ୍ତେ ଅନ୍ୟୂନ [illegible] ଗୋଟିଏ ଘର ନିର୍ମାଣ ହେବ ଏବଂ ତହିଁସଙ୍ଗେ ଜଳର ଏପରି ବନ୍ଦୋବସ୍ତ ହେବ ଯେ ରୋଗି-ମାନେ ପାନ ଅବଗାହନ ଇତ୍ୟାଦି ସକାଶେ ଅ-କ୍ଳେଶରେ ଆବଶ୍ୟକମତେ ଜଳପାଇପାରିବେ। ଏଥିକୁ ଏପର୍ଯ୍ୟନ୍ତ କେବଳ ଟ ୩୨୦୦ ଙ୍କା ଚାନ୍ଦା ଉଠିଅଛି। ଅବଶିଷ୍ଟ ଟ ୧୮୦୦ ଙ୍କା ହସ୍ତଗତ ହେଲେ କାର୍ଯ୍ୟାରମ୍ଭ ହେବ ଏବଂ ଏପରି ରୋ-ଗିଙ୍କ ଆହାର, ବସ୍ତ୍ର ଓ ଚିକିତ୍ସା ସକାଶେ ଆଉ ଟଙ୍କାର ଦରକାର। ବାବା ବୈଦ୍ୟନାଥଙ୍କ ଅନୁଗ୍ରହରେ ବ୍ୟାଧିରୁ ମୁକ୍ତ ହେବା ଆଶାରେ ଅନେକ କୁଷ୍ଠରୋଗୀ ସେଠାରେ ରୁଣ୍ଡ ହୁଅନ୍ତି। କୁଷ୍ଠରୋଗର ଚିକିତ୍ସା ନାହିଁ କେବଳ ଦେବା-ନୁଗ୍ରହ ଆରୋଗ୍ୟଲାଭର ଏକମାତ୍ର ଉପାୟ ବୋଲି ସାଧାରଣ ବିଶ୍ୱାସ। ଏହି ବିଶ୍ୱାସରେ ଅନେକ ରୋଗୀ ବୈଦ୍ୟନାଥକୁ ଯାଇ ସେଠା-ରେ ଗଛମୂଳେ ବା ଭଙ୍ଗାମନ୍ଦିରରେ ନିତାନ୍ତ କଷ୍ଟରେ ପଡ଼ିରହି ପ୍ରାଣ ହରାଉଅଛନ୍ତି। ଗତ-ବର୍ଷ ତ ୧୧ ଣ ରୋଗୀ ଏହି ଅବସ୍ଥାରେ ସେଠାରେ ପ୍ରାଣତ୍ୟାଗ କଲେ। ପ୍ରତିବର୍ଷ ଏହିପରି କେତେ ମୃତ୍ୟୁ ଘଟୁଅଛି। ଏମାନେ ସର୍ବସାଧାରଣଙ୍କର ବିଶେଷ ଦୟାର ପାତ୍ର ଏଥିରେ ସନ୍ଦେହ ନାହିଁ। ବଡ଼ ଦୁଃଖର ବିଷୟ ଯେ ଏପରି ରୋଗିଙ୍କ ସାହାଯ୍ୟାର୍ଥେ ଗୃରମାସ ହେଲା ଉଦ୍ୟମ ଲାଗିଥିଲେ ହେଁ ଅବଧି ପାଞ୍ଚ-ହଜାର ଟଙ୍କା ସୁଦ୍ଧା ଉଠି ନାହିଁ। ନିରାଶ୍ରୟ ଅବସ୍ଥାରେ ପ୍ରାଣତ୍ୟାଗ କରୁଥିବା ବ୍ୟକ୍ତିର ପ୍ରାଣରକ୍ଷାଠାରୁ ଅନ୍ୟ କୌଣସି ପୁଣ୍ୟକାର୍ଯ୍ୟ ଅଧିକ ନୁହଇ। ଏହି କୁଷ୍ଠାଶ୍ରମର ସାହାଯ୍ୟାର୍ଥେ ଆମ୍ଭେମାନେ ସର୍ବସାଧାରଣଙ୍କୁ ଅତ୍ୟନ୍ତ ବିନୀତ-ଭାବରେ ପ୍ରାର୍ଥନା କରୁଅଛୁଁ। ଯାହାର ଯାହା ଦେବାକୁ ଇଚ୍ଛା ହେବ ବୈଦ୍ୟନାଥର ପ୍ରଧାନ ପଣ୍ଡା ଶ୍ରୀ ଗିରିଜାନନ୍ଦଦତ୍ତ ଝାଙ୍କ କିମ୍ବା ଦେଓ-ଘର ସ୍କୁଲର ହେଡ଼ମାଷ୍ଟର ବାବୁ ଯୋଗୀନ୍ଦ୍ରନାଥ ବସୁଙ୍କ ନିକଟକୁ ଅବିଳମ୍ବେ ପଠାଇଦେବେ। ଯଦ୍ୟପି କେହି ଆମ୍ଭମାନଙ୍କ ନିକଟକୁ ସାହାଯ୍ୟ ପଠାଇବେ ତେବେ ଆମ୍ଭେମାନେ ଏ ପତ୍ରିକାରେ ତାହା ସ୍ୱୀକାରକରି ଯଥାସ୍ଥାନକୁ ପଠାଇଦେବୁଁ।

---

### ଶ୍ରୀ ଜଗନ୍ନାଥମନ୍ଦିର ଜୀର୍ଣ୍ଣସଂସ୍କାରଣୀ ସଭା

ପୁରୀ

ତା ୨ ରିଖ ଅକ୍ଟୋବର ସନ ୧୮୯୧-ମସିହା ଶ୍ରୀମନ୍ଦିର ଲକ୍ଷ୍ମୀଠାକୁରାଣୀଙ୍କ ଜଗମୋ-[illegible] ଅଧିବେଶନରେ ନିମ୍ନଲିଖିତ ବିଷୟ ନିର୍ଦ୍ଧାରିତ ହେଲା।

୧ମ। ଏ ସଭାରେ ସ୍ଥିରମତ କାର୍ଯ୍ୟ କରିବା-ନିମନ୍ତେ ବର୍ତ୍ତମାନ ଫଣ୍ଡ ପ୍ରସ୍ତୁତ ଅଛି। ବର୍ତ୍ତ-ମାନ ଶ୍ରୀ ବାବୁ ପ୍ୟାରିଲାଲ ମୁଖୋପାଧ୍ୟାୟ ସୁପରଭାଇଜର ଶ୍ରୀମନ୍ଦିରର ଜୀର୍ଣ୍ଣସଂସ୍କାର କାର୍ଯ୍ୟ କରିବା ସକାଶେ ଏଠାରେ ଉପସ୍ଥିତ ହୋଇ-ଅଛନ୍ତି। ଶ୍ରୀ ବାବୁ ପୀତାମ୍ବର ଘୋଷ, ଶ୍ରୀ ବାବୁ ସାଧୁଚରଣ ଚନ୍ଦ, ଶ୍ରୀ ବାବୁ କାନ୍ତିଚନ୍ଦ୍ର ମିତ୍ର, ଶ୍ରୀ ବାବୁ ଆନନ୍ଦଚନ୍ଦ୍ର ମୁଖୋପାଧ୍ୟାୟ, ଏ ୪ ଜଣ ସବ୍‌କମିଟୀ ମନୋନୀତ ହେଲେ ସେମାନେ ଶ୍ରୀମନ୍ଦିର ଜୀର୍ଣ୍ଣସଂସ୍କାର କାର୍ଯ୍ୟସମ୍ବନ୍ଧୀୟ ଜମାଖର୍ଚ୍ଚ କାଗଜ ତଦାରଖ କରି ତହିଁର ଫଳାଫଳ ପ୍ରତିମାସରେ କଟକ ସେଣ୍ଟ୍ରେଲ କମିଟିକୁ ଜଣା-ଇବେ।

୨ୟ। ଶ୍ରୀମନ୍ଦିର ଜୀର୍ଣ୍ଣସଂସ୍କାରକାର୍ଯ୍ୟ ଉତ୍ତମ-ରୂପେ ନିର୍ବାହ ହେଉଥିବା ବିଷୟ ତଦାରଖ କରିବା କାରଣ ଶ୍ରୀ ବାବୁ କେଦାରନାଥ ଦତ୍ତ, ଶ୍ରୀ ବାବୁ ରମେଶଚନ୍ଦ୍ର ଆଢ୍ୟ, ଶ୍ରୀ ବାବୁ କୃଷ୍ଣଚନ୍ଦ୍ର ମହାନ୍ତି, ଶ୍ରୀ ବାବାଜି ସରଜୁରାମାନୁଜ ଦାସ, ଶ୍ରୀ ବାବୁ ମହେନ୍ଦ୍ରନାଥ ମୁଖୋପାଧ୍ୟାୟ, ଶ୍ରୀ ବାବୁ ନିତ୍ୟାନନ୍ଦ ଦାସ, ଶ୍ରୀ ବାବୁ ଦୀନନାଥ ମିତ୍ର-ମାନେ ସବ୍‌କମିଟୀ ସ୍ୱରୂପ ନିଯୁକ୍ତ ହେଲେ।

୩ୟ। ପୁସ୍ତିକାର ଚାନ୍ଦା ସଂଗ୍ରହ କରିବା-ସକାଶେ ଶ୍ରୀ ବାବୁ ଆନନ୍ଦଚନ୍ଦ୍ର ମୁଖୋପାଧ୍ୟାୟ, ଶ୍ରୀ ବାବୁ କ୍ଷେତ୍ରମୋହନ ଘୋଷ, ଶ୍ରୀ ବାବୁ ଶ୍ୟାମସୁନ୍ଦର ଦାସ, ଶ୍ରୀ ବାବୁ ଶିବଚରଣମହାନ୍ତି, ଶ୍ରୀ ନାରାୟଣ ଖୁଣ୍ଟିଆ; ଶ୍ରୀ ରାମକୃଷ୍ଣ ମହାପାତ୍ର ସବ୍‌କମିଟୀ ମନୋନୀତ ହେଲେ।

୪ର୍ଥ। ଦୈନିକ ମଜୁରଦାରମାନଙ୍କ ମଜୁରି ଦେବା ନିମନ୍ତେ ମ୍ୟାନେଜର କିମ୍ବା ଦେଓ୍ୱାନ ବାବୁ ସଭାର ସେକ୍ରେଟାରୀଙ୍କଠାରୁ ଆଗାମୀ ଟ ୫୦୧ ଙ୍କା ନେଇ ମଜୁରଦାରମାନଙ୍କୁ ମଜୁରି ଦେବେ, ସେ ଟଙ୍କା ଶେଷ ହେଲା ପରେ ହିସାବ ବୁଝାଇ ପୁନର୍ବାର ସେହି ପରିମାଣରେ ଟଙ୍କା ନେଉଥିବେ।

୫ମ। ଶ୍ରୀ ବାବାଜି ସରଜୁରାମାନୁଜ ଦାସଙ୍କର ସଭାରେ ଆଗତକରି ଜମା ଖର୍ଚ୍ଚ ହିସାବକାଗଜ ତଦାରଖ କରାଯାଇ ତହିଁର ଅବସ୍ଥା ଆଗତ-ସଭାରେ ପେସକରାଯାଉ।

---

### ଦୁର୍ଗୋତ୍ସବ

ଆକାଶ ନିର୍ମଳହେତୁ ଇନ୍ଦ୍ରଦେବତାଙ୍କ ସୁଦୃଷ୍ଟି କାରଣରୁ ଏବର୍ଷ କଟକ ନଗରରେ ଦୁର୍ଗାପୂ-ଜାର ଦଶହରାପାଳି ଅଡ଼ମ୍ବରରେ ହୋଇଥିଲା। ଲୋକାରଣ୍ୟର ଇୟତ୍ତା ନ ଥିଲା କେବଳ ମେଢ଼ସବୁ ବାହାର ଏକସ୍ଥାନରେ ମିଳିତ ହେବାକୁ ଅଧିକରାତ୍ର ହୋଇଥିବାରୁ ଦର୍ଶକମ-ଣ୍ଡଳ ଭିନ୍ନ ଭିନ୍ନ ସ୍ଥାନରେ ଜମାଟ ହୋଇ କେହି ଅବା ସଙ୍ଗୀତଚର୍ଚ୍ଚାରେ କେହି ଅବା କେବଳ ଗଳ୍ପରେ ଓ କେହି ଅବା ଇତସ୍ତତଃ ଭ୍ରମଣରେ ଓ କେହି କେହି ପରିଶ୍ରାନ୍ତ ହୋଇ ଶଯ୍ୟାର ଆଶ୍ରୟ-ରେ ସମୟାତିପାତ କରିବାକୁ ଲାଗିଥିଲେ। କୌଣସି କୌଣସି ବାଜେମେଢ଼ ସନ୍ଧ୍ୟାସମୟରୁ ବାହା-ରିଥିବାରୁ ଓ ଅନେକକ୍ଷଣ ଅପେକ୍ଷା କରି ସୁଦ୍ଧା ଅନ୍ୟ ମେଢ଼ମାନଙ୍କର ଆଗମନ ଆଶା ଅତି-ଦୂରଜ୍ଞାନରେ ପୂର୍ବରୁ ନଦୀକୁ ଗମନ କରୁ-ଥିଲେ। ଏପରି ବାଜେମେଢ଼ ଛଗୋଟି ଥିଲା ଏତଦ୍‌ବ୍ୟତୀତ ବଙ୍ଗବଜାରସ୍ଥ ସ୍ୱରୂପଙ୍କ ଦୁର୍ଗା-ମେଢ଼ ପୂର୍ବସ୍ଥିତ ଅନୁସାରେ ସନ୍ଧ୍ୟାସମୟରେ କାଠ-ଯୋଡ଼ୀନଦୀକୁ ଗମନ କରିଥିଲେ। ଏଥିରୁ ସର୍ବ-ସୁଦ୍ଧା ସାତଗୋଟି ଦୁର୍ଗାମେଢ଼ ଓ ତତ୍ପରଗୋଟି

Split by PDF Splitter

Digitized by srujanika@gmail.com

Split by PDF Splitter



ବାଟେକେମନ୍ତ ହୋଇଥିଲା, ମେଢ଼ସବୁ ଏକତ୍ରିତ ହୋଇ ନଦୀକୂଳରେ ପ୍ରବେଶ ହେବାସମୟକୁ ପ୍ରାତଃକାଳ ହୋଇଥିବାରୁ ସୂର୍ଯ୍ୟଦେବଙ୍କ ପ୍ରଖର ତେଜରଶ୍ମିରେ ମେଢ଼ର ସାଜଭୂଷଣର ଶୋଭାର ମନୋହାରିତା ଆଉ ରହି ନ ଥିଲା ସୁତରାଂ ମେଳନର ସୌନ୍ଦର୍ଯ୍ୟ କିଛି ଜଣାଗଲା ନାହିଁ । ପୂର୍ବ ସମୟରେ ସନ୍ଧ୍ୟାକାଳରେ ଦେବାମେଢ଼ର ମେଳନରେ ଯେପରି ଅନୁପମ ଶୋଭା ଓ ଭୂଷଣର ସରସତା ବୋଧ ହେଉଥିଲା ପ୍ରଭାତ ସମୟରେ ଏକତ୍ରିତ ହେବାରୁ ସେପରି ଜାକଜମକ ସୁନ୍ଦରତା ଅନୁଭୂତ ହେଲା ନାହିଁ ସୁତରାଂ ସାଜସଜ୍ଜାର ଫଳ ଆଉ କିଛି ହେଲା ନାହିଁ ।

ଦୁର୍ଗାମେଢ଼ ପୂର୍ବରେ ୭ ଗୋଟି ଥିଲା । କିନ୍ତୁ ବର୍ତ୍ତି କଳାବସ୍ତ୍ର କୈଳାଶବାବୁଙ୍କ ମେଢ଼ ବନ୍ଦ ହେବା ସମୟରୁ ଛଗୋଟି ମେଢ଼ ହୋଇଆସୁଥିଲା । ଏବର୍ଷ ଆଉଗୋଟିଏ ମେଢ଼ ଅଧିକା ହୋଇଥିବାରୁ ପୂର୍ବପ୍ରାୟ ସାତମେଢ଼ ହୋଇଥିଲା । ଏବର୍ଷର ଅଧିକା ମେଢ଼ ବାବୁ ଗୋସାଇଁଚରଣମଣ୍ଡଳ କରିଥିଲେ । ତାଙ୍କର ଉଦ୍ୟମ ପ୍ରଥମ ହୋଇଥିଲେ ହେଁ ସାଜସଜ୍ଜା ଓ ପ୍ରତିମା ଗଠନ ଅନ୍ୟାନ୍ୟ ମେଢ଼ମାନଙ୍କ ଅପେକ୍ଷା ନ୍ୟୁନ ନ ଥିଲା । ଦେବୀଙ୍କ ମେଢ଼ ମଧ୍ୟରେ ବିନୋଦବିହାରୀ ମେଢ଼ ସାଜସଜ୍ଜାରେ ଓ ପ୍ରତିମା ଗଠନରେ ପ୍ରଥମସ୍ଥାନ ଅଧିକାର କରିଥିଲା । ଗୃହନ- [illegible] ରେ ଥିଲା । ବାକେ ମେଢ଼ ମଧ୍ୟରେ ବଳବାବୁଙ୍କ ମେଢ଼ ସାଜ ଭୂଷଣରେ ଓ ସଦାଶିବଙ୍କ ମେଢ଼ ରୁଚି ରୁଚ ଓ ଶିଳ୍ପକୌଶଳରେ ଅତି ସୁନ୍ଦର ହୋଇଥିଲା । ବଳବାବୁଙ୍କ ମେଢ଼ରେ ସୁଦ୍ଧା ଶିଳ୍ପରୁଚିର କିଛି ପରିଚୟ ଥିଲା ତନ୍ନିମନ୍ତେ ସେ ପ୍ରଶଂସାର୍ହ । କିନ୍ତୁ ସଦାଶିବଙ୍କ ମେଢ଼ ରୁଚିରୁଚ ଓ ଶିଳ୍ପକୌଶଳରେ ସରସ ଓ ଅଭିନବ ପ୍ରକାର ଦୃଶ୍ୟ ମଧ୍ୟ ଦେଇଥିଲେ । ଓଡ଼ିଶାରାଜା ପୁରୁଷୋତ୍ତମଦେବ କାଞ୍ଚିକାବେରୀ-ରାଜାଙ୍କୁ ପରାସ୍ତକରି ତାଙ୍କ କନ୍ୟା ପଦ୍ମାବତୀଙ୍କୁ ପାଲିଙ୍କିଦ୍ୱାରା ଆନୟନକରୁଥିଲେ ସ୍ୱୟଂ ଘୋଡ଼ାରେ ଆସୁଥିଲେ ଓ ଉଭୟପାର୍ଶ୍ୱରେ ଜଗନ୍ନାଥ ବଳଭଦ୍ର ଘୋଡ଼ାରୋହୀ ହୋଇ ଥିଲେ ଓ ମଧ୍ୟ କାଞ୍ଚିକାବେରୀଦେଶର ଗଣେଶ ଓ ଗୋପାଳ ଅଛିଉ ସଙ୍ଗରେ ଥିଲେ । ଚତୁଃପାର୍ଶ୍ୱରେ ସୈନ୍ୟସାଗର ଥିଲେ । ଏଥିର ସୁନ୍ଦର ଏହିପରି ରାଜା ଘୋଡ଼ାରୋହଣରେ ଗମନ କଲା ପ୍ରାୟ ଜଣାଯାଉଥିଲେ । ଓ ପାଲିଙ୍କିଗଡ଼ିମାନେ ପାଲିଙ୍କି ଘେନି ଶୂନ୍ୟରେ ଦଉଡ଼ଥିଲେ ଓ ସୈନ୍ୟମାନେ ସୁସଜ୍ଜିତହୋଇ ସଙ୍ଗରେ ଗମନ କରୁଥିଲେ ।

ବଳବାବୁଙ୍କ ମେଢ଼ର ସାଜ ଅତି ଚମତ୍କାର ଥିଲା ଓ ଅନେକ ପ୍ରତିମାରେ ସୁସଜ୍ଜିତ ହୋଇଥିଲା । ଏଥିରେ ମଧ୍ୟ ସୁନ୍ଦର ଦଶ୍ୟଥିଲା । ଏଥିରେ ଦଶରଥମହାରାଜା ତାଙ୍କ ପୁତ୍ରଦ୍ୱୟ ଭରତ ଓ ଶତ୍ରୁଘ୍ନଙ୍କୁ ସଙ୍ଗେ ଘେନି ଅନୁଚରବର୍ଗସହ ଆନନ୍ଦସହକାରରେ ରାମଚନ୍ଦ୍ରଙ୍କ ବିବାହକାର୍ଯ୍ୟ ସମ୍ପନ୍ନ ନିମନ୍ତେ ଅଯୋଧ୍ୟାନଗରରୁ ମିଥିଳାନଗରକୁ ଗମନ କରୁଥିଲେ । ଅନ୍ୟ ବାକେ ମେଢ଼ମାନ ନାନାବିଧପ୍ରକାର ଥିଲା । କିନ୍ତୁ ମହାଦେବଙ୍କ ମେଢ଼ ପ୍ରତିବର୍ଷଙ୍କୁ ଊଣା ପଡ଼ୁଅଛି ।

ଯାହା ହେଉ ପୂଜାସମୟର ଯାଗ ଉଦ୍ୟମ ହୋଇଥିବାରୁ ସହରରେ ବିଶେଷ ଜନତା ହୋଇଥିଲା ।

---

## ଜାତିଭେଦ ।

ପୁନାରେ ଗତ ଅଗଷ୍ଟମାସରେ ଯେଉଁ ଶିଳ୍ପସମିତି ବସିଥିଲା ତହିଁର ସଭାପତି ଜଣେ ଇଂରାଜ ଆପଣା ବକ୍ତୃତାର ଏକସ୍ଥଳରେ କହିଥିଲେ କି ଜାତିଭେଦ ଧର୍ମର ଦିଗ । ବସ୍ତୁତରେ ସମାଜର ଶ୍ରମ ସମ୍ମିଳନ ଏବଂ ଶିଳ୍ପୋନ୍ନତି ସାଧନ କରଇ । ଭାରତବର୍ଷରେ ଜାତିଭେଦପ୍ରଥା ପ୍ରଚଳିତ ଥିବାରୁ ଶିଳ୍ପୋନ୍ନତିର ବାଟ ପରିଷ୍କୃତ ରହିଅଛି । ପ୍ରକୃତରେ ଶିଳ୍ପୋନ୍ନତିନିମନ୍ତେ ଜାତିଭେଦ ଯେମନ୍ତ ଅନୁକୂଳ ତେମନ୍ତ ଆଉ କିଛି ନୁହଇ । ଆଉ ଅଧିକ କି ବୋଲାଯିବ ଜାତିଭେଦ ନ ଥିଲେ ଶିଳ୍ପର ଉନ୍ନତି ବା ସ୍ଥିତି ଏକପ୍ରକାର ଅସମ୍ଭବ ହୋଇଆନ୍ତା ।

ଆଉ ଜଣେ ଇଂରାଜଅଧ୍ୟାପକ ବମ୍ବେଇରେ ବଂଶାନୁଧର୍ମ ବିଷୟରେ ଏକ ବକ୍ତୃତା କରି ଦେଖାଇଅଛନ୍ତି କି ବାଳକ ବାଳିକାମାନେ ଯେମନ୍ତ ପୈତ୍ରିକ ପୀଡ଼ା ତେମନ୍ତ ପୈତ୍ରିକ ମାନସିକ ଓ ଶାରୀରିକ ଗୁଣର ଅଧିକାରୀ ଅଟନ୍ତି । ଅର୍ଥାତ ଯେପରି କେତେକ ପୀଡ଼ା ପୁରୁଷାନୁକ୍ରମେ ଗୋଡ଼ାଇ ଆସେ ସେହିପରି ମନ ଓ ହୃଦୟର ଗୁଣମାନ ମଧ୍ୟ ଗୋଡ଼ାଇ ଆସେ । ସାଧୁର ପୁତ୍ର ପୌତ୍ର ସାଧୁ ଓ ଚୋରର ପୁତ୍ର ପୌତ୍ର ଚୋର ହେବାର ଆଶା କରାଯାଏ । ଅବଶ୍ୟ ସର୍ବସ୍ଥଳେ ସମାନ ଫଳ ଘଟିବ ଏମନ୍ତ ନୁହେ । କାରଣ ଶିକ୍ଷା ସଙ୍ଗ ଇତ୍ୟାଦି ହେତୁ ଅନେକ ବ୍ୟତିକ୍ରମ ଘଟଇ । ମାତ୍ର ଅନୁସନ୍ଧାନ କଲେ ଦେଖି ପାରିବ ଯେ ଗୁଣ ଓ ଚରିତ୍ର ବଂଶାନୁଧର୍ମର ଅଧୀନ ଅଟଇ । ଭାରତବର୍ଷରେ ଏହି ମୂଳ ନିୟମଟି ଅତି ପ୍ରାଚୀନ କାଳରୁ ସ୍ୱୀକୃତ ହୋଇଆସିଅଛି । ଇଂରାଜ ପଣ୍ଡିତମାନେ ଏହା ଆଦୌ ସ୍ୱୀକାର କରୁ ନ ଥିଲେ କିନ୍ତୁ ଇଦାନୀଂ ସେମାନଙ୍କର ମତ ଫେରୁଅଛି ଏବଂ ସେମାନେ ବଂଶାନୁକ୍ରମ ସତ୍ୟତା ଉପଲବ୍ଧି କରି କେବଳ ଏଥିରେ ପିତା ଓ ମାତା କାହାର ସ୍ୱଭାବ କେଉଁ ଗୁଣ କିପରିମାଣରେ ପ୍ରତିଫଳିତ ହୁଅଇ ଏହି କଥାର ଆଲୋଚନା କରୁଅଛନ୍ତି । ଅଧ୍ୟାପକ ମହାଶୟ ଆପଣା ମତ ଏହିପରି ବ୍ୟକ୍ତ କରିଅଛନ୍ତି କି ପିତା ମାତା ଉଭୟଙ୍କର ଧର୍ମ ସେମାନଙ୍କ ପୁତ୍ର କନ୍ୟାଙ୍କ ଦେହରେ ପ୍ରବେଶ କରଇ । ସେଥିରେ ଇତର ବିଶେଷ କିଛି ନାହିଁ । ଯେବେ ପିତା ମାତାଙ୍କ ମଧ୍ୟରୁ ଏକଜଣର ମାନସିକ ବା ଶାରୀରିକ ବଳ ଊଣା ଥିବ ତେବେ ପୁତ୍ର କନ୍ୟା ଉଭୟେ ତହିଁର ଭାଗୀ ହେବେ । ସ୍ତ୍ରୀ ପୁରୁଷ ଉଭୟଙ୍କର ବୁଦ୍ଧି ସ୍ୱଭାବ ଓ ଚରିତ୍ର ଭଲ ହେଲେ ସେମାନଙ୍କ ପୁତ୍ର କନ୍ୟା ପୂର୍ଣ୍ଣମାତ୍ରାରେ ସେସବୁ ଗୁଣ ପ୍ରାପ୍ତ ହେବେ ।

ଉପରଲିଖିତ ଦୁଇଜଣ ଇଂରାଜଙ୍କ ମତ ଉଦ୍ଧୃତ କରିବାର ଅଭିପ୍ରାୟ ଏହିକି ପାଠକମାନେ ଦେଖିବେ ଯେ ଯେଉଁ ଇଂରାଜମାନେ ଏପର୍ଯ୍ୟନ୍ତ ହିନ୍ଦୁଙ୍କର ଜାତିଭେଦ ପ୍ରଥାକୁ ନିନ୍ଦା କରି ଆସୁଥିଲେ ଏବଂ ତାହା ଉଠାଇଦେବାକୁ ଲୋକଙ୍କୁ ଶିକ୍ଷା ଦେଉଥିଲେ ଇଦାନୀଂ ସେମାନଙ୍କ ମଧ୍ୟରୁ କେତେକ ଲୋକ ବଂଶାନୁଧର୍ମର ସତ୍ୟତା ଓ ଶିଳ୍ପରକ୍ଷାର୍ଥେ ଜାତିଭେଦର ଆବଶ୍ୟକତା ସ୍ୱୀକାର କରୁଅଛନ୍ତି ଏବଂ କ୍ରମଶଃ ଏମାନଙ୍କ ସଂଖ୍ୟା ବୃଦ୍ଧି ହେବ ସନ୍ଦେହ ନାହିଁ । ବାସ୍ତବରେ ହିନ୍ଦୁମାନଙ୍କର ଜାତିଭେଦର ବ୍ୟବସ୍ଥା ବଂଶାନୁଧର୍ମର ମୂଳ ଭିତ୍ତି ଉପରେ ସ୍ଥାପିତ ଏବଂ ଯଥା ବିହିତରୂପେ ସମାଜର ପ୍ରୟୋଜନ ସାଧନ କରିବା ଉଦ୍ଦେଶ୍ୟରେ ହୋଇଅଛି । ଯାହାର ଯେଉଁ ଜାତିରେ ଜନ୍ମ ସେ ସେହି ଜାତିର ନିର୍ଦ୍ଦିଷ୍ଟ ବ୍ୟବସାୟ କରିବ ଓ ସ୍ୱଜାତିମଧ୍ୟରେ ବିବାହ କରିବ ତାହା ହେଲେ ପୁତ୍ରପୌତ୍ରାଦିକ୍ରମେ ସେହି ବ୍ୟବସାୟର ଉନ୍ନତି ଘଟିବ ଓ ପିତା ମାତା ଭିନ୍ନ ଜାତିର ହେଲେ ତହିଁରେ ବ୍ୟତିକ୍ରମ ଘଟିବ । ଆର୍ଯ୍ୟ ଋଷିମାନେ ଏଥି ପାଇଁ ଜାତିର କଟକଣା କରିଯାଇଥିଲେ । କିନ୍ତୁ ବର୍ତ୍ତମାନକୁ ଜାତି ରକ୍ଷା କେବଳ ଆହାର ଓ ବିବାହରେ ଆବଦ୍ଧ ରହିଅଛି କିନ୍ତୁ ବ୍ୟବସାୟର

Digitized by srujanika@gmail.com

Split by PDF Splitter



ଅଟକ କଛିମାତ୍ର ନାହିଁ ଅର୍ଥାତ ଯାହାର ଇଚ୍ଛାକୁ ଯାହା ଆସୁଅଛି ସେ ସେହି ବ୍ୟବସାୟ ଅବଲମ୍ବନ କରୁଅଛି । ଏଥିର ଫଳ ଏହି ହୋଇଅଛି ଯେ ନୂତନ ବ୍ୟବସାୟରେ ତାଦୃଶ ପଟୁତା ଲାଭ ହେଉ ନାହିଁ ଓ ପୁରାତନ ବ୍ୟବସାୟ ଅଭ୍ୟାସ ବିନା ହୀନ ଦଶାକୁ ଲଭୁଅଛି । ସୁତରାଂ ସେ ଉନ୍ନତିମୂଳ ହରାଉ ଅଛି ଏହାହିଁ ଏ ଦେଶର ଶିଳ୍ପ ଅବନତିର ପ୍ରଧାନ କାରଣ ଅଟଇ । ଲୋକମାନେ ଆପଣା ଆପଣା ପୈତୃକ ବ୍ୟବସାୟ ଦୃଢ଼ରୂପେ ଅବଲମ୍ବନ କରି ରହିଲେ ଏପରି ଘଟନ ନ ଥାନ୍ତା ।

ଜାତିଭେଦ ପ୍ରଥା ଶିଥିଳ ହେବାଦ୍ୱାରା କେବଳ ଶିଳ୍ପର ଅବନତି ହୋଇଅଛି ଏମନ୍ତ ନୁହେ । ଏହାଦ୍ୱାରା ସାଧାରଣ ଅର୍ଥବିଭାଗର ବ୍ୟତିକ୍ରମ ଘଟିଅଛି ଏବଂ ଅସନ୍ତୋଷ ବୃଦ୍ଧି ହେଉଅଛି । ପୂର୍ବକାଳରେ ଲୋକମାନେ ଯାହାର ଯେ ବ୍ୟବସାୟ ସେ ତାହା କରିବାଦ୍ୱାରା ଯେଣୁ ଅଧିକ ଯାହା ଆସୁ ହେଉ ତହିଁରେ ସନ୍ତୋଷ ରହୁଥିଲେ । ସେମାନଙ୍କର ଧ୍ରୁବ ବିଶ୍ୱାସ ଥିଲା ଯେ ପୂର୍ବ ଜନ୍ମରେ ଯେ ଯେମନ୍ତ କର୍ମ କରିଅଛି ଇହଜନ୍ମରେ ସେ ତେମନ୍ତ ଫଳ ପାଉଅଛି । ମୁଁ ପୂର୍ବେ ସୁକର୍ମ କରି ନାହିଁ ବର୍ତ୍ତମାନ କାହିଁ ସୁଖ ପାଇବି । ସୁଖ ଦୁଃଖ ସବୁ ପୂର୍ବ ସୁକୃତର ଫଳ ଅଟଇ । ମୁଁ ଯେପରି କାର୍ଯ୍ୟ କରିଥିଲି ତଦୃଷ୍ଟିରେ ପରମେଶ୍ୱର ମୋତେ ଏହି କୁଳରେ ଜନ୍ମ ଦେଇଅଛନ୍ତି । ଏହିକଥା ଭାବି ସେମାନେ ଆପଣାର ପାର୍ଥିବ ଅବସ୍ଥାରେ ସନ୍ତୋଷ ଥିଲେ ଏବଂ ଆପଣା କୁଳର ବ୍ୟବହାର ଦୃଢ଼ରୂପେ ପ୍ରତିପାଳନ ଏବଂ ପୁଣ୍ୟ ସଞ୍ଚୟ ପୂର୍ବକ ପରଜନ୍ମରେ ସୁଖୀ ହେବାକୁ ଯତ୍ନବାନ୍ ହେଉଥିଲେ । ବର୍ତ୍ତମାନ ସେ ବିଶ୍ୱାସ ଉଠିଯାଇଅଛି । ଲୋକେ ପୂର୍ବଜନ୍ମ ଓ ପରକାଳର କଥା ଭାବନ୍ତି ନାହିଁ । ଇହକାଳ ସାର ହୋଇଅଛି ଏବଂ ଜାତିଗତ ବ୍ୟବସାୟ ପ୍ରତି ଆଦୌ ଆସ୍ଥା ନାହିଁ । ଯାହା କଲେ ଅଧିକ ଅର୍ଥ ଲାଭ ହେବ ଏବଂ ସେହି ଅର୍ଥଦ୍ୱାରା ଇହଜୀବନ ସୁଖରେ ନିର୍ବାହ ହେବ କେବଳ ତହିଁ-ପ୍ରକାରେ ସମସ୍ତେ ଲାଳାୟିତ କିନ୍ତୁ ସବୁ ବ୍ୟବସାୟ ସମାନରୂପ ଅର୍ଥକରୀ ହେବାର ନୁହଇ । ସୁତରାଂ ଅସନ୍ତୋଷ ବୃଦ୍ଧି ହେଉଅଛି ଏବଂ ଯାହାର ଯେ ବ୍ୟବସାୟ ସେ ତାହା ନ କରି ଅଥବା ତହିଁ ସଙ୍ଗେ ଅନ୍ୟର ବ୍ୟବସାୟରେ ହାତ ପକାଇବାରୁ ଅଯଥା ପ୍ରତିଯୋଗିତାଦ୍ୱାରା କାହାର କ୍ଷତି ହେଉଅଛି ଏବଂ କେହି ଅତ୍ୟନ୍ତ ଲାଭ କରୁଅଛି । ଏଥିରେ ସାଧାରଣ ଅର୍ଥ ଯେପରି ବାଣ୍ଟ ହେବାର ଉଚିତ ତାହା ହୋଇ ପାରୁ ନାହିଁ । ଅତଏବ ଦେଖାଯାଏ ଯେ ସମାଜ ରକ୍ଷା ଓ ସାଧାରଣ ଧନବିଭାଗ ନିମିତ୍ତ ଜାତିଭେଦ ପ୍ରଥାଟି ବଡ଼ ହିତକର ଅଟଇ । ବ୍ୟବସାୟ ବିଭାଗ ଜାତିଭେଦର ପ୍ରକୃତ ଉଦ୍ଦେଶ୍ୟ ଅଟଇ । ସେ ଉଦ୍ଦେଶ୍ୟ ଖାଲି କେବଳ ଧର୍ମ ସଙ୍ଗେ ଏଥିର ସମ୍ବନ୍ଧ ଥିବାରୁ ଲୋକେ ବୁଝିବାରୁ ଏବଂ ସେ ଧର୍ମବନ୍ଧନ ଶିଥିଳ ହେବାରୁ ତହିଁରୁ ବିପରୀତ ଫଳ ଫଳୁଅଛି । ଏ ବିଷୟରେ ସମୟାନ୍ତରରେ ବିସ୍ତାର କରିବାର ଇଚ୍ଛା ରହିଲା । ପ୍ରବନ୍ଧ ଦୀର୍ଘ ହେବାରୁ ଅଦ୍ୟ କ୍ଷାନ୍ତ ହେଲୁଁ ।

---

## ସାପ୍ତାହିକ ସମ୍ବାଦ ।

ଦୁର୍ଗାପୂଜାର ଆରମ୍ଭ ସପ୍ତାହରେ ଏ ନଗରର ପାଗଳ-କୋଠୀ ନିକଟରେ ସଡ଼କ ପାର୍ଶ୍ୱରେ ଗୋଟିଏ ଲୋମହର୍ଷଣ ଦୁର୍ଘଟଣା ଘଟିଥିଲା । ଏକ ହିନ୍ଦୁ ଯୁବକ ଏକ ମୁସଲମାନ ସ୍ତ୍ରୀ-ଲୋକଙ୍କ ଆଶାରେ ହିନ୍ଦୁଧର୍ମ ତ୍ୟାଗ କରି ମୁସଲମାନ ଧର୍ମ ଅବଲମ୍ବନ କରିଥିଲା କିନ୍ତୁ ଆଶାରୁ ବଞ୍ଚିତ ହେବାର କାରଣ ଦେଖି ଦିନେ ପ୍ରାତଃକାଳ ସ ୯ ଟିକା ସମୟରେ ସେହି ଯୁବକ ହଠାତ୍ ସ୍ତ୍ରୀ ଗୃହରେ ପ୍ରବେଶ କରି ଛୁରି ତାହା ଗଳାରେ [illegible] ଛୁରି ଚଳାଇ ଦେଲା । ସ୍ତ୍ରୀ ତତ୍କ୍ଷଣାତ୍ ମୃତ୍ୟୁମୁଖେ ପତିତ ହୋଇ ଥିଲା ପୁରୁଷଟି ସଙ୍ଗେ ସଙ୍ଗେ ଉକ୍ତ ସ୍ତ୍ରୀ ପଥ ଅନୁସରଣ କରି ଥିଲା ସ୍ତ୍ରୀ ନିମନ୍ତେ କି ଉତ୍ପାତ ହତ୍ୟାକାଣ୍ଡ !

ଉକ୍ତ ଦିବସ ଅନ୍ୟ ଏକ ସ୍ଥାନରେ ମଧ୍ୟ ଜଣେ ପୁରୁଷ ସୁପ୍ତ ଅବସ୍ଥାରେ ତାହାର ଗଳାରେ ଅସ୍ତ୍ର ଚଳାଇଥିଲେ ଏହି ସମୟରେ ନିଦ୍ରାଭଙ୍ଗ ହେବାରୁ ହତ୍ୟାକାରୀ ପଳାୟନ କଲା କେବଳ ଅତିଅଳ୍ପ କ୍ଷତର ଚିହ୍ନ ଥିଲା । ଏହାର କାରଣ ମଧ୍ୟ ସ୍ତ୍ରୀ ବୋଲି କେହି କେହି ନିର୍ଦ୍ଦେଶ କରନ୍ତି ।

ଜଗତସିଂହପୁର ପୋଲିସଷ୍ଟେସନର ସବ୍ ଇନସ୍ପେକ୍ଟରଙ୍କ ବସାଗୃହରୁ ଅନ୍ତର ହେଲ କେତେକ ଦ୍ରବ୍ୟ ଚୋରି ଯାଇ ଥିଲା । ସବ୍ ଇନସ୍ପେକ୍ଟର ପୋଲିସଷ୍ଟେସନର ହତା-ମଧ୍ୟରେ ଓ କନେଷ୍ଟବଲମାନଙ୍କ ବସାଗୃହର ସଂଲଗ୍ନ ସ୍ଥାନରେ ବାସ କରନ୍ତି ସୁତରାଂ ସେଠାରୁ ଚୋରି କରିବା ଚୋରର ବାହାଦୁରି ସାମାନ୍ୟ ନୁହେ । କିନ୍ତୁ ଆଜ୍ଞାର ହେଡ କନେଷ୍ଟବଲ ବିଶେଷ ପରିଶ୍ରମ ଓ ଉଦ୍ୟୋଗ ସହିତ ଅନୁସନ୍ଧାନ କରି କେତେକଜଣ ଲୋକଙ୍କୁ ଚାଲାଣ ଦେଇ ଥିଲେ କିନ୍ତୁ ଡେଃ, ମାଃ ବାବୁ ଗଙ୍ଗାଧର ମାଡ଼ୁକ ଅସାମୀମାନଙ୍କ ବିରୁଦ୍ଧରେ ପ୍ରଦତ୍ତ ହୋଇ ଥିବା ପ୍ରମାଣକୁ କୃତ୍ରିମ ବୋଲି ସନ୍ଦେହ କରି ଅସାମୀମାନଙ୍କୁ ଖଲାସ ଦେଇ ଅଛନ୍ତି । ଶୁଣାଯାଏ ଯେ ଏହି ମୋକଦ୍ଦମା ଓ ଅନ୍ୟାନ୍ୟ କେତେକ ମୋକଦ୍ଦମାରେ ସେସ୍ଥାନର ପୋଲିସ ଅତ୍ୟନ୍ତ ଅତ୍ୟାଚାର ଓ ଉତ୍ପୀଡ଼ନ କରି ଥିବାର ଗୁହାରି ଶୀଘ୍ର କର୍ତ୍ତୃପକ୍ଷମାନଙ୍କ ନିକଟରେ ଉପସ୍ଥିତ ହେବ ।

ବାବୁ ନାରାୟଣ ଦାସ ବନ୍ଦ୍ୟୋପାଧ୍ୟାୟ ଅନୁଗୁଳ ପୋଲିସ ଇନସ୍ପେକ୍ଟରପଦରେ ଅସ୍ଥାୟୀଭାବ ନିମିତ୍ତ ନିଯୁକ୍ତ ହୋଇ ଅଛନ୍ତି ।

### କଲିକତା-ଗେଜେଟ ।

ସର୍କଲ ଜ, କେ, ଏଚ୍, କେଲ ସର୍କଲ ମେନେଜର ବ. ଗୁପ୍ତଙ୍କ ଅନୁପସ୍ଥିତ ମଧ୍ୟରେ ପୁରୀର ସିଭିଲ ସର୍ଜନ ପଦରେ କାର୍ଯ୍ୟ କରିବେ ।

କଟକଜିଲ୍ଲାର ଅନ୍ତର୍ଗତ ପଞ୍ଚପଲ୍ଲି ଗ୍ରାମ ନିକଟବର୍ତ୍ତୀ ଚିତ୍ରୋତ୍ପଳା ନଦୀ ପୟଃପ୍ରଣାଳୀ ସ୍ୱରୂପେ ବ୍ୟବହୃତ ହେବା ନିମନ୍ତେ ମାଜିଷ୍ଟ୍ରେଟ ଘୋଷଣା ଦେଇଅଛନ୍ତି । ଉକ୍ତ ନଦୀମଧ୍ୟରେ କେହି ଅଡ଼ି ବନ୍ଧ ଦେଇ ପାରିବେ ନାହିଁ ।

କଟକ ଗଡ଼ଗିର୍ଜାର ପାଦ୍ରୀ ଭେଲେଣ୍ଟାଇନ ରେନଲ୍ଡସ ଉତ୍ତର-ପଶ୍ଚିମ ପ୍ରଦେଶକୁ ସ୍ଥାନାନ୍ତରିତ ହେଲେ ।

ମେଦନୀପୁର ଅନ୍ତର୍ଗତ ଗଡ଼ବେତାର ମୁନସଫ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଯ୍ୟା ଅସ୍ଥାୟୀଭାବ ନିମିତ୍ତ କେନ୍ଦ୍ରାପଡ଼ାର ମୁନସଫ ହେଲେ ।

ନିମ୍ନଲିଖିତ ଛାତ୍ରମାନେ କଟକ ସର୍ଭେସ୍କୁଲର ଚତୁର୍ଥବର୍ଷର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ପ୍ରଥମଶ୍ରେଣୀ ।

ନବକିଶୋର ଘୋଷ, ଲାଲ ଜଲାମ୍ବର ବସୁ, ପ୍ରାଣନାଥ ସରକାର, ରଜନୀକାନ୍ତ ଚକ୍ରବର୍ତ୍ତୀ, ମାଖନଲାଲ ଦାସ, ହରିହର ପଟ୍ଟନାୟକ, ବ୍ରଜମୋହନ ମିଶ୍ର,

ଦ୍ୱିତୀୟ ଶ୍ରେଣୀ ।

ଜଲଧର ରାୟ ଚୌଧୁରୀ, ଗିରୀଶଚନ୍ଦ୍ର ଦେ, ମହେଶ୍ୱର ଦଣ୍ଡପାଟ, ଉମେଶଚନ୍ଦ୍ର ଦାସ, ଗୋବିନ୍ଦଚନ୍ଦ୍ର ଗୋସ୍ୱାମୀ, ମୋହନ କର, ବଙ୍କବିହାରୀ ମଜୁମଦାର, ପ୍ରାଣନାଥ ସ୍ୱର୍ଣ୍ଣକାର, ବାସୁଦେବ ରାଉତ, ।

ତୃତୀୟ ଶ୍ରେଣୀ ।

କାମିନୀକୁମାର ଦତ୍ତ, ଲୋକନାଥ ପଣ୍ଡା, ପଦ୍ମଲୋଚନ ଦାସ, ମଥୁରମୋହନ ମହାପାତ୍ର, ଅବନୀଶ ଚନ୍ଦ୍ର ବସୁ, ସମନ୍ତମାଲ ଭରଥଲ, ଚନ୍ଦ୍ରନାରାୟଣ ଦାସ, କାଶୀଚନ୍ଦ୍ର ନାଗ, ଲକ୍ଷ୍ମୀଚରଣ ମହାନ୍ତି, ବଂଶୀଧର ପଟ୍ଟନାୟକ, ବ୍ରଜମୋହନ ମହାପାତ୍ର, ହରେକୃଷ୍ଣ ମହାପାତ୍ର, ବସନ୍ତକୁମାର ବନ୍ଦ୍ୟୋପାଧ୍ୟାୟ, ବଳରାମ ଶତପଥୀ, ବିଦ୍ୟାଧର ମହାନ୍ତି, ମଧୁସୂଦନ ମିସ୍ତ୍ରୀ, ଦିବାକର ମହାପାତ୍ର, ଶାରଦାପ୍ରସାଦ ଘୋଷ, ବୃନ୍ଦାବନ ମହାପାତ୍ର ।

---

ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବାମଣ୍ଡାର ଯୁବରାଜଙ୍କର ଗୋଟିଏ ନବକୁମାର ଗତ ରାସପୂର୍ଣ୍ଣିମା ଶୁକ୍ରବାର ରାତ୍ର ଦୁଇଘଡ଼ି ସମୟରେ ଜାତ ହୋଇ ଅଛି । ଏହି ଶୁଭ ଘଟଣା ଉପଲକ୍ଷରେ ବାମଣ୍ଡା ନଗରରେ ସେହିନ ମହା ଉତ୍ସବ ଲାଗିଥିଲା । ତୋପଧ୍ୱନି ବାଦ୍ୟ ଅବିରତ ଓ ଚତୁର୍ଦ୍ଦିଗରେ ନଗର ରଞ୍ଜିତ ହୋଇ ଥିଲା । ଦଣ୍ଡ୍ୟାତ ବାମଣ୍ଡାଧିପତି ଚୌଦିଗ ଘର ବସି ମହା ଆନନ୍ଦରେ ଭୂମି, ଗୋ, ଇତ୍ୟାଦି ଦାନ ଏବଂ କେତେକଙ୍କ ବନ୍ଦି ମୁକ୍ତ କରିଥିଲେ ଏବଂ ରାଜମାର୍ଗରେ ପଇସା ବର୍ଷା ହୋଇ ଥିଲା । ପରମେଶ୍ୱର ନବକୁମାରଙ୍କୁ ଦୀର୍ଘାୟୁ କରନ୍ତୁ ।

ପୁରୀମନ୍ଦିରର ନୂତନ ଇଞ୍ଜିନିୟର ସେଠାରେ ପହଞ୍ଚି ମନ୍ଦିର ସଂସ୍କାର କାର୍ଯ୍ୟାରମ୍ଭ କରିଅଛନ୍ତି ।

ଲଣ୍ଡନନଗରରେ ପ୍ରତିଷ୍ଠିତ ହୋଇଥିବା ସାମ୍ରାଜ୍ୟସମିତିକୁ ଇଣ୍ଡିଆ ଅଫିସ ବ ୫ ବର୍ଷ ନିମିତ୍ତ ବାର୍ଷିକ ଦଶହଜାର ଟଙ୍କା ସାହାଯ୍ୟ ମଞ୍ଜୁର କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ନାମ ଚିରସ୍ମରଣୀୟ କରିବାକାରଣ ଯେଉଁ ପାଣ୍ଠି ସଂଗୃହୀତ ହେଉଅଛି ତହିଁକି କୁଚବିହାରର ମହାରାଜା ଟ ୨୫୦୦ ଙ୍କା ଓ ମହାରାଜ କୁମାର ନଜନ୍ଦ୍ରକୃଷ୍ଣ ଟ ୧୦୦୦ ଙ୍କା ପ୍ରଦାନ କରି ଅଛନ୍ତି ।

ଜର୍ମାଣଦେଶରେ ଶବଦାହପ୍ରଥା କ୍ରମଶଃ ବର୍ଦ୍ଧିତ ହେଉଥିବାର ସମ୍ବାଦ ମିଳଇ । ସେଠାରେ ଶବଦାହର ଗୋଟିଏ ସ୍ଥାନ ସନ ୧୮୭୭ ମସିହାରୁ ଥିଲା । ଅଳ୍ପଦିନ ତଳେ ଆଉ ଏକ ସ୍ଥାନ ପ୍ରତିଷ୍ଠିତ ହୋଇ ପୁନର୍ବାର ଅନ୍ୟ ଏକଗୋଟି ପ୍ରତିଷ୍ଠିତ ହେବାର ଉଦ୍ୟୋଗ ଲଗିଅଛି ।—ଉତ୍ତମ ।

ହିନ୍ଦୁ ପେଟ୍ରିୟଟ ଲେଖିଅଛନ୍ତି ପୁଣ୍ଡ୍ର ବଡ଼ଦେଉଳର ଚତୁଃପାର୍ଶ୍ୱରେ ଗୋ ୨୨୦ ଟି ସ୍କୁଦ୍ର ମନ୍ଦିର ଅଛି । ବର୍ତ୍ତମାନ ମନ୍ଦିର ମରାମତି ନିମିତ୍ତ ଯେ ଦଶଲକ୍ଷ ଟଙ୍କା ସଂଗୃହୀତ ହେବାର ଉଦ୍ୟୋଗ ଲଗିଅଛି ତହିଁରେ ବଡ଼ ଦେଉଳର ପୂର୍ବ ଏବଂ ଅପର ମନ୍ଦିରମାନଙ୍କର କେତେକ ମରାମତି ହେବ ।

ଗତମାସ ତା ୫ ରଖରେ କଲିକତାଠାରୁ ସେନାଦଳ ଦାମିନ୍ କଏଦୀ ଅସ୍ତ୍ରମାନଙ୍କୁ ଯାଇ ଅଛନ୍ତି । ଏମାନଙ୍କ ସଙ୍ଗରେ ମଣିପୁରର ଟିକେନ୍‌ଦ୍ରଜିତ ରାଜା ଓ ସେନାପତି ପ୍ରଭୃତି ପ୍ରେରିତ ହୋଇ ଅଛନ୍ତି ।

କାଶ୍ମୀରରେ ଗୋଟିଏ ଅଦ୍ଭୁତ ଦଳ ଅନେକଦିନରୁ ଚଳି ଆସୁଅଛି, ସେଠାରେ ଯେଉଁ ରଜପୁତମାନେ ମୁସଲମାନ ଧର୍ମ ଅବଲମ୍ବନ କରି ଅଛନ୍ତି, ସେମାନଙ୍କର ବିବାହ ଓ ଶ୍ରାଦ୍ଧ କିମ୍ବା ହିନ୍ଦୁ ମୁସଲମାନ ଉଭୟ ପ୍ରଣାଳୀ ଅନୁସାରେ ସମ୍ପନ୍ନ ହୁଏ । ସେମାନଙ୍କର ବ୍ରାହ୍ମଣ ପୁରୋହିତ ଓ ମୁସଲମାନ କାଜି ଏ ଉଭୟ ଅଛନ୍ତି ।

ମଣିପୁରର ମୃତ ପୋଲିଟିକାଲ ଏଜେଣ୍ଟ ଗ୍ରିମ ଉଡ଼ଙ୍କ ପତ୍ନୀ ଏହି ମାସରେ ଅନ୍ୟ ସ୍ୱାମିର ପାଣିଗ୍ରହଣ କରିବା ନିମନ୍ତେ ମନସ୍ଥ କରିଥିବାର ଶୁଣା ଯାଉ ଅଛି । ଏଦେଶୀୟ ? କଣ୍ଡ କରାହ କ ନା !

କଲିକତା ହାଇକୋର୍ଟରେ ଓକିଲ ଶ୍ୟାମପାଲ ସା- [illegible] କତସା ହେଇଁ ଓକିଲ ପ୍ରଥମେ ହସ୍ତ ଗୃହନୀ କରିବାରୁ ମକେଲ ତାଙ୍କ ନାମରେ ଫୌଜଦାରୀ ଅଦାଲତରେ ନାଲିସ କରି ଥିଲା । ଓକିଲ ଅପଣା ମକେଲକୁ ସନ୍ତୋଷ କରିବାରୁ ଅପଣା ମଧ୍ୟରେ ମୋକଦ୍ଦମା ନିଷ୍ପତ୍ତି ହୋଇ ଯାଇ ଅଛି ।

ଚୀନଦେଶରେ ଘୋର ଉତ୍ପାତ ଲଗିଥିବାର ସମ୍ବାଦ ମିଳଇ । ସେଠାରେ ପାଦ୍ରୀମାନଙ୍କ ପ୍ରତି ସେରୂପ ଅତ୍ୟାଚାର ହୋଇ ଥିଲା ଏବଂ ତହିଁ ନିମିତ୍ତ ଫ୍ରାନସ ଓ ଅପରରାଜ୍ୟ ସେପରି ଭୀଷଣ କ୍ଷତିପୂରଣର ଦାବୀ କରିଥିଲେ ତାହା ପାଠକମାନଙ୍କୁ ଉତ୍ତମରୂପେ ଜଣା ଅଛି । ଚୀନଦେଶରେ ବାସ କରୁଥିବା ଖ୍ରୀଷ୍ଟିୟାନଙ୍କର ଧନ ପ୍ରାଣ ରକ୍ଷା କରିବା ଉଦ୍ଦେଶ୍ୟରେ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନି ଓ ଅମେରିକା ସମ୍ମିଳିତ ହୋଇ ଅଛନ୍ତି । ନିକଟରେ ଫ୍ରାନ୍ସର ରଣତରୀ ସାଂଘାଇ ନଗର ଅଭିମୁଖେ ଗତି କରୁଥିଲା ଏବଂ ଉପରୋକ୍ତ ରାଜ୍ୟମାନଙ୍କର ରଣତରୀମାନ ଏକଯୋଗ ହୋଇ ପରେ ଚୀନକୁ ଧମକ ଦେବାର ବ୍ୟବସ୍ଥା ମଧ୍ୟ ହୋଇ ଅଛି । ସ୍ୱାଙ୍ଗସେ ପ୍ରଦେଶର ଲୋକେ ବିଦ୍ରୋହରେ ମାତି ଉଠିବାର ସମ୍ବାଦ ଅସିଅଛି ଏବଂ ଇଚୁଙ୍ଗ, ହ୍ୱାଙ୍ଗ ଏବଂ ବୁହଙ୍ଗ ନଗରମାନ ବିଦ୍ରୋହ କରିବାକାରଣ ପ୍ରସ୍ତୁତ ଥିବାର ସମ୍ବାଦ ମିଳଇ । ସେପରି ଦେଖା ଯାଉଥିଲା ତହିଁରେ ଚୀନରାଜ୍ୟ ଅଉ କେତେଦିନ ନିରସ୍ତ ଥିଲେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ୁଥାନ୍ତା । ଉତ୍ତମରେ ଚୀନବିଦ୍ରୋହୀମାନଙ୍କୁ ଉତ୍ତମରୂପେ ଦମନ କରିବାର ଭରସା ଦେଇ କ୍ଷତିଗ୍ରସ୍ତ ଖ୍ରୀଷ୍ଟିୟାନମାନଙ୍କୁ ଅନେକ ଭୂମି ପ୍ରଦାନ କରି ଅଛନ୍ତି ।

ମାନ୍ଦ୍ରାଜ ପ୍ରଦେଶର କଡପ ନଗରର କଲେକ୍ଟର ସାହେବ ପର୍ବତ ଉପରେ କନାମାଇଟର ଶବ୍ଦହୀନ ହୁଲନ ଦେଇ ନିକଟରୁ ଅଣି ବୃଷ୍ଟିପାନେ ବାଧ୍ୟ କରି ଅଛନ୍ତି । ଇଂରାଜଙ୍କ ପରାକ୍ରମ ଦେଖି, ଇନ୍ଦ୍ରଦେବ ମଧ୍ୟ ଡରିଲେଣି ।

ମାନ୍ଦ୍ରାଜର ତ୍ରିଚିନପଲ୍ଲୀରେ ଭସ୍ମାନକ ଦୁର୍ଭିକ୍ଷ ହୋଇଥିବାରୁ ସେଠାର ଅନେକ ଦସ୍ୟୁ ରେଲଟ୍ରେନ ଆକ୍ରମଣ କରି ୧୦ ହଜାର ଟଙ୍କା ନେଇ ଯାଇ ଅଛନ୍ତି ।

ରାଜା ରାଜେନ୍ଦ୍ରଲାଲ ମିତ୍ର ଓ ବିଦ୍ୟାସାଗରଙ୍କର ମୂର୍ତ୍ତି ସ୍ଥାପନ ନିମନ୍ତେ ଷ୍ଟେଟଲାଟ ବାହାଦୁର ଦୁଇଶ ଟଙ୍କା ଦାନ କରିଥିବାର ସମ୍ବାଦ ମିଳଇ ।—ଷ୍ଟେଟଲାଟଙ୍କର ଏ ଦାନଶୀଳତାକୁ ଶତ ଶତ ଧନ୍ୟବାଦ ।

## ଯାଜପୁର–ସମ୍ବାଦ ।

ଅଶୁଧାନ ଫସଲ ସମ୍ପୂର୍ଣ୍ଣ ଅମଳ ଶେଷ ହେଲଣି ଓ ରବିଫସଲ ତହିଁ ପଛେ ବୁଣାବୁଣି ହେଉ ଅଛି । ଶାରଦଧାନ ସମ୍ପୂର୍ଣ୍ଣରୂପେ ଥୋଡ଼ ବାହାରି ନାହିଁ । ତହିଁ ନିମନ୍ତେ ଅଉ ଏକଅଶ୍ରା ବୃଷ୍ଟିର ଆବଶ୍ୟକ ।

ଏ ଅଞ୍ଚଳରେ ଯାଜପୁର କେନାଲପାର୍ଶ୍ୱସ୍ଥ ଜମାଗଡ଼, ତଲନପୁର ଇତ୍ୟାଦି ମୌଜାର କୃଷି ଛଡ଼ା ସାଧାରଣ କୃଷି ଉତ୍ତମ ହୋଇ ଅଛି ।

ବର୍ତ୍ତମାନ ଏ ନଗରରେ ଖାଦ୍ୟଦ୍ରବ୍ୟ ପ୍ରଚୁର ପରିମାଣରେ ପ୍ରାପ୍ତବ୍ୟ । ଜନସାଧାରଣଙ୍କ ଅବସ୍ଥା ଉତ୍ତମ । କୌଣସି ପ୍ରକାର ରୋଗର ପ୍ରାଦୁର୍ଭାବ ନାହିଁ ।

ଏଠାକାର ଇଂରାଜୀସ୍କୁଲ ଚଳିତମାସ ତା ୨୦ ରଖ ଓ ବଙ୍ଗେଳା ସ୍କୁଲ ତା ୧୫ ରଖରେ ଛୁଟି ଅଛି ।

ଏଠା ସ୍କୁଲର ହେଡ଼ମାଷ୍ଟର ପଦରେ ଜଣେ ବଙ୍ଗାଳି ବହାଲ୍ଲଙ୍କ କପାଳ ଖୋଲିଲା ବୋଲି ଶୁଣାଯାଏ । ଏହା ଗଇସ ପ୍ରେସିଡ଼େନ୍‌ସଲ ଯିବର ଫଳ ।

କେନ୍ଦ୍ରାପଡ଼ାଠାରୁ ଯାଜପୁର ପର୍ଯ୍ୟନ୍ତ ବୋଟ ଯିବା ଅସିବା କରିବାର [illegible] ।

କଥିତ ହୁଅଇ ଏଠାକାର ସବ୍ ଇନ୍‌ସ୍ପେକ୍ଟର ବାବୁ ପ୍ରସନ୍ନକୁମାର ପାଲ ଶୀଘ୍ର ଏଠାରୁ ସ୍ଥାନାନ୍ତରିତ ହେବେ । ସେଥିନିମନ୍ତେ ଅନେକ ଲୋକ ଦୁଃଖିତ ଅଛନ୍ତି ।

ଏ ନଗରର ବଣିତବ ଅତି ସମାରୋହରେ ସମ୍ପାଦିତ ହୋଇ ଅଛି । ଅକାଶ ସେ ସମୟରେ ପରିଷ୍କାର ଓ ପରିଚ୍ଛନ୍ନ ଥିଲା

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାମାନ୍ୟ ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ବୋର୍ଡ଼ର ଭାଇସ୍ ଚେୟାରମେନ୍ ମହୋଦୟ ଚଳିତମାସ ତା ୧୪ ରଖଠାରୁ ତା ୧୮ ରଖ ପର୍ଯ୍ୟନ୍ତ ସାଲେପୁର ଥାନାନ୍ତର୍ଗତ ଡାକ୍ତରଖାନା, ସଡ଼କ ଓ ବିଦ୍ୟାଳୟସମୂହ ବିଶେଷ ଶ୍ରମ ସ୍ୱୀକାରପୂର୍ବକ ସନ୍ଦର୍ଶନ କଲେ । ଉକ୍ତ ମହୋଦୟଙ୍କର ଶୁଭାଗମନସମ୍ବାଦ ଶ୍ରବଣ କରି ଦୂର ଓ ନିକଟବର୍ତ୍ତୀ ପ୍ରାୟ ସବୁ ଶ୍ରେଣୀର ଶତ ଶତ ଲୋକମାନେ ତାଙ୍କ ସାକ୍ଷାତ୍କାର ଲାଭ କରି ନିଜ ଅଭାବ ବିଷୟମାନ ଜ୍ଞାପନ କଲେ ଓ ତାଙ୍କର ବିବିଧସଦ୍‌ଗୁଣ ଦେଖି ପରମାପ୍ୟାୟିତ ହେଲେ । ଏପରି ଗୁରୁତର କାର୍ଯ୍ୟର ଭାର ଯଥାଯୋଗ୍ୟ ପାତ୍ରରେ ଅର୍ପିତ ହୋଇଅଛି ବୋଲି ସମସ୍ତେ ମୁକ୍ତକଣ୍ଠରେ ବ୍ୟକ୍ତ କଲେ ।

ଶୁକରପଡ଼ା ମୁକାମରେ ଅବସ୍ଥିତ ସମୟରେ ଗୋ ୨୩ ଟି ପାଠଶାଳାରୁ ସମବେତ ୧୭୪ ଜଣ ଶିଷ୍ୟଙ୍କୁ ମୌଖିକ ପରୀକ୍ଷା କରି ସେମାନଙ୍କ ଉତ୍ସାହ ବର୍ଦ୍ଧନାର୍ଥ ନିଜହସ୍ତରୁ ଯଥୋଚିତ ପୁରସ୍କାର ପ୍ରଦାନ କଲେ । ଏପରି କୃତବିଦ୍ୟ, ସୁବିବେଚକ, ସଦାଶୟ ଓ ସର୍ବଜନପ୍ରିୟ ବ୍ୟକ୍ତି ଭାଇସ୍ ଚେୟାରମେନ୍ ପଦରେ ପ୍ରତିଷ୍ଠିତଥିଲେ ଜିଲ୍ଲାର ବହୁବିଧ କଲ୍ୟାଣ ସାଧିତ ହେବ ସନ୍ଦେହ ନାହିଁ । ଇତି ।

| | |
|---|---|
| ୨୧।୧୦।୯୯ ଶୁକରପଡ଼ା | ବଶମ୍ବଦ ଶ୍ରୀ ବୃନ୍ଦାବନମଣି ଇନ୍‌ସ୍ପେକ୍ଟିଂ ପଣ୍ଡିତ |

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ପଣ୍ଡିତ ଶ୍ରୀ ଜମାଇବନ୍ଧୁର ବନ୍ଦ୍ୟୋପାଧ୍ୟାୟ | ପୁନାଙ୍ଗ | ଟ ୩୧ |
| " ମହାଦେବ ପରମଗୁରୁ ଲେଖାଇ | | ଟ ୩୧ |
| " ଗୋପୀନାଥ ମିଶ୍ର | ପୁରୀ | ଟ ୩୧ |
| ବାବୁ ମାଧବାନନ୍ଦ ମହାନ୍ତି | କୃତାଙ୍ଗ | ଟ ୩୧ |
| " ବେ, ନରସିଂହ ରାଓ | ପାଁଥାସ | ଟ ୩୧ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅତ୍ର ପାଲଲହଡ଼ା ବନ୍ଧୁ ଶ୍ରୀ ନାବାଲଗ ରାଜାଙ୍କ ଓ୍ୟାସ ମଧ୍ୟସ୍ଥିତ କୋଠାମାନ ମରାମତି ହେବାର ଅଛି ଓ ମଧ୍ୟ ଅପର କେତେକ ଘର ପ୍ରସ୍ତୁତ ହେବାର ଅଛି, ଅପାତତଃ ମୋଟରେ ଟ ୧୫୦୦ ୯ ଙ୍କା କାର୍ଯ୍ୟ ହେବ କୌଣସି ବ୍ୟକ୍ତିର କାନ୍ଦ୍ରାକ୍ଟ ନେବାର ଇଚ୍ଛା ଥିଲେ ସେ ଆଗାମି ନଭେମ୍ବର ମାସ ତା ୧୦ ରଖ ମଧ୍ୟରେ ଅମ୍ଭ ନିକଟରେ ଆବେଦନ କରିବେ ଓ କେଉଁ ଦରରେ କର୍ମ କରି ପାରିବେ ସେଥିର ତାଲିକା ମଧ୍ୟ ଲେଖି ପଠାଇବେ ଯେଉଁ ବ୍ୟକ୍ତି ଏହି କର୍ମମାନ କଣ୍ଟ୍ରାକ୍ଟ ନେବେ ବିବେଚନା କରନ୍ତି ତାଙ୍କର କର୍ମ ଦୃଷ୍ଟିରେ ଆସୁଥିବା ମଧ୍ୟ କର୍ମ ମାନ ଦିଆ ଯାଇପାରେ ଏଥିରୁ ସେ ଅବଗତ ହେବେ । ଇତି ;—

| | |
|---|---|
| ପାଲଲହଡ଼ା ତା ୧୪ରଖ ମାହେ ଅକ୍ଟୁବର ସନ ୧୮୯୯ ମସିହା | Gour Ch. Sen<br>Manager. |

Digitized by srujanika@gmail.com

Split by PDF Splitter

## NOTICE.

"This is to certify that the Baripada Middle English school was raised to the High English Class in October 1890, and that it has a staff of teachers sufficient for the requirements of an Entrance School."

Orissa School Joint Insptr's office Dated Cuttack September, 1891. } Sd. Radhanath Rai *Joint Inspector Orissa.*

## NOTICE.

Wanted a graduate Head master on Rs. 55 for the Jajpur Entrance School. Preference will be given to one who will stick to the post for more than a year. Also a 4th Master on Rs. 20; preference being given to one who has read up to the F. A standard. Both may have private tuitions here. Apply to the undersigned before the 25th October next.

Jajpur School 29—9—91 } Rajani Nath Ghosh Munsif and Vice-President of the Jajpur School Committee. District Cuttack.

## ବାଲିକାଗଜ ।

ତଳଲିଖିତ ଷ୍ଟାମ୍ପ ଦରରେ ସବର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସମ୍ବଳ ବିକାଳଭଣ୍ଡାରରୁ ଅଫିସରେ ନିକଟକୁ ଯେଉଁ ଲୋକ ଆସନ୍ତି ସେମାନଙ୍କୁ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ଓଳି ମାଳ | ୦ ୯।/ ଟ ।୭/ | ଦିଃ ଟ ୦।/୦ | |
| ୧୦ ଓଳି „ | „ ଟ ।୨ | „ ଟ ୦ ୵୦ | |
| ୧୨ ଓଳି „ | „ ଟ ।୨। | „ ଟ ୦ ୵ | |
| ୨୨ ଓଳି ବଳଦ୍ରଦଷ୍ଟେସ „ ଟ ୩। | | „ ଟ ୦ ।୦ | |

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର ଉପ୍ଟରର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଡକରଟୋଣ୍ଡି ଓ ବଳଗି ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ ବଳ-ବଟ ବନାଇ ସବସବର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଙ୍ଗଳେ ସୂଚନ ଅଛି । ଉକ୍ତର ଅନେକପ୍ରକାର ପୋଷାକ ଇତ୍ୟାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ପତ୍ରଚାର ।

ଏ ଭାଷକୁ ଦେଖଣସେ ଆଇଲେ ରତି ନଅଁରେ ବହୁଳାର ଦୋଷାଗାରର ପାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିରେ ଲେପିଦେଲେ ନଳବୁଝ ହେବ ଓ ଜଳ ଧାଇବ ନାହିଁ ।

ବଟିର ଚମଡ଼ା ଓ ସାଜରେ ଲଗାଇବାର ପରି ପଣ ଅଛି ।

ଅଲଚବଟର ଦର ଲଗାଗି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ତଳଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅଧାସ୍ତମ୍ଭକୁ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କୁ ପଠାଇବାକୁ ହେବ ।

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅନେକ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣି ପଠାଇବାର କମି-ଶନମନେ ଶତକଡ଼ା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । ଷ୍ଟାମ୍ପ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ପଠାଯାଇ ପାରେ । ବେରଂ ବା ଇନସଫିସିଏଣ୍ଟ ପତ୍ର ଗ୍ରହଣ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ଫର୍ମାଏସ ଚିଠି ଓ ଔଷଧ ପ୍ରେରଣ କରିବା ସକାଶେ ପତ୍ରାଦି ପାଉଅଛୁଁ । ଅତଏବ ସେମାନଙ୍କ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ ଯେ ଯେଉଁ ମାନେ ଅମ୍ଭଦ୍ୱାରା ଅତଃପର ଉପସ୍ଥିତ ହେବେ

Digitized by srujanika@gmail.com

Split by PDF Splitter



...ରୋଗୀମାନେ ପୀଡ଼ାର ଅବସ୍ଥା ପ୍ରଭୃତିର କାରଣ, ବ୍ୟାଧି ରୂଲକ କଲା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ... ଅହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ଦ୍ରବ୍ୟାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ୧୦/ ନଚେତ୍ ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ...

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ୧୦ । ,

ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ୧୦/ , ଫାଷ୍ଟବୁକର ମାନେ ବହି ( ସ୍ୱଳଭ ଓ ସରଳ ) ୧୦/

ଧ୍ରୁବ ଚରିତ ୧୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି- } ଶ୍ରୀ ଲଳିତମୋହନ
ଟ୍ୟୁସନ । କଟକ । } ଚକ୍ରବର୍ତ୍ତୀ ।

## ପ୍ରସ୍ତୁତ କମ୍ପାନୀ ଔଷଧ ।

ପରୀକ୍ଷିତ ପ୍ରସ୍ତୋଳସମୂହ ଓ ନାନାବ୍ୟବହାର୍ଯ୍ୟ ପରୀକ୍ଷିତ ... ମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

... । ପାରିଜାତ ତୈଳ—କେତେ ପ୍ରକାର ... ସଂଯୋଗ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥୂଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ... ମସ୍ତକର ... ଓ ... ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ... — ... ... ବାଲେ ନାନା ପ୍ରକାର ... ଲାଭ ନାହିଁ । ... ଏହା ... ପକ୍ଷରେ ... ... କାର୍ଯ୍ୟ ... ଏବଂ ତାହାକୁ ଏକାବେଳକେ ... କରେ, ... ଅଳ ସନ୍ଦେହ ନାହିଁ । ଏହା ବ୍ୟବହାର କରି ... ରର ଦନ୍ତ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ... ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ... —ଏହା ଯଥାବିଧି ସେବନ କଲେ ବା ପ୍ରାଚୀନ ବା ନୂତନ ସବୁ ପ୍ରକାର ଅନ୍ନଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାଶୟ ), ବମନ ... ଲକ୍ଷଣମାନ ... ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ... , ... , ... , ... , ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହି ... ... । ସର୍ବପ୍ରକାର ପୀଡ଼ାରେ ... ବା ଅନ୍ୟାନ୍ୟ ଔଷଧ ବ୍ୟବହାରର ... ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ... ଓ ଏକ ଜ୍ୱର, ପ୍ଲୀହା ଯକୃତ, ... , ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅଜୀର୍ଣ୍ଣ ... , ଶାରୀରିକ ଓ ମାନସିକ ଦୁର୍ବଳତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ (ସାଲସା)—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ... ଭାବରେ ରକ୍ତ ଦୂଷିତ ହୋଇ ନାନା ପ୍ରକାର ... ବ୍ୟାଧିର ଉତ୍ପତ୍ତି ହୁଏ । ... ଆହାର, ବିହାର ... ରକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଧାତୁଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ... ଏବଂ ନାନାପ୍ରକାର କ୍ଷତ, କଣ୍ଡୁରୀ, ଖାଦ୍ୟ, କଣ୍ଡୁ, ... , ... ଓ ନାସିକା ରୋଗ ଶାରୀରିକ ଓ ମାନସିକ ଦୁର୍ବଳତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ... କରି ଦିଏ । ଏହି ସୁଧା ବ୍ୟବହାର କଲେ ... ... ... ହୋଇ ... ... ଓ ଶୋଭାଯୁକ୍ତ ହୁଏ । ... ମଧ୍ୟ ... ... ଏହା ଉପଯୋଗୀ । ... ... , ... ଓ ... ଏହା ସେବନେ ଆରୋଗ୍ୟ ହୁଏ । ... ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଲୁବଜାର, } ଡାକ୍ତର ।
କଟକ } ଶ୍ରୀ ... ଚକ୍ରବର୍ତ୍ତୀ ।
... । } V. L. M. S.

Watches! Clocks! Time pieces Repaired by an efficient workman the premises of the Cuttack Printing Company. Charge moderate.

# ଘଣ୍ଟାମରାମତି !

ନାନାପ୍ରକାର ଘଣ୍ଟା କଳ ... ...

... ଅବସ୍ଥାରେ ମରାମତ ହେବା ଓ ଯଥା ସମୟରେ ପାଉଥିବାର କଳ ବନ୍ଦୋବସ୍ତ ... ନଗରରେ ନ ଥିବାରୁ ଆମ୍ଭେ ଘଣ୍ଟି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଣ୍ଟିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ... ଦିଆଯିବ ଅର୍ଥାତ୍ ମରାମତି ... ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଣ୍ଟି ... ଗଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟି

ଘଣ୍ଟିର ଚେଇନ ହେଡ଼, ମୁଦ, ... ... ଓ ... ... ... ଓ ଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରର ରୂପା ଅବା ସୁନାରେ; ରୂପାର ମୁଦ ଓ ଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୧୪।୧୨।୮୯. }

# ମେହରୋଗ ।

... ... ସମସ୍ତ ... ... ... ହେବ । ... ... ... ... ... ... ... ... ... ... ... ... ... ... ... ... ... ... ...

ଏହି ଔଷଧ ଯଥାବିଧିରେ ଏକପକ୍ଷ ସେବା କଲେ ନୂତନ ରୋଗ ଏବଂ ... ... ... ... ... ... ଅବଶ୍ୟ ଆରୋଗ୍ୟ ହେବ । ... ... ଆରୋଗ୍ୟ ନ ହେବେ ... ... ଏ ... ସେମାନଙ୍କ ... ... ... ... ... ... ପର୍ଯ୍ୟନ୍ତ ... ... ... ... ନ ହେଲେ ... ... ... ଅନେକ ରୋଗୀ ଆରୋଗ୍ୟ ... ... ... ... ... ... ଅବଲମ୍ବରେ ... ... ... ... ... ... ... ... ... , ... ... ଠାରେ ଏବଂ କଟକ ... ... ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫି... ୧ଟଙ୍କା । ... ଓ ଡାକଖର୍ଚ୍ଚ ପୃଥକ

ଏହି ଉତ୍କଳଦୀପିକା ... କଟକ ... ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୬ ଶ
ସଂ ୪୨ ସଂଖ୍ୟା

ତା ୩୧ ଋଣ ମାହେ ଅକ୍ଟୋବର ସନ ୧୮୯୧ ଈସ୍ବୀ । ମୁ: କାର୍ତ୍ତିକ ୧୭ ଜ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲

କଟକସହରରେ କେବଳ ଚାଲୁବଜାରରେ ଗୋଟିଏ ଡିସ୍ପେନ୍ସରୀ ଥିଲା । ଅନ୍ୟ ଗୋଟିଏ ଡିସ୍ପେନ୍ସରୀ ବାବୁ ଲକ୍ଷ୍ମୀନାରାୟଣ ନାୟକ ଚୌଧୁରୀବଜାରରେ ସ୍ଥାପନ କରିଅଛନ୍ତି । ବାବୁ ମହୋଦୟ ପୂର୍ବରେ ବାମଣ୍ଡା ରାଜାଙ୍କ ଡାକ୍ତର ଥିଲେ । ଲକ୍ଷ୍ମୀବାବୁ ଏଲୋପାଥିକ ଚିକିତ୍ସା ହୋମିଓପାଥିକ ଚିକିତ୍ସା ମଧ୍ୟ କରନ୍ତି । ଏପ୍ରକାର ଡାକ୍ତରଙ୍କଦ୍ୱାରା ଅନେକ ଉପକାର ସାଧିତ ହୋଇପାରେ ।

---

ବଙ୍ଗଳା ନାଗପୁର ରେଲକମ୍ପାନୀ ତୃତୀୟ ଶ୍ରେଣୀର ଯାତ୍ରିଭଡ଼ା ମାଇଲ ପ୍ରତି ୨୳ ପାହି ସ୍ଥଳରେ ୨ ପାହି ଧାର୍ଯ୍ୟ କରୁଅଛନ୍ତି । ଗରିବ ଯାତ୍ରିଙ୍କ ପକ୍ଷରେ ଏସୁବିଧା ସାମାନ୍ୟ ନୁହଇ ଏବଂ ଏଥିରେ ଉକ୍ତ ରେଲବାଟରେ ଅଧିକ ଯାତ୍ରୀ ଗମନାଗମନ କରିବାର ଆଶା ହୁଅଇ । ପୁରାତନ ରେଲବାଟମାନଙ୍କର ଭଡ଼ା ଏପର୍ଯ୍ୟନ୍ତ ଏତେ ଊଣା ହୋଇ ନାହିଁ । ନୂତନକମ୍ପାନୀ ଭଡ଼ା ଊଣା କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି ।।

---

ବଙ୍ଗଳା ରେବନ୍ୟୁବୋର୍ଡ୍‌ର ଜଣେ ମେମ୍ବର ମାନ୍ୟବର ହାଲିଡେ ସାହେବ ପେନସନ ନେବାରୁ ଶ୍ରୀଯୁକ୍ତ ସ୍ମିଥ ସାହେବ ବୋର୍ଡ୍‌ରେ ଉନ୍ନତ ହେଲେ ମାତ୍ର ଦୁଃଖର ବିଷୟ ଯେ ସେ ଦୀର୍ଘକାଳ ତାହା ଭୋଗ କରି ପାରିବେ ନାହିଁ । କାରଣ ଆଗାମୀ ଡିସେମ୍ବର ମାସରେ ସେ ମଧ୍ୟ ପେନସନ୍ ନେଇ ବିଲାତକୁ ଯିବେ । ତହିଁ ଉତ୍ତାରୁ ପାଟନାର କମିଶନର ଷ୍ଟିବିନ୍‌ସ୍ ସାହେବ ବୋର୍ଡ୍‌ର ମେମ୍ବର ହେବେ । ଶ୍ରୀଯୁକ୍ତ ନୋଲାନ ସାହେବ ରାଜସାହିର କମିଶନର ହେବେ ଓ ଶ୍ରୀଯୁକ୍ତ ବମ୍ସ ସାହେବ ପ୍ରେସିଡେନ୍‌ସି କମିଶ୍ନର ହେବେ ।

---

ଏହି ମାସର ଶେଷଭାଗରେ ଭାରତବର୍ଷର ଦକ୍ଷିଣ ମାନ୍ଦ୍ରାଜ ପ୍ରଦେଶ ଏବଂ ପୂର୍ବରେ ବରମା ଏବଂ ପୂର୍ବ ବଙ୍ଗଳାରେ ପ୍ରଚୁର ବୃଷ୍ଟି ହୋଇଅଛି । ମାତ୍ର ବଙ୍ଗଳାର ଅପର ସ୍ଥାନମାନଙ୍କରେ ଆଦୌ ବୃଷ୍ଟି ନାହିଁ ଏବଂ ଜଳ ଅଭାବ ଦେଖି ଭୟାନକ ଅନ୍ନ ଚିନ୍ତା ଉପସ୍ଥିତ ହୋଇଅଛି । ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ କି ଯେବେ ଶୀଘ୍ର ବୃଷ୍ଟି ନ ହେବ ତେବେ ବଙ୍ଗଳାର ଧାନ୍ୟ ଫସଲର ପ୍ରଧାନ ଅଞ୍ଚଳମାନଙ୍କରେ ସମ୍ପୂର୍ଣ ଫସଲ ମିଳିବାର ଆଶା ନାହିଁ । ରାଜପୁତାନା ପଞ୍ଜାବ ଏବଂ ଉତ୍ତରପଶ୍ଚିମରେ ଏହି ପରି ଜଳର ଅଭାବ ଜଣାଯାଏ ।

---

ବମ୍ବେଇପ୍ରଦେଶର ଦୁଇଜଣ ଜୈନଧର୍ମାବଲମ୍ବୀ ସାଧୁ ସମ୍ପ୍ରତି ଦୀର୍ଘକାଳ ଉପବାସବ୍ରତ ଶେଷ କରିଅଛନ୍ତି । ଅର୍ଥାତ ଥାନା କାଶୀମହାରାଜ ଷେମଚାନ୍ଦ ଜି ୧୬୧ଦିନ ମହାରାଜ ଗୁଜରମୂଲ ଜି ୧୭୨ଦିନ ଉପବାସ ରହିଥିଲେ ଏବଂ କେବଳ ଉଷ୍ଣଜଳ ବିନା ଅନ୍ୟ କିଛି ଆହାର କରୁ ନ ଥିଲେ । ଯେଉଁଦିନ ବ୍ରତ ଉଦ୍‌ଯାପନ ହେଲା ସେ ଦିନ ସେମାନଙ୍କ ଦର୍ଶନାର୍ଥେ ପ୍ରାୟ ୧୨ହଜାର ଲୋକ ଆସିଥିଲେ । ଅନଶନ ସାଧୁମାନଙ୍କ ଶରୀରର ଅବସ୍ଥା ସୁନ୍ଦର ଥିଲା ଏବଂ ଆଗନ୍ତୁକ ଲୋକମାନଙ୍କୁ ସଦାଳାପରେ ସନ୍ତୁଷ୍ଟ କଲେ । ଏଦିନ ୬୦୦୦ ଜୈନଧର୍ମାବଲମ୍ବୀ ଆପଣା୨ ଗୁରୁଙ୍କ ଉଦ୍ଦେଶ୍ୟରେ ଉପବାସ କରୁଥିଲେ ଏବଂ ସମସ୍ତ ଜୈନଦୋକାନମାନ ବନ୍ଦ ହୋଇଥିଲା । ଏପର ଗୋରକ୍ଷା ସଭାରେ ସେମାନେ ଟ ୭୦୦୦୯ ଙ୍କା ଚାନ୍ଦା ଦେଲେ ।

---

କଟକଠାରୁ ପୁରୀପର୍ଯ୍ୟନ୍ତ ଜଗନ୍ନାଥସଡ଼କରେ ଚୋରୀ ଡକାଇତି ଅଧିକପରିମାଣରେ ବୃଦ୍ଧି ପାଇଅଛି । ଗତ ଦଶହରା ଛୁଟୀ ସମୟରେ ଆମ୍ଭମାନଙ୍କର ମାନନୀୟ ଡେପୁଟୀକଲେକ୍ଟର ବାବୁ ରାସବିହାରୀ ନାୟକ ଉକ୍ତ ରାସ୍ତାରେ ଯିବା ସମୟରେ ପ୍ରାୟ ରାତ୍ର ଶେଷ ଦୁଇଘଣ୍ଟିକା ବେଳରେ ତେଲଙ୍ଗାପେଣ୍ଠ ଦକ୍ଷିଣପାର୍ଶ୍ୱରେ ଦୁଇଜଣ ଧରା ଧରି ଲାଗିଥିଲେ ଓ ଅନ୍ୟଦଳକୁ "ଡେଙ୍ଗା ମାର" ଶବ୍ଦ ଆସୁଥିଲା । ବାବୁ ମହୋଦୟ ଏହିଶବ୍ଦ ଶୁଣି ଗାଡ଼ିରୁ ଓହ୍ଲାଇଯାଇ ଦେଖିଲେ ଏକଜଣ ଏତଦ୍ଦେଶୀୟ ଓ ଅପରଜଣକ ପଶ୍ଚିମା ଶେଷୋକ୍ତ ବ୍ୟକ୍ତିଟି ଅନ୍ୟକୁ ଜୀବନବିହଳରେ ଧରିଅଛି ବାବୁ ମହୋଦୟ ଦୁଇଜଣଙ୍କୁ ସେଠା ଯାଇ ଫୁଲନାଖରଠାରେ ପୋଲିସ ଓ ଚଉକୀ-

Digitized by srujanika@gmail.com

Split by PDF Splitter



ଅନ୍ୟ ଜିମ୍ମାରେ ଦେଇ ଚାଲିଗଲେ ଓ କଟକରେ ମୋକଦ୍ଦମାରେ ସ୍ୱୟଂ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରି ଚୋରର ତିନମାସ କାରାଦଣ୍ଡ କରାଇଲେ କିନ୍ତୁ ଜିନିଷ କିଛି ପାଇଗଲା ନାହିଁ, ଚୋରର ସଙ୍ଗିମାନେ ନେଇ ଯାଇଥିଲେ । ସୁଦାମ ବାବୁଙ୍କ ସାହସକୁ ଧନ୍ୟ କହିବାକୁ ହେବ । ଏହିପ୍ରକାର ଚୋରୀ ପ୍ରାୟ ଜଗନ୍ନାଥ-ସଡ଼କରେ ଲାଗିଅଛି କିନ୍ତୁ ଚୋରୀ ବନ୍ଦକରିବାର କୌଣସି କଟକଣା କରା ହେଉ ନାହିଁ ।

ଉକ୍ତ ସଡ଼କର ପୋଲିସକର୍ମଚାରୀମାନଙ୍କ ହେଳାହେତୁ ଏପରି ଘଟୁଅଛି । ଏ ପ୍ରକାର ପୋଲିସକର୍ମଚାରୀମାନଙ୍କୁ ସ୍ଥାନାନ୍ତରିତ କରିବା ବିଧେୟ । ଶୁଣିଲୁଁ ତେଲଙ୍ଗାପେଣ୍ଠର ପୋଲିସ-ହେଡ଼୍‌କନେଷ୍ଟବଲ ଅନେକ ଦିବସରୁ ବଦଳ ହୋଇ ନାହିଁ । ଆମ୍ଭେମାନେ ପ୍ରାର୍ଥନା କରୁଁ ଯେ ପୁରୀର କଲେକ୍ଟର ଓ ପୋଲିସସୁପରଣ୍ଟେଣ୍ଡେଣ୍ଟ ଯାତ୍ରିମାନଙ୍କୁ ଚୋରଙ୍କ ହସ୍ତରୁ ରକ୍ଷା କରିବା ନିମନ୍ତେ ଶୀଘ୍ର ବିହିତ ଉପାୟ ଅବଲମ୍ବନ କରିବେ । ସୁଦାମ ବାବୁ ଜଣେ ବିଶେଷ ଅନୁସନ୍ଧାନୀ କର୍ମସ୍ଥ ଅଟନ୍ତି ତାଙ୍କୁ କୌଣସି ବିଶେଷ ଭାର ଦେଲେ ଭଲ ହେବ ।

---

ଚୋରୀ ଇତ୍ୟାଦି ମୋକଦ୍ଦମାରେ ପୁଲିସର କର୍ତ୍ତବ୍ୟ ସମ୍ବନ୍ଧରେ ବଙ୍ଗଳାର ଗତପୁଲିସ-ବାର୍ଷିକବିବରଣୀରେ ଲେଖାଅଛି ଯେ ଚୋରୀକରିବା ଅଭିପ୍ରାୟରେ ଘରେ ପଶିବା ଉଦ୍‌ଯୋଗର ସମ୍ବାଦ ଆସିଲେ ଯେବେ ଉକ୍ତ ଅପରାଧ କରିବା ବ୍ୟକ୍ତି ଜଣା ନ ପଡ଼େ ତେବେ ତହିଁର ଅନୁସନ୍ଧାନ କରିବ ନାହିଁ ବୋଲି ମୁଙ୍ଗେରର ମାଜିଷ୍ଟ୍ରେଟ ଯେଉଁ ଆଦେଶ ଦେଇଅଛନ୍ତି ତାହା ମାନ୍ୟବର ଲେପ୍ଟେଲାଣ୍ଟ ମଞ୍ଜୁର କରି ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ ଚୋରୀକରିବା ଅଭିପ୍ରାୟରେ ଘରେ ପଶିବା କିମ୍ବା ତହିଁର ଉଦ୍‌ଯୋଗ କରିବା ମୋକଦ୍ଦମାରେ ଯେଉଁସ୍ଥଳେ କିଛି ମାଲ ଚୋରୀ ଯାଇ ନ ଥିବ ଓ କୌଣସି ସନ୍ଧାନ ଦିଆ ନ ଯିବ ସେ ସ୍ଥଳେ ପୁଲିସ ତଦାରଖ କରିବାକୁ ନାସ୍ତି କରିବ । ଏହିପରି ଯେଉଁସ୍ଥଳେ ଟ ୫୯ ଙ୍କାରୁ ଊଣାମୂଲ୍ୟର ମାଲ ଚୋରୀ ଯାଇଥିବ ଏବଂ କୌଣସି ସନ୍ଧାନ ଦିଆ ନ ଯିବ ଏବଂ ଦେବାନୀପ୍ରକାରର ମାମଲା ଓ ଉଚିତ ମାଡ଼ପିଟ ମାମଲାରେ ପୁଲିସ ତଦାରକ କରିବାକୁ ନାସ୍ତିକରିବ । ଦେବାନୀପ୍ରକାରର ମାମଲା ଏବଂ ଅତିରିକ୍ତ ମାଡ଼ପିଟ ମାମଲା ଯେମନ୍ତ କି ସାମାନ୍ୟ ମାଡ଼ପିଟସ୍ଥଳେ ହାଡ଼ଭାଙ୍ଗି ଯିବା କିମ୍ବା ରକ୍ତସ୍ରୋତ ବହିଯିବା ଗୁହାରି କରିବା ମାମଲାରେ ପୁଲିସ ହସ୍ତକ୍ଷେପ ନ କରିବାର ଆଦେଶ ପ୍ରତି ଆମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ କିନ୍ତୁ ପାଞ୍ଚଟଙ୍କାରୁ ଊଣାମୂଲ୍ୟର ଚୋରିମାମଲାରେ ଚୋରଧରିବାର ସନ୍ଧାନ ନ ଦେଲେ ପୁଲିସ ହସ୍ତକ୍ଷେପ କରିବେ ନାହିଁ ଏଆଦେଶଟା ଭଲ ଜଣାଯାଉ ନାହିଁ । ଏଥିରେ ପୁଲିସର କାର୍ଯ୍ୟ ଊଣା ହେବ ମାତ୍ର ମୋଫସଲବାସିଙ୍କ ଦ୍ରବ୍ୟରକ୍ଷାର ବ୍ୟାଘାତ ହେବ । ମୋଫସଲରେ ବିଲରୁ ଫସଲ ଏବଂ ବାରିରୁ କଦଳୀ ସାରୁ ଇତ୍ୟାଦି ଚୋରି ଅଧିକ ହୁଅଇ । ଏଥିର ମୂଲ୍ୟ ଅନେକସ୍ଥଳେ ଟ ୫୯ ଙ୍କାରୁ ଊଣା । ଏହେତୁ ପୁଲିସ ଅନେକସ୍ଥଳେ ଚୋରିଗୁହାରି ଶୁଣିବାକୁ ଅନିଚ୍ଛୁକ ହେବେ ପୁଣି ସରକାର ଚୋରିଦ୍ରବ୍ୟର ମୂଲ୍ୟର ଗୋଟାଏ ସୀମା ବାନ୍ଧିଦେବାରୁ ପୁଲିସକର୍ମଚାରୀମାନଙ୍କର ଆହୁରି ସୁବିଧା ହେଲା । ଚୋରିର ଗୁହାରି ହେବା ମାତ୍ରକେ ସେମାନେ ଚୋରକୁ ଚିହ୍ନାଇ ଦିଅ ବୋଲି କହି ନିଶ୍ଚିନ୍ତ ହେବେ । ଲୋକଙ୍କର ବିଶ୍ୱାସ ଥିଲା ଯେ ସନ୍ଧାନ ଲଗାଇ ଚୋର ଧରିବା ପୁଲିସର କାର୍ଯ୍ୟ । ଏଣିକି ବୁଝିବାକୁ ହେବ ଯେ ଲୋକେ ନିଜେ ଜଗି ଚୋର ଧରିଲେ ପୁଲିସର ସାହାଯ୍ୟ ପାଇବେ ନତୁବା କୌଣସି ଉପାୟ ନାହିଁ । ଏପରି ଅବସ୍ଥାରେ ମୋଫସଲରେ ସାମାନ୍ୟଚୋରୀ ବଢ଼ିବ ଓ ପୁଲିସ ଆହୁରି ଅକର୍ମଣ୍ୟ ହେବେ ।

---

ଯାଜପୁରର ସବଡିଭିଜନ । ପ୍ରା । ଉଦାସ ଗ୍ରାମ ନରସିଂହପୁରଠାରୁ ଶ୍ରୀ ମଣିମହାନ୍ତି ଲେଖିଅଛନ୍ତି କି ସେଠା ଉତ୍ସାହି ଗ୍ରାମବାସୀ ମହାଜନମାନେ ୭।୮ ମାସ ହେଲା ବଂଶମାରଣ ନାଟକ ବଙ୍ଗଳାଯାତ୍ରା ଶିକ୍ଷାକରି ସର୍ବସାଧାରଣଙ୍କୁ ତାହା ଦେଖାଇବା କାରଣ ଗତ ଲକ୍ଷ୍ମୀପୂଜାସମୟ ଅର୍ଥାତ୍ ଚଳିତମାସ ତା ୧୬ ଓ ୧୭ ରଖର ରାତ୍ରମାନଙ୍କରେ ଶ୍ରୀ ଗୋପୀନାଥ ଦେବଙ୍କ ଦେଉଳରେ ଯାତ୍ରା କରିଥିଲେ ଏବଂ ନିକଟସ୍ଥ ଗ୍ରାମମାନଙ୍କର ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଆଣି ତାହା ଦେଖାଇ ଥିଲେ । ମଞ୍ଜୁଳମଞ୍ଚ ବନାତ ଫୁଲ ପତ୍ର ଇତ୍ୟାଦିରେ ଅତ୍ୟନ୍ତ ସୁସଜ୍ଜିତ ଏବଂ ଝାଡ଼ ଲଣ୍ଠନ ଦୀପଲଗିରି ପ୍ରଭୃତିରେ କେବଳ ବତି ଜଳିବାଦ୍ୱାରା ପ୍ରଚୁରରୂପେ ଆଲୋକିତ ହୋଇ ଥିଲା । ଦର୍ଶକଙ୍କ ସଂଖ୍ୟା ସହସ୍ରାଧିକ ଥିଲା ଏବଂ ଆମନ୍ତ୍ରିତ ବ୍ୟକ୍ତିମାନେ ପାନ ତମାଖୁ ଫୁଲ ଆତରଦ୍ୱାରା ଯଥାବିଧିରେ ସମ୍ମାନିତ ହୋଇ ଥିଲେ । ମଞ୍ଜୁଳମଞ୍ଚର ଏକପାର୍ଶ୍ୱରେ ବଂଶଙ୍କର ରଙ୍ଗସଭା ଏକ ଉଚ୍ଚ ଜଗତ-ଉପରେ ସୁରଞ୍ଜିତ ହୋଇ ଥିଲା । ସଂକ୍ଷେପରେ ମଞ୍ଜୁଳମଞ୍ଚର ଦୃଶ୍ୟଟି ସୁରୁଚି ଏବଂ ଶିଳ୍ପକୌଶଳର ବଡ଼ ସୁନ୍ଦର ପରିଚୟ ଦେଉଥିଲା ଏବଂ ନର୍ତ୍ତକ ଓ ଗାୟକମାନଙ୍କର ବେଶ ଭୂଷା ଉପଯୁକ୍ତ ହୋଇ ପରୀରିର ଶୋଭା ବଢ଼ାଉଥିଲା । ପ୍ରଧାନ ନାଟୁଆପିଲା ଦ୍ୱୟୋଃ ଦେଖିବାକୁ ଯେମନ୍ତ ସୁନ୍ଦର ସେମାନଙ୍କ କଣ୍ଠସ୍ୱର ତେମନ୍ତ ମଧୁର । ବଙ୍ଗଳାଭାଷାରେ ଶୁଦ୍ଧରୂପେ ଗାୟନ ଓ କଥାବାର୍ତ୍ତା କରିବାଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ । ଯାତ୍ରା ଗାୟକମାନଙ୍କ ମଧ୍ୟରେ ଯୁବାଠାରୁ ବ ୫୦ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ଅଛନ୍ତି । ବେହେଲା, ହାରମୋନିୟମ, ମୃଦଙ୍ଗ, ତବଲା, ଡୁଗି, ମନ୍ଦିରା ପ୍ରଭୃତି ଏମାନଙ୍କର ବାଦ୍ୟଯନ୍ତ୍ର । ଏ ସମସ୍ତ ଯନ୍ତ୍ରର ଐକ୍ୟତାନର ସ୍ୱର ସହିତ ଗାୟକ ଓ ନୃତ୍ୟକ୍ରିୟାମାନ ଦେଖାଇ ସଭାସ୍ଥଳ ଲୋକଙ୍କୁ ଭେଲକ ଲଗାଇ ଦେଇ ଥିଲେ ଓ ପୁନଃ୨ ଧନ୍ୟବାଦ ଓ ପ୍ରଶଂସାଧ୍ୱନିରେ ସଭା ପୂରି ରହିଥିଲା । ଆମ୍ଭେମାନେ ଏ ସମ୍ବାଦ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ ଏବଂ ଭରସା କରୁଁ ପାଠକମାନେ ଉତ୍କଳରେ ଏପ୍ରକାର ସଙ୍ଗୀତର ଉନ୍ନତିବାର୍ତ୍ତା ଶୁଣି ଅତ୍ୟନ୍ତ ଆନନ୍ଦିତ ହେବେ । ମହାଜନମାନେ ଆପଣାର ଆମୋଦ ପ୍ରମୋଦ ନିମନ୍ତେ ଏତେ ପରିଶ୍ରମ ଓ ବ୍ୟୟ ସ୍ୱୀକାର କରି ସଙ୍ଗୀତର ଆଦର ଏ ଦେଶରେ ପ୍ରଚାର କରୁଅଛନ୍ତି ଏଥିପାଇଁ ସେମାନେ ଧନ୍ୟବାଦର ପାତ୍ର ଅଟନ୍ତି । ଯେବେ ସେମାନେ ଆଉ କିଛି କଷ୍ଟ ସ୍ୱୀକାର କରି ଓଡ଼ିଶାର ପ୍ରଧାନ-ନଗରମାନଙ୍କରେ ଆପଣାର ଗୁଣ ଦେଖାଇବାକୁ ସ୍ୱୀକୃତ ହୋଇ ପାରନ୍ତି ତେବେ ସେମାନଙ୍କଦ୍ୱାରା ବିଶୁଦ୍ଧ ସଙ୍ଗୀତ ଅଧିକ ପରିମାଣରେ ପ୍ରଚାରିତ ହୋଇ ପାରିବ ।

---

ଫସଲହାନିର ଆଶଙ୍କା ।

ଦୁର୍ଗୋତ୍ସବର ଆମୋଦ ପରେ୨ ଅନାବୃଷ୍ଟି ଲୋକଙ୍କୁ ମହାବ୍ୟସ୍ତରେ ପକାଇଅଛି । ପ୍ରାୟ ଏକମାସ ହେବ ଲଗାଣବୃଷ୍ଟି ଏକାବେଳକେ ହେବାକୁ ନାହିଁ । ଦଶହରାର ବାସିଦିନ ଓ ତହିଁର ଦୁଇ ତିନିଦିନ ପୂର୍ବେ ଠାବେ୨ ଖଣ୍ଡବୃଷ୍ଟି ହୋଇ କିଛି ଉପକାର କରିଥିଲା । ମାତ୍ର ସର୍ବତ୍ର ହୋଇ ନ ଥିଲା ଏବଂ ତହିଁ ଉତ୍ତାରୁ

Digitized by srujanika@gmail.com

ଦ ୧୫ ନରୁ ଅଧିକ ହେବ ଅଟେ। ଜଳ ନ ହେବାରୁ ବଲମାନ ଫାଟିଯାଇ ଧାନଗଛସବୁ ମରିଯାଉଅଛି । ଲୋକେ ସାଧ୍ୟାନୁରେ ଜଳ ବୁହାଉ ଅଛନ୍ତି ମାତ୍ର ସମସ୍ତଙ୍କର ଜଳର ସୁବିଧା ନାହିଁ ଓ ସବୁବଲକୁ ଜଳ ପଡ଼ୁ ନାହିଁ । ସରକାରୀ ନାଳପାଖର କ୍ଷେତସବୁରେ ଜଳ ଦେବା କାରଣ କରନାଳମାନ ପିଟାଇ ଦଆଯାଉଅଛି କିନ୍ତୁ ସମସ୍ତଙ୍କରୁ ଜଳ ଲୋଡ଼ା ହେବାରୁ ଯଥୋଚିତ ଜଳ ମାଡ଼ିବାର ସୁବିଧା ହେଉ ନାହିଁ । ଗୃହିମାନଙ୍କର ଭବନାର ସୀମା ନାହିଁ । ଗତ ସୋମବାର ଜଗତସିଂହପୁର ଅଞ୍ଚଳର ପ୍ରାୟ ଶତାଧିକ ପ୍ରଜା କଲେକ୍ଟର ସାହେବଙ୍କ ନିକଟକୁ ଅସି ଦୁଃଖ ଜଣାଇଥିଲେ । ସାହେବ ସେମାନଙ୍କ ଦରଖାସ୍ତ ନାମଞ୍ଜୁର କଲେ । ଚିଯ୍ୟାର ଫସଲ ଉପରେ ଲାଟବନ୍ଦ ସମୟରେ ଏପରି ବିପଦ ହେବାରୁ ପ୍ରଜାମାନଙ୍କର ମହାଚିନ୍ତା ପଡ଼ିଅଛି । ସେଟଲ୍ମେଣ୍ଟ ଉପରେ ଖଜଣାର ଦାୟ ଅଧିକ ହୋଇଅଛି । ଯେବେ ଶୀଘ୍ର ବୃଷ୍ଟି ହେବ ତେବେ ଭଷା ନ ହେଲେ ଆଠପଣ ଫସଲ ମରିପଡ଼ିବ ଏବଂ ଚିଯ୍ୟାଳଙ୍କ ଅନ୍ନକଷ୍ଟ ଉପସ୍ଥିତ ହେବ । ଏ ଦୁଃସମୟରେ ଜିଲାର କଲେକ୍ଟର ଓ ତାହାଙ୍କ ଅଧୀନସ୍ଥ ଡେପୁଟୀ କଲେକ୍ଟରମାନେ ମୋଫସଲକୁ ଯାଇ ଫସଲର ଅବସ୍ଥା ଦେଖିବା ଏବଂ ଜଳ ଯୋଗାଇବାର ଉପାୟ କରିବା ଉଚିତ । ହାକିମ ମୋଫସଲରେ ଥିଲେ ନାଳ କର୍ମଚାରିମାନେ ଉପଯୁକ୍ତ ପରିମାଣରେ ଜଳ ଯୋଗାଇବା ଏବଂ ଲୋକେ ଜଳ ବୁହାଇବାର ବହୁତ ଚେଷ୍ଟା କରିବେ । ପରମେଶ୍ୱର ଏ ବିପଦରୁ ଲୋକଙ୍କୁ ଉଦ୍ଧାର କରନ୍ତୁ ।

———

## ଓଡ଼ିଶାର ବନ୍ଦୋବସ୍ତ ।

ଏ ପ୍ରଦେଶର ବନ୍ଦୋବସ୍ତ କାର୍ଯ୍ୟ ବର୍ତ୍ତମାନ ଜମିଦାର ଓ ଅନ୍ୟାନ୍ୟ ଭୂସ୍ୱାମିମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟଦାୟକ ହୋଇଅଛି । ବନ୍ଦୋବସ୍ତକର୍ତ୍ତା ମ୍ୟାକ୍‌ସେରୀ ସାହେବ ସେମାନଙ୍କୁ ରକବାଜମାଖର୍ଚ୍ଚ ଓ ଗତ ତିନବର୍ଷର ଜମାହାସିଲ ଓ ତଅସିଲବାକୀ ପ୍ରଭୃତି କାଗଜ ତଲବ କରୁଅଛନ୍ତି ଓ ତାଙ୍କର ସହକାରୀ ସବଡିଭିଜନ ଅଫିସର ମାନେ ସ୍ୱତନ୍ତ୍ର କାଗଜ ତଲବ କରୁଅଛନ୍ତି । ଏ ପ୍ରଦେଶର ଅନେକ ଜମିଦାରଙ୍କର କାଗଜ କଲମ ସହିତ ସମ୍ପର୍କ ନ ଥାଏ, ପୁଣି କେହି କେହି ନିୟମିତରୂପେ କାଗଜପତ୍ର ରଖନ୍ତି ନାହିଁ । ସେମାନେ ୨୦ ବା ୩୦ ଟିରୁ ଅଧିକ ଘର ପରିପୂର୍ଣ୍ଣ ଓ ବୁଝ ଛକ ହାତ ଲମ୍ବ ଫାର୍ମମାନ ପୂରଣ କରି ଦେବା ନିମନ୍ତେ ଅକ୍ଷମ ହୋଇ ଅଛନ୍ତି । ଏରୂପ ସ୍ଥଳେ ସେହି କାଗଜମାନ ପ୍ରସ୍ତୁତ କରିବା ନିମନ୍ତେ ସେମାନଙ୍କର ଅନେକ ସମୟର ପ୍ରୟୋଜନ କିନ୍ତୁ ନିର୍ଦ୍ଦିଷ୍ଟ ତାରିଖ ଅତୀତ ହେବାମାତ୍ରେ ପ୍ରଚୁର ଅର୍ଥଦଣ୍ଡ ହେଉଅଛି । ଏବଂ ବନ୍ଦୋବସ୍ତ ଅଫିସରେ ଏରୂପ ବଡ଼ ଶୃଙ୍ଖଳରେ କାର୍ଯ୍ୟ ଚଳୁ ଅଛି ଯେ କୌଣସି କୌଣସି ସ୍ଥଳେ ଜରିମାନା ଅପେକ୍ଷା ମୂଲତବ ନେବାର ଖର୍ଚ୍ଚ ଅଧିକ ପଡ଼ୁଅଛି । ପୁନଶ୍ଚ, କାଗଜ ଦାଖଲ କରିବା ସମୟରେ ପ୍ରତ୍ୟେକ ତହିଜ ନମ୍ବରର କାଗଜ ସହିତ ଅଠଅଣାର କୋର୍ଟଫିସ ଷ୍ଟାମ୍ପ ସଂଯୁକ୍ତ ଖଣ୍ଡିଏ ଦରଖାସ୍ତ ଦାଖଲ କରିବାକୁ ହେଉଅଛି । ସ୍ୱାକ୍ଷରଯୁକ୍ତ କାଗଜ ସହିତ ଦରଖାସ୍ତ ଦାଖଲ କରିବାର ଅବଶ୍ୟକତା କେହି ବୁଝିପାରୁ ନାହାନ୍ତି; ସେପରି ଦରଖାସ୍ତରେ କୋର୍ଟଫିସ ନେବା ଅତିନ ସଙ୍ଗତ କି? ବନ୍ଦୋବସ୍ତକର୍ତ୍ତାଙ୍କ ସାହାଯ୍ୟ ନିମନ୍ତେ ଜମିଦାରମାନେ ବହୁ ପରିଶ୍ରମରେ କାଗଜ ଦାଖଲ କରୁଅଛନ୍ତି, ପୁଣି "ବୋଝ ଉପରେ ନଳିତା-ବିଡ଼ା" କାହିଁକି? କୌଣସି ବିଷୟରେ ଆପତ୍ତି କଲେ ହାକିମ ବିରକ୍ତ ହୋଇ ସ୍ୱତ୍ୱସମ୍ପର୍କରେ ଅନିଷ୍ଟ କରିବେ, ଅଜ୍ଞ ଲୋକମାନେ ଏହି ଆଶଙ୍କାରେ କୌଣସି କଷ୍ଟଜନକ ଆଦେଶ ବିରୁଦ୍ଧରେ ଆପତ୍ତି କରୁ ନାହାନ୍ତି । ମ୍ୟାକ୍‌ସେରୀ ସାହେବ ଯେତେ ଉପଯୁକ୍ତ ହୋଇଥିଲେ ନା କାହିଁକି, ବନ୍ଦୋବସ୍ତସମ୍ପର୍କରେ ସେ ବର୍ତ୍ତମାନ ଯେପରି କାର୍ଯ୍ୟ ଚଳାଉ ଅଛନ୍ତି, ତାହା ଦେଖି ଶୁଣି ଆମ୍ଭମାନଙ୍କର ବିଶ୍ୱାସ ହେଉ ନାହିଁ ଯେ ସେ ରୟତ, ଜମିଦାର ଓ ଗବର୍ଣ୍ଣମେଣ୍ଟ ସମସ୍ତଙ୍କ ପ୍ରତି ସୁବିଚାର କରି ଓ କାହାକୁ କଷ୍ଟ ବା ଅସୁବିଧାରେ ନ ପକାଇ ସମୁଦାୟ କାର୍ଯ୍ୟ ଦକ୍ଷତା ସହିତ ନିର୍ବାହ କରିବେ । କୌଣସି ଉପଯୁକ୍ତ ବ୍ୟକ୍ତି ନିଜର ଉପସ୍ଥିତ ବା ଅନୁପସ୍ଥିତ ସମୟରେ ଦାୟିତ୍ୱପରିପୂର୍ଣ୍ଣ ଗୁରୁତର କାର୍ଯ୍ୟର ଭାର ପଞ୍ଚଦଶମୁଦ୍ରା ବେତନଭୋଗୀ ମୋହରରର ହସ୍ତରେ ଅର୍ପଣ କରି ନିଜର ଦାୟିତ୍ୱ ନିର୍ବାହ କରିବାକୁ ଚେଷ୍ଟା କରନ୍ତେ ନାହିଁ । ମ୍ୟାକ୍‌ସେରୀସାହେବଙ୍କର ସହକାରୀମାନଙ୍କ ମଧ୍ୟରୁ କେହି କେହି ମଧ୍ୟ ତଦ୍ରୂପ ଉପଯୁକ୍ତ ଓ କାର୍ଯ୍ୟଦକ୍ଷ । ସୁତରାଂ ଗବର୍ଣ୍ଣମେଣ୍ଟଙ୍କର ଏରୂପ ନିୟୋଗର ଫଳ ଅନୁମେୟ । ମଧ୍ୟପ୍ରଦେଶ ଓ ବିହାରର ଜମିଦାରମାନେ ବନ୍ଦୋବସ୍ତସମ୍ପର୍କରେ ନିଜ ନିଜ ଛାଟରେ ଏକତ୍ରିତ ହୋଇ କାର୍ଯ୍ୟ କରୁଅଛନ୍ତି କିନ୍ତୁ ଓଡ଼ିଶାର ଜମିଦାରମାନେ ଏରୂପ ନିଶ୍ଚେଷ୍ଟ ଏବଂ ଉଦାସୀନ ଯେ ନିଜର ସ୍ୱାର୍ଥପରିପୂର୍ଣ୍ଣ କାର୍ଯ୍ୟରେ ଲିପ୍ତ ହେଲେ ସୁଦ୍ଧା ସେମାନେ ଦୁଃଖପ୍ରତୀକାର ନିମନ୍ତେ ଅଗ୍ରସର ହୁଅନ୍ତି ନାହିଁ । ନିଶ୍ଚେଷ୍ଟ ଲୋକମାନେ ସେମାନଙ୍କ ଦୁଃଖର ପରିବର୍ଦ୍ଧକ ଏବଂ ସେମାନଙ୍କ ପ୍ରତି ସହାନୁଭୂତି ଅଳ୍ପ । ଯାହା ହେଉ ଓଡ଼ିଶାର ବନ୍ଧୁ ଶ୍ରୀଯୁକ୍ତ ଟୋଏନବୀ ସାହେବଙ୍କ ଶାସନସମୟରେ ବନ୍ଦୋବସ୍ତକାର୍ଯ୍ୟ ହେଉଅଛି । ଏହି କାର୍ଯ୍ୟ କେତେଦୂର ଗୁରୁତର ଏବଂ ଏପ୍ରଦେଶର ଲୋକମାନେ ନିଜର ଦୁଃଖ ମୋଚନ ବିଷୟରେ କିରୂପ ନିଶ୍ଚେଷ୍ଟ ତାହା ସେ ସ୍ୱୟଂ ଜାଣିଥିବେ ସନ୍ଦେହ ନାହିଁ ଏହି ବନ୍ଦୋବସ୍ତର ଭଲ ମନ୍ଦ ଫଳ ସହିତ ତାଙ୍କର ନାମ ମନେ ପଡ଼ୁ ଥିବ । ଆମ୍ଭମାନଙ୍କର ବିନୀତ ପ୍ରାର୍ଥନା, ସେ ବନ୍ଦୋବସ୍ତ କର୍ମଚାରୀଙ୍କ ଉପରେ ନିର୍ଭର କରି ବନ୍ଦୋବସ୍ତ କାର୍ଯ୍ୟ ସମ୍ପର୍କରେ ନିଶ୍ଚିନ୍ତ ବା ଉଦାସିନ ହେବେ ନାହିଁ ।

———

## ଡେପୁଟୀପରୀକ୍ଷା ।

ଗତ କଲିକତାଗେଜେଟରେ ଡେପୁଟୀ ଓ ସବ୍‌ଡେପୁଟୀକଲେକ୍ଟରୀ ପରୀକ୍ଷାର ନୂତନ ନିୟମ ପ୍ରକାଶିତ ହୋଇଅଛି । ଏହି ନିୟମାନୁସାରେ ଆସନ୍ତା ସନ ୧୮୯୨ ସାଲରେ ପରୀକ୍ଷା ଗୃହୀତ ହେବ । ନିୟମାବଳୀର ସଂକ୍ଷେପ ମର୍ମ ଏହି କି, ଯେଉଁମାନେ,

୧ । ବିଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ଅଥବା ସେହିପରି କୌଣସି ପରୀକ୍ଷାପର୍ଯ୍ୟନ୍ତ ଅଧ୍ୟୟନ କରିଥିବେ ।

୨ । ବୟସ କି ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ନାହିଁ ।

୩ । ଅଶ୍ୱାରୋହଣ କରି ପାରିବାର ସାର୍ଟିଫିକେଟ ଜିଲାମାଜିଷ୍ଟ୍ରେଟଙ୍କଠାରୁ ପାଇଥିବେ ।

୪ । ଉତ୍ତମବଂଶରେ ଜାତ ଓ ଉତ୍ତମ ଆଚରଣର ସାର୍ଟିଫିକେଟ ଦେଖାଇବେ ।

୫ । ସ୍ୱାସ୍ଥ୍ୟରକ୍ଷାର ସାର୍ଟିଫିକେଟ ସିଭିଲସର୍ଜନଙ୍କଠାରୁ ପ୍ରାପ୍ତ ହେବେ ।

୬ । ଦରଖାସ୍ତସହିତରେ ଉପରୋକ୍ତ ସାର୍ଟିଫିକେଟ ଓ ଟ ୧୦୲ ଙ୍କା ଫିସ ପ୍ରେରଣ କରିବେ ସେମାନେ ପରୀକ୍ଷା ଦେବାକୁ ଯୋଗ୍ୟ ହେବେ ।

ପରୀକ୍ଷା ଆଗାମୀ ମାର୍ଚ୍ଚମାସର ତେଇଁ୨ ତାରି-

Split by PDF Splitter

Digitized by srujanika@gmail.com

Split by PDF Splitter



ଖରେ ମୁଦ୍ରିତ ହେବ ତହିଁର ବିଜ୍ଞାପନ ପଶ୍ଚାତ୍ ପ୍ରକାଶିତ ହେବ । ପରୀକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ବିଷୟରେ ପରୀକ୍ଷା ଦେବାକୁ ହେବ ।

(କ) ଇଂରାଜୀ ସାହିତ୍ୟ ଓ ସରକାରୀ ଚିଠୀପତ୍ର ଲେଖିବାର ଧାରା ।

(ଖ) ଦେଶୀୟ ଭାଷା—ବଙ୍ଗଳା ଓଡ଼ିଆ ହିନ୍ଦି ଓ ଉର୍ଦ୍ଦୁ ଏଥିମଧ୍ୟରୁ କୌଣସି ଏକଭାଷା ଇତ୍ୟାଦିର ଇଂରାଜୀତର୍ଜମା ଓ ସେହି ଭାଷାରେ ଇଂରାଜୀରୁ ଅନୁବାଦ ।

(ଗ) ଆଇନ—୧୭୯୩ ସାଲର ୧ ରେଗୁଲେସନ ଓ ଫିଲ୍ସ୍ ଇଣ୍ଡୋଡକ୍ସନ ଟୁ ରେଗୁଲେସନସ୍, ୧୮୮୫ ସାଲର ଅ ୮ ଇନ, ୧୮୬୯ ସାଲର ୭ ରେଗୁଲେସନ ଓ ୧୮୭୦ ସାଲର ଅ ୧୦ ଇନ, ଦଣ୍ଡବିଧି କାର୍ଯ୍ୟବିଧି ଓ ସାକ୍ଷ୍ୟବିଷୟକ ଆଇନ ।

(ଘ) ସର୍ଭେ ଓ କ୍ଷେତ୍ରପରିମାଣ, ଡେପୁଟୀକଲେକ୍ଟରୀ ନ ୬୦ଣ ଓ ସବ୍ଡେପୁଟୀ ନିମନ୍ତେ ନ ୧୦ ଣ ପ୍ରୟୋଜନ । ପରୀକ୍ଷୋତ୍ତୀର୍ଣ୍ଣ ଲୋକମଧ୍ୟରୁ ପ୍ରଥମ ଦଶଜଣ ଓ ସବ୍ଡେପୁଟୀମାନଙ୍କ ମଧ୍ୟରୁ ଜମା ଯେଉଁମାନେ ପରୀକ୍ଷାରେ ଏକତୃତୀୟାଂଶ ନମ୍ବର ରଖିବେ ସେମାନଙ୍କ ମଧ୍ୟରୁ ଅବଶିଷ୍ଟ ଦଶଜଣ ମନୋନୀତ ହୋଇ ଶିକ୍ଷାନବିସସ୍ୱରୂପ ଟ ୫୦୧ କା ଲେଖାଏ ବେତନ ପାଇବେ ଅବଶିଷ୍ଟ ପରୀକ୍ଷାର୍ଥୀମଧ୍ୟରୁ ଏକତୃତୀୟାଂଶନମ୍ବର ରଖିଥିଲେ ସବ୍ଡେପୁଟୀର ଶିକ୍ଷାନବିସସ୍ୱରୂପ ମନୋନୀତ ହୋଇ ଟ ୩୦୧ କା ବେତନ ପାଇବେ ।

ଉପରଲିଖିତ ବିବରଣରୁ ପ୍ରକାଶ ଯେ ଏଥର ଡେପୁଟୀ ଓ ସବ୍ଡେପୁଟୀ କାର୍ଯ୍ୟ ଅନେକ ଖାଲି ହେବ ଓ ପରୀକ୍ଷାରେ ଯେଉଁମାନେ ଉପସ୍ଥିତ ହେବେ ସେମାନଙ୍କ ମଧ୍ୟରୁ ଅନେକଙ୍କ କପାଳ ଖୋଲି ପାରେ । ଅମ୍ଭେମାନେ ଆଶା କରୁଁ ଓଡ଼ିଶାର ବିଏ, ଛାତ୍ରମାନେ ଏ ସୁବିଧା ଛାଡ଼ିବେ ନାହିଁ । ନତୁବା ଗଭର୍ଣ୍ଣର ପଶ୍ଚାତ୍ତାପ କରିବାକୁ ହେବ । ଏଣିକି ପରୀକ୍ଷାରେ ଉପସ୍ଥିତ ନ ହେଲେ ଆଉ ହାକିମ ହେବାର ଆଶା ନାହିଁ । ଏଥର ପରୀକ୍ଷାର ନିୟମଗୁଡ଼ିକ ମଧ୍ୟ ଉତ୍ତମ ହୋଇଅଛି । କେବଳ ଯେଉଁମାନେ ସରକାରୀକାର୍ଯ୍ୟ କରୁଅଛନ୍ତି ଅଥଚ ବୟସ ବ ୨୫ ର୍ଷରୁ ଊର୍ଦ୍ଧ୍ୱ ସେମାନଙ୍କପକ୍ଷରେ ଅନ୍ତତଃ ସବ୍ଡେପୁଟୀରେ ପ୍ରବେଶ କରିବା ନିମନ୍ତେ କିଛି ବିଶେଷ ନିୟମ ହୋଇଥିଲେ ଅମ୍ଭେମାନେ ଅଧିକତର ପ୍ରୀତିଲାଭ କରିଥାନ୍ତୁ ଓଡ଼ିଶାରେ ଦେଶୀୟ ସବ୍ଡେପୁଟୀ ନିତାନ୍ତ ଊଣା ଅମ୍ଭେମାନେ ଆଶା କରୁଁ ଅମ୍ଭମାନଙ୍କର ମାନନୀୟ ଶ୍ରୀଯୁକ୍ତ ଟିଭନସ ସାହେବ ଏବିଷୟରେ କିଛି ପ୍ରସ୍ତାବ କରିବେ ।

---

## ମାହାଙ୍ଗାରେ ମଧୁବାବୁ ।

ବାବୁ ମଧୁସୂଦନଦାସ ଜିଲ୍ଲାବୋର୍ଡର ସହକାରୀ ସଭାପତି ଏ ଜିଲ୍ଲାର ବୋର୍ଡ ଅଧୀନସ୍ଥ ସ୍କୁଲ, ପାଠଶାଳା, କାଞ୍ଜିହାଉସ ସଡ଼କ ରାସ୍ତା ଇତ୍ୟାଦି ପରିଦର୍ଶନ କରିବା ଉଦ୍ଦେଶ୍ୟରେ ମୋଫସଲଗସ୍ତରେ ଏ ମାସ ତା ୧୪ ରଖରେ ଯାତ୍ରା କରି କେତେକ ପାଠଶାଳା ଇତ୍ୟାଦି ଦର୍ଶନ କରିବା ବିଷୟରେ ଏକ ପ୍ରେରିତପତ୍ର ଗ. ସପ୍ତାହରେ ପ୍ରକାଶ ହୋଇ ଅଛି ପାଠକମାନଙ୍କ ଗୋଚରରେ ଆସିଥିବ । ଅମ୍ଭେମାନେ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ମାହାଙ୍ଗାରେ ସର୍ବସାଧାରଣଙ୍କ ପକ୍ଷରୁ ତାଙ୍କର ବିଶେଷ ଓ ସମୁଚିତ ସମାଦର ହୋଇ ଥିଲା । ତହିଁର ସଂକ୍ଷେପ ବିବରଣ ନିମ୍ନେ ଲେଖା ଯାଉଅଛି, ଯଥା;—

ବାବୁ ମହୋଦୟ ମାହାଙ୍ଗାରୁ ତେରମାଇଲ ଅନ୍ତର ଧର୍ମଗଡପୁରରେ ତା ୧୩ ରଖ ସନ୍ଧ୍ୟାସମୟେ ପ୍ରବେଶ ହେଲେ । ସେଠାରେ ଦୁଇଦିନ ରହି ତା ୧୫ ରଖରେ ସେ ଅଞ୍ଚଳର ସ୍କୁଲ ଇତ୍ୟାଦି ଦେଖିବା ଓ ତା ୧୬ ରଖରେ ମାହାଙ୍ଗାର ସ୍କୁଲ ଇତ୍ୟାଦି ଦେଖିବାର କଳ୍ପନା ଥିଲା । ଏ ସମ୍ବାଦରେ ମାହାଙ୍ଗାବାସିମାନେ ଆନନ୍ଦିତ ହୋଇ ବାବୁ ଜଗନ୍ମୋହନଲାଲଙ୍କ ଉଦ୍ୟମ ଓ ସଭାପତିତ୍ୱରେ ତା ୧୫ ରଖରେ ମଧୁବାବୁଙ୍କର ସମ୍ମାନାର୍ଥେ ସଭା କଲେ । ସଭାରେ ଧାର୍ଯ୍ୟ ହେଲା ଯେ ସେଠା ସ୍କୁଲରୁ ଅର୍ଦ୍ଧମାଇଲ ଅନ୍ତରସ୍ଥ ଏକସ୍ଥାନରେ ସାମିଆନା ଟଙ୍ଗାଇ ଓ ସ୍ଥାନ ସୁସଜ୍ଜିତ କରି ସେଠାରେ ସମସ୍ତ ଗ୍ରାମବାସିମାନେ ଏକତ୍ରିତ ହୋଇ ତାଙ୍କର ଅଭ୍ୟର୍ଥନା କରିବେ ଓ ସେ ଅଞ୍ଚଳର ଅଭାବମୋଚନାର୍ଥେ ଏକ ଆବେଦନପତ୍ର ଦେବେ ମାତ୍ର ସଭାଭଙ୍ଗ ଉତ୍ତାରେ ସମ୍ବାଦ ଆସିଲା ଯେ କିଛି ଅନିବାର୍ଯ୍ୟ ଅସଂଯୋଗ ହେତୁ ବାବୁ ମହୋଦୟ ସେହି ତା ୧୫ ରଖ ଅପରାହ୍ନ ସମୟେ ମାହାଙ୍ଗାରେ ପ୍ରବେଶ ହେବେ । ଏହେତୁ ତାଙ୍କ ସମ୍ମାନର ପ୍ରସ୍ତାବିତ ଆୟୋଜନମାନ ହୋଇ ନ ପାରିଲା ମାତ୍ର ଗ୍ରାମବାସିମାନେ ଏତେଦୂର ଆନନ୍ଦିତ ହୋଇ ଥିଲେ ଯେ ଏପରି ଅସଂଯୋଗ ଘଟିଲେ ହେଁ ସେମାନେ ପରାଙ୍ମୁଖ ନ ହୋଇ ଯଥାସାଧ୍ୟ ସମ୍ମାନ କରିବା ସକାଶେ ତତ୍ପର ହେଲେ ।

ସେଠା ସ୍କୁଲରୁ କିଛି ଅନ୍ତରରେ ଏକ ବୃହତ୍ ବୃକ୍ଷତଳେ ଦରଜା କରି ଅନେକ ଭଦ୍ରଲୋକ ଇତ୍ୟାଦି ସମବେତ ହୋଇ ଥିଲେ ଓ ବାବୁମହୋଦୟଙ୍କୁ ଅଗ୍ରସର କରି ଅଣାଇବାକୁ ଜଣେ ଭଦ୍ରଲୋକ ଯାଇ ଥିଲେ ସେଠାରେ ସେ ପ୍ରବେଶ ହୁଅନ୍ତେ ବାବୁ ଜଗନ୍ମୋହନଲାଲ ସାଧାରଣଙ୍କ ପକ୍ଷରୁ ତାଙ୍କୁ ସମ୍ବୋଧନ କରି କହିଲେ କି ଜିଲ୍ଲାବୋର୍ଡର ସହକାରୀ ସଭାପତିଙ୍କର ମୋଫସଲଭ୍ରମଣର ଏହା ପ୍ରଥମ ଦୃଷ୍ଟାନ୍ତ ଅଟେ । ଆତ୍ମଶାସନପ୍ରଣାଳୀ ଏ ଜିଲ୍ଲାରେ ଯେତେଦୂର ପ୍ରଚୁର ହୋଇ ଅଛି ତାହା ଆନନ୍ଦର ବିଷୟ ଅଟେ ଓ ତହିଁର ଭାର ଆପଣଙ୍କ ତୁଲ୍ୟ ଉପଯୁକ୍ତ ପାତ୍ରରେ ଅର୍ପିତ ହୋଇ ଥିବାରୁ ଅଧିକ ଆନନ୍ଦର ବିଷୟ ହୋଇ ଅଛି । ଆପଣ ଅବୈତନିକ କର୍ମଗ୍ରହଣ ଓ ଆପଣଙ୍କ ଶରୀର ସର୍ବଦା ଅସୁସ୍ଥ, ତଥାପି ଏତେ କଷ୍ଟ ଓ ଖର୍ଚ୍ଚ ସ୍ୱୀକାରପୂର୍ବକ ଏ ଜିଲ୍ଲାର ଅବସ୍ଥା ପ୍ରତ୍ୟକ୍ଷରେ ଦେଖିବା ଓ ତାହାର ପ୍ରତୀକାର କରିବା ଉଦ୍ଦେଶ୍ୟରେ ଭ୍ରମଣ କରୁ ଅଛନ୍ତି ଏଥିରୁ ସ୍ପଷ୍ଟ ପ୍ରତୀୟମାନ ଯେ ଆପଣଙ୍କ ପ୍ରତି ଅର୍ପିତ ଭାର ଯଥାର୍ଥମତେ ନିର୍ବାହ କରିବା ସକାଶେ ଆପଣ ଏକାନ୍ତ ଯତ୍ନବାନ୍ ଓ ଏହାଦ୍ୱାରା ମୋଫସଲ ଗ୍ରାମମାନଙ୍କର ଉନ୍ନତି ହେବା ଓ ଆତ୍ମଶାସନପ୍ରଣାଳୀର ଗୌରବ ରକ୍ଷା ହେବାର ବିଶେଷ ଆଶା ହେଉ ଅଛି । ଏହେତୁ ଏ ଗ୍ରାମବାସିମାନେ ଆନନ୍ଦିତ ଓ କୃତଜ୍ଞ ହୋଇ ଆପଣଙ୍କ ସମ୍ମାନର ଯେ ଆୟୋଜନର ସ୍ଥିର କରି ଥିଲେ ଅସଂଯୋଗ ଘଟିବାରୁ ତାହା ହୋଇ ନ ପାରିଲା ମାତ୍ର ଅମ୍ଭମାନଙ୍କ ମନରେ ଯେ କୃତଜ୍ଞ ଭାବ ଓ ଆନନ୍ଦ ଉଦୟ ହୋଇ ଅଛି ତାହା କୌଣସି ଅସଂଯୋଗ କିମ୍ବା ବାଧା ନିବାରଣ କରି ନ ପାରେ ଓ ତାହାଇ ପ୍ରକାଶ କରିବାନିମିତ୍ତ ଅମ୍ଭେମାନେ ଏଠାରେ ସମବେତ ହୋଇଅଛୁଁ । ଏହିପ୍ରକାର ଆଉ କେତେକ କଥା କହି ଧନ୍ୟବାଦସୂଚକ ଆବେଦନ ପତ୍ର ତାଙ୍କ ହସ୍ତେ ଅର୍ପଣ କଲେ । ବାବୁ ମହୋଦୟ ଉତ୍ତର କଲେ ଯେ ଅମ୍ଭେ ଏତେଦୂର ପ୍ରଶଂସାର ଭାଜନ ନୋହୁଁ କେବଳ କର୍ତ୍ତବ୍ୟକର୍ମ ଅନୁରୋଧରେ ମୋଫସଲ ଭ୍ରମଣ କରୁଅଛୁଁ ଯେହେତୁ ପ୍ରତ୍ୟକ୍ଷରେ ନ ଦେଖିଲେ ପ୍ରକୃତ ଅବସ୍ଥା ସମ୍ୟକ୍ରୂପେ ଜଣାଯାଇ ନ ପାରେ ।

Digitized by srujanika@gmail.com

ଗବର୍ଣ୍ମେଣ୍ଟର ସହାୟ ହେଉନ୍ତୁ ଓ ଆପଣମାନେ ଆଶୀର୍ବାଦ କରନ୍ତୁ ଯେ ଆମ୍ଭେ ଅର୍ପିତ ଭାର ଯଥାର୍ଥମତେ ବହନ କରିବାକୁ ସକ୍ଷମ ହେଉଁ । ଏ ଆବେଦନପତ୍ର ଲିଖିତ ବର୍ତ୍ତମାନ ଯେତେଦୂର ହୋଇ ପାରେ ତହିଁର ଚେଷ୍ଟା କରିବୁଁ । ଆପଣମାନେ ଯେ ଅମ୍ଭମାନଙ୍କ ଏତେଦୂର ସଦ୍ଭାବ ପ୍ରକାଶ କରି ଅଛନ୍ତି ତନ୍ନିମିତ୍ତ ଧନ୍ୟବାଦ ଦେଉଅଛୁଁ । ଏହିପ୍ରକାର କେତେକ କଥା କହି ଓ ମିଷ୍ଟାଳାପ କରି ସ୍କୁଲଠାରୁ ଯାଇ ଶିଷ୍ୟଙ୍କର ପରୀକ୍ଷା ନେଲେ ଓ କେତେକ ଭଦ୍ରବ୍ୟକ୍ତିଙ୍କ ଆହ୍ୱାନମତେ ସେମାନଙ୍କ ଘରଠାକୁ ଯାଇ ସଦାଳାପ କଲେ । ଆବେଦନପତ୍ରଲିଖିତ ଅଧିକାଂଶ ସ୍ଥାନ ଦେଖିବାରେ ସନ୍ଧ୍ୟା ହୋଇଯିବାରୁ ସେଗ୍ରାମସ୍ଥ ବୈଦ୍ୟବଗାଳସାହିକୁ ଯାଇ ନ ପାରିବାରୁ ସେ ବଡ଼ ଦୁଃଖିତ ହୋଇ ସେମାନଙ୍କର କ୍ଷମା ପ୍ରାର୍ଥନା କରି ପ୍ରସ୍ଥାନ କଲେ । ଏହି ସୁଯୋଗରେ ବାବୁ ମହୋଦୟ ବାବୁ ଜଗନ୍ମୋହନ ଲାଲ ଓ ବାବୁ ସୀତାନାଥ ରାୟଙ୍କୁ ମିଳାଇ ଦେବାରୁ ଗ୍ରାମବାସିମାନେ ବଡ଼ ଆନନ୍ଦିତ ହେଲେ ।

ଅମ୍ଭମାନଙ୍କ ବିବେଚନାରେ ମାହାଙ୍ଗାବାସିଙ୍କର ଉପର୍ଯ୍ୟୁକ୍ତ କାର୍ଯ୍ୟ ପ୍ରଶଂସନୀୟ ଅଟେ ଓ ମଧୁବାବୁ ଯେ ତହିଁର ଗୁଣଜ୍ଞ ଏଥିରେ ସନ୍ଦେହ ନାହିଁ ତହିଁର କାରଣମାନ ଜଗନ୍ମୋହନ ବାବୁଙ୍କ ସମ୍ବୋଧନରେ ପ୍ରକାଶିତ ହୋଇଅଛି । ସମୁଦାୟ ଜିଲା ଭ୍ରମଣ କରିବାର ମଧୁବାବୁଙ୍କର କଳ୍ପନା ଥିଲା ମାତ୍ର କେନ୍ଦ୍ରାପଡ଼ାପର୍ଯ୍ୟନ୍ତ ଯାଇ ସେଠାରୁ ଯାଜପୁର ଯିବାର ପଥ ଗତ ବୃଷ୍ଟି ବର୍ଷାରେ ଅଗମନୀୟ ହୋଇଥିବାରୁ ସେହିଠାରୁ କଟକକୁ ଫେରିଆସିଲେ । ଭରସା କରୁଁ ସେ ଅନ୍ୟସମୟେ ଯାଜପୁର ଅଞ୍ଚଳକୁ ଗମନ କରିବେ ।

---

### ବଙ୍ଗପ୍ରଦେଶର ସାମୁଦ୍ରିକ ବାଣିଜ୍ୟ ।

ଗତବର୍ଷର ରିପୋର୍ଟରୁ ପ୍ରକାଶ ଯେ ୪୬୍ୟ କୋଟି ଟଙ୍କାର ଦ୍ରବ୍ୟ ରପ୍ତାନୀ ଏବଂ ୩୨ ୍ୟ କୋଟି ଟଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା । ତହିଁ ପୂର୍ବବର୍ଷରୁ ରପ୍ତାନୀ ପ୍ରାୟ ଏକକୋଟି ଟଙ୍କା ଊଣା ଏବଂ ଆମଦାନୀ ପ୍ରାୟ ୪ କୋଟି ଟଙ୍କା ଅଧିକ ହୋଇଅଛି । ବହିର୍ବାଣିଜ୍ୟର କେତେକ ଦ୍ରବ୍ୟରେ ସରକାର ମାସୁଲ ନିଅନ୍ତି । ବର୍ଣ୍ଣିତବର୍ଷରେ ଆମଦାନୀ ମାସୁଲ ଲବଣଛଡ଼ା ଅନ୍ୟ ଦ୍ରବ୍ୟରେ ୨୬ ୍ୟ ଲକ୍ଷ ଲବଣରେ ୨କୋଟି ୩୦୍ୟ ଲକ୍ଷ ଏବଂ ରପ୍ତାନୀଦ୍ରବ୍ୟରେ ପ୍ରାୟ ୬୧ ଲକ୍ଷ ଟଙ୍କା ଗାଏ ୨ କୋଟି ୭୮ ଲକ୍ଷ ଟଙ୍କା ଅଦାୟ ହୋଇଅଛି । ପାଞ୍ଚବର୍ଷ ପୂର୍ବେ ମୋଟ ମାସୁଲର ପରମାଣ ୨କୋଟି ୨୫ଲକ୍ଷ ଥିଲା । ସୁତରାଂ କ୍ରମାଗତ ମାସୁଲ ବୃଦ୍ଧି ହେଉଅଛି । ବାଣିଜ୍ୟର ବୃଦ୍ଧି ସଙ୍ଗେ୨ ଜାହାଜର ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଅଛି ଏବଂ ଏ ବୃଦ୍ଧି କେବଳ ଧୂଆଁକଳ ଜାହାଜରେ ଦେଖାଯାଏ । କଳଜାହାଜର ସୁବିଧାହେତୁ ପାଲଟଣା ଜାହାଜର ସଂଖ୍ୟା ଊଣା ପଡୁଅଛି ।

ବିଲାତର ବହିର୍ବାଣିଜ୍ୟର ବିଶେଷ ପରିମାଣ ବିଲାତସଙ୍ଗେ ଅଟଇ କିନ୍ତୁ ଗତ ଦଶବର୍ଷରୁ କ୍ରମଶଃ୨ ଊଣା ହୋଇ ଆସୁଅଛି ଅର୍ଥାତ ପୂର୍ବେ ମୋଟବାଣିଜ୍ୟର ଶତକରା ୭୦ ବିଲାତସଙ୍ଗରେ ହେଉଥିଲା ଏବର୍ଷ ଶତକରା ପ୍ରାୟ ୫୮ ପଡଅଛି, ଚୀନସହିତ ବାଣିଜ୍ୟ ବୃଦ୍ଧି ହୋଇଅଛି । ଫ୍ରାନସ ଗତବର୍ଷ ଜର୍ମ୍ମାନୀଉପରେ ଥିଲା ଏବର୍ଷ ତଳକୁ ଆସିଅଛି ।

କେଉଁ୨ ଦ୍ରବ୍ୟ କେତେମୂଲ୍ୟର ଆମଦାନୀ ଓ ରପ୍ତାନୀ ହୋଇଅଛି ତହିଁର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା । ଯଥା ।

ଆମଦାନୀ ।

| | |
|---|---|
| କପାଲୁଗା ଓ ସୂତା | ଟ ୧୪,୫୭,୭୫,୩୪୫ |
| ଧାତୁ ଓ ତହିଁନିର୍ମିତ ଦ୍ରବ୍ୟ | ଟ ୨୬୫,୫୧୫୬୧ |
| କେରୋସିନ ତେଲ | ଟ ୧୨୫୫୫୨୦୬ |
| ପସମି ଲୁଗା | ଟ ୭୫,୧୦,୨୯୪ |
| ଚେନୀ | ଟ ୬୧୯୦୦୭୩ |
| ଲବଣ | ଟ ୫୯୨୧୭୨୪ |
| ମଦ | ଟ ୪୭୮୮୯୧୫ |

ଏଥିମଧ୍ୟରୁ ସୂତାଲୁଗା କେରୋସିନ ତେଲ ଏବଂ ଚେନୀ ଗତବର୍ଷଠାରୁ ବୃଦ୍ଧି ମାତ୍ର ଅନ୍ୟସବୁ ଦ୍ରବ୍ୟର ଆମଦାନୀ ଊଣା ହୋଇଅଛି । ଚେନୀର ବୃଦ୍ଧି ଅତ୍ୟନ୍ତ ଅଧିକ ଅର୍ଥାତ ଗତବର୍ଷ ୨୮ ଲକ୍ଷରୁ ଏବର୍ଷ ପ୍ରାୟ ୬୨ ଲକ୍ଷ ହୋଇଅଛି । ପୂର୍ବେ ଏଠାରୁ ବିଦେଶକୁ ଏ ଦ୍ରବ୍ୟ ରପ୍ତାନୀ ହେଉଥିଲା । ବର୍ତ୍ତମାନ ଆମଦାନୀ ହେଉଅଛି ଏହା କେବଳ ଦଳସିଦ୍ଧାନ୍ତ ବୃଦ୍ଧିର ଫଳ ବୋଲି ଅନୁମିତ ହୁଅଇ । କେରୋସିନ ତେଲରେ ମାସୁଲ ବସିଥିଲେ ସୁଦ୍ଧା ଏଥିର ଆମଦାନୀ କ୍ରମାଗତ ବଢୁଅଛି ।

ରପ୍ତାନୀ

| | |
|---|---|
| ଝୋଟ | ଟ ୬,୪୪,୭୮,୪୭୭ |
| ଅଫୁ | ଟ ୫୧୭୯୯୨୬୫ |
| ଗହମ | ଟ ୫,୧୩,୭୮,୬୭୨ |
| ତୈଳକର ମଞ୍ଜି | ଟ ୩୪୬୨୨୬୮୧ |
| ଚାଉଳ | ଟ ୩,୧୩,୦୬,୮୨୭ |
| ନୀଳ | ଟ ୨,୦୫,୧୧୩୫୪ |
| ଚର୍ମ | ଟ ୨,୦୭,୦୪୭୬୩ |
| କପା | ଟ ୮୭୨୮୪୧୯ |
| ଗହମ | ଟ ୫୦୩୭୦୮୨ |

ଏଥିମଧ୍ୟରେ କେବଳ ଚାଉଳ ଓ ଚର୍ମ ଗତବର୍ଷଠାରୁ ବୃଦ୍ଧି ହୋଇ ଅଛି । ଏକା ଚାଉଳର ମୂଲ୍ୟ ଗତବର୍ଷଠାରୁ ଅର୍ଦ୍ଧକୋଟି ଟଙ୍କାରୁ ଅଧିକ । ଝୋଟ ଓ ଗହମ ମୂଲ୍ୟ ଗତବର୍ଷଠାରୁ ଊଣା ହେଲେହେଁ ଏସବୁ ଦ୍ରବ୍ୟର ରପ୍ତାନୀ ଊଣା ନ ହୋଇ ଅଧିକ ହୋଇଅଛି । କେବଳ ଦର ଶସ୍ତା ହେବାରୁ ମୂଲ୍ୟଟଙ୍କା ଊଣା ପଡଅଛି । ଝୋଟରେ ଲାଭ ହେବାରୁ ତହିଁର କୃଷି ଅଧିକ ହେଲା ଏବଂ ବର୍ଷା ଓ ଋତୁଯୋଗୁଁ ଗୁଣ ନରମ ପଡଲା । ଏଥିପାଇଁ ଏକ୨ ସ୍ଥଳରେ ମହଣ ଟ ୫୧ ଙ୍କାରୁ ଟ ୧୪ କୁ ଓହ୍ଲାଇ ଅସିଲା । ଝୋଟର ପ୍ରୟୋଜନ ଊଣାହୋଇ ନାହିଁ ଏବଂ ଉତ୍କୃଷ୍ଟ ଦ୍ରବ୍ୟ ପ୍ରସ୍ତୁତ କରିପାରିଲେ ଭାରୁ ଭଲ ହେବ । ନୀଳଗଛର ପାଗ ନ ହେବାରୁ ଗତବର୍ଷ ଅତ୍ୟନ୍ତ ଊଣା ଉତ୍ପନ୍ନ ହୋଇଥିଲା । ସିଂହଳଦ୍ୱୀପରେ ଅଧିକ ପ୍ରୟୋଜନ ହେବାରୁ ଓ ଜାପାନର ଚାଉଳଫସଲ ଗତବର୍ଷ ନଷ୍ଟହେତୁ ଏଠା ଚାଉଳ ବିଲାତରେ ଅଧିକ ପ୍ରୟୋଜନ ହେବାରୁ ଚାଉଳରପ୍ତାନୀବିଶେଷ ବୃଦ୍ଧି ହୋଇଅଛି । ଗହମ ବର୍ଣ୍ଣିତ ବର୍ଷରେ ଊଣା ପଡଥିଲା ମାତ୍ର ଏଣିକି ବିଶେଷ ରପ୍ତାନୀ ହେଉଅଛି ।

ଓଡ଼ିଶାର ବାଣିଜ୍ୟ ବନ୍ଦରମାନଙ୍କରେ ଗତବର୍ଷଠାରୁ ବୃଦ୍ଧି ହୋଇଅଛି । ଗତ ଓ ଚଳିତବର୍ଷର ମୋଟ ବାଣିଜ୍ୟର ମୂଲ୍ୟ ନିମ୍ନେ ପ୍ରକାଶିତ ହେଲା । ଯଥା ।

| | ସନ ୧୮୮୯।୯୦ | ସନ ୧୮୯୦।୯୧ |
|---|---|---|
| ବାଲେଶ୍ୱର | ଟ ୯୭,୪୦,୫୪୮ | ଟ ୧୦୧୭୨୨୫୧ |
| କଟକ | ଟ ୧୭୫୫୭୪୩ | ଟ ୩୦,୫୬,୯୭୩ |
| ପୁରୀ | ଟ ୨,୧୬,୭୭୬ | ଟ ୫,୪୨,୮୮୭ |

କଟକର ଅଧିକାଂଶ ବାଣିଜ୍ୟ ବାଲେଶ୍ୱରଜିଲ୍ଲାସ୍ଥିତ ଚୂଡାମଣିବାଟେ ଗତାୟାତ କରିବାରୁ ବାଲେଶ୍ୱରର ବାଣିଜ୍ୟ ଅଧିକ ଜଣାଯାଉଅଛି ।

---

Digitized by srujanika@gmail.com

# ସାପ୍ତାହିକ ସମ୍ବାଦ ।

ଶ୍ରୀଯୁକ୍ତ ବର୍ଣ୍ଣିଉରସାହେବଙ୍କର ଗସ୍ତ ଆସନ୍ତା ନବମ୍ବରମାସ ତା ୯ ରିଖରେ ଆରମ୍ଭ ହେବ । ସେହି ସମୟରେ ଅବା ତହିଁ ପୂର୍ବରୁ ଏଠା କଲେକ୍ଟରସାହେବ ଗସ୍ତରେ ବାହାରିବାର କଥା ଅଛି ।

ମାହାଙ୍ଗାରେ ଗତ ଦୁର୍ଗାପୂଜା ଉପଲକ୍ଷରେ ସାଁତାର ଉଣନାଟକର ଅଭିନୟ ବଙ୍ଗଳାଷାରେ ହୋଇଥିଲା । କେବଳ (ଅଭିନୟସ୍ଥାନ) ସୁସଜ୍ଜିତ ଓ ବେଶ ଭାଲ ପାତ୍ର ଦବୋ ତନାରେ ଅଭିନୟ ଉତ୍ତମ ହୋଇଥିଲା । ମୋଫସଲର ସ୍ଥାନେ ନାଟକାଭିନୟ ହେବା ଉନ୍ନତରୁଚିର ପରିଚୟ ଅଟେ ଭିନ୍ନ ସ୍ୱଥଙ୍ଗ ପ୍ରତ ଯେ ଲୋକଙ୍କର ରୁଚି ଅଛି ତାହା ଏହି ପ୍ରକାରରେ ପରମାର୍ଜ୍ଜିତ ହୋଇ ପାରିବ ଓ କ୍ରମେ ଉନ୍ନତି ସାଧନ ହେବ ।

## କଲିକତା–ଗେଜେଟ ।

ଓଡ଼ିଶାର ବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ ହେବା ନିମନ୍ତେ ଡୁଗୁରିର ଡେପୁଟୀମାଜିଷ୍ଟ୍ରେଟ ମିଃ ଅରନାଥନ ଓ ହାଙ୍ଗଲର ଏକ୍‌ଟ୍ରା ଡେପୁଟୀମାଜିଷ୍ଟ୍ରେଟ ମିଃ ବରଦାଚରଣ ମିତ୍ର ଗଭର୍ଣ୍ଣମେଣ୍ଟଙ୍କ ସେଟଲମେଣ୍ଟ କାର୍ଯ୍ୟଦକ୍ଷତର ଅଧୀନରେ ଅବସ୍ଥାପିତ ହେଲେ ।

ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର ତବଲର ଏବେ କଟକରେ ଅବସ୍ଥାପିତ ହେଲେ ।

ଜେ, ଏସ୍, ଏଲ୍. ଜ ସାଣ୍ଡବର୍ଗ କଟକର ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶାର କମିଶନର ମିଃ ଏଚ୍, ଆର୍, ସ୍ମିଥ ନବେମ୍ବର ତା ୨ ରିଖରୁ ୧୫ ଦିନ ଛୁଟି ଗ୍ରହଣ କରି ଅଛନ୍ତି ।

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ରାମକୃଷ୍ଣ ନାୟକ ୧ମ ଶ୍ରେଣୀର ମାଜିଷ୍ଟ୍ରେଟୀ କ୍ଷମତା ପ୍ରାପ୍ତ ହେଲେ ।

ସର୍ଜ୍ଜନ ବ୍ରାଉନ ଓଡ଼ିଶାବିଭାଗର ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

---

କଲିକତାରେ ଏମାସରେ ଘୋର ଲବଣ ବୃଷ୍ଟି ହେବାର ସମ୍ବାଦ ଆସିଅଛି । ଏବୃଷ୍ଟିରେ ସହସ୍ରାଧିକ ମାଣ ଭୂମି ପ୍ଲାବିତ ହୋଇ ଅନେକ ଗୋରୁ ଗାଈ ମରିପଡ଼ି ଅଛନ୍ତି । ଜମ୍ବୁଦ୍ୱୀପର ଆଉ କେତେ ସ୍ଥାନରେ ମଧ୍ୟ ଲବଣ ବୃଷ୍ଟି ହୋଇ ଅଛି । ମେଘ ବର୍ଷିତ ଯାଇ ଛନ୍ତି ଆ ମାନେ କେହିଁ ଲ ବଳି ପାଇବୁଁ । ଶୀଘ୍ର ଫେରି ଆସି ଲ କ୍ଷା ।

ବଙ୍ଗପ୍ରଦେଶର ମାନ୍ୟବର ଲେଟଲାଟ ବାହାଦୂର ଗତ ସୋମବାରଠାରୁ କେତାରପ୍ରଦେଶ ପରିଦର୍ଶନ ନିମନ୍ତେ ଯାତ୍ରା କରି ଅଛନ୍ତି । ମଙ୍ଗଳବାର କାଙ୍କିପୁରଠାରେ ପହଞ୍ଚି ଅଛପର୍ଯ୍ୟନ୍ତ ସେଠାରେ ଥିବେ ଓ ଶ୍ରୀଯୁକ୍ତ ଏଡ୍‌ଗାର ସାହେବ ସେକ୍ରେଟେରି ସେହିଠାରେ ତାହାଙ୍କ ସଙ୍ଗେ ମିଳିବେ ।

ଭାରତବର୍ଷର ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ସିମିଲ ପରିତ୍ୟାଗ କରି ସମ୍ପ୍ରତି କାଶ୍ମୀର ପ୍ରଦେଶରେ ଭ୍ରମଣ କରୁ ଅଛନ୍ତି । ଶ୍ରୀନଗରଠାରେ ତାହାଙ୍କର ଅଭ୍ୟର୍ଥନା ଅତ୍ୟନ୍ତ ଆଡ଼ମ୍ବରସହିତ ହୋଇ ଥିଲା । ଭରସା କରାଯାଏ ଏହି ସମୟରେ କାଶ୍ମୀର ପ୍ରତି ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ସଙ୍କଳ୍ପ ପ୍ରକାଶ ପାଇବ ।

ହାଇଦ୍ରାବାଦର ନବାବଙ୍କ ଦାୟିକ ସ୍ପର୍ଶଗଟ ର ମୋକଦ୍ଦମାର ଆସାମୀ କେବଳ ସାହେବ ଫୌଜ ସୁପର୍ଦ୍ଦ ହୋଇ ଅଛନ୍ତି । ଆଗାମି ନବେମ୍ବର ମାସ ତା ୨୦ ରିଖରେ ଫୌଜଦାରୀର କଲିକତା ହାଇକୋର୍ଟରେ ଆରମ୍ଭ ହେବ ।

କଲିକତା ନିକଟ ଶ୍ରୀରାମପୁର ଏବଂ ତହିଁର ଫଳସ୍ତ ଗ୍ରାମମାନଙ୍କରେ ଓଲାଉଠା ରୋଗ ପ୍ରବଳ ହୋଇଅଛି ଏବଂ ଅନେକ ଲୋକେ ମରି ପଡ଼ି ଅଛନ୍ତି । ଏନେକଦିନ ହେଲାଣି ଏରୋଗ ସ୍ଥାନରେ ଜଣାଯାଏ । ସମସ୍ତଙ୍କର ସାବଧାନ ହେବା ଉଚିତ ।

ଭାରତ–ଜାତୀୟ ମହାସମିତିର ସପ୍ତମଅଧିବେଶନ ଆଗାମି ଗ୍ରୀଷ୍ମକାଳରେ ହେବାର ଥିଲା । ମାତ୍ର ବର୍ତ୍ତମାନ ସ୍ଥିର ହୋଇ ଅଛି ଯେ ସପ୍ତମଅଧିବେଶନ ସନ ୧୮୯୨ ମସିହା ବସନ୍ତକାଳରେ ହେବ । ଏହେତୁରୁ ଆଗାମୀ ବର୍ଷ ଭାରତରେ ଜାତୀୟ ସମିତର ଅଧିବେଶନ ହେବ ନାହିଁ ।— ଉତ୍ତମ ।

ସମ୍ବାଦ ଏରୂପ ଯେ ପାର୍ଟିଗରାଜ୍ୟର ପ୍ରଜାମାନେ ଉକ୍ତ ରାଜ୍ୟଖଣ୍ଡକୁ ଇଂରେଜୀ ସରକାରଭୁକ୍ତ କରିବା କାରଣ ପ୍ରାର୍ଥନା କରୁ ଅଛନ୍ତି ।—ଜାଣ୍ଡଟା ସହଜରେ ନିଷ୍ପତ୍ତି ପାଇଲା ପ୍ରାୟ ଜଣା ନାହିଁ ।

କଥିତ ଅଛି ଏ ସେଗସ୍ ଶୌଣ୍ଡିକ ସେବା ଇନକମ୍ ଟାକ୍ସ ଦାୟରୁ ମୁକ୍ତ ହେବେ । ଏହା କାର୍ଯ୍ୟରେ ପରିଣତ ହେଲେ ଅନେକ ବଡ଼ ଇଂରେଜକର୍ମଚାରୀ ଟାକ୍ସଦାୟରୁ ବର୍ତ୍ତିଯିବେ ।

ଦାକ୍ଷିଣାତ୍ୟର ଅବସ୍ଥା ଅବଧି ଭଲ ହୋଇ ନାହିଁ । ଦକ୍ଷିଣ ଆର୍କଟ ଓ ଚିଙ୍ଗଲପଟ୍ଟଠାରେ ଫସଲର ଅବସ୍ଥା କିଞ୍ଚିତ ଭଲ ହୋଇଥିଲେହେଁ ମଧ୍ୟ ପ୍ରଦେଶମାନଙ୍କରେ ସେଥିର ଅବସ୍ଥା ଅଧିକତର ଭୟାନକ ଅଟଇ । ଘାସ ଓ କୁଟା ବିନା ଗୋରୁ ମହିଷିଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଅଛି । ପୂର୍ତ୍ତିକାର୍ଯ୍ୟରେ ପ୍ରାୟ ଚାରିଶହଜାର ଲୋକ କାର୍ଯ୍ୟ କରୁଅଛନ୍ତି । ମୃତ୍ୟୁସଂଖ୍ୟା ଅଧିକ ହୋଇଅଛି । ମାନ୍ଦ୍ରାଜଠାରୁ ଆସିଥିବା ଗତ ମାସ ତା ୨୩ ରିଖର ତାରବାର୍ତ୍ତାରୁ ପ୍ରକାଶ ଯେ ତହିଁ ପୂର୍ବ ସପ୍ତାହରେ ଜ ୭୭୪ ଣ ହିନ୍ଦୁ, ଜ ୩ ଣ ୟୁରୋପୀୟ, ଜ ୨୦ ଣ ଇଷ୍ଟଇଣ୍ଡିଆନ, ଜ ୫୦ ଣ ଦେଶୀୟ ଖ୍ରୀଷ୍ଟିୟାନ ଏବଂ ଜ ୧୨୩ ଣ ମୁସଲମାନ କାଳକବଳରେ ପତିତ ହୋଇଅଛନ୍ତି ।

କୋଟିଏ ଭର୍ଯ୍ୟନାକରଟା ମୋକଦ୍ଦମାରେ ମାଜିଷ୍ଟ୍ରେଟ ଆସାମୀକୁ ୭ ବର୍ଷ କାରାଦଣ୍ଡ ଦେଇଥିବାରୁ ଆସାମୀ କଲିକତାହାଇକୋର୍ଟରେ ଅପୀଲ କରିଥିଲା । ବିଚାରପତିମାନେ ରାୟ ବାହାରି କରି ଲେଖିଅଛନ୍ତି ଯେ ପରିସ୍ଥିତିଙ୍କ କର୍ତ୍ତୃକ ଭର୍ଯ୍ୟାର ନାକକଟା ଅପରାଧ ବହୁ ବଢ଼େଷ ପରିମାଣରେ ଘଟୁଥିବାର ଦେଖାଯାଉଅଛି ଏବଂ ଏପରି ଗୁରୁତର ଅପରାଧକୁ ୭ ବର୍ଷ କାରାଦଣ୍ଡ ଯଥେଷ୍ଟ ନୁହଇ । ଏଣିକି ଏଭଳି ମୋକଦ୍ଦମାମାନ ଅଧିକ ଦଣ୍ଡ ଦିଆଇବା ଆଶାରେ ମାଜିଷ୍ଟ୍ରେଟମାନେ ସ୍ୱୟଂ ବିଚାର ନ କରି ଫୌଜଦାରୀ ଅଦାଲତକୁ ବିଚାର ନିମିତ୍ତ ପଠାଇବେ । ଉତ୍ତମ ।

ଗତ ସିତମ୍ବର ମାସ ତା ୨୧ ଓ ୨୨ ରିଖମାନଙ୍କରେ ଲହୋରଠାରେ ପୁଣି ପଙ୍ଗପାଳ ଦେଖା ଦେଇଥିବାର ସମ୍ବାଦ ମିଳଇ । ଲୋକେ ଅନେକ ଦିନ ଏମାନଙ୍କୁ ନ ଦେଖି ମନେ କରିଥିଲେ ଏମାନେ ଦେଶ ଛାଡ଼ି ପଳାଇ ଯାଇଅଛନ୍ତି ମାତ୍ର ସେମାନଙ୍କର ଅନୁମାନ ଭ୍ରମପୂର୍ଣ୍ଣ ଥିବାର ଦେଖାଗଲା । ଏମାନଙ୍କର ବଂଶ ଲୋପ ହୋଇ ନାହିଁ । ସୁତରାଂ ଅନୁମାନ ହୁଅଇ ଏଥର ଏମାନେ ଅଣ୍ଡା ଦେଇଯିବେ । ଏପରି ହେଲେତ ଆଉ ରକ୍ଷା ନାହିଁ ।

ମାନ୍ୟବର ବଡ଼ଲାଟ ମହୋଦୟ ଡିସେମ୍ବରମାସ ତା ୪ ରିଖରେ କଲିକତାରେ "ଲେଭି" କରିବେ । ଲେଡ଼ୀ ଲ୍ୟାନ୍ସଡାଉନ ଉକ୍ତ ମାସ ତା ୧୦ ରିଖରେ "ଡ୍ରଇଂରୁମ" କରିବେ ।

ଯେହିଁ ସ୍ୱରକ୍ଷଣ ନିମିତ୍ତ କେତେକଣ ଡକାଇତ ନାମରେ ବର୍ତ୍ତମାନ ଫୌଜଦାରୀ ମାମଲା ଚଳୁଅଛି ସେହି ସ୍ୱରକ୍ଷଣ ହାଇଦରାବାଦକୁ ରେଲରେ ପଠାଯାଉଅଛି । ଏହା ଲୁହାବାକ୍ସରେ ବନ୍ଦ ହୋଇଅଛି ଏବଂ ସଙ୍ଗରେ ଜ ୨ ୦ ମୁ ୟୁରୋପୀୟ ପୁଲିସ ସର୍ଜ୍ଜନ ପହରା ଦେବାକୁ ଯାଉଛନ୍ତି ।

ମାନ୍ଦ୍ରାଜନଗରରେ ଇନ୍‌ଫ୍ଲୁଏଞ୍ଜା ରୋଗ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ଏରୋଗ କି କଦାପି ହେବ ନାହିଁ ?

କୋଟିଏ ବୋମ୍ବାଇର ଗୀବନବୀମାଅଫିସରୁ ଅନେକ ଟଙ୍କା ଆତ୍ମସାତ କରିଥିବା ଅପରାଧରେ ଜଣେ ପାର୍ସି ଅଭିଯୁକ୍ତଙ୍କ ନାମରେ ବୋମ୍ବାଇ ହାଇକୋର୍ଟରେ ଚଉରି ମୋକଦ୍ଦମା ଚଳୁଅଛି । ଗଚ୍ଛିତ ଟଙ୍କା କି ଏହିରୂପେ ନଷ୍ଟ ହୁଅଇ ?

ରୁଷିଆ ଓ ପାରସ୍ୟ ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ ନୂତନ ସନ୍ଧି ହେଉଥିବାର ସମ୍ବାଦ ମିଳଇ । ଉକ୍ତ ସନ୍ଧିରୁ ଅନ୍ୟ ଜାତିମାନେ ଅନ୍ତର ରହିବାରୁ ସେଥି ଅଛି ମଧ୍ୟ ପାରସ୍ୟ ରୁଷିଆଦ୍ୱାରା ରକ୍ଷିତ ହେବାର ସୂଚନା ଦେଉଅଛି ।

'ବଙ୍ଗବାସୀର ମୋକଦ୍ଦମା ସମ୍ବନ୍ଧରେ ଭାରତର ଟାଇମସ ପତ୍ରିକା ଲେଖିଅଛନ୍ତି ଯେ ପ୍ରଥମେ ଉକ୍ତ ସମ୍ବାଦପତ୍ର ନାମରେ ମୋକଦ୍ଦମା ଦାଏର କରି ପରେ ଅପଣାର କର୍ତ୍ତୃତ୍ୱ ସମର୍ଥିତ ହେଲା ଉତ୍ତାରୁ ମୋକଦ୍ଦମାରୁ ଅନ୍ତର ହୋଇ ଗବର୍ଣ୍ଣମେଣ୍ଟ ଉଚିତ କାର୍ଯ୍ୟ କରିଅଛନ୍ତି ।

ଗତ ସୋମବାର ଦିନ ବେଣାରସଠାରେ ଭୂମିକମ୍ପ ହୋଇ ଥିଲା ।

ଢାକାଜିଲା ଅନ୍ତର୍ଗତ ଜୟଦେବପୁରନିବାସୀ ରାଜା ରାଜେନ୍ଦ୍ରନାରାୟଣ ରାୟ ସ୍ୱର୍ଗୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସ୍ମରଣଚିହ୍ନ ସ୍ୱରୂପେ ଢାକାକଲେଜରେ ପ୍ରତିମାସିକ ଦଶ ଟଙ୍କାର କୋଟିଏ ବୃତ୍ତି ସ୍ଥାପନ କରିଅଛନ୍ତି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ଏ ଆଶ୍ୱିନମାସ ଅପରପକ୍ଷରେ ବ୍ରାହ୍ମଣମାନେ ଯେଉଁ ମହାଳୟା ଶ୍ରାଦ୍ଧ କରନ୍ତି ସେଥିମଧ୍ୟରୁ କେତେକ ଲୋକ ମୃତାହ ତିଥିରେ କେତେକ ଲୋକ ଅମାବାସ୍ୟା ଦିନ କରନ୍ତି । ଏଥିରୁ ଏ ଶ୍ରାଦ୍ଧ ମୃତାହ ତିଥିରେ କରିବା ଉଚିତ କି ଅମାବାସ୍ୟା ଦିନ କରିବା ଉଚିତ ଆପଣଙ୍କ ପାଠକବର୍ଗଙ୍କ ମଧ୍ୟରୁ କେହି ଏଥିର ଉତ୍ତର ସୁଯୁକ୍ତି ସହିତ ଦେଲେ ବାଧିତ ହେବି ଓ ସଂଶୟ ମୋଚନ ହେବ । ଇତି ।

୨୧୧୦।୯୧ । ନ । ଜଣେ ପାଠକ ।

---

ମହାଶୟ !

ଏଠା ମିଉନିସିପାଲିଟିର ଟଙ୍କା ବଢ଼ିଯିବାରୁ ଗତବର୍ଷରେ ବଡ଼ ଆନ୍ଦୋଳନ ଲାଗିଥିଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୬ ଶ | ୪୪ ସଂଖ୍ୟା
ତା ୭ ଋଣ ମାହେ ନବେମ୍ବର ସନ ୧୮୯୧ ନହିତ୍ରା । ମୁ । କାର୍ତ୍ତିକ ୨ ୨୩ ଜ ସନ ୧୨୯୯ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬॥

ସଂଜୀବନୀରେ ପାଠକଙ୍କୁ ଜଣାଇଥାଉଁ ଓ ଡ୍ରଏିଂ ପରୀକ୍ଷା ନର୍ମାଲସ୍କୁଲମାନଙ୍କରେ ଚଳାଇବାକୁ ମାନ୍ୟବର ଲେଫ୍ଟେନାଣ୍ଟ ଇଚ୍ଛା କରି ଅଛନ୍ତି । ଯେଉଁ ଛାତ୍ର ଡ୍ରଏିଂପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବ ସେ ଅନ୍ୟାନ୍ୟ ବିଷୟରେ ଭଲ ନମ୍ବର ପାଇଲେ ସୁଦ୍ଧା ଉତ୍ତୀର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ପରିଗଣିତ ହେବ ନାହିଁ । ମଧ୍ୟପ୍ରଦେଶରେ ଏନିୟମ ପ୍ରଚଳିତ ଅଛି ।

---

ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ହୃଷ୍ଟ୍ରୋଲର ମ୍ୟାନେଜର ବାବୁ ଗୋବର୍ଦ୍ଧନ ଘୋଷାଲ ବୈଦ୍ୟନାଥ କୁଷ୍ଠାଶ୍ରମ ସାହାଯ୍ୟ ନିମନ୍ତେ ଟ ୫୯ ଙ୍କା ଅମ୍ଭମାନଙ୍କ ନିକଟକୁ ପଠାଇ ଅଛନ୍ତି । ଅମ୍ଭେମାନେ ଆଶା କରୁଁ ଯେ ଏହି ସାଧୁ ଉଦାହରଣର ଅନୁକରଣ କରିବାକୁ ଅନେକଲୋକ ବାହାରିବେ ଏବଂ ଆମ୍ଭେମାନେ ଅନେକ ଶୁଭଏ ଟଙ୍କା ଏକଥେ ପଠାଇ ବାକୁ ସମର୍ଥ ହେବୁଁ ।

---

ଅତ୍ୟନ୍ତ ଆନନ୍ଦ ସହିତ ସଞ୍ଜୀବନୀରୁ ଅବଗତ ହେଲୁଁ ଯେ କେହି ବ୍ୟକ୍ତି ବୈଦ୍ୟନାଥ କୁଷ୍ଠାଶ୍ରମକୁ ଏ[illegible] କାଳୀନ ନଗଦ ଟ ୫୦୦୯ଙ୍କା ଦାନ ଏବଂ ପଞ୍ଚା[illegible] ଖଣ୍ଡ ଖଟିଆ ଖ ୫୦ ଖଣ୍ଡ କମ୍ବଳ ଏବଂ ଖ [illegible] ଖଣ୍ଡ ଧୋତିର ମୂଲ୍ୟ ପ୍ରଦାନ କରିବାକୁ ଅଙ୍ଗୀକାର କରି ଅଛନ୍ତି । ଅଥଚ ଆପଣାର ନାମ ଗୋପନ ରଖି ଅଛନ୍ତି । ଏହିପରି ଲୋକ ଯଥାର୍ଥ ପୁଣ୍ୟବାନ୍ ଓ ସର୍ବସାଧାରଣଙ୍କ ଧନ୍ୟବାଦର ପାତ୍ର । ଭରସା କରୁଁ ଏହାଙ୍କ ଅନୁକରଣ କରିବାକୁ ଅପରଲୋକେ ପ୍ରବୃତ୍ତ ହେବେ ।

---

ବାଲେଶ୍ୱରର ମୁନସଫ ବାବୁ କ୍ଷେତ୍ରମୋହନ ମିତ୍ର ବଦଳି ହେବାରୁ ସେହି ଉପଲକ୍ଷରେ କୁମାରପୂର୍ଣ୍ଣିମା ରାତ୍ରରେ ବାବୁ ରାଧାରମଣ ଦାସଙ୍କ କୋଠାରେ ଭାରି ଆଡ଼ମ୍ବର ସହିତ ଭୋଜି ଓ ମଜଲିସ ହୋଇଥିଲା । ଏବଂ ନଗରର ସମସ୍ତଶ୍ରେଣୀସ୍ଥ ଭଦ୍ରଲୋକ ଆହୂତ ହୋଇଥିଲେ । ବାଲେଶ୍ୱରର ସୌଖିନଦଳ ଦୁର୍ଯ୍ୟୋଧନ ଉରୁଭଙ୍ଗ ଯାତ୍ରା କରିଥିଲେ ଓ ରାତ୍ରି ଦୁଇପ୍ରହର ପର୍ଯ୍ୟନ୍ତ ସମସ୍ତେ ଆମୋଦ ପ୍ରମୋଦ କରି ଏବଂ ବକ୍ତାଦ୍ୱାରା କ୍ଷେତ୍ରମୋହନ ବାବୁଙ୍କୁ ସମ୍ମାନିତ କରି ସମସ୍ତେ ବିଦାୟ ହୋଇଗଲେ ।

---

ବିଲାତରୁ ତାରଡାକଯୋଗେ ସମ୍ବାଦ ଆସିଅଛି କି କାବୁଲର ଅମିର ରୁଷିଆ ସହିତ ବାଣିଜ୍ୟର ବନ୍ଦୋବସ୍ତ କରିବା କାରଣ ଏକଦଳ ପ୍ରତିନିଧି ରୁଷିଆର ରାଜଧାନୀ ସେଣ୍ଟପିଟର୍ସବର୍ଗକୁ ପଠାଇ ଅଛନ୍ତି । ରୁଷିଆ ଯେ ଏଥିରେ ସମ୍ମତ ହେବ ସନ୍ଦେହ ନାହିଁ ଏବଂ ତାହା ହେଲେ ରୁଷିଆ ଓ କାବୁଲ ମଧ୍ୟରେ ପ୍ରଣୟ ବୃଦ୍ଧି ହେବ । ଏଥିରୁ ବୋଧ ହୁଅଇ କାବୁଲମାନେ ଇଂରାଜଙ୍କ ସହିତ ବାଣିଜ୍ୟ କରିବାଠାରୁ ରୁଷିଆ ସହିତ ତାହା କରିବା ଲାଭଜନକ ମନେ କରି ଅଛନ୍ତି । ଇଂରାଜ ବାର୍ଷିକ ଏତେଟଙ୍କା ଦେଇ ଅମିରଙ୍କୁ ହାତରେ ରଖିବାର କି ଫଳ ହେଲା ?

---

ବାବୁ ମଧୁସୂଦନଦାସ ମିଉନିସପାଲ ଅଫିସର ଥା ୨୦ ଖ ରେ କମିଶନରପଦରୁ ରହିତ ହେବାରୁ କଟକ ମିଉନିସପାଲିଟୀର ନ ୧ ମ୍ବର ୱାର୍ଡର ପୁନଃ ନିର୍ବାଚନ କରଣାର୍ଥେ ଆଗାମୀ ଯାନୁଏରୀମାସ ତା ୧୮ ରଖ ନିରୂପିତ ହୋଇଅଛି । ଏହି ବିଜ୍ଞାପନ ଗତ ତା ୨୮ ରଖ କଲିକତା ଗେଜେଟରେ ପ୍ରକାଶିତ ହୋଇ ଅଛି । ଦୁଇ ସପ୍ତାହ ମଧ୍ୟରେ ଉକ୍ତ ୱାର୍ଡର ଟାକ୍ସଦାତାମାନେ ଯାହାଙ୍କୁ କମିଶନର କରିବାର ପସନ୍ଦ କରନ୍ତି ସେମାନଙ୍କର ନାମ ଲେଖି ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ପଠାଇବେ ଏଥିରେ ହେଳା କଲେ ସେମାନଙ୍କର କମିଶନର ମନୋନୀତ କରିବାର ଅଧିକାର ଲୋପ ହେବ ।

---

ଗତସପ୍ତାହରେ ଧାନବିଲକୁ ଜଳ ନେବାର ସମ୍ବନ୍ଧରେ ଝଙ୍କଡ଼ ଏଲାକାରେ ଗୋଟିଏ ଭାରି ଦଙ୍ଗା ହୋଇଅଛି । କଥିତ ହୁଅଇ ଯେ ବୁଢ଼ାନଦୀ ନାମକ ସଫାଇନାଲରେ କୃଷିମାନେ ବନ୍ଧ ପକାଇ କ୍ଷେତକୁ ଜଳ ନେବାର ଚେଷ୍ଟା କରୁଥିଲେ ବାଉକମାସ୍ତ୍ରୀପକ୍ଷରୁ ଆପତ୍ତି ହେବାରୁ ସେହିବିଷୟରେ କଳି ହୋଇ ଗ୍ରାମବାସି ଜ ଣେ

ଶତଲୋକ ଠେଙ୍ଗା ବାଡି ଘେନି ବଟଲର ସାହେବ ଇଞ୍ଜିନୟର ଓ ବାରଲୋ ସାହେବ ଅସିଷ୍ଟାଣ୍ଟଙ୍କୁ ଆକ୍ରମଣ କଲେ । ବାରଲୋ ସାହେବ ଘୋଡ଼ା ଚଢ଼ି ପଳାଇ ଆସି ରକ୍ଷା ପାଇଲେ ମାତ୍ର ବଟଲର ସାହେବଙ୍କ ଘୋଡ଼ା-ସଇସ ଓ ଖୋଦ ସାହେବଙ୍କୁ ବଡ଼ମାଡ ହେଲା । ପୁଲିସ ମୋକଦମା ତଦାରଖ କରିବାକୁ ଯାଇ ଅଛନ୍ତି । ମୋକଦମା ଉପସ୍ଥିତ ହେଲେ ସକଳ ବିଷୟ ଜଣା ପଡ଼ିବ । ଆମ୍ଭେମାନେ ଜନରବ ଯାହା ଶୁଣି ଅଛୁଁ ତେଣୁ ମତ ପ୍ରକାଶ କଲୁଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ କାଲେଣ୍ଡର ସମ୍ବାଦବାହିକାରେ ପାଠକଲୁଁ କି ଲକ୍ଷ୍ମଣନାଥର ମହାଶୟ ବାବୁ ହେରମ୍ବନାରାୟଣରାୟ ଅପୁତ୍ରିକ ଅବସ୍ଥାରେ ଏବଂ ବା ୪୨ ବର୍ଷ ବୟସରେ ଗତକାର୍ତ୍ତିକ ଦଶମୀ ବାସିଦିନ ମାନବଲୀଳା ସମ୍ବରଣ କଲେ । କେତେଦିନ ପୂର୍ବରୁ ସାମାନ୍ୟ ଜ୍ୱର ହୋଇଥିଲା, ମୃତ୍ୟୁ ଦିନ ତମାଖୁ ଖାଇ ଉଠିଆସି ଆହ୍ନିକ ବସିବା ସମୟରେ ପ୍ରାଣ ବାହାରି ଗଲା । ଏ ମହାଶୟ ଜଣେ ଶିକ୍ଷିତ ଜମିଦାର ଥିଲେ । ଅଳ୍ପ ବୟସରେ ଏହାଙ୍କର ହଠାତ୍ ମୃତ୍ୟୁ ବଡ ଦୁଃଖର ବିଷୟ ଅଟଇ । ଏହାଙ୍କ କନିଷ୍ଠ ସହୋଦର ବାବୁ ହରେନ୍ଦ୍ରନାରାୟଣ ରାୟ ଯେ ବି ଏ, ପାଶ କରି ଡେପୁଟୀମାଜିଷ୍ଟ୍ରେଟୀ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଅଛନ୍ତି । ସମ୍ପ୍ରତି ଲକ୍ଷ୍ମଣନାଥ ମହାଶୟଙ୍କ ଗଦି ପାଇବାର କଥା । ପରମେଶ୍ୱର ଏହାଙ୍କୁ ଦୀର୍ଘାୟୁ କରନ୍ତୁ । ଏବଂ ମୃତ ମହାଶୟଙ୍କ ପରିବାରବର୍ଗଙ୍କ ହୃଦୟରେ ସାନ୍ତ୍ୱନା ପ୍ରଦାନ କରନ୍ତୁ ।

---

ପାମିରରାଜ୍ୟ ରୁଷିୟା ହସ୍ତଗତ କରିଥିବା ସମ୍ବନ୍ଧରେ କପ୍ତାନ ୟଙ୍ଗ ହଜବ୍ୟଣ୍ଡ ଭାରତକୁ ଫେରିଆସି ଭାରତଗବର୍ଣ୍ଣମେଣ୍ଟଙ୍କ ସହିତ ସ୍ୱୟଂ ସାକ୍ଷାତ କରି ସମୁଦାୟ ବିଷୟ ନ କହିବାପର୍ଯ୍ୟନ୍ତ ଇଂରାଜ ଗବର୍ଣ୍ଣମେଣ୍ଟ ହସ୍ତକ୍ଷେପଣ କରିବେ ନାହିଁ ବୋଲି ନିଷ୍ପତ୍ତି କରିଅଛନ୍ତି । ପାମିର ରାଜ୍ୟର ଏକସୀମା କାଶ୍ମୀରକୁ ଲାଗିଅଛି ଏବଂ ବଡ଼ଲାଟ ମଧ୍ୟ କାଶ୍ମୀରକୁ ଗମନ କରିଅଛନ୍ତି । ବୋଧ ହୁଅଇ ସେଠାରେ କପ୍ତାନଙ୍କସହିତ ସାକ୍ଷାତ ହୋଇ ପରାମର୍ଶ ସ୍ଥିର ହେବ । ଚୀନ ତୁର୍କିସ୍ଥାନର ସୀମାକୁ ମଧ୍ୟ ଲାଗିଅଛି । ଚୀନ ତୁର୍କିସ୍ଥାନର ନୂତନ ଗବର୍ଣ୍ଣରଙ୍କପ୍ରତି କ୍ୟାସଗର ରାଜ୍ୟକୁ ଯିବାକାରଣ ଆଦେଶ ହୋଇ ଅଛି ଏବଂ ଇତିମଧ୍ୟରେ ରୁଷୀୟସେନା ଚୀନରାଜ୍ୟରେ ପହୁଞ୍ଚିଥିବାର ହେତୁ କସ ଇହାଁର କୈଫିୟତ ରୁଷୀୟ ଗବର୍ଣ୍ଣମେଣ୍ଟଙ୍କଠାରୁ ନେବାକାରଣ ଚୀନଗବର୍ଣ୍ଣମେଣ୍ଟ ଆପଣାର ସେଣ୍ଟପିଟର୍ସବର୍ଗରେ ଥିବା ଦୂତନିକଟକୁ ଆଦେଶ ପଠାଇଅଛନ୍ତି ।

---

କଲିକତାର ଏକ ସମ୍ବାଦପତ୍ରର ଜଣେ ସମ୍ବାଦଦାତା ଇସ୍ପାହନଠାରୁ ଲେଖିଅଛନ୍ତି କି ପାରସର ସାହ ବ ୨୧ ର୍ଷ ପୂର୍ବେ କରବଲାତୀର୍ଥକୁ ଯିବା କାଳରେ ଗୋଟିଏ ସୁନ୍ଦରୀ କନ୍ୟା ଭେଟିବାରେ ତାହା ଉପରେ ଆସକ୍ତ ହୋଇ ସିଘାନିୟମରେ ତାହାକୁ ବିବାହ ହେଲେ । (ସିଘାବିବାହର ଅର୍ଥ ନିର୍ଦ୍ଦିଷ୍ଟକାଳର ବିବାହ ଅର୍ଥାତ ଇହାଁର ସ୍ଥାୟିତ୍ୱ ଦୁଇ ଚାରି ଘଣ୍ଟା ବା ଅନେକ ବର୍ଷ ହୋଇ ପାରେ ମାତ୍ର ଏଥିରେ ସନ୍ତାନାଦି ଜନ୍ମ ହେଲେ ସେମାନଙ୍କର ଅଧିକାର ନିୟମିତ ଅର୍ଥାତ 'ଅକଦ' ବିବାହଜାତ ସନ୍ତାନତୁଲ୍ୟ ଅଟଇ ) ସେସ୍ଥାନରୁ ଆସିବା ସମୟରେ ବାଦସାହ ଉକ୍ତ ସ୍ତ୍ରୀକି ଆପଣାର ଦସ୍ତଖତ ଓ କସାନୀ ସଙ୍କେତ ଦେଇ ଆସି ଥିଲେ । ଉକ୍ତ ଘଟଣାରେ ଗୋଟିଏ ପୁତ୍ର ଜାତ ହେବାରୁ ତାହାର ମାତା ବ ୨୦ ର୍ଷ ତାହାକୁ ପ୍ରତିପାଳନ କରି ସଙ୍କେତସହିତ ବର୍ତ୍ତମାନ ପାରସରାଜସାହଙ୍କ ନିକଟକୁ ପଠାଇ ଦେଇ ଅଛି ଓ ସାହ ଆପଣା ଦସ୍ତଖତ ଓ କସାନୀ ଦେଖି ପୂର୍ବକଥା ସ୍ମରଣ କରି ବିଶେଷତଃ ପୁତ୍ରର ମୁଖରେ ଇହାଁର ପ୍ରମାଣ ପାଇ ତାହାକୁ 'ସାହାଯାଦା' ଅର୍ଥାତ ରାଜକୁମାର ବୋଲି ଗ୍ରହଣ କରି ସମ୍ମାନସହିତ ନିର୍ବ୍ବାହର ଖର୍ଚ୍ଚା ଜାରି କରି ଦେଇ ଅଛନ୍ତି ଏବଂ ଶିକ୍ଷା ନିମନ୍ତେ ଜଣେ ଶିକ୍ଷକ ନିଯୁକ୍ତ କରି ଅଛନ୍ତି ।

---

ଚୀନରାଜ୍ୟର ଲକ୍ଷ ବାଳକା ଓ ଯୁବତୀ କେବଳ ଗୃହକାର୍ଯ୍ୟ ଓ ସୂତଦ୍ୱାରା ଲୁଗାରେ ଫୁଲ ପକାଇବା କାର୍ଯ୍ୟ ଭିନ୍ନ ଅପର କୌଣସି କାର୍ଯ୍ୟ ପାଉ ନ ଥିବାର ଦେଖି ସେଠାର ସାମ୍ରାଜ୍ଞୀ ଆପଣା ନଅରସଲଗ୍ନରେ ଗୋଟିଏ ରେସମର କାରଖାନା ପ୍ରସ୍ତୁତ କରୁଅଛନ୍ତି ଏବଂ ଏଥିମଧ୍ୟରେ ରେସମୀ ଲୁଗା ବୁଣିବାର ଯନ୍ତ୍ର ଇତ୍ୟାଦି ଯନ୍ତ୍ର ଓ କଳମାନ ଆମଦାନୀ କରି ଅଛନ୍ତି । ମହାରାଜ୍ଞୀଙ୍କର ଉଦ୍ଦେଶ୍ୟ ଏହି ଯେ ରେସମପୋକ ପାଳିବାଠାରୁ ରେସମଗୁଆରୁ ସୂତା ବାହାର କରିବା ଓ ରେସମ ବା ପାଟଲୁଗା ବୁଣିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସେଠିବାଳକାଠାରୁ ବୟସ୍କା ସ୍ତ୍ରୀମାନେ ତାହାଙ୍କ ନିଜତତ୍ତ୍ୱାବଧାନରେ କରିବେ ଓ ସେମାନେ ଶିକ୍ଷିତା ହେଲାରୁ ବାହାରେ କାର୍ଯ୍ୟ କରିବାକୁ ପ୍ରେରିତ ହେବେ । ଏବଂ ନୂଆ ଲୋକ ଏମାନଙ୍କ ସ୍ଥାନ ଅଧିକାର କରିବେ । ଏହିପରି ସ୍ତ୍ରୀମାନଙ୍କସକାଶେ ଗୋଟିଏ ନୂତନ ବ୍ୟବସାୟର ବାଟ ଫିଟିବ ଏବଂ ତଦ୍ୱାରା ଦେଶର ଉନ୍ନତି ହେବ । ଚୀନମହାରାଣୀଙ୍କର ଏହି ସାଧାରଣହିତକର ସଂକଳ୍ପ ବଡ଼ ପ୍ରଶଂସନୀୟ ଅଟଇ । ବିଦେଶୀୟ ଜଣେ ମହାରାଣୀଙ୍କର ଏପରି ବ୍ୟବହାରର କଥା ଶୁଣି ଅସ୍ମଦେଶୀୟ ବଡ଼ଲୋକଙ୍କ ଘରଣୀମାନେ ଆଳସ୍ୟ ତ୍ୟାଗ କରିବାକୁ ସମ୍ମତ ହେବେ କି ?।

---

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର କାଶ୍ମୀରରେ ପ୍ରବେଶ ହେବାରୁ ସେଠାର ମହାରାଜା ତାହାଙ୍କ ଅଭ୍ୟର୍ଥନାର ଅନ୍ୟାନ୍ୟ ଅନୁଷ୍ଠାନମଧ୍ୟରେ ଏକ ଭୋଜ ଦେଇଥିଲେ । ଉକ୍ତ ଭୋଜରେ ମହାମାନ୍ୟ ଲାଟ ବାହାଦୁର ଯେ ବକ୍ତୃତା କରିଥିଲେ ତହିଁରେ କହିଲେ କି ଶ୍ରୀମତୀ ଭାରତେଶ୍ୱରୀଙ୍କର ମହାରାଜାଙ୍କସହିତ ଯେଉଁ ବନ୍ଧୁତା ଅଛି ତାହା ଇଣ୍ଡିୟା ଗବର୍ଣ୍ଣମେଣ୍ଟ ସର୍ବ୍ବଦା ଦୃଢ଼ ରଖିବାକୁ ତତ୍ପର ଏବଂ ସେସମ୍ବନ୍ଧର କୌଣସି ବ୍ୟତିକ୍ରମ ଘଟିବ ନାହିଁ । କାଶ୍ମୀରରାଜ୍ୟର ଶାସନଘଟିତ ଯେ ସମସ୍ତ ତ୍ରୁଟି ଥିଲା ସେସମସ୍ତ ସଂଶୋଧିତ ହୋଇ ରାଜ୍ୟର ଶାସନକାର୍ଯ୍ୟ ବର୍ତ୍ତମାନ ସୁଶୃଙ୍ଖଳାରେ ହେଉଥିବାର ଦେଖି ସେ ବଡ଼ ପ୍ରୀତ ହେଲେ ଏବଂ ତହିଁପାଇ ମହାରାଜା ଓ ତାହାଙ୍କ ଦରବାରସ୍ଥ ପ୍ରଧାନ କର୍ମଚାରୀଙ୍କର ପ୍ରଶଂସା କଲେ । ଆମ୍ଭେମାନେ ଲାଟ ସାହେବଙ୍କର କାଶ୍ମୀର ମହାରାଜାଙ୍କପ୍ରତି ଏପରି ଅନୁକୂଳଭାବ ଶୁଣି ବଡ଼ ଆନନ୍ଦିତ ହେଲୁଁ ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି କି ମହାରାଜା କେବେ ଆପଣାର ପୂର୍ଣ୍ଣ ଅଧିକାର ପୁନଃ ପ୍ରାପ୍ତ ହେବେ ସେ ବିଷୟରେ କିଛି କହିଲେ ନାହିଁ । ଏ ବିଷୟରେ ଆଶ୍ୱାସ ବାକ୍ୟପ୍ରଦାନ କରିଥିଲେ ବଡ଼ଭଲ ହୋଇଥାନ୍ତା । ତାହା ନ ହେବାରୁ ତାହାଙ୍କର ପ୍ରଶଂସାବାକ୍ୟଗୁଡ଼ିକ କେମନ୍ତ ମୌଖିକ ନିଷ୍ଫଳାପପରି ଜଣା ଯାଉ ଅଛି ।

---

ରୁଷିୟା ପାମିରରାଜ୍ୟକୁ ଗତ [illegible] କରି ସେ ରାଜ୍ୟ ଅଧିକାର କରି ରଖିଥିବା ଓ

Digitized by srujanika@gmail.com

Split by PDF Splitter



ଇଂରାଜସୈନ୍ୟାଧକ୍ଷ କର୍ଣ୍ଣେଲ ୟଂଗହଜ୍‌ବଣ୍ଡଙ୍କୁ ସେଠାରୁ ତଡ଼ିଦେଇଥିବା ହେତୁ ଭୂମୁଳ ଆନ୍ଦୋଳନ ଲାଗିଅଛି। ଅନେକେ କହନ୍ତି ରୁଷିୟା ରାଜ୍ୟ ବିସ୍ତାର କରୁ ନାହିଁ କେବଳ ଆଫଗାନ ଓ ରୁଷିୟା ରାଜ୍ୟର ସରହଦ ସୀମା ଚିହ୍ନଟ କରିବାରେ ଗୋଳମାଳ ଥିବାରୁ ଏହା ଘଟିଅଛି। ଯେଉଁ ରାଜ୍ୟ ନିମିତ୍ତ ଗୋଳମାଳ ଲାଗିଅଛି ତାହା ଜଙ୍ଗଲ ଓ ପତିତଭୂମି ଅଟେ ଏବଂ ଅନ୍ୟପକ୍ଷୀୟ କହନ୍ତି ଯେ ଆଫଗାନମାନେ କ୍ରମାଗତ ସେଆଡ଼କୁ ମାଡ଼ିଯାଇ ଏବେ ନିଜର ବୋଲି ଦାବି କରୁଅଛନ୍ତି। ଯାହା ହେଉ କଥାଟା ସାମାନ୍ୟ ନୁହଇ। ଯେବେ ପ୍ରକୃତରେ ସେ ରାଜ୍ୟ ରୁଷିୟାର ଥିଲା ତେବେ ସେଆଡ଼କୁ ମାଡ଼ିଯାଇ ପ୍ରବଳରାଜ୍ୟସଙ୍ଗେ କଳି ଭିଆଇବା ଏକାନ୍ତ ଅନୁଚିତ। ଅନ୍ୟଥା ରୁଷିୟା ପରରାଜ୍ୟ ହସ୍ତଗତ କରି ଭାରତଆଡ଼କୁ ଅଗ୍ରସର ହେଉଥିଲେ ତାହା ରୋଧ କରିବା ଏକାନ୍ତ ଉଚିତ। ଏ ସମ୍ବନ୍ଧରେ ଇଂରାଜ-ଗବର୍ଣ୍ଣମେଣ୍ଟ କି କରିବେ ତାହା ଅଦ୍ୟାପି ନିଶ୍ଚୟ ହୋଇ ନାହିଁ। ସେଣ୍ଟ୍ ପିଟର୍ସବର୍ଗସ୍ଥ ଇଂରାଜଦୂତ ବର୍ତ୍ତମାନ ବିଲାତରେ ଛୁଟୀରେ ଥିବାରୁ ତାଙ୍କ ସହିତ ଗବର୍ଣ୍ଣମେଣ୍ଟ ପରାମର୍ଶ କରୁଅଛନ୍ତି। କଥିତ ହୁଏ ଇଂଲଣ୍ଡ ଏବଂ ଚୀନ ଉଭୟ ରୁଷିୟାର ଏ କାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କରିବେ।

---

ଛୋଟନାଗପୁରବିଭାଗର ଗତବର୍ଷର ବାର୍ଷିକ ବିବରଣରୁ ପ୍ରକାଶ ଯେ ବଙ୍ଗଳା ନାଗପୁର-ରେଲବାଟ ଫିଟିବାରୁ ଉକ୍ତ ବିଭାଗର ଲୋକଙ୍କ ଅବସ୍ଥା ଭଲ ହୋଇଅଛି। ମୂଲିଆଙ୍କର ମୂଲ ପୂର୍ବାପେକ୍ଷା ବୃଦ୍ଧି ହୋଇଅଛି। ଏବଂ କୁଲିଚାଲାନି ବିସ୍ତର ଊଣା ହୋଇଅଛି ଅର୍ଥାତ୍ ବର୍ତ୍ତିତ ବର୍ଷରେ କେବଳ ୧୦୦୬୬ କୁଲି ପ୍ରେରିତ ହୋଇଥିଲେ ମାତ୍ର ତହିଁ ପୂର୍ବ ବର୍ଷ ୨୮୭୩୦ ଜଣ କୁଲି ଯାଇଥିଲେ। କୋଲ୍ଲ ପ୍ରଜାମାନେ ବେଠିଦାୟରୁ ରକ୍ଷାପାଇବା କାରଣ ଗତବର୍ଷରୁ ଆନ୍ଦୋଳନ କରିବାରୁ ବେଠି ବଦଳରେ ଖଜଣା ଧାର୍ଯ୍ୟ କରିବା ଏବଂ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନ ଛୋଟନାଗପୁର ପ୍ରଦେଶରେ ଜାରିକରିବାର ପ୍ରସ୍ତାବ ହୋଇ ଗବର୍ଣ୍ଣମେଣ୍ଟ-ଇଣ୍ଡିୟାଙ୍କ ବିଚାରାଧୀନରେ ଅଛି। ଲାକ୍ଷା, ଗୁହା, ତସର, ଓ ନୀଳବଡ଼ି ଏପ୍ରଦେଶରେ ପ୍ରଧାନ ବ୍ୟବସାୟ ଅଟଇ। ଲୋକଙ୍କ ଅବସ୍ଥା ଭଲ ହେବାରୁ ବିଲାତିଲୁଗାର ଆମଦାନୀ ବିସ୍ତର ବୃଦ୍ଧି ହୋଇଅଛି। ଖଣିଜ ଦ୍ରବ୍ୟର କାରବାର ମଧ୍ୟ ବୃଦ୍ଧି ହୋଇଅଛି। ବର୍ତ୍ତିତବର୍ଷରେ ପ୍ରାୟ ୨୯୦୦୦ ଟଣ ତମ୍ବା ଓ ୨୨୨୦୯ ଟଣ ମେଘନାଲ ଅମଦାନୀ ହୋଇଥିଲା। ପଥରକୋଇଲାଖଣି ଫିଟାଇବାର ବନ୍ଦୋବସ୍ତ ଲାଗିଅଛି ଏବଂ ସୁନା ରୂପା ଓ ଶିଶା ଆୟ କରିବା କାରଣ କେତେଟା କମ୍ପାନି ଗଠିତ ହୋଇଅଛି। ଏପ୍ରଦେଶର ଘାଟଉଆଳ ପୁଲିସ ଜାଗିରଜମି ଭୋଗ କରନ୍ତି। ସମ୍ପ୍ରତି ସେମାନଙ୍କର ଜାଗିର ବାଯାପ୍ତି କରି ନଗଦ ବେତନ ଦିଆଯିବାର ପ୍ରସ୍ତାବ ହେଉଅଛି।

---

ବୃଷ୍ଟି ନ ହେବାରୁ ଫସଲହାନିର ଯେପରି ଆଶଙ୍କା ହୋଇଥିଲା ଗତସପ୍ତାହରେ ଜଣାଇ ଅଛୁଁ। ଲୋକେ ଆତଙ୍କିତ ହୋଇ ଏକ ଅଗ୍ରା ଭଲ ବୃଷ୍ଟି ସକାଶେ ରଡ଼ି ପକାଇଲେ ମାତ୍ର କଳକାଳର କର୍ତ୍ତୃର ଏପରି ଯେ ଇନ୍ଦ୍ରଦେବତା ତହିଁରେ ତୁଷ୍ଟ ହୋଇ ପ୍ରବଳ ବତାସ ସଙ୍ଗେ ଏମନ୍ତ ମେଘ ପଠାଇଲେ ଯେ ଗତ ମଙ୍ଗଳବାର ଶେଷ ରାତ୍ରଠାରୁ ଗୁରୁବାର ସନ୍ଧ୍ୟାପର୍ଯ୍ୟନ୍ତ କ୍ରମାଗତ ବୃଷ୍ଟି ସହିତ ଗୋଟିଏ ତୋଫାନ ଭୋଗ ହେଲା। ବୁଧବାର ଦିନବେଳେ ବତାସର ବଳ ସାମାନ୍ୟ ଥିଲା ଏବଂ ମେଘ ବନ୍ଦ ବନ୍ଦ ପଡୁଥିବାରୁ ଲୋକେ କାର୍ଯ୍ୟୋପଲକ୍ଷରେ ପଦାକୁ ବାହାରି ପାରି ଥିଲେ ମାତ୍ର ବୁଧବାର ରାତ୍ରରୁ ଗୁରୁବାର ଦୁଇପ୍ରହର ଦୁଇଟା ପର୍ଯ୍ୟନ୍ତ ଏମନ୍ତ ବର୍ଷା ଓ ବତାସ ହେଲା ଯେ ଲୋକେ ଘରୁ ବାହାରି ପାରିଲେ ନାହିଁ। ଯାହା ହେଉ ଏନଗରରେ ତୋଫାନର ବଳ ଯେପରି ପ୍ରକାଶ ପାଇ ଥିଲା ତହିଁରେ କଦଳୀ, ସଜନା ପ୍ରଭୃତି ମଟକା ଗଛମାନ ଭାଙ୍ଗି ପଡ଼ିବା ଓ କୌଣସି କୌଣସି ଘରର ଛଟା ଉଡ଼ି ଯିବା ଭିନ୍ନ ଆଉ କିଛି ଅନିଷ୍ଟ ହୋଇ ନାହିଁ। ଅପର ସ୍ଥାନରେ ବଡ଼ ତୋଫାନ ହୋଇ ଥିବାର ଅନୁମାନ ହେଉଅଛି। ଏଥିର ବିବରଣ ଆଜିକାଲି ଜଣା ପଡ଼ିବ। ଲଗାଣ ବୃଷ୍ଟି ହେବାରୁ ମରୁଡ଼ିର ଭୟ ନିବାରଣ ହେଲା ସତ୍ୟ ମାତ୍ର ତୋଫାନ ହେତୁ ଫସଲର ଅନେକ କ୍ଷତି ହୋଇ ଥିବ ସନ୍ଦେହ ନାହିଁ। କୌଣସିରୂପେ ଏବର୍ଷ ଭଲ ଫସଲ ପାଇବାର ଲୋକେ ଯାହା ଆଶା କରି ଥିଲେ ତାହା ପୂର୍ଣ୍ଣ ହୋଇପାରିଲା ନାହିଁ। ମରୁଡ଼ିରୁ ବଞ୍ଚି ବଞ୍ଚି ତୋଫାନ ମାଡ଼ରେ ମରି ଗଲେ। ସବୁ ଦଇବଙ୍କ ଇଚ୍ଛା।

---

## ଓଡ଼ିଶାର ବାର୍ଷିକବିବରଣ।

ସନ ୧୮୯୦।୯୧ ସାଲ ବାବତ ଓଡ଼ିଶାବିଭାଗର ବାର୍ଷିକବିବରଣସମ୍ବନ୍ଧରେ ମାନ୍ୟବର ବଙ୍ଗୀୟ ଛୋଟଲାଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁର ସାରାଂଶ ନିମ୍ନେ ପ୍ରକାଶିତ ହେଲା। ଯଥା;—

ଶ୍ରୀଯୁକ୍ତ ଓରସଲୀସାହେବ ଏବର୍ଷ ଓଡ଼ିଶାର କମିଶନର ଥିଲେ କିନ୍ତୁ ବର୍ଷ ଶେଷ ଉତ୍ତାରୁ ସେ ବଦଳ ହେବାରୁ ଶ୍ରୀଯୁକ୍ତ ଟଏନବୀସାହେବ କମିଶନର ହୋଇ କେଉଁଝରର ଗସ୍ତକୁ ଯିବାରୁ ସ୍ୱୟଂ ମନୋଯୋଗପୂର୍ବକ ରିପୋର୍ଟ ଲେଖି ନ ପାରିଲେ। ଏଥିକୁ ମାନ୍ୟବର ଛୋଟଲାଟ କହନ୍ତି କି ରିପୋର୍ଟ ପଠାଇବାରେ କିଛି ବିଲମ୍ବ ହୋଇଥିଲେ କ୍ଷତି ନ ଥିଲା ମାତ୍ର କମିଶନରସାହେବ ନିଜେ ରିପୋର୍ଟ ପ୍ରତି ମନୋଯୋଗୀ ହୋଇଥାନ୍ତେ।

ଶ୍ରୀଯୁକ୍ତ ଓରସଲୀ ସାହେବ ଏକଶତ ଦିନ ଗସ୍ତ କରିଥିଲେ ମାତ୍ର ଅଧିକାଂଶ ଗଡ଼ଜାତ ଓ ଖୋରଧା ଭ୍ରମଣ ନ କରିବା ଦୁଃଖର ବିଷୟ ଅଟଇ। ବିଶେଷତଃ ସେ ଏକମାସ ପୁରୀରେ ଥିବା ପ୍ରତ୍ୟକ୍ଷେ ସେଠା କଚେରୀ ଓ ଖଜଣାଖାନା ପରିଦର୍ଶନ କରିବାର ପ୍ରକାଶ ପାଉ ନାହିଁ। କେଉଁଝରର ଗୋଳମାଳ ଗସ୍ତର ଆବଶ୍ୟକତା ଦେଖାଇ ଦେଇଅଛି।

ବୃଷ୍ଟି ଉତ୍ତମ ହୋଇଥିବାରୁ ପୁରୀ ଓ କଟକରେ ପ୍ରଚୁର ଶସ୍ୟ ହୋଇଥିଲା ଏବଂ ବାଲେଶ୍ୱରରେ କେବଳ ଅକ୍ଟୋବର ମାସପର୍ଯ୍ୟନ୍ତ ସାହାଯ୍ୟ କର୍ମ ଲାଗିଥିଲା ସେ ତହିଁରେ ସରକାରଙ୍କର ଟ ୧୭୫୦୮ ଙ୍କା ଖର୍ଚ୍ଚ ହୋଇଥିଲା। ସାଧାରଣ ସ୍ୱାସ୍ଥ୍ୟ ଭଲ ଥିଲା। ଜ୍ୱରରୋଗରେ ମୃତ୍ୟୁ କିଛି ଅଧିକ ହୋଇଥିଲେହେଁ ଓଲାଉଠା-ମୃତ୍ୟୁସଂଖ୍ୟା ୩୧୨୨ ରୁ ୨୮୪୭ କୁ ଓହ୍ଲାଇ ଆସିଥିଲା। ପୁରୀକଲେକ୍ଟର ଲେଖିଅଛନ୍ତି କି ସ୍ଥାନୀୟ ମିଉନିସିପାଲଟୀର ଅମନୋଯୋଗିତାହେତୁ ସେଠାର ସ୍ୱାସ୍ଥ୍ୟ ଉନ୍ନତି ହେବା କଠିନ। କଲେକ୍ଟର ସାହେବ ଏଥିର ଉପାୟ ଚିନ୍ତା କରୁଅଛନ୍ତି। ବାଲେଶ୍ୱରରେ ପାନୀୟ ଜଳର ସୁବ୍ୟବସ୍ଥାହେତୁ ଓଲାଉଠା ବିସ୍ତର ପରିମାଣରେ ନିବାରିତ ହୋଇଅଛି।

ଲବଣ ପୋକ୍ତାନ ଓଡ଼ିଶାର ପ୍ରଧାନ ବ୍ୟବସାୟ। ଏବିଭାଗ ମାନ୍ଦ୍ରାଜ ଲବଣବିଭାଗ-ଅନ୍ତର୍ଗତ ହୋଇଅଛି। ରାଜସ୍ୱର ହନ୍ତାରକ ହେବାରୁ ପଙ୍ଗାଲୁଣ ପୋକ୍ତାନୀ ବନ୍ଦ ହୋଇ ଅଛି।

Digitized by srujanika@gmail.com

Split by PDF Splitter



ବାଲେଶ୍ୱରରେ ମ ୯୯୦ ଜଣ ଏବଂ ପୁରୀରେ ମ ୬୧୭୬୫ ଜଣ ଗୋଡ଼ାଲୁଗ ପୋଲ୍ଲାକ ଏବଂ ପୂର୍ବସ୍ଥିତ ମ ୧୬୮୬୫ ଜଣ ବନ୍ଦୀ ହୋଇଥିଲେ । ଶିଳ୍ପକାର୍ଯ୍ୟମାନ ପୂର୍ବପ୍ରାୟ ରହିଅଛି କାହିଁରେ ଉନ୍ନତି ଦେଖାଯାଉ ନାହିଁ । ବାଣିଜ୍ୟ ପୂର୍ବବର୍ଷମାନଙ୍କଠାରୁ ଅନେକ ବୃଦ୍ଧି ହୋଇଥିଲା ଓ ମାନ୍ଦ୍ରାଜକୁ ଅନେକ ଚାଉଳ ଯାଇଥିଲା । କେବଳ ବାଲେଶ୍ୱରର ଆମଦାନୀ ଊଣା ଥିଲା । ଜାହାଜଘାଟ ଫିଟିବାରୁ ଓଡ଼ିଆମାନେ ପୂର୍ବପ୍ରାୟ ସ୍ୱଦେଶରେ ଆବଦ୍ଧ ନ ରହି ଅପର ସ୍ଥାନକୁ ଯିବା ଆସିବା କରୁଅଛନ୍ତି । ରେଲଘାଟ ଫିଟିଲେ ସବ୍ୟଦାର ବେଗ ବୃଦ୍ଧି ହେବ ।

ଶ୍ରୀଯୁକ୍ତ ରଇଲ ସାହେବ ବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ମାତ୍ର ବର୍ଣ୍ଣିତବର୍ଷମଧ୍ୟରେ ବିଶେଷ କିଛି କାର୍ଯ୍ୟ ହୋଇ ନାହିଁ । ବାଲେଶ୍ୱରରୁ ମୋଫସଲ-ଭାଟି ଉଠିଯିବା ଏବଂ ଗଡ଼ଜାତ ପଥ ଓ ଗଞ୍ଜାମର ଅଟକ ଉଠିଯିବା ଓ ପୁରୀସଡ଼କର ଚଟିଘରମାନଙ୍କ ସକାଶେ ଜଣେ ଡାକ୍ତର ନିଯୁକ୍ତ ହେବା ଏବର୍ଷର ଶାସନର ପରିବର୍ତ୍ତନ ଅଟଇ । ଓଡ଼ିଶାର ମୋଟ ଲୋକସଂଖ୍ୟା ମଧ୍ୟରେ ଶତକରା ୨ ଲେଖାଁଏ ମୁସଲମାନ ଅଛନ୍ତି ଅଥଚ ସରକାରୀକାର୍ଯ୍ୟରେ ଯେତେ ଲୋକ ନିଯୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ଶତକରା ୧୫ ଠାରୁ ୨୫ ପର୍ଯ୍ୟନ୍ତ ମୁସଲମାନ ଓ ସେମାନଙ୍କର ଉପଯୁକ୍ତ ଅଂଶ ଉଚ୍ଚଶ୍ରେଣୀର କାର୍ଯ୍ୟରେ ନିଯୁକ୍ତ ଥିବାରୁ ମୁସଲମାନମାନଙ୍କର ଗୁହାରି କରିବାର କୌଣସି କାରଣ ନାହିଁ ।

ଏପ୍ରଦେଶରେ ଅପରାଧ ଅପେକ୍ଷାକୃତ ଊଣା ମାତ୍ର ପୁଲିସର ଯୋଗ୍ୟତା ଅନ୍ୟପ୍ରଦେଶମାନଙ୍କଠାରୁ ଊଣା ଅଟଇ । ଦାନା ସୁପ୍ରାପ୍ୟହେତୁ ନିମ୍ନଶ୍ରେଣୀର ଲୋକଙ୍କ ଅବସ୍ଥା ଭଲ ଥିବାରୁ ଏବଂ ସେମାନେ ଚୌକିଦାରର ବେତନ ସହଜରେ ଦେବାକୁ ସକ୍ଷମ ହେବାରୁ ଅପରାଧ ଊଣା ପଡ଼ିଅଛି । ଚୌକିଦାରମାନେ ବେତନ ନ ପାଇଲେ ଚେଷ୍ଟା କରନ୍ତି । ବନ୍ଦୋବସ୍ତକର୍ତ୍ତା ଚୌକିଦାରଙ୍କ ସଂଖ୍ୟା ଏବଂ ଜାଗିର ଜମିସମ୍ବନ୍ଧରେ ଅନୁସନ୍ଧାନ କରି ଜଣାଇଲେ ଗବର୍ଣ୍ଣମେଣ୍ଟ ତହିଁର ସୁବ୍ୟବସ୍ଥା କରିବେ ।

ସୁକାଳ ହେବାରୁ ଓଡ଼ିଶାର ତିନିଜିଲ୍ଲାରେ ଭୂମିରାଜସ୍ୱ ସନ୍ତୋଷଜନକରୂପେ ଉସୁଲ ହୋଇଥିଲା ଏବଂ ବାକୀର ପରିମାଣ ପୂର୍ବଠାରୁ ବହୁତ ଊଣା ହୋଇଅଛି । ଖୋରଧାରେ ପୂର୍ବେ ଅନେକ ବାକୀ ପଡ଼ୁଥିଲା ଏବର୍ଷ ସେଠା ଉସୁଲକାର୍ଯ୍ୟ ଅତ୍ୟନ୍ତ ଉତ୍ତମ ହୋଇଅଛି । କେବଳ ଅନୁଗୁଳର ତହସିଲକାର୍ଯ୍ୟ ମନ୍ଦ ହୋଇଅଛି । ପଥ ଓ ପ୍ରଦେଶୀୟକରର ଉସୁଲକାର୍ଯ୍ୟ ପ୍ରଚୁର ହୋଇ ନାହିଁ ଏବଂ ଜଳକର ନିତାନ୍ତ ଅଳ୍ପ ଆଦାୟ ହୋଇଅଛି । ଜଳକରର ହାଲ ଜମା ୩୫ ଲକ୍ଷ ୪୦ ହଜାର ମଧ୍ୟରୁ କେବଳ ୨୫ ଲକ୍ଷ ଉସୁଲ ହୋଇଅଛି ଓ ବକାୟା ଜମା ଦୁଇଲକ୍ଷରୁ ବର୍ତ୍ତମାନ ଅଢ଼ାଇଲକ୍ଷ ହୋଇଅଛି । ଏ ଅବସ୍ଥା ନିତାନ୍ତ ନିନ୍ଦନୀୟ ଅଟଇ ଏବଂ ଏଥିର ପ୍ରତିବିଧାନ ନିମନ୍ତେ ଗବର୍ଣ୍ଣମେଣ୍ଟ ବିଶେଷ ମନୋଯୋଗୀ ହୋଇଅଛନ୍ତି ।

ଆବକାରୀ ରାଜସ୍ୱ ପ୍ରାୟ ସମାନ ରହିଅଛି । ମୋଫସଲଭାଟି ଉଠିଯିବାରୁ କଟକରେ ଦେଶୀୟ ମଦର ଆୟ ବୃଦ୍ଧି ଏବଂ ପୁରୀରେ ଊଣା ହୋଇଅଛି । ଷ୍ଟାମ୍ପରାଜସ୍ୱରେ ଟ ୩୬୦୦ କା ଊଣା ପଡ଼ିଅଛି । ଇନ୍‌କମ ଟିକସ ଗତବର୍ଷଠାରୁ ଅଧିକ ବନ୍ଦୋବସ୍ତ ହୋଇଥିଲା ମାତ୍ର କେତେ ଉସୁଲ ହୋଇଅଛି ଲେଖା ନାହିଁ । ମନିଅର୍ଡର ଓ ସେଭିଂ ବାଙ୍କ ଜମା ବୃଦ୍ଧିଦ୍ୱାରା ଲୋକଙ୍କ ନିଦ୍ରା ଭାଙ୍ଗିବାର ପରିଚୟ ପ୍ରାପ୍ତ ହୋଇଅଛି ।

ପୁରୀ ବସାଘରଆଇନ ସମୁଦାୟ ଜଗନ୍ନାଥସଡ଼କରେ ଜାରି ହୋଇଅଛି ଏବଂ ତହିଁର କାର୍ଯ୍ୟ କ୍ରମଶଃ ଭଲ ହେଉଅଛି । ପୁରୀରେ ୧୬୭୦୦ ଯାତ୍ରୀ ରହିବାର ଘର ଅଛି ଏବଂ ତହିଁର ଆୟ ବାର୍ଷିକ ଟ ୧୨୧୨୬୯ କା ଅଟଇ ।

ସନ ୧୮୮୮-୮୯ ରେ ୮୪୨୧ ସ୍କୁଲ ଥିଲା ଏବଂ ତହିଁରେ ୧୨୫୭୮୬ ପିଲା ପଢ଼ୁଥିଲେ । ତହିଁ ଆର ବର୍ଷ ସ୍କୁଲ ଓ ଛାତ୍ର ସଂଖ୍ୟା ବହୁତ ଊଣା ପଡ଼ିଥିଲା କିନ୍ତୁ ସନ ୧୮୯୦।୯୧ ରେ ସ୍କୁଲ ସଂଖ୍ୟା ୮୫୬୨ ଓ ଛାତ୍ର ସଂଖ୍ୟା ୧୨୮୪୬୭ କୁ ଟେକି ଅଛି । ଗଣନାଦ୍ୱାରା ଜଣାଯାଏ ଯେ ସ୍କୁଲରେ ପଢ଼ିବାଯୋଗ୍ୟ ବାଳକଙ୍କର ଶତକରା ୪୪ ଓ ବାଳିକାଙ୍କର ଶତକରା ୨ ବିଦ୍ୟାଳୟମାନଙ୍କରେ ପଢ଼ୁଅଛନ୍ତି । ଏହା ସ୍ତ୍ରୀଶିକ୍ଷାର ସନ୍ତୋଷଜନକ ହେବାର ନୁହଇ ବିଶେଷତଃ ବାଳିକାବିଦ୍ୟାଳୟ ଗତବର୍ଷ ୧୦୫ ଥିଲା ଏବର୍ଷ କେବଳ ୯୩ ରହିଲା । ମୁସଲମାନଙ୍କ ଶିକ୍ଷାର ଅବସ୍ଥା ଭଲ ଜଣାଯାଉ ଅଛି ଏବଂ ହିନ୍ଦୁବାଳକଙ୍କଠାରୁ ମୁସଲମାନବାଳକଙ୍କର ଶତକରା ଅଧିକଜଣ ବିଦ୍ୟାଳୟରେ ପଢ଼ୁଥିବାର ପ୍ରକାଶ । ନର୍ମାଲ, ମେଡିକଲ ଏବଂ ସର୍ଭେ ସ୍କୁଲମାନଙ୍କର ବିସ୍ତାରିତ ବିବରଣ ପାଇବାକୁ ମାନ୍ୟବର ଲେଟେଲାଟ ଆଶା କରନ୍ତି ।

ଓଡ଼ିଶାରେ ଦାତବ୍ୟଚିକିତ୍ସାଳୟ ସଂଖ୍ୟା ନିତାନ୍ତ ଊଣା ଅର୍ଥାତ କଟକରେ ଗୋ ୭ ଟା ଓ ପୁରୀ ଓ ବାଲେଶ୍ୱରରେ ପାଞ୍ଚଗୋଟା ଲେଖାଏଁ ଅଟଇ । ଏଥିର ସଂଖ୍ୟା ବୃଦ୍ଧି କରିବା କାରଣ କଟକର ଡିଷ୍ଟ୍ରିକ୍ଟ ବୋର୍ଡକୁ ଅନୁରୋଧ ହୋଇଅଛି ।

ଜିଲ୍ଲାବୋର୍ଡ ଏବଂ ମିଉନିସିପାଲଟୀ ସଭାମାନଙ୍କରେ ଉପସ୍ଥିତ ସଂଖ୍ୟା ପୂର୍ବଠାରୁ ଭଲ ହୋଇ ଅଛି ମାତ୍ର ସଭ୍ୟମାନେ ସଭାରେ ଉପସ୍ଥିତ ହେବା ଛଡ଼ା ଆଉକିଛି କାର୍ଯ୍ୟ କରନ୍ତି ନାହିଁ । ସଭ୍ୟମାନଙ୍କମଧ୍ୟରେ କାର୍ଯ୍ୟ ବାଣ୍ଟିଦେବାର ଉଚିତ । ଯାହା ହେଉ ଏକା ବାଲେଶ୍ୱରଛଡ଼ା ଆଉ ସବୁଠାରେ ସଭ୍ୟମାନେ ମିଳିମିଶି କାର୍ଯ୍ୟ କରିଅଛନ୍ତି । ବାଲେଶ୍ୱରର ଏହି ମନ୍ଦଅବସ୍ଥାପ୍ରତି କମିଶ୍ନର ସାହେବଙ୍କୁ ମନୋଯୋଗୀ ହେବାକାରଣ ଆଦେଶ ହୋଇଅଛି । ପୁରୀ ମିଉନିସିପଲକମିଶ୍ନରମାନେ ଯାତ୍ରିଙ୍କ କଥା ବୁଝୁ ନାହାନ୍ତି ଏହାର ପ୍ରତୀକାର ନିଧି ଆବଶ୍ୟକ ।

ବାଲେଶ୍ୱରରେ ରାଜା ବୈକୁଣ୍ଠନାଥଦେ ବାହାଦୁର ଓ ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟ ପୁରୀରେ ପାରିକୁଦ ରାଜା ଏବଂ କଟକରେ ରାଜା ବୈଦ୍ୟନାଥ ପଣ୍ଡିତ ଜମିଦାରଙ୍କମଧ୍ୟରେ ପ୍ରଶଂସନୀୟ ବୋଲି ଲେଖାଅଛି । ଭଦ୍ରକର ରାୟ ନମାଇଚରଣ ବସୁ ବାହାଦୁରଙ୍କ ମୃତ୍ୟୁରେ ଏଜିଲ୍ଲା ଜଣେ ଯୋଗ୍ୟ ଜମିଦାର ହରାଇ ଅଛି ।

ତିନିଜିଲ୍ଲାର କଲେକ୍ଟରମାନେ ଅର୍ଥାତ ସ୍ମିବିନସନ ଡଲକ, ଅଲେନ ଏବଂ କର୍ଷ୍ଟିସ ସାହେବମାନେ ସମସ୍ତେ ସୁଖ୍ୟାତିସହିତ କାର୍ଯ୍ୟ କରିଅଛନ୍ତି ଓ ଶ୍ରୀଯୁକ୍ତ ଓର୍ସଲି ସାହେବ କମିଶ୍ନର ଧନ୍ୟବାଦ ପାଇଅଛନ୍ତି ।

---

ଆମ୍ଭେମାନେ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

ବର୍ଷବୈଭ—ସମ୍ବଲପୁରହିତୈଷିଣୀ ପତ୍ରିକାର ମ୍ୟାନେଜର ଶ୍ରୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା ସଙ୍କଳିତ ଓ ପ୍ରକାଶିତ, ବାମଣ୍ଡା ସୁଢ଼ଳ ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ବାମଣ୍ଡାଧିପତି ମହାରାଜା ଶ୍ରୀ ବାସୁଦେବ ଗଜମଣି ସୁଢ଼ଳଦେବଙ୍କ ନାମରେ

Digitized by srujanika@gmail.com

ଉସ୍ତଗତ ହୋଇ ଅଛୁ । ଏଦେଶରେ ମଦ୍ୟପାନ ଅତ୍ୟନ୍ତ ବୃଦ୍ଧି ହେବାରୁ ଲୋକମାନଙ୍କ ମଦର ଅନିଷ୍ଟକାରିତା ବୁଝାଇ ତହିଁରୁ ନିବର୍ତ୍ତାଇବା ଉଦ୍ଦେଶ୍ୟରେ ଗ୍ରନ୍ଥକାର ଏ କ୍ଷୁଦ୍ରପୁସ୍ତକ ପ୍ରକାଶ କରି ଅଛନ୍ତି ଏବଂ ପ୍ରାଚୀନ ଶାସ୍ତ୍ରବଚନ ଏବଂ ଆଧୁନିକ ଡାକ୍ତରଙ୍କ ମତ ପ୍ରମାଣ ଦେଖାଇ ମଦ ବିଷତୁଲ୍ୟ ଥିବାର ପ୍ରତିପନ୍ନ କରି ଅଛନ୍ତି । ଏହା ପାଠକଙ୍କର ଅବଶ୍ୟ ଉପକାର ହେବ ।

ଶ୍ରୀ ଲକ୍ଷ୍ମୀ ଜଗନ୍ନାଥଙ୍କର ବଚନିକା ଏବଂ ଭଜନସାର ଏ ପୁସ୍ତକ ଶ୍ରୀ ବାବୁ ଭଗବାନଚନ୍ଦ୍ର ପଟ୍ଟନାୟକ ଏବଂ ଗୋଲୁଲେଣ୍ଟର ବହିଦାର ବାମଣ୍ଡା ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ କରାଇ ପ୍ରକାଶ କରି ଅଛନ୍ତି । ରଥଯାତ୍ରା ଉତ୍ତାରୁ ଶ୍ରୀ ଜଗନ୍ନାଥଦେବ ଶ୍ରୀମନ୍ଦିରକୁ ଫେରି ଆସିବା କାଳରେ ଶ୍ରୀ ଲକ୍ଷ୍ମୀଦେବୀ ବାଟ ନ ଛାଡିବାରୁ ଯେଉଁ କଥୋପକଥନ ହୁଅଇ ସେହି ବିଷୟର ଗୋଟିଏ ପୁରୁଣା ଛାନ୍ଦ ଏବଂ କେତେଗୁଡିଏ ଓଡିଆ ଓ ହିନ୍ଦି ଭଜନ ଏହି କ୍ଷୁଦ୍ର ପୁସ୍ତକରେ ଲେଖାଅଛି ।

ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର— ଶ୍ରୀ ବାବୁ ନନ୍ଦମୋହନ ଚକ୍ରବର୍ତ୍ତିଙ୍କଦ୍ୱାରା ପ୍ରକାଶିତ ଏବଂ ଓଡିଶା ମିସନପ୍ରେସରେ ମୁଦ୍ରିତ । ଏ ପୁସ୍ତକଦ୍ୱାରା ଯାହା ଲାଭ ହେବ ତାହା ସାମ୍ୟବାଦୀ ବିଦ୍ୟାଳୟରେ ପଢୁଥିବା ନିଃସ୍ୱ ଛାତ୍ରମାନଙ୍କ ଶିକ୍ଷା ଓ ହିତକାର୍ଯ୍ୟରେ ବ୍ୟୟ ହେବ ବୋଲି ଗ୍ରନ୍ଥକାର ଲେଖି ଅଛନ୍ତି । ସ୍ୱାସ୍ଥ୍ୟରକ୍ଷା ବିଷୟକ ପ୍ରଧାନ କଥାମାନ ସଂକ୍ଷେପରେ ପ୍ରଶ୍ନୋତ୍ତରରେ ଏହି ପୃ ୧୬ ଖଣ୍ଡର କ୍ଷୁଦ୍ରପୁସ୍ତକରେ ଲେଖାଅଛି । ଏହାଦ୍ୱାରା ପରୀକ୍ଷାର୍ଥି ଛାତ୍ରମାନଙ୍କର ଉପକାର ଦର୍ଶିବ ।

---

# ସାପ୍ତାହିକ ସମ୍ବାଦ ।

ଆମ୍ଭେମାନେ ଦୁଃଖରସହିତ ଅବଗତ ହେଲୁଁ ଯେ ଏଠା କଲେଜର ଜଣେ ଉପଦେଷ୍ଟା ବାବୁ ଦେବେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଗତ ଗୁରୁବାର ସନ୍ଧ୍ୟାରେ ମାନବଲୀଳା ଶେଷ କଲେ । ତହିଁ ପୂର୍ବଦିନ ସେ କଲେଜକୁ ଯାଇ ଥିଲେ । କ୍ୱରବେଗ ଏକଦିନରେ ପ୍ରବଳ ହୋଇ ପ୍ରାଣ ସେହି ନେଇଗଲା ।

ଆମ୍ଭମାନଙ୍କ କମିଶନର ଶ୍ରୀମାନ ଯୋନବାବୁ ଫସଲ ଦେଖିବାକାରଣ ଖୋର୍ଦ୍ଧାକୁ ଯିବାର ସ୍ଥିର କରିଥିଲେ ବନ୍ଧୁ ବୃଷ୍ଟି ହେବାରୁ ତହିଁରୁ କ୍ଷାନ୍ତ ହେଲେ । ସମ୍ଭବତଃ ସାହେବ ମହୋଦୟ ଶୀଘ୍ର ଗଡ଼ଜାତଗସ୍ତରେ ବାହାରିବେ ।

କଲିକତା-ଗେଜେଟ ।

ପ୍ରେସିଡେନ୍ସିବିଭାଗର କମିଶନର ମିଃ ଏ, ସ୍ମିଥ ବୋର୍ଡର ସଭ୍ୟପଦରେ ନିଯୁକ୍ତ ହେଲେ ।

ବାବୁ ଚଣ୍ଡୀଚରଣ ଘୋଷ ସବ୍ ଡେପୁଟୀ କଲେକ୍ଟରର ଚତୁର୍ଥଶ୍ରେଣୀରେ ବାହାଲ ହୋଇ କିଛିକାଳ ନିମନ୍ତେ ୩ୟ ଶ୍ରେଣୀରେ ନିଯୁକ୍ତ ହେଲେ ।

କଟକ ରେଭେନସା କଲେଜର ଅଧ୍ୟାପକ ବାବୁ ଯୋଗେଶଚନ୍ଦ୍ର ରାୟ ୪ର୍ଥ ଶ୍ରେଣୀରେ କିଛିକାଳ ନିମନ୍ତେ ନିଯୁକ୍ତ ହେଲେ ଓ ବାବୁ ଅତୁଳକୃଷ୍ଣ ରାୟ ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ବାବୁ ଜୟଗୋପାଳ ଦେ ବ, ଏ ସ୍ଥାନାନ୍ତରିତ ବାବୁ ଅବନାଶଚନ୍ଦ୍ର ଚାଟୁର୍ଯ୍ୟାଙ୍କ ସ୍ଥାନରେ କଟକ ରେଭେନସା କଲେଜର ଅଧ୍ୟାପକ ପଦରେ ପରୀକ୍ଷାସ୍ୱରୂପ ନିଯୁକ୍ତ ହୋଇ କିଛିକାଳ ନିମନ୍ତେ ୫ମ ଶ୍ରେଣୀରେ ଭୁକ୍ତ ହେଲେ ।

---

ଗତ ଅକ୍ଟୋବର ମାସ ତା ୧୬ ରିଖରେ ପଟିୟାଲାର ମହାରାଜାଙ୍କର ସିମଲାଠାରେ ଏକ ପୁତ୍ର ଓ ଉତ୍ତରାଧିକାରୀ ଜାତ ହୋଇଥିବାର ସମ୍ବାଦ ମିଳଇ ।

କଂଗ୍ରେସ ପ୍ରାଦେଶିକ ସମିତିର ଅଧିବେଶନ କଲିକତାଠାରେ ଗତମାସ ତା ୩୦ ଓ ୩୧ ରିଖରେ ହୋଇଥିଲା । ପ୍ରଥମ ଦିନ ପଞ୍ଚାଶ ଜଣ ପ୍ରତିନିଧି ସୁଦ୍ଧା ନ ଥିଲେ ମାତ୍ର ଦ୍ୱିତୀୟ ଦିନ ୧୬୦ ଣ ପ୍ରତିନିଧି ଉପସ୍ଥିତ ହୋଇଥିଲେ ଏବଂ ବାବୁ ନରେନ୍ଦ୍ରନାଥ ସେନ ସଭାପତିର ଆସନ ଗ୍ରହଣ କଲେ ଉତ୍ତମରୂପେ କାର୍ଯ୍ୟ ନିର୍ବାହ କଲେ ।

ବମ୍ବଇର ଜଣେ ପାଦ୍ରୀ ଇଉରପୀୟର ମୁସଲମାନସମାଜରେ କଲମା ପଢ଼ି ମୁସଲମାନ ଧର୍ମ ଗ୍ରହଣ କରିଅଛନ୍ତି । ଏହା ମୁସଲମାନମାନଙ୍କର ବାହାଦୁରି ଅଟଇ ।

ସିମଲାରେ ଏକ ଯୁବତୀ ଅଗ୍ନିରେ ମୁସବର ପିନ୍ଧିଥିଲେ । ମୁସବରବଷରେ ଅଗ୍ନି ଯନ୍ତ୍ରୋଟ ଫୁଟିଗଲା । ବନ୍ଧୁଲପ୍ରିୟା ରମଣୀମାନେ ଏଥିରେ ସାବଧାନ ହେଉନ୍ତୁ ।

ବର୍ତ୍ତମାନ ପ୍ରଥମ ଶିକ୍ଷାବିଭାଗର ଡିରେକ୍ଟର କ୍ରଫ୍ଟ ସାହେବ ଶୀଘ୍ର ଛୁଟି ନେବେ ଏବଂ ବଙ୍ଗଳାସେକ୍ରେଟେରିଏଟର ମାର ଟନି ସାହେବ ତାହାଙ୍କ ପଦରେ ନିଯୁକ୍ତ ହେବେ ।

ଝାନସିରେ ଏକଜଣ ପୁଲିସ ହେଡ଼କନେଷ୍ଟବଲ ଡକାଏତମାନଙ୍କ ସହାୟରେ ବହୁ ପଥିକମାନଙ୍କର ଦ୍ରବ୍ୟାଦି ଲୁଟ କରାଇବା ଅପରାଧରେ ଧୃତ ହୋଇଅଛି । ପୁଲିସରେ ଏପରି ମହାତ୍ମା କେତେଠାରେ ଅଛନ୍ତି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ଅଭ୍ୟର୍ଥନା ଉପଲକ୍ଷରେ କାଶ୍ମୀରସ୍ଥ ଶ୍ରୀ ନଗରରେ ଯେଉଁ ଶିଳ୍ପପ୍ରଦର୍ଶନୀ ହୋଇ ଥିଲା ତହିଁରେ ଟ ୧୩୦୦୦୯ ଙ୍କା ମୂଲ୍ୟର ଶାଲ୍ ପ୍ରଦର୍ଶିତ ହୋଇ ଥିଲା ।

ସତ୍ୟେନ୍ଦ୍ରନାଥ ବାନର୍ଜୀ ନାମକ ନବଦ୍ୱୀପର ଜଣେ ବଙ୍ଗୀୟ ବ୍ରାହ୍ମଣ ବ ୨୫ ର୍ଷ ବୟସ ସମୟରେ ସଦାନନ୍ଦସ୍ୱାମୀ ନାମ ଗ୍ରହଣ ପୂର୍ବକ ସନ୍ନ୍ୟାସ ବେଶ ନେଇ ଥିଲେ ବର୍ତ୍ତମାନ କଲିକତା ନଗରର ଟ୍ରିନିଟି ଗିର୍ଜାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ଅଛନ୍ତି ।

ଦମଦମାରେ ଓହାବିନାମକ ଗୋର ସୈନ୍ୟ ଯେଉଁ ମୁସଲମାନକୁ ମାରି ପକାଇ ଥିଲା ତାହାର ବିଧବାର ଭରଣପୋଷଣାର୍ଥ ସରକାର ବାର୍ଷିକ ଟ ୧୨୦୯ ଙ୍କା ପେନସନ ମଞ୍ଜୁର କରି ଅଛନ୍ତି ।

ମାନ୍ଦ୍ରାଜର ଗବର୍ଣ୍ଣର ଆଗାମୀ ମାସ ଆଦ୍ୟ ଭାଗରେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କୁ ଭେଟିବାକାରଣ କଲିକତାକୁ ଶୁଭାଗମନ କରିବେ ।

ରୁଷିୟା ରାଜ୍ୟର କେତେକ ସ୍ଥାନରେ ଭୟାନକ ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । ଲୋକେ ଘାସ ଚକ୍ର ପର୍ଯ୍ୟନ୍ତ ଖାଇ ସାର ଶେଷକୁ ମନୁଷ୍ୟମାଂସ ଏବଂ ଚଟକଣା ଓ ମାଟି ପର୍ଯ୍ୟନ୍ତ ଖାଇବାକୁ ଲାଗିଲେଣି । ଏ ଦୁର୍ଭିକ୍ଷ ନିବାରଣ କରିବାନିମିତ୍ତ ରୁଷିୟା ପଠାଣ ଜମୀଦାରୁ ଅଧିକ ପାଉଣ୍ଡ ମୁଦ୍ରା କର୍ଜ କରିବାର ପ୍ରସ୍ତାବ ହୋଇଅଛି ।

ରାଜସାହୀ ଫୌଜ ଅଦାଲତରେ ଜଣେ ମୁସଲମାନ ଗୋଇଠା ମାରି ଆପଣାର ଯୁବତୀ ସ୍ତ୍ରୀକୁ ମାରିପକାଇ ଥିବା ଅପରାଧରେ ଦଣ୍ଡିତ ହୋଇ ଥିବାର ସମ୍ବାଦ ମିଳଇ । ଇଚ୍ଛାପୂର୍ବକ ଆସାମୀ ଏ କାଣ୍ଡ କରିଥିବାର ପ୍ରମାଣ ନୋହିବାରୁ ଜୁରିର ମତାନୁଯାୟୀ ବିଚାରପତି ଆସାମିକୁ ବ ୨ ର୍ଷ କଠିନ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ଦେଇ ଅଛନ୍ତି । ଆସାମୀ ସ୍ତ୍ରୀ ମରଣଭରୁ ତାହାକୁ ଟାଙ୍ଗିଇ ଦେଇ ଆତ୍ମହତ୍ୟା କରିଥିବାର ରଟନା କରି ସ୍ୱୟଂ ପୁଲିସରେ ଇତଲା ଦେଇଥିଲା ।

ସ୍ମେମଠାରୁ ସମ୍ବାଦ ମିଳଇ ଯେ ପାଣ୍ଟେଲେରିଆ ଦ୍ୱୀପରେ ଗତ ଅକ୍ଟୋବର ମାସ ତା ୧୮ ରିଖରେ ଭୂମିକମ୍ପ ଅନୁଭୂତ ହୋଇ ସେଠା ନିକଟବର୍ତ୍ତୀ ସମୁଦ୍ରମଧ୍ୟରେ ଏକ ଆଗ୍ନେୟଗିରିର ଉତ୍ପାତ ଆରମ୍ଭ ହୋଇଅଛି । ଉକ୍ତ ଆଗ୍ନେୟଗିରିରୁ ପଥର ଏବଂ ଅନ୍ୟ ଗଳିତ ଦ୍ରବ୍ୟାଦି ବହିର୍ଗତ ହେଉଅଛି ।

ବଙ୍ଗବାସୀ ମୋକଦ୍ଦମା ସମ୍ବନ୍ଧରେ ଲଣ୍ଡନର ବିଖ୍ୟାତ ଟାଇମସ ପତ୍ରିକା ଲେଖିଅଛନ୍ତି ଯେ ଦ୍ୱିତୀୟଥର ବଙ୍ଗବାସୀନାମରେ ମାମଲା ଚଳାଇଥିଲେ କଥାଟା ଦାରୁ ସାଧ୍ୟସାଦର ହୋଇଥାନ୍ତା ମାତ୍ର ଅତ ଅରେ ଏପରି କାର୍ଯ୍ୟ କଲେ ଆସାମିମାନେ କଦା ଦଣ୍ଡରେ ମୁକ୍ତି ପାଇବେ ନାହିଁ ।

ପାହାଡ଼ରୁ ପଥର ଖୋଳିବା ତୋପଦ୍ୱାରା ବୃଷ୍ଟି କରାଇବାର ପ୍ରକ୍ରିୟା କଡ଼ାପା ଓଟେଙ୍କାସ ଏବଂ ପଞ୍ଜାବର ଘୋହାତର କେତେକ ସ୍ଥାନରେ ପରୀକ୍ଷିତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ପରୀକ୍ଷା ସଫଳ ହୋଇଅଛି ଏବଂ ତଦ୍‌ଯୋଗେ ନିକଟବର୍ତ୍ତୀ ମେଘରୁ ଆକର୍ଷଣ କରିବାଦ୍ୱାରା ପ୍ରଚୁର ବୃଷ୍ଟି ଲାଭ ହୋଇଅଛି ।—ଆର୍ଯ୍ୟଋଷିମାନେ ଯାଗଯଜ୍ଞଦ୍ୱାରା ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରି ବୃଷ୍ଟିଲାଭ କରୁଥିଲେ ମାତ୍ର ଇଂରେଜମାନେ ଇନ୍ଦ୍ରଦେବଙ୍କୁ ଧମକାଇ ବୃଷ୍ଟିଲାଭ କରୁଅଛନ୍ତି ।

କଲିକତା ଅଞ୍ଚଳର ବୃନ୍ଦନାମ୍ନୀ ଜଣେ ଅଳ୍ପବୟସ୍କା ସ୍ତ୍ରୀଲୋକ ଆପଣା ଜମିଦାରଙ୍କୁ ଟ ୧୫୦ ଙ୍କା ତାଙ୍କ ଖଜଣା ଦାଦାୟ କରି ନ ପାରିବାରୁ ଅଫିମ ଖାଇ ଆତ୍ମହତ୍ୟା କରିବାର ଉଦ୍ୟୋଗ କରିଥିବାର ସମ୍ବାଦ ମିଳଇ । ଅଫିମ ଖାଇବାର କେତେକ୍ଷଣ ପରେ ଏ ବିଷୟ ଜଣା ପଡ଼ିବାରୁ ତାହାକୁ ହାସପିଟାଲକୁ ନିଆଯାଇଥିଲା । ସେ ସେଠାରେ ଅଚୈତନ୍ୟ ଅବସ୍ଥାରେ ପଡ଼ି ରହିଅଛି ।—ଦାରିଦ୍ର୍ୟରୁ କେତେ ପାପ ଜାତ ନ ହୁଏ ?

ଭାରତୀୟ ଅଳ୍ପବୟସ୍କା ସ୍ତ୍ରୀମାନଙ୍କର ବିଶେଷତଃ ବାଳବିଧବାଙ୍କର ସଦ୍‌ଗତି ନିମିତ୍ତ ଅଷ୍ଟ୍ରେଲିଆରେ ଉଦ୍‌ଯୋଗ ଲାଗିଥିବାର ସମ୍ବାଦ ମିଳଇ । ଏ ଉଦ୍‌ଯୋଗ ଜଣେ ପାଦ୍ରୀସାହେବଙ୍କ କର୍ତ୍ତୃକ ହେଉଅଛି । ତାଙ୍କର ସର୍ବସୁଦ୍ଧା ଏକାର୍ଯ୍ୟନିମିତ୍ତ ୫୦୦୦ ପାଉଣ୍ଡ ପ୍ରୟୋଜନ ଏବଂ ସେଥିମଧ୍ୟରୁ ୧୦୦୦ ପାଉଣ୍ଡ ସୁଦ୍ଧା ଉଠିଅଛି ।—୫୦୦୦ ପାଉଣ୍ଡ ହେଲେ ଭାରତମହିଳା ଉଦ୍ଧାର ପାଇଯିବେ । ଅତଏବ ସାବଧାନ !

ଦାକ୍ଷିଣାତ୍ୟ କେମ୍ବେରଜସ୍ଥାନରେ ଭୟାନକ ବନ୍ୟା ହୋଇଥିବାର ସମ୍ବାଦ ମିଳଇ । ଏ ବନ୍ୟାରେ ସେ ଅଞ୍ଚଳର ଜ ୧୨ ଣ ଲୋକ ବୁଡ଼ି ମରିଅଛନ୍ତି । ବର୍ଷା ନ ହେଲେ ସେ ଅଞ୍ଚଳର ଲୋକେ ପନ୍ଦେ ଜଣକର ପିଟି ଫୋଡ଼ ଭାବୁ

Split by PDF Splitter



କହାଉ' ହୁଉଥିଲେ । ଅନେକଦିନ ହେଲା ଏ ପ୍ରଥା ବନ୍ଦ ହୋଇଥିଲା । ଏବର୍ଷ ଲୋକେ ପୁଣି ସେ ପ୍ରଥା ପ୍ରଚଳିତ କରି ଅଛନ୍ତି । ପ୍ରଥମେ ଅନାବୃଷ୍ଟି ଉତ୍ପରେ ଅତିବୃଷ୍ଟି ! ଗତ ଭଲ ନୁହଇ ।

ଅଯ୍‌ର୍ଲଣ୍ଡର ବିଖ୍ୟାତ ପାର୍ଲମେଣ୍ଟମେମ୍ବର ପାର୍ଣ୍ଣେଲ ସାହେବ ମାନବଲୀଳା ସମ୍ବରଣ କରିଥିବା ହେତୁ ଅଯ୍‌ର୍ଲଣ୍ଡବାସୀ ଜନ ଡେଭିଡ୍‌ସନ ସାହେବଙ୍କୁ ଅପଣାର ନେତାସ୍ୱରୂପ ମନୋନୀତ କରି ଅଛନ୍ତି ।

ଗଜସାହିର କେତେକ ମୁସଲମାନ ଏକତ୍ରିତ ହୋଇ ମୁଷ୍ଟିଭିକ୍ଷା ସଂଗ୍ରହ କରୁ ଅଛନ୍ତି । ସଂଗୃହୀତ ଟଙ୍କା ଜମା ହେବା ଓ ତଦ୍ଦ୍ୱାରା ଦୁଃଖୀ ମୁସଲମାନମାନେ ପାଠ ପଢ଼ିବା ଏଥିର ଉଦ୍ଦେଶ୍ୟ ଅଟଇ । ଭଲ ।

ଯୋର୍ଗିନାଜଙ୍କଘରେ ଶ୍ଳେଷ ଉତ୍ପାଦିତ ହୁଏ ସେମାନଙ୍କୁ ସଜା ଦେବା ଜଣେ ମେଜେଷ୍ଟରଙ୍କ ମତ ଅଟଇ । ସେ କହନ୍ତି ଯାହାଙ୍କ ଘରେ ଶ୍ଳେଷ ଉତ୍ପନ୍ନ ହୁଏ ସେମାନେ ସାବଧାନ ହୋଇ ଅପଣାଙ୍କ ଦ୍ରବ୍ୟ ଲୁପାଇତ କରିଥିଲେ କେହି ଚୋର ବା ଉକାଏତ ତାହାର ମାଲ ନେଇ ଯାଇ ନ ଥାନ୍ତେ । ଏ ଭଲ କଥା । ଏଇତ ନୂତନ କଥା ପାଇଁ ମାଜିଷ୍ଟ୍ରେଟ ମହୋଦୟ ପାରତୋଷିକ ପାଇବାର ଉପଯୁକ୍ତ ।

ନଗ୍ପୁରଠାରୁ ବଙ୍ଗାଲୋରଠାରୁ ଗୋଟିଏ ବିଶେଷ ରେଲଗାଡ଼ି ଯାଉଥିବା ସମୟରେ ଗତ ମାସ ତା ୧୬ ରିଖ ସକ ୭ ଘଣ୍ଟା ସମୟରେ ଅନ୍ୟ ଗୋଟିଏ ମାଲ ବୋଝାଇ ରେଲଗାଡ଼ି ସହିତରେ ଧକ୍କା ଖାଇଥିବା ସମ୍ବାଦ ମିଳଇ । ୬୫ ଜଣ ଦେଶୀୟ ଲୋକ ହତ ଏବଂ ବହୁଲୋକ ସହିତ ୬୯ ଜଣ ଲୋକେ ଜଖମୀ ହୋଇ ଅଛନ୍ତି । ଷ୍ଟେସନମାଷ୍ଟର ଦୋଷରୁ ଏ ଦୁର୍ଘଟଣା ଘଟିବାରୁ ପଳାୟନ କରିଅଛି ।

ଭାରତରେ ଇଞ୍ଜିନିୟରିଂ କାର୍ଯ୍ୟ ଅତ୍ୟ ଅଧିକ ହେବାରୁ କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନେ ପ୍ରେସିଡେନ୍ସୀ କଲେଜରେ ସ୍ୱତନ୍ତ୍ର ଓ ଖଣ୍ଡେ ବିଷୟକ ବିଦ୍ୟା ଶିକ୍ଷାର୍ଥ ଗୋଟିଏ ଶ୍ରେଣୀ ଖୋଲି ଅଛନ୍ତି । ଶିକ୍ଷିତ ଛାତ୍ରମାନେ ଇଂଜିନିୟରିଂ ଅଣାଇ କାର୍ଯ୍ୟ କରିବାରେ ବିଶେଷ ଖର୍ଚ୍ଚା ହେଉଥିବାରୁ ଦେଶୀୟ ଉପଯୁକ୍ତ ଲୋକ ଅଳ୍ପ ବେତନରେ ନିଯୁକ୍ତ କରିବାକୁ ଚିନ୍ତା ଥିବାର ଜଣାଇ ଅଛନ୍ତି । ଏ ଯୋଗୁଁ ଅନୁମାନ ହୁଏ ଉକ୍ତଶ୍ରେଣୀରେ ଛାତ୍ରସଂଖ୍ୟା ଅଧିକ ହେବେ ।—ଭିକ୍ଟର ।

ମାନ୍ଦ୍ରାଜରେ ଫସଲର ଅବସ୍ଥା କିଛି ଭଲ ହୋଇଗଲା ତଥାପି ଗଞ୍ଜାମ ଜିଲ୍ଲାରେ ଗୋମେଷାଦିଙ୍କ ଅବସ୍ଥା ନିତାନ୍ତ ମନ୍ଦ ହୋଇ ପଡ଼ିଅଛି ଏବଂ ଦୁର୍ଭିକ୍ଷପୀଡ଼ିତକାର୍ଯ୍ୟରେ ଅବଧି ନ ୩୭୦୦୦ ଜଣ ଲୋକେ ଭାର୍ଯ୍ୟ କରି ପ୍ରାଣଧାରଣ କରି ଅଛନ୍ତି ।

ଅଯ୍‌ର୍ଲଣ୍ଡର ବିଖ୍ୟାତ ପାର୍ଲିମେଣ୍ଟମେମ୍ବର ପାର୍ଣ୍ଣେଲ ସାହେବଙ୍କ ମୃତ୍ୟୁରେ ଅଯ୍‌ର୍ଲଣ୍ଡବାସିମାନେ ବଡ଼ ହରବରରେ ପଡ଼ିଅଛନ୍ତି । ସେମାନେ ପାର୍ଣ୍ଣେଲ ସାହେବଙ୍କ ପ୍ରାୟ ନେତା ସହଜରେ ପାଇ ନ ପାରନ୍ତି । ପାର୍ଣ୍ଣେଲ ମତାବଲମ୍ବୀ ଅଯ୍‌ର୍ଲଣ୍ଡୀୟ ପାର୍ଲମେଣ୍ଟର ମେମ୍ବରମାନେ ଅଯ୍‌ର୍ଲଣ୍ଡବାସିମାନଙ୍କ ନିମନ୍ତେ ଯେଉଁ ଘୋଷଣାପତ୍ର ବାହାର କରିଅଛନ୍ତି ତହିଁରେ ଜାତୀୟ ସ୍ୱାଧୀନତା ରକ୍ଷା କରିବା ଏବଂ ଏକତା ସ୍ଥାପନ ଓ ସ୍ୱାଧୀନ ପାର୍ଲିୟାମେଣ୍ଟଦଳ ଗଠିତ ହେବାପର୍ଯ୍ୟନ୍ତ କ୍ରମାଗତ ଲଢିବା କାରଣ ଅପଣାର ସ୍ଥିରସଙ୍କଳ୍ପ ପ୍ରକାଶ କରି ଅଛନ୍ତି ।

ଜଳସେଚନାର୍ଥ ଟିଉପ୍ୱାଲ୍ ନଦୀର ଗତି ତ୍ରିବାଙ୍କୁରଠାରୁ ଇଂରାଜରାଜ୍ୟକୁ ଫେରାଇବା କାର୍ଯ୍ୟର ପର୍ଯ୍ୟବେକ୍ଷଣଘର ଏକଜିକ୍ୟୁଟିଭ ଇଞ୍ଜିନିୟର ଟେଲର ସାହେବଙ୍କ ଉପରେ ନ୍ୟସ୍ତ ଥିଲା । ସେ ଗତତ ମାସ ତା ୧୬ ରିଖ ସନ୍ଧ୍ୟାସମୟରେ ଜଳ ତଦାରଖ କରିବା ସମୟରେ ସେହି ଜଳସ୍ରୋତରେ ଅକସ୍ମାତ୍ ମୃତ୍ୟୁମୁଖରେ ପତିତ ହେଲେ । ତାଙ୍କର ସହଧର୍ମିଣୀ ଏ ସମୟରେ ତାଙ୍କ ନିକଟରେ ଠିଆ ହୋଇଥିଲେ । କି ଦୁଃଖଜନକ ଦୁର୍ଘଟନା !

ଏଲଫିନଷ୍ଟୋନ ହାଇସ୍କୁଲର ଅଧ୍ୟକ୍ଷ ବାମନ ଅବାଜି ମୋଡକ ଗୋଟିଏ ମରହଟ୍ଟ ସମ୍ବାଦପତ୍ରର ପ୍ରକାଶକ ଏବଂ ପ୍ରିଣ୍ଟରଙ୍କ ନାମରେ ତାଙ୍କର ପରିବାର ପ୍ରତି ଦୁର୍ନାମ ରଟାଇ ଥିବା ଅପରାଧରେ ମୋକଦ୍ଦମା ଆଗତ କରିଥିଲେ । ବମ୍ବଇପତି ବୋମ୍ବାଇ ଡେପ୍ୟୁଟି ମେଜେଷ୍ଟରଙ୍କ ପ୍ରକାଶକଙ୍କ ଉପରେ ମାସ ସାମାନ୍ୟ କାରାବାସ ଓ ୫୦୦୧ ଟଙ୍କାର ଅର୍ଥଦଣ୍ଡ ବିଧାନ କରି ଥିବାର ସମ୍ବାଦ ମିଳଇ । ପ୍ରିଣ୍ଟର କ୍ଷମା ପ୍ରାର୍ଥନା କରିଥିବାରୁ ତାଙ୍କୁ ୫୦୧ ଟଙ୍କା ଅର୍ଥଦଣ୍ଡରେ ଅବ୍ୟାହତି ମିଳି ଅଛି ।—ଦେଶୀୟ ସମ୍ବାଦପତ୍ରମାନେ ଏଣିକି ଏତେ ଅଧିକ ଅପବାଦସମ୍ବନ୍ଧୀୟ ମୋକଦ୍ଦମାରେ ଲିପ୍ତ ହେଉଥିବା ବଡ଼ ଦୁଃଖର ବିଷୟ ।

ତୁରଷ୍କ-ସମ୍ରାଟ ରୁଷିଆ-ସମ୍ରାଟଙ୍କ ଦାର୍ଡାନେଲସଠାରେ ଯାତାୟାତସମ୍ବନ୍ଧରେ ଚୁକ୍ତିପତ୍ର ରୁଷିଆକୁ ଲେଖି ଦେଇ ଥିବା ବିଷୟ ଇଂରାଜଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ଇଂରାଜମନ୍ତ୍ରୀ ଲର୍ଡ ସାଲିସବେରି ତହିଁର ଉତ୍ତରରେ ତୁରଷ୍କକୁ ଲେଖି ଅଛନ୍ତି "ଯେ ଅନ୍ୟ ରାଜ୍ୟକୁ ଏ ସମ୍ବନ୍ଧରେ ଯେ ଅଧିକାର ତୁରଷ୍କକର୍ତ୍ତୃକ ପ୍ରଦତ୍ତ ହୋଇ ଅଛି ତାହା ବିବେଚନାରେ ସେ ଅଧିକାର ଇଂରାଜଗବର୍ଣ୍ଣମେଣ୍ଟଙ୍କ ପ୍ରତି ମଧ୍ୟ ପ୍ରବର୍ତ୍ତିଲ ।" ଉତ୍ତରଟା ମନ୍ତ୍ରିବରଙ୍କର ଉପଯୁକ୍ତ ହୋଇ ଅଛି ମାତ୍ର କଥାଟି ଅଶାନ୍ତିସୂଚକ ଘଟିଲି ।

## ଯାଜପୁର-ସଂବାଦ ।

ଦଶହରାଠାରୁ ମେଘ ବର୍ଷା ଛାଡ଼ିଯିବାରୁ ବିଲସବୁ ଶୁଖିଯାଇ ଫାଟିଗଲାଣି ନିକଟବର୍ତ୍ତୀ ଗ୍ରାମମଣ୍ଡଳୀରେ ହାହାକାର ପଡ଼ିଅଛି । ଯେଉଁଠାରେ କେନାଲଜଳର ସୁବିଧା ଅଛି ସେଥିପାଇଁ କେତେକ ବିଲସବୁ ହେଉଅଛି ଯଦି ଶୀଘ୍ର ବର୍ଷା ନ ହୁଏ ତେବେ ହାହାକାରରେ ଅଠପଣ ଧାନ୍ୟ ଲୋକସାନ ହେବ ।

ଯାଜପୁର ଇଂରାଜୀ ସ୍କୁଲର ହେଡ୍‌ମାଷ୍ଟର ସେଠି ବଡ଼ ଗଣ୍ଡଗୋଳ ଲାଗିଅଛି ଏବଂ ଏସମ୍ବନ୍ଧରେ ସ୍କୁଲ କମିଟୀର ସଭାକାର ସଭାପତିଙ୍କ କାର୍ଯ୍ୟର ତୀବ୍ର ସମାଲୋଚନା ହେଉଅଛି ।

ବାବୁ ପ୍ରସନ୍ନକୁମାର ପାଲ ସବ ଇଞ୍ଜିନିୟର ମହାଶୟ ଏଠାରୁ କେନ୍ଦ୍ରାପଡ଼ାକୁ ବଦଳି ହୋଇ ଯାଉଅଛନ୍ତି ପ୍ରସନ୍ନବାବୁ ଏଠାରେ ଅନେକଦିନ ଥିବାରୁ ଏଠାକାର ଲୋକେ ତାଙ୍କୁ ଭଲ ପାଉଥିଲେ ତାହାଙ୍କ ବଦଳିରେ ସମସ୍ତେ ଦୁଃଖିତ ଅଛନ୍ତି ସେ ଏଠା ମିଉନିସିପାଲଟୀର ଭାଇସ ଚେୟାରମେନ ଥିବାରୁ ମିଉନିସିପାଲଟୀ ତାଙ୍କଠାରୁ ଅନେକ ଉପକାର ପାଇଅଛି ।

ବାବୁ ଗୋପାଳପ୍ରସାଦ ଭଞ୍ଜ ଯେଉଁ କେନ୍ଦ୍ରାପଡ଼ା ପବ୍ଲିକ ଓ୍ୱାର୍କ ଡିପାର୍ଟମେଣ୍ଟର ସବଡିଭିଜନାଲ କ୍ଲର୍କ ଥିଲେ, ସେ ପୁଲିସ ସବ, ଇଃ, ପଦରେ ନିଯୁକ୍ତ ହୋଇ ଯାଜପୁରଥାନାକୁ ବଦଳି ହୋଇ ଆସିଅଛନ୍ତି ଗୋପାଳବାବୁ ଲୋକପ୍ରିୟ ଓ ଶାନ୍ତପ୍ରକୃତ ଅଟନ୍ତି ତାଙ୍କର ପିତା ମୃତ କାଳୀପ୍ରସାଦ ଭଞ୍ଜ ବାଲେଶ୍ୱର ପୁଲିସରେ ବହୁଦିବସ ସୁଖ୍ୟାତିସହିତ ସବ, ଇଃ, କାର୍ଯ୍ୟ କରିଥିଲେ ଗୋପାଳ ବାବୁ ଅପଣାର ପିତାଙ୍କର ନାମ ବଜାୟ ରଖିବାନିମନ୍ତେ ତତ୍ପର ହେଉନ୍ତୁ ।

ଏଠାକାର ମୁନସଫ ବାବୁ ରଘୁନାଥ ଘୋଷ ପୂଜାଛୁଟି ଏହିଠାରେ କଟାଇ ତଠାରୁ ଅପଣାର କନ୍ୟା ଓ ନବଜାତ ନାତୁଣୀଙ୍କୁ ନେଇ କଲିକତା ଯାଇଅଛନ୍ତି ତଠାରୁ ଏପରି ସହସା ଯିବାର କାରଣ କିଛି ବୁଝାଯାଉ ନାହିଁ ।

ଅସ୍ମାନଙ୍କର ସବଡ଼ିବିଜନ ଅଫିସର ଶ୍ରୀଯୁକ୍ତ ବାବୁ ମନମୋହନ ଘୋଷ ଓଡ଼ିଶା ପରୀକ୍ଷା ଦେବାନିମନ୍ତେ କଟକ ଯାଉଅଛନ୍ତି ଈଶ୍ୱର ତାହାଙ୍କର ମନୋରଥ ପୂର୍ଣ୍ଣ କରନ୍ତୁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ତଳଲିଖିତ ବିଷୟମାନ ଆପଣ ଜଗଦ୍ ବିଖ୍ୟାତ ପତ୍ରିକାରେ କିଞ୍ଚିତ ସ୍ଥାନପ୍ରଦାନ କରି ଚରିତାର୍ଥ କରିବାନିମନ୍ତେ ପ୍ରାର୍ଥନା କରୁଅଛୁଁ ।

ଏଠା ବରୁଣଭାଲୁକା ରମ୍ଭାଗ୍ରାମ ନିବାସୀ ରାଧାଶ୍ୟାମଖାନସମା ପଟ୍ଟନାୟକେ ଗୋଟିଏ ମଥୁରନାଟକ ରଚନା କରି ଉକ୍ତ ନାଟକ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରସମୀପରେ ଯାତ୍ରା କରାଇଥିଲେ, ପୁଣି ନିକଟସ୍ଥ ଭଦ୍ରାଭଦ୍ର ଲୋକମାନଙ୍କୁ ଅମନ୍ତ୍ରଣ କରି ଅଣାଇଥିଲେ ଓ ଉକ୍ତସ୍ଥଳ ସୁମନୋହରରେ ଆଚ୍ଛାଦନ କରାଇଥିଲେ । ଉକ୍ତ ନାଟକ ଓଡ଼ିଆ, ବଙ୍ଗଳା ହିନ୍ଦୁସ୍ଥାନ ଇତ୍ୟାଦି ପଦ ମାନଙ୍କରେ ବେଷ୍ଟିତ ହୋଇଥିଲା ଓ ଅନେକ ରାଗରାଗିଣୀସହିତ ସମ୍ମିଳନ ହୋଇ ସୁଲଳିତ ଓ ମନୋହର ହୋଇଥିଲା । ପୁଣି ସଙ୍ଗୀତ ବଙ୍ଗଳା ଦେଶି ଇତ୍ୟାଦି ନାଚମାନଙ୍କରେ ନୃତ୍ୟ ହେଉଥିଲା ଅପର ପରମାଣୁମାନ ସଜୀବରେ ଘଟନା ହେଉଥିଲା । ପୁଣି ଉକ୍ତ ନାଟକରେ ପାଞ୍ଚଗୋଟି ପିଲା ନର୍ତ୍ତନ କରୁଥିଲେ, ତନ୍ମଧ୍ୟରୁ କୃଷ୍ଣ ଓ ରାଧା ପୁଣି ଦୂତୀବେଶ ଧାରଣ କରିଥିବା ତିନିଗୋଟି ପିଲାଙ୍କର ନାଚ ଓ ସ୍ୱର, ଗାମ୍ଭୁର୍ଯ୍ୟ; ଚଞ୍ଚଳ, ଇତ୍ୟାଦିରେ ପୂର୍ଣ୍ଣ ହୋଇଥିଲା । ପୁଣି ସେମାନଙ୍କର ନାଚ ଓ ଗୀତଧ୍ୱନିରେ ସମସ୍ତେ ବଶୀଭୂତ ହୋଇଯାଇ ଥିଲେ । ଉକ୍ତ ନାଟକ ଶେଷହେଲାଦିନ ଦର୍ଶକମାନେ ଆନନ୍ଦସହିତ ପ୍ରଫୁଲ୍ଲିତ ହୋଇ ଉକ୍ତ ପଟ୍ଟନାୟକଙ୍କୁ ଅନେକାନେକ ଧନ୍ୟବାଦ ଦେଇ ମନ ସନ୍ତୋଷପୂର୍ବକରେ ନାଚୁଆପିଲାଙ୍କୁ ବସ୍ତ୍ରାଦି ଅଳଙ୍କାରମାନ ଉପହାର ଦେଇ ସ୍ୱସ୍ଥାନକୁ ପ୍ରସ୍ଥାନ କଲେ ।

Digitized by srujanika@gmail.com

Split by PDF Splitter



ମାଝ ଅମ୍ଭେ ସେ ନାଟକ ଦେଖି ଉକ୍ତ ସ୍ୱଧାଶ୍ୟାମ ଖାନସମା ପଟ୍ଟନାୟକଙ୍କ ସମ ଗୁଣ କୃତଜ୍ଞ ହେଲୁଁ । ଏପରି ନାଟକ ଅନ୍ୟ କୌଣସି ସ୍ଥାନରେ ଦେଖିବାର ବଡ଼ୁତ ଦୁର୍ଲ୍ଲଭ । ଏଥିନିମନ୍ତେ ଚିରସ୍ମରଣୀୟ ପଟ୍ଟନାୟକଙ୍କୁ ଧନ୍ୟବାଦ କରୁଅଛୁଁ । ଉକ୍ତ ନାଟକରେ ସଂଶ୍ଲିଷ୍ଟ ହୋଇଥିବା ମନୁଷ୍ୟମାନଙ୍କୁ ମଧ୍ୟ ବାରମ୍ବାର ପ୍ରଶଂସା କରୁଅଛୁଁ । ପୁଣି ଆମ୍ଭର ପରମେଶ୍ୱରଙ୍କଠାରେ ଏହି ନିବେଦନ ଯେ ଉକ୍ତ ଲିଖିତ ପିଲ୍ଲମାନଙ୍କୁ ଦୟା କରନ୍ତୁ ଓ ସମସ୍ତଙ୍କ ମଙ୍ଗଳ ହୋଇ ସୁଖରେ ଉକ୍ତଲୀଳା ଅନ୍ୟସ୍ଥାନରେ ବିଖ୍ୟାତ କରନ୍ତୁ । ଇତି ।

୭।୧୧।୯୧।  
ମୁକାମ ରମ୍ଭା  
ବଶମ୍ବଦ  
ଜଣେ ଦର୍ଶକ

### ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ମଧୁସୂଦନ ପଟ୍ଟନାୟକ ମହେଶ୍ୱର | ଟ ୩୧ |
| ଚୌଧୁରୀ ମଦନମୋହନ ଦାସ କେନ୍ଦ୍ରାପଡ଼ା | ଟ ୩୧ |
| ବାବୁ ବିଶ୍ୱନାଥମହାନ୍ତି କଟକଷୁର | ଟ ୧୧ |
| ,, ଶ୍ରୀସେବକନାଥତ୍ରିପାଠୀ ଶ୍ରୀରାମଚନ୍ଦ୍ରପୁର | ଟ ୩୧ |
| ,, ଗୋପାଳପ୍ରସାଦ ଭଞ୍ଜ ଯାଜପୁର | ଟ ୧୫ |

## ବିଜ୍ଞାପନ ।

### ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ଖଦର ବଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଥା ନିକଟେ ବାବୁ ଅତ୍ତବହବ କଲ କମ୍ପାନି ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | | |
|---|---|---|---|---|
| ୧୭ ପଟି ବାଲି | ଗ ୧୬ ଟ ୨୷ | ଗ ୧୬ ଟ ୦୷ |
| ୧୮ ପଟି ,, | ,, ଟ ୨୩ | ,, ଟ ୦୷ |
| ୧୨ ପଟି ,, | ,, ଟ ୨। | ,, ଟ ୦୷ |
| ୨୨ ପଟି ଉତଲପାଇପ୍ ,, | ଟ ୪। | ,, ଟ ୦୷ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ ଭଲ ଭଲ ଜିନିଷ ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ଫେସନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ ।

## ପ୍ରଚାର ।

ଏ କାଗଜକୁ କେଉଁଣସି ଆକରେ ଉତ୍ତି ଉଅଁରେ ଉତ୍କଳ ଦୋପାରଛର ଫାଟରେ ଦେଲେ ପାଣିଗଲା ବଡ ହେବ ଘରର ମହଣ ଅଛେ ଲେପିଦେଲେ ନଜବୁତ ହେବ ଓ ଉଇ ଧରିବ ନାହିଁ ।

ବଗିଚ ଚମଡ଼ା ଓ ସାବୁନରେ ଲଗାଇବାର ଭାଳ ମଧ୍ୟ ଅଛି ।

ଅଭରଚଣ୍ଡ ଭର କମ୍ପାନୀ

ଉତ୍କଳଦୀପକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୷ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ଼ ବା ହୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୁଲନ୍ତ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅତ୍ର ପାଲଲହଡା କିଲ୍ଲା ଶ୍ରୀ ନାବାଲଗ ରାଜାଙ୍କ ଓ୍ୟାସ ମଧ୍ୟସ୍ଥିତ କୋଠାମାନ ମରାମତି ହେବାର ଅଛି ଓ ମଧ୍ୟ ଅପର କେତେକ ଘର ପ୍ରସ୍ତୁତ ହେବାର ଅଛି ଅପାତତଃ ମୋଟରେ ଟ ୧୫୦୦ ଟଙ୍କାର କର୍ମ ହେବ କୌଣସି ବ୍ୟକ୍ତିର କାଣ୍ଟ୍ରାକ୍ଟ ନେବାର ଇଚ୍ଛା ଥିଲେ ସେ ଆଗାମି ନବେମ୍ବର ମାସ ତା ୧୦ ରିଖ ମଧ୍ୟରେ ଆମ୍ଭ ନିକଟରେ ଆବେଦନ କରିବେ ଓ କେଉଁ ଦରରେ କର୍ମ କରି ପାରିବେ ସେଥିର ତାଲିକା ମଧ୍ୟ ଲେଖି ପଠାଇବେ ଯେଉଁ ବ୍ୟକ୍ତି ଏହି କର୍ମମାନ କଣ୍ଟ୍ରାକ୍ଟ ନେବେ ଭବିଷ୍ୟତରେ ତାଙ୍କର କର୍ମ ଦୃଷ୍ଟିରେ ଅନ୍ୟର ମଧ୍ୟ କର୍ମ ମାନ ଦିଆ ଯାଇପାରେ ଏଥିରୁ ସେ ଅବଗତ ହେବେ । ଇତି ;—

ପାଲଲହଡା, ତା ୧୫ ରିଖ ମାହେ ଅକ୍ଟୋବର ସନ ୧୮୯୧ ମସିହା — Gour Ch. Sen, *Manager.*

---

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ କେଶତତ୍ତ୍ୱ ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶଶୁକ୍ଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ କୀଟାଦି ବିନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁକୀଟ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ଏଥିରେ ଅଣୁ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶୂଳସଂହାରଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, କମ୍ପ ଓ ଏକ ଜ୍ୱର, ପ୍ଳୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଯାବତୀୟ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁରୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଗାତ୍ର, କଣ୍ଡୁ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ନିରାକୃତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୂକ୍ଷ୍ମଶରୀରରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ କୁଣ୍ଡିଆ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା

ବାଲୁବଜାର, କଟକ ଔଷଧଭଣ୍ଡାର । — ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

Watches! Clocks! Time pieces
Repaired by an efficient workman
the premises of the Cuttack Printing
Company. Charge moderate.

## ଘଣ୍ଟିମରାମତି ।

ନାନାପ୍ରକାର ଷ୍ଟେଟ ବଡ଼ ଜନ୍ୟଘଣ୍ଟି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦ, ପୁଲିସଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ଉପରକ୍ଷା ଓ ଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦ ଓ ଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ ୧୪।୧୧।୮୯ — ଶ୍ରୀ ଗୌରଚନ୍ଦ୍ର ସେନ୍

---

## ମେହରୋଗ ।

ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାଙ୍କିତ ରୋଗୀ ଜଣକର ଉକ୍ତି ନୂଆ ସାମାନ୍ୟ ଅର୍ଥବ୍ୟୟରେ ବିଳାସେ ଜୀବନର ମାୟା ପରିତ୍ୟାଗ କରିନାହେ

ଏହି ଔଷଧ ଯଥାସ୍ଥିତରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଋତୁ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ଛାଡି ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ: ଶରୀର କସ୍ତୁରିରେ ପରିଣତ ନ ହେଲେ ଅଞ୍ଜିଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପର ଚିତ୍ପୁର ନମ୍ବର ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୷ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୯ ଶ
ସ୍ଥ ୪୪ ସଂଖ୍ୟା

ତା ୧୪ ଋଣ ମାହେ ନବେମ୍ବର ସନ ୧୮୯୯ ଇସ୍ୱୀ । ମୁ । କାର୍ତ୍ତିକ ଦି ୩୦ ନ ସନ ୧୩୦୭ ସାଲ ...

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ଷଣ୍ମାସେୟ ଟ ୨

ଓଡ଼ିଶାସ୍କୁଲସମୂହର ଇଂସପେକ୍ଟର ଇନସ୍ପେକ୍ଟର ମହାଶୟ ବିଜ୍ଞାପନ ଦେଇଅଛନ୍ତି ଯେ ମାଇନର-ଛାତ୍ରବୃତ୍ତି ଏବଂ ଅପରପ୍ରାଇମେରୀ ପରୀକ୍ଷାମାନ ଚଳିତମାସ ତା ୨୩ ରିଖରେ ଆରମ୍ଭ ହେବାର ଧାର୍ଯ୍ୟ ହୋଇଥିଲା ମାତ୍ର ସେଦିନ ପ୍ରଥମାଷ୍ଟମୀ ପର୍ବ ପଡ଼ିବାରୁ ଅନେକ ଛାତ୍ରଙ୍କର ଅସୁବିଧା ହେବା-ଦୃଷ୍ଟିରେ ପରୀକ୍ଷାର ଦିନ ତା ୨୬ ରିଖକୁ ଘୁଞ୍ଚିଗଲା । ଅର୍ଥାତ୍ ଉକ୍ତ ପରୀକ୍ଷାମାନ ଚଳିତ ମାସ ତା ୨୬ ରିଖ ଗୁରୁବାରଦିନ ଆରମ୍ଭ ହୋଇ ଆସନ୍ତା ଡିସେମ୍ବରମାସ ତା ୧ ରିଖ ମଙ୍ଗଳବାରଦିନ ଶେଷ ହେବ ।

---

ଗତ ସପ୍ତାହର ଟେଲିଗ୍ରାମ ଓଡ଼ିଶାର ଉପ-କୂଳସ୍ଥ କେତେକ ସ୍ଥାନର ଖାଦ୍ୟ କ୍ଷତି କରିଅଛି ସତ୍ୟ କିନ୍ତୁ ଏଥି ସଙ୍ଗେ ଯେଉଁ ବୃଷ୍ଟି ଆସିଲା ତାହା ବିସ୍ତୀର୍ଣ୍ଣ ଭୂମିଖଣ୍ଡରେ ପତିତ ହୋଇ ଅନେକ ସ୍ଥାନର ମରୁଡ଼ିର ଆଶଙ୍କା ଦୂର କରିଅଛି। ଆସାମ,ଛୋଟନାଗପୁର, ଓଡ଼ିଶାର ଦକ୍ଷିଣ-ପଶ୍ଚିମ, ବଙ୍ଗ, ପୂର୍ବବଙ୍ଗରେ ଏବଂ ଉତ୍ତରବଙ୍ଗର ଅଧିକାଂଶ ସ୍ଥାନରେ ବୃଷ୍ଟି ହୋଇ ଅଛି । କେବଳ ବିହାରପ୍ରଦେଶରେ ଅଦୌ ବିନ୍ଦୁପାତ ହୋଇ ନାହିଁ । ଓଡ଼ିଶାର ଗଡ଼ଜାତ କେବଳ ଢେଙ୍କାନାଳରେ ସାମାନ୍ୟ ବର୍ଷା ହୋଇ ମଟ-ଙ୍କାଗଛ କେତେକ ଭାଙ୍ଗି ପଡ଼ିବାର ସମ୍ବାଦ ଆସିଅଛି ମାତ୍ର ବୃଷ୍ଟିଦ୍ୱାରା ଫସଲର କ୍ଷତି ନ ହୋଇ ବରଂ ଉପକାର ହୋଇ ଅଛି ।

---

ବିହାରପ୍ରଦେଶରେ ଆବଶ୍ୟକ ଜରୀପ ହେବାର ଗବର୍ଣ୍ଣମେଣ୍ଟ ଆଦେଶ କରି ଅଛନ୍ତି । ପ୍ରଜାମାନଙ୍କ ସ୍ୱତ୍ୱ ଲେଖି ରଖିବା ଏଥିର ଉଦ୍ଦେଶ୍ୟ ଅଟଇ । ଏଥିରେ ସର୍ବସୁଦ୍ଧା ୮୦ ହଜାର ଟଙ୍କା ବ୍ୟୟ ହେବା ଅନୁମାନ ହୋଇ ଅଛି, ସମ୍ଭବତଃ ତହିଁରୁ ଅଧିକ ବ୍ୟୟ ହେବ । ଏ ଯେନ ବିହାରରାଜ୍ୟରେ ଘୁମୁଳ ବିଭ୍ରାଟ ଉପସ୍ଥିତ ହୋଇ ଅଛି । ଜମିଦାର ଓ ପ୍ରଜା ଉଭୟେ ଏଥିରେ ବିରକ୍ତ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଏହା ନ କରିବାକାରଣ ପ୍ରାର୍ଥନା କରି ଅଛନ୍ତି । ଲେଫଟେନାଣ୍ଟ ମହୋଦୟଙ୍କର ବର୍ତ୍ତମାନ ବିହାର-ଗସ୍ତ ଏହି ବିଷୟ ବିବେଚନା କରିବା ଉଦ୍ଦେ-ଶ୍ୟରେ ହୋଇ ଅଛି । ସର ଜନ୍ଉଡ୍‌ବର୍ନ ମହୋ-ଦୟଙ୍କ ପ୍ରାୟ ଦକ୍ଷ ଶାସନକର୍ତ୍ତା ଏଥିର ସୁବିଚାର କରିବେ ଆମ୍ଭମାନଙ୍କର ଏକାନ୍ତ ଧାରଣା ।

---

ସୋନପୁରର ମୃତ ରାଜା ଯେଉଁ ଟ୧୦୦୯ଙ୍କା ଏଠା ଉତ୍କଳବ୍ରାହ୍ମସମାଜକୁ ଦାନ କରିବାର ଏଥିପୂର୍ବେ ଲେଖିଥିଲୁଁ ତହିଁମଧ୍ୟରୁ ଉକ୍ତ ସମାଜ ଅନ୍ୟାନ୍ୟ ସତ୍କାର୍ଯ୍ୟନିମନ୍ତେ ଟ ୪୦୯ ଙ୍କା ରଖି ଅବଶିଷ୍ଟ ଟ ୬୦୯ ଙ୍କାରେ ଖ ୮୦ ଖଣ୍ଡ ମୋଟଲୁଗା ଏବଂ ଅଢ଼େଇମହଣ ଚାଉଳ ଖରିଦ କରି ଦୁଃଖିଲୋକଙ୍କୁ ଗତ ରବିବାର ଅପରାହ୍ନକାଳରେ ସମାଜଗୃହଠାରେ ଦାନ କରିଥିଲେ । ପ୍ରତ୍ୟେକ ଅନ୍ଧ, ଖଞ୍ଜ ଏବଂ ପଙ୍ଗୁ-କୁ ପ୍ରାୟ ଏକସେର ପରିମାଣ ତଣ୍ଡୁଳସହିତ ଏକଖଣ୍ଡ ଲେଖାଏ ବସ୍ତ୍ର ଦିଆଗଲା ଏବଂ ଅବ-ଶିଷ୍ଟ ତଣ୍ଡୁଳ ଅପର କଙ୍ଗାଳଙ୍କୁ ବାଣ୍ଟିଦିଆଗଲା । ଏକାର୍ଯ୍ୟଟି ସୁନ୍ଦର ଓ ସୁଶୃଙ୍ଖଳାରେ ନିର୍ବାହ ହୋଇଥିଲା ଏବଂ ଦୁଃଖିମାନେ ବଡ ସନ୍ତୋଷ ହୋଇ ଦାତାଙ୍କୁ ଆଶୀର୍ବାଦ କରି ବିଦାୟ ହୋଇ ଗଲେ ।

---

ଇଣ୍ଡିୟାନନେସନ ଲେଖିଅଛନ୍ତି କି ଏଥର ବି, ଏଲ ଏବଂ ଏମ୍, ଏ ପରୀକ୍ଷାରେ ବିଭ୍ରାଟ ଘଟିଅଛି । ବି, ଏଲ ପରୀକ୍ଷାରେ ଦୁଇ ବିଷୟର ପ୍ରଶ୍ନକାଗଜ ଛପାରେ ମିଶିଯିବାରୁ କେତେକ ପରୀକ୍ଷାର୍ଥୀଙ୍କୁ ଏକ ବିଷୟର ଏବଂ କେତେକଙ୍କୁ ଅନ୍ୟ ବିଷୟର ପ୍ରଶ୍ନ ଏକ ସମୟରେ ଦିଆଗଲା । ସୁତରାଂ ଏହି ଦୁଇ ବିଷୟର ପରୀକ୍ଷା ନଷ୍ଟ ହୋଇ ପୃଥକ୍ ପ୍ରଶ୍ନ ପ୍ରସ୍ତୁତ ହେଲା ଏବଂ ପୁନର୍ଥ ପରୀକ୍ଷା ନିଆଗଲା । ଏମ, ଏ, ପରୀକ୍ଷାରେ ଯାହା ପାଠ୍ୟପୁସ୍ତକ ଥିଲା ତହିଁରୁ ପ୍ରଶ୍ନ ନିଆ ନ ଯାଇ ଅନ୍ୟ ଏକ ପୁସ୍ତକରୁ ପ୍ରଶ୍ନ ଦିଆଗଲା । ଏ ବିଷୟର ପରୀକ୍ଷା ସମ୍ଭବତଃ ନଷ୍ଟ ହେବ କଲିକତା ବିଶ୍ୱବିଦ୍ୟାଳୟର କାର୍ଯ୍ୟପ୍ରଣାଳୀ ନିତାନ୍ତ ଦୂଷଣୀୟ ନ ହେଲେ ଏପ୍ରକାର ଶୋଚନୀୟ ତ୍ରୁଟି ପୁନଃ୨ ଘଟିପାରନ୍ତା କି ? କର୍ତ୍ତୃପକ୍ଷଙ୍କର ଏଥିର ବିହିତ ପ୍ରତୀକାର ଶୀଘ୍ର କରିବା ଉଚିତ ।

---

Digitized by srujanika@gmail.com

Split by PDF Splitter



ଅଗତ କାଲ ରବିବାର ପୂର୍ଣ୍ଣିମାସ୍ଥରେ ଗୋଟିଏ ସର୍ବଗ୍ରାସ ଗ୍ରହଣ ହେବାର ଅଛି । ଉତ୍କଳପଞ୍ଜିକାମତେ ଶେଷ ରାତ୍ର ଘ ୪।୨୬ ମିନିଟରେ ଏ ଗ୍ରହଣ ଆରମ୍ଭ ହୋଇ ଘ ୫।୨୯ ମିନିଟରେ ନିମୀଲନ ପରେ ଘ ୬।୨୦ ମିନିଟରେ ଉନ୍ମୀଲନ ହୋଇ ଘ ୭।୨୩ ମିନିଟରେ ସର୍ବମୋକ୍ଷ ହେବ । ଏଥିରୁ ଅରଦିନ ଘ ୬।୨୭ ମିନିଟରେ ସୂର୍ଯ୍ୟୋଦୟ ହେବାର ଥିବାରୁ ଗ୍ରହଣ ଛାଡିବାର ଆରମ୍ଭ ହେବା ପୂର୍ବରୁ ଅର୍ଥାତ ସମ୍ପୂର୍ଣ୍ଣଗ୍ରହଣ ଅବସ୍ଥାରେ ଚନ୍ଦ୍ର ଅସ୍ତ ହୋଇ ଯିବ । ଅନେକ ହିନ୍ଦୁ ମୁକ୍ତି ଉତ୍ତାରୁ ଚନ୍ଦ୍ରଦର୍ଶନ ନ କରି ଭୋଜନ କରନ୍ତି ନାହିଁ । ରବିବାର ଗ୍ରହଣ ପୂର୍ବସନ୍ଧ୍ୟା ପ୍ରାୟ ଘ ୭ ଘଣ୍ଟା ଠାରୁ ଭୋଜନ ନିଷେଧ ଏବଂ ସୋମବାର ରାତ୍ର ପ୍ରାୟ ଘ ୭ ଘଣ୍ଟା ବେଳେ ଚନ୍ଦ୍ର ଉଦୟ ହେବେ । ସୁତରାଂ ସେମାନେ ପ୍ରାୟ ଘ ୨୪ ଘଣ୍ଟା କାଲ ଉପବାସ କରିବେ । ଏପରି ଉପବାସ ଅବଶ୍ୟ କଷ୍ଟକର ଏବଂ ଏଥିରେ ଜ୍ୟୋତିଷଶାସ୍ତ୍ରର ଅବମାନନା ହେଉଅଛି ବୋଲିବାକୁ ହେବ । କାରଣ ଆଖିରେ ନ ଦେଖିଲେ ଜ୍ୟୋତିଷଗଣନାମତେ ଗ୍ରହଣ ଛାଡିବାର ବିଶ୍ୱାସ ହେଲା ନାହିଁ । ଏ ସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁରେ ଆମ୍ଭମାନଙ୍କର ସହାନୁଭୂତି ଅଛି । ଯେଉଁଠାରେ ପ୍ରତ୍ୟକ୍ଷପ୍ରମାଣ ଅସମ୍ଭବ ସେଠାରେ ଯୁକ୍ତି ଉପରେ ନିର୍ଭର କରିବା ନ୍ୟାୟସଙ୍ଗତ ଅଟଇ ।

---

## ତୋଫାନ ।

ଗତ ସପ୍ତାହରେ ସାମାନ୍ୟରେ ଯେଉଁ ତୋଫାନ ଏଠାରେ ପ୍ରତ୍ୟକ୍ଷ ହୋଇଥିଲା ତାହା ଏକକ୍ଷା ଏବଂ ପୁରୀର ଉପକୂଳସ୍ଥ ପ୍ରଦେଶରେ ଭୟାନକମୂର୍ତ୍ତି ଧାରଣ କରି ମହା ଉତ୍ପାତ ଘଟାଇଥିବାର ବର୍ତ୍ତମାନ ଜଣାଯାଇ ଅଛି । କେଉଁଠାରେ କପରିମାଣ କ୍ଷତି ହୋଇଅଛି ଏବଂ କେତେ ଗୋମେଷାଦି ପଶୁ ଓ ମନୁଷ୍ୟ ମରି ପଡିଅଛନ୍ତି ତହିଁର ସରକାରୀବିବରଣ ଅଦ୍ୟାପି କିଛି ପ୍ରକାଶ ପାଇ ନାହିଁ ଏବଂ ଶୀଘ୍ର ପାଇବାର ଆଶା ନାହିଁ । କାରଣ ବାତ୍ୟାପୀଡିତ ଅଞ୍ଚଳର କେତେକ ଜମିଦାର ଗତ ସୋମବାର କଲେକ୍ଟର ସାହେବଙ୍କଠାରେ ସାହାଯ୍ୟ ପାଇବାର ପ୍ରାର୍ଥନା କରିବାରୁ ବାବୁ ସୁଦର୍ଶନ ନାୟକ ଡେପୁଟୀ କଲେକ୍ଟର ଅନୁସନ୍ଧାନନିମନ୍ତେ ପ୍ରେରିତ ହୋଇଅଛନ୍ତି ଏବଂ କାନୁନଗୋଇ ଓ ପୁଲିସ ପ୍ରତି ରପୋର୍ଟ କରିବାର ଆଦେଶ ହୋଇଅଛି । ଏସବୁ ଅନୁସନ୍ଧାନର ଫଳ ବାହାରିବାକୁ ଅନ୍ତତଃ ଦୁଇସପ୍ତାହ ଲାଗିବ । ସନ ୧୮୮୫ ସାଲର ତୋଫାନ ସମୟରେ ଶ୍ରୀଯୁକ୍ତ ମେଟକାଫ ସାହେବ ଏଠାରେ କମିଶ୍ନର ଥିଲେ । ସେ ସମ୍ବାଦ ପାଇବାମାତ୍ରକେ ଅଗ୍ନିବୋଟରେ ଡାଲିଚାଉଳ ଚୂଡ଼ା ଲୁଣ ଇତ୍ୟାଦି ଖାଦ୍ୟଦ୍ରବ୍ୟ ସଙ୍ଗେ ନେଇ ପୁଲିସ ବାରିକମାଷ୍ଟରପ୍ରଭୃତି କର୍ମଚାରୀଙ୍କସହିତ ତୋଫାନ ହୋଇଥିବା ସ୍ଥାନମାନ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ଆବଶ୍ୟକମତେ ସାହାଯ୍ୟପ୍ରଦାନ କଲେ ଏବଂ ବିସ୍ତାରିତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ । ଏଥର ତାହା ନ ହୋଇ ଘଟନାର ଦି ୪।୬ ନ ଉତ୍ତାରୁ ଅନୁସନ୍ଧାନର ଆଦେଶ ହେଲା । ଅନୁସନ୍ଧାନ ଶେଷ ହେଲେ ପ୍ରୟୋଜନମତେ ସାହାଯ୍ୟ ଦିଆଯିବ । ସୁତରାଂ ଯେ ଅନାହାରରେ ମରିବାର ସେ ମରିଯାଇଥିବ ଓ ଯେଉଁମାନେ କଷ୍ଟରେ ବଞ୍ଚିଥିବେ ସେମାନଙ୍କ ସାହାଯ୍ୟ ଅଧିକ କଷ୍ଟକର ହେବ । ଯାହା ହେଉ ସରକାରୀ ସମ୍ବାଦ ଅଭାବରେ ଆମ୍ଭେମାନେ ନାନା ସୂତ୍ରରୁ ଯାହା ଅବଗତ ହୋଇଅଛୁଁ ପାଠକମାନଙ୍କୁ ଜଣାଉ ଅଛୁଁ ।

ଚଳିତମାସ ତା ୪ ର ବୁଧବାର ସକାଳେ ଏଠାରେ ସାମାନ୍ୟ ବୃଷ୍ଟି ଓ ପବନ ଆରମ୍ଭ ହେଲା ଏବଂ କ୍ରମଶଃ ବୃଦ୍ଧି ହୋଇ ସନ୍ଧ୍ୟାସମୟକୁ ବତାସ ପ୍ରବଳ ହୋଇ ତୋଫାନର ଲକ୍ଷଣ ଦେଖାଗଲା । ସେଦିନ ଚାନ୍ଦବାଲି ବାର ଥିବାରୁ ଏଠାରୁ ଅଗ୍ନିବୋଟମାନ ଅନ୍ୟାନ୍ୟ ବୋଟସହିତ ସ୍ୱଭାବତ ଯାତ୍ରା କଲେ ଏବଂ କଲିକତାରୁ ଗୃରଖଣ୍ଡ ଜାହାଜ ଚାନ୍ଦବାଲିକୁ ଯାତ୍ରା କଲେ । ଏଠା ବୋଟମାନ କେନ୍ଦ୍ରାପଡ଼ା ପାର ହେବା ଉତ୍ତାରୁ ତୋଫାନର ଆଗମ ଦେଖି ଗଣ୍ଡାକଥିନକଟରେ ଅଟକି ରହିଲେ । ଗୁରୁବାର ଦିନମାନ ଭାରି ତୋଫାନ ହେଲା ଏଥିରେ ଅଗ୍ନିବୋଟମାନଙ୍କର କିଛି କ୍ଷତି ହୋଇ ନାହିଁ । ଖଣ୍ଡେ ବଜରାର ଉପର ଛାତ ଉଡିଗଲା ଏବଂ କେତେଖଣ୍ଡ ଡଙ୍ଗି ବୁଡିଗଲା । ନାଳରେ ଥିବା ଅନ୍ୟାନ୍ୟସ୍ଥାନରେ କେତେଖଣ୍ଡ ନୌକା ମଧ ବୁଡିଯାଇ ଅଛି । କଲିକତାର ଗୃରଖଣ୍ଡ ଜାହାଜମଧ୍ୟରୁ ଉଆରନ ହେଷ୍ଟିଂସ ନାମକ ଜାହାଜ ତୋଫାନ ପୂର୍ବରୁ ସମୁଦ୍ରକୁ ବାହାରି ଆସିଥିବାରୁ ସ୍ୱଭାବତ ସେଦିନ ସନ୍ଧ୍ୟାସମୟରେ ଚାନ୍ଦବାଲିରେ ନ ପହଞ୍ଚି ତହିଁ ଅରଦିନ ବେଳ ଘ ୧୧ ଘଣ୍ଟା ସମୟରେ ପହଞ୍ଚିଥିଲା । ଏ ଜାହାଜସଙ୍କାଶେ ବଡ଼ ଭାବନା ଥିଲା କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଓ କପ୍ତାନଙ୍କ ସାବଧାନତାହେତୁ ତୋଫାନକୁ ଅତିକ୍ରମ କରି ସୁସ୍ଥାନରେ ପହଞ୍ଚିଥିଲା ବଡ ସୁଖର ବିଷୟ ଅଟଇ । ଅନ୍ୟ ତିନିଜାହାଜ ସାଗରପର୍ଯ୍ୟନ୍ତ ଆସି ତୋଫାନର ବଳ ଅଧିକ ଦେଖି ସେ ରାତ୍ରରେ ସେଠାରେ ରହି ଆରଦିନ ସକାଳେ ଲେଉଟି ଯାଇ ଗଙ୍ଗାନଦୀମଧ୍ୟରେ ଲଙ୍ଗର କଲେ ଏବଂ ତହିଁ ଅରଦିନ ଶୁକ୍ରବାର ମଧ୍ୟ ସମୁଦ୍ରରେ ତୋଫାନ ପ୍ରବଳ ଥିବାର ସରକାରୀ ସଙ୍କେତ ଦେଖି କଲିକତାକୁ ଲେଉଟି ଗଲେ । ପୁଣି ଶନିବାର ସକାଳେ କଲିକତାରୁ ଯାତ୍ରା କରି ଚାନ୍ଦବାଲିଠାରେ ରାତ୍ର ଘ ୧୦ ଘଣ୍ଟା ସମୟରେ ପହଞ୍ଚିଥିଲେ । ଏଠା ବୋଟମାନ ଶନିବାର ଚାନ୍ଦବାଲିକୁ ଯାଇ ସେଠା ଯାତ୍ରିମାନଙ୍କୁ ନେଇ ସୋମବାର ଏ ନଗରକୁ ଫେରିଆସିଲେ । ଏଥିରୁ ପ୍ରକାଶ ଯେ ଏ ତୋଫାନରେ କୌଣସି ଜାହାଜ ନଷ୍ଟ ହୋଇ ନାହିଁ । କେବଳ ଧଡଆମାଳ ନଦୀରେ କେତେଖଣ୍ଡ ଦେଶୀନୌକା ବୁଡିଯାଇ ଅଛି ଏବଂ ତହିଁରେ ତିନି ଚାରିଜଣ ମରିଯାଇଥିବାର ଜନରବ ଆମ୍ଭେମାନେ ଶୁଣିଅଛୁଁ ।

ସରକାରୀ ବାୟୁପରୀକ୍ଷକଙ୍କର ରପୋର୍ଟରୁ ଜଣାଯାଏ ଯେ ଏହା ତୋଫାନ ମାନ୍ଦ୍ରାଜନିକଟ ସମୁଦ୍ରରେ ତା ୩ ରିଖ ମଙ୍ଗଳବାର ଦେଖାଦେଇ ମନ୍ଦଗତିରେ ଉତ୍ତରଦିଗକୁ ଅଗ୍ରସର ହେଉଥିଲା । ବୁଧବାର ଉଷାକ ପଟନ ନିକଟରେ ଏହାର ବଳ ବୃଦ୍ଧି ହେଲା ଏବଂ ଗୁରୁବାର ପ୍ରାତଃକାଳରେ ଅତ୍ୟନ୍ତ ପ୍ରବଳ ହୋଇ ଏହାର କେନ୍ଦ୍ର ଗୋପାଳପୁର ପାରହୋଇ ଓଡ଼ିଶାର ଦକ୍ଷିଣଭାଗ ପୁରୀରେ ପହଞ୍ଚିଲା ଏବଂ ଦିବା ଦୁଇପ୍ରହର ଘ ୧ ଘଣ୍ଟାବେଳେ କଟକ ପାରହୋଇ ବାଲେଶ୍ୱରରେ ରାତ୍ର ଘ ୧୧ ଘଣ୍ଟାବେଳେ ପହଞ୍ଚିଲା । ଶୁକ୍ରବାର ସକାଳେ ସାଗରର ଦକ୍ଷିଣଦିଗରେ ପ୍ରବେଶ ହୋଇ ବେଳ ଘ ୧୧ ଘଣ୍ଟା ସମୟରେ କଲିକତାର ଦକ୍ଷିଣପୂର୍ବ ୮୦ ମାଇଲ ଅନ୍ତରରେ ଥିଲା । ସୁତରାଂ କଲିକତାକୁ ଜଣାପଡ଼ିଲା ନାହିଁ । ପ୍ରବଳ ବତାସରେ ଟେଲିଗ୍ରାଫର ତାର ଛିଡିଯିବାରୁ ବାଲେଶ୍ୱର ଓ ପୁରୀର ସମ୍ବାଦ ଜଣାଗଲା ନାହିଁ । ଏ ତୋଫାନର ଅଧିକାଂଶ ବଳ ସମୁଦ୍ରରେ ପ୍ରକାଶ ପାଇଥିଲା । କେବଳ ପୁରୀଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳସ୍ଥ ଭୂମିକୁ ସ୍ପର୍ଶ କରିବାରୁ ସମୁଦ୍ରତଟଗୁ

Digitized by srujanika@gmail.com

Split by PDF Splitter



ପ୍ରାୟ ୧୦ଟା ୨୦।୨୫ ଘ ଗୌଡ଼ା ଭୂମି-ମଧ୍ୟରେ ଏହାର ପ୍ରଚଣ୍ଡ ବଳ ଅନୁଭବ ହୋଇ ଅଛି । ଏଥିମଧ୍ୟରେ ବତାସ ବର୍ଷା ଓ ଲୁଣାଜଳ ମାଡ଼ିବାଦ୍ୱାରା ବିଶେଷ କ୍ଷତି ହୋଇଅଛି । ପୁରୀ ନଗରରେ, କଲେକ୍ଟରୀ କଚେରୀ ପର୍ଯ୍ୟନ୍ତ ଲୁଣା ଜଳ ଉଠି ମହାଫିଜଖାନା ଏବଂ ଖଜଣାଖାନାରେ ଜଳ ପଶିଥିଲା । ମାଟିଘରର ଚୂଳରେ ଆଦୌ କୁଟା ନାହିଁ ଏବଂ ଅନେକ ଘର ଭାଙ୍ଗିଯାଇଅଛି । ଅନେକ ଗୋରୁ ଗାଈ ଏବଂ ଜ ୬୨ଣ ମନୁଷ୍ୟ କାନ୍ଥତଳେ ମରିପଡିବାର ଜଣାଯାଇ ଅଛି ଯାଉ-ଲୁଦ, ମାଲୁଦ, ପାଲୁର, ହୁମା ପ୍ରଭୃତିରେ ପୁରା-ପ୍ରାୟ କ୍ଷତ ହୋଇଅଛି, ଏବଂ ଚିଲିକାଲୁଣାଜଳ ମାଡ଼ି ଫସଲ ନଷ୍ଟ କରିଅଛି । ଚିଲିକାମୁହାଣରେ ଥିବା କେତେକଖଣ୍ଡି ଯାତ୍ରିନୌକା ଭାସିଯାଇ ଅଛି ତହିଁର ଠିକଣା ମିଳ ନାହିଁ କେବଳ ଟୋ ୩ ଟା ଶବ ଦେଖା ଯାଇ ଅଛି । ସେହି-ଠାରୁ ସମୁଦ୍ର କୂଳେ ୨ ଉତ୍ତରକୁ କୁଜଙ୍ଗ ଓ କନକାର ଦକ୍ଷିଣଭାଗ ପର୍ଯ୍ୟନ୍ତ ଏହିପରି ଶୋଚନୀୟ ଅବସ୍ଥା । କେନ୍ଦ୍ରାପଡ଼ାରେ ମୁନସଫି କଚେରୀଘର ଉଡ଼ିଯାଇ କାଗଜପତ୍ର ଭିଜି-ଯାଇଅଛି ଏବଂ ସେଠାରେ ମଧ୍ୟ ଅନେକ କାହୁଘର ନଷ୍ଟ ହୋଇଅଛି । କନକାର ଉତ୍ତ-ରଭାଗଠାରୁ ଉତ୍ତରକୁ ବାଲେଶ୍ୱର ପର୍ଯ୍ୟନ୍ତ ସାମାନ୍ୟବତାସ ହୋଇଥିଲା । ଯାଜପୁରରଅବସ୍ଥା ଏକଗର ପ୍ରାୟ ବୋଲିବାକୁ ହେବ । ଏସବୁ ଅଞ୍ଚଳକୁ ତୋଫାନ ବାଧି ନାହିଁ ଏବଂ ବୃଷ୍ଟି-ଦ୍ୱାରା ଉପକାର ହୋଇଅଛି ।

ବୃଷ୍ଟିର ପରିମାଣ କଟକରେ ବୁଧବାର ୨୫-ଇଞ୍ଚ ଓ ଗୁରୁବାର ଇ ୨.୧୩ଞ୍ଚ ବାଲେଶ୍ୱରରେ ବୁଧବାର ୩ ଇଞ୍ଚ ଓ ଗୁରୁବାର ୧.୨୩ଇଞ୍ଚ, ।

ଏତୋଫାନଦ୍ୱାରା ଯେ ପରିମାଣ କ୍ଷତି ହୋଇ ଅଛି ଏବଂ ଲୋକମାନେ କିପ୍ରକାର ହୃଦୟବିଦା-ରକ କଷ୍ଟସହ୍ୟ କରୁଅଛନ୍ତି ତହିଁର କିଞ୍ଚିତ୍‌ଜ୍ଞାନ ପାଠକମାନେ ପାଇବା ଅଭିପ୍ରାୟରେ ଭିନ୍ନଖଣ୍ଡ ପତ୍ର ନିମ୍ନେ ପ୍ରକାଶିତ ହେଲା । ଦିନ ବେଳେ ତୋଫାନ ହେବାରୁ ଲୋକେ ପ୍ରାଣ ରକ୍ଷା କରିବାକୁ ସମର୍ଥ ହୋଇଥିଲେ ଏହିକ ଭାଗ୍ୟର ବିଷୟ ବୋଲିବାକୁ ହେବ । ତଥାପି ୦ ବେ୨ କେତେଲୋକ ଲୁଣା ମାଡ଼ିବା ଓ କାନ୍ଥଭଙ୍ଗାଦି ଲାଗି ପଡ଼ିବାରେ ମରିପଡ଼ିବାର ପୁଲିସରପୋର୍ଟ ଏଣିକି ଆସୁଅଛି ।

---

କୋଠଦେଶ ତଣ୍ଡାହଟାରୁ ଜଣେ ସମ୍ବାଦ-ଦାତା ଲେଖିଅଛନ୍ତି କି କ୍ରମେ ଜଳାଶୟମାନ ଜଳଶୂନ୍ୟ ହୋଇ ଯିବାରୁ ସମସ୍ତେ ମେଘର ଆଶା ନେଲେ । କପର ଜଳବର୍ଷା ହେବ ଏଣୁ ସ୍ଥାନେ ୨ ମହାଭାରତ ପାଠ, ଶିବାଳୟରେ ବ୍ରାହ୍ମଣବରଣ, ଶିବଲିଙ୍ଗଙ୍କୁ ଜଳଶାୟୀ ଓ କେହି ୨ ଇନ୍ଦ୍ରପୂଜା କରିବାକୁ ଲାଗିଲେ । ଗତକମାସ ତା ୩ ରଖ ମଙ୍ଗଳବାର ସନ୍ଧ ଘ ୧୦ ଣ୍ଟା ସମୟରେ ମେଘ ବାହାର ଅଳ୍ପ ୨ ବର୍ଷା ଆରମ୍ଭ କଲା । ତା ୪ ରଖ ରାତ୍ରି ଘ ୧୨ଣ୍ଟା-ଠାରୁ ଅବିଶ୍ରାନ୍ତଭାବରେ ବୃଷ୍ଟି ଓ 'ସାମାନ୍ୟ ତୋଫାନ ଆରମ୍ଭ ହୋଇ ତା ୫ ରଖ ପୂର୍ବାହ୍ଣ ଘ ୭ ଣ୍ଟା ସମୟକୁ ଭୟଙ୍କର ଆକାର ଧାରଣ କଲା । ଯେହେତୁ ପ୍ରଳୟସଙ୍କାଶ ବାତ୍ୟା ଜଲ୍ଭବସ ଅପରାହ୍ଣ ଘ ୩ ଣ୍ଟାଯାଏ ସ୍ଥାୟୀ ହୋଇଥିଲା । ଏପରି ଘଟନାସମୟରେ ଯେ ଯେଉଁଠାରେ ସେ ସେହିଠାରେ ପରସ୍ପରେ ଚଭୁରାଷ ମିଳନ ହେବାର ଆଶା ହୃଦୟରେ ସ୍ଥାନ ପାଇ ନ ଥିଲା । ଏକଆଡ଼େ ବାତ୍ୟାର ଭୀଷଣନାଦ ଅନ୍ୟଆଡ଼େ ମେଘର ଘୋର ଗମ୍ଭୀରଧ୍ୱନି ଭୟଙ୍କରନାଦରେ ଆମ୍ଭମାନଙ୍କ ଶ୍ରବଣଶକ୍ତି ରହିତ ହେଲା । ପବ-ନର ବଳ ଏତେ ଅଧିକ ଥିଲା ଯେ ଏଥିରେ ଯାବତୀୟ ଲୋକଙ୍କର ଗୃହ ଭଗ୍ନ ହୋଇ ଯାଇ-ଅଛି । ଯାହାର କଚ୍ଛ ବା ଅଭଗ୍ନ ଅବସ୍ଥାରେ ଅଛି ତହିଁରେ କ୍ଷିଏମାତ୍ର ଛଣ ନାହିଁ । ବହୁତ ବାଉରଘର, ଗୋଶାଳା ଓ ବାଜେ ଘରମାନ ସମ୍ପୂର୍ଣ୍ଣରୂପେ ବିନଷ୍ଟ ହୋଇ ଯାଇଥିବାରୁ ଅନେକ ଗୋରୁ, ମେଣ୍ଢା, ଛାଗଳପ୍ରଭୃତି ଗୃହ-ପାଳିତପଶୁ ଅମୂଲ୍ୟପ୍ରାଣ ହରାଇଅଛନ୍ତି । ପକ୍ଷି-ଜନ୍ତୁମାନଙ୍କର ବଂଶ ସମୂଳେ ବିନଷ୍ଟ ହୋଇ ଯାଇଥିବାରୁ କ୍ଷେତ୍ରମାନ ମୃତପକ୍ଷିରେ ପରିବ୍ୟାପ୍ତ ହୋଇଅଛି । ନିମ୍ନଶ୍ରେଣୀୟ ଲୋକମାନେ ବାସ-ହୀନ ହୋଇ ଇତସ୍ତତ ଭ୍ରମଣ କରୁଅଛନ୍ତି । ଉପରସ୍ଥର ଲୋକମାନେ ଆପଣାର ଛପର ଉଡ଼ିଯାଇଥିବା ଘରମାନ ମରାମତ କରିବାରେ ବ୍ୟସ୍ତ ଅଛନ୍ତି । ଏପର ବୃକ୍ଷର ନାମମାତ୍ର ନାହିଁ । କି ଆମ୍ରତୋଟା କି ନାରିକେଳଉଦ୍ୟାନ ସମୂ-ଦାୟ ଭଗ୍ନ ହୋଇ ଭୂତଳଶାୟୀ ହୋଇଅଛନ୍ତି । ଯେଉଁବୃକ୍ଷ ବା ରକ୍ଷାପାଇ ଅଛି ତହିଁରେ ଡାଳ-ପତ୍ର ନାହିଁ । କୋଳଥ ଓ ସୋରଷ ଫସଲର ବୀଜ ଲୁପ୍ତ ହୋଇ ଅଛି । ଧାନ୍ୟଫସଲସମ୍ଭା-ବନାର ଆଉ ବାକି ନାହିଁ । ଯେଉଁ ଧାନ୍ୟସବୁ ବାହାରୁଥିଲା ସେ ଧାନ ଅର୍ଦ୍ଧବେଗରୁ ଭାଙ୍ଗି-ଯାଇଁ କେଉଁଆଡ଼େ ଉଡ଼ିଗଲା । ଏବଂ ପକ୍ୱ-ଧାନମାନ ସବୁ ଝଡ଼ିପଡ଼ିଲା । ବର୍ତ୍ତମାନ ଧାନ୍ୟକ୍ଷେତ୍ରମାନଙ୍କରେ ନଡ଼ାମାତ୍ର ଅବଶେଷ ଅଛି । ଏତିକମାତ୍ର ରକ୍ଷା ହେଲା ଯେ ଉକ୍ତ ଭୟଙ୍କର ବିପଦ ଦିବାଭାଗରେ ସଂଘଟିତ ହୋଇଥିବାରୁ ଲୋକେ ପ୍ରାଣରକ୍ଷା କରିବାକୁ ସୁବିଧା ପାଇଥିଲେ । ତଥାପି ଅନ୍ୟାନ୍ୟ ସ୍ଥାନ-ମାନଙ୍କରେ କାନ୍ଥ ପଡ଼ି କେତେକ ମନୁଷ୍ୟ ମରି ପଡ଼ିଥିବାର ସମ୍ବାଦ ପାଉଅଛୁଁ । ଯେପରି ଘର-ମାନ ଭାଙ୍ଗିପଡ଼ିଥିଲା ରାତ୍ରିରେ ଏ ଘଟଣା ଘଟିଥିଲେ ଆମ୍ଭେମାନେ ସମସ୍ତେ ମୃତ୍ୟୁମୁଖରେ ପତିତ ହୋଇଥାନ୍ତୁ । କି ଭୟଙ୍କର ବ୍ୟାପାର ! ଏହା କାହାର କଳ୍ପନାକୁ ସ୍ପର୍ଶ କରି ନ ଥିଲା । ଅନାବୃଷ୍ଟିରେ ଲୋକେ ଯାହାକିଛି ପାଣି ବ୍ୟାହି ଗୃହମାସ ବଞ୍ଚିଥାନ୍ତେ ବର୍ତ୍ତମାନ ସମୂଳରେ ବିନଷ୍ଟ ହୋଇଯିବାରୁ କେତେକ ଲୋକ କରୁଣସ୍ୱରରେ ବିଷଣ୍ଣ ବଦନରେ ଈଶ୍ୱରଙ୍କୁ ଉଚ୍ଚୈଃ ସ୍ୱରରେ ଡାକୁଅଛନ୍ତି; କେତେଲୋକ ଦରିଦ୍ରପଶ୍ଚାତ୍ତାପ ମନ୍ଥ ( କଣକରିବା ) ଯପ କରୁଅଛନ୍ତି । ବାସ୍ତବରେ ଲୋକଙ୍କୁ ମରୁଡ଼ି-ବାଧା ଯେତେଦୂର ବାଧି ନ ଥିଲା ତାହାର ଶତଗୁଣରେ ଏ ବାଧା ବାଧିଅଛି ।

ଆମ୍ଭମାନଙ୍କ ବିବେଚନାରେ ଏତେବେଳେ ଜିଲ୍ଲାର କର୍ତ୍ତୃପକ୍ଷୀୟମାନେ ସଦୟାନ୍ତଃକରଣ ହୋଇ ସ୍ୱୟଂ ମୋଫସଲ ତଦନ୍ତ କରି ଯେଉଁ ଦୁଃଖିଲୋକମାନେ ନିତାନ୍ତ ଗୃହଶୂନ୍ୟ ହୋଇ-ଅଛନ୍ତି ଏବଂ ଯେଉଁମାନଙ୍କୁ ଏ ବାଧା ବିଶେଷ-ରୂପେ ବାଧିଅଛି ସେମାନଙ୍କୁ ଏତେବେଳେ କିଛି ୨ ସାହାଯ୍ୟ କଲେ ଅବଶ୍ୟ ସରକାରର ସୁଖ୍ୟାତି ବଢ଼ନ୍ତା । ସନ୍ଦେହ ନାହିଁ ।

---

ଜଗତସିଂହପୁର ଅଞ୍ଚଳ ପୁନାଙ୍ଗରୁ ପଣ୍ଡିତ ରମାଇବଲ୍ଲଭ ବିଦ୍ୟାଗୁମ୍ଫ ଲେଖି ଅଛନ୍ତି କି ଆପଣ ଯେ ଗତସପ୍ତାହରେ ଦୀପିକାରେ ଲେଖି-ଥିଲେ ଇନ୍ଦ୍ରଦେବତା ବିଲାତକୁ ଯାଇ ଅଛନ୍ତି ସେ ଯଥାର୍ଥ ହେଲା, ଯେପରି ଭାରତବର୍ଷର ଲୋକମାନେ ବିଲାତକୁ ଯାଇ ବିଦ୍ୟା ବୁଦ୍ଧି ଓ ବଳରେ ପ୍ରବଳ ହୋଇ ଆସିବାର ଏଠାରେ ପରିଚୟ ଦେଉଅଛନ୍ତି ଇନ୍ଦ୍ରଦେବତା ମଧ୍ୟ ବିଲାତରୁ ପ୍ରବଳ ହୋଇ ଆସି ଏହି ପ୍ରଦେଶରେ ପ୍ରଥମରେ ପରିଚୟ ଦେଲେ ।

ତଦ୍ୟଥା, ନବେମ୍ବର ମାସ ତା ୩ ରଖ ମଙ୍ଗଳବାର ଦିବା ଘ ୧୦ ଣ୍ଟାଠାରୁ ଈଶାନ-

Digitized by srujanika@gmail.com

ଦେ ରୁ ସାମାନ୍ୟ ପବନ ବହୁଲା ଦିବା ଘଣ୍ଟା ସମୟରେ ବନ୍ଦ ହୋଇ ଗଲା ପୁଣି ସନ୍ଧ୍ୟା ଘ ୮ ଣ୍ଟାଠାରୁ ସେହି ପବନ ଉତ୍ତର ଦିଗରୁ ବହି ବୃଷ୍ଟି ଉତ୍ତରୋତ୍ତର ପ୍ରବଳ ହୋଇ ବୁଧବାର ଦିବାରାତ୍ରି ଓ ଗୁରୁବାର ଘ ୮ ଣ୍ଟା- ପର୍ଯ୍ୟନ୍ତ ପୂର୍ବୋକ୍ତ ଜଳରେ ପୂର୍ଣ୍ଣ ଓ କଦଳୀ ଓ ସଜନା ପ୍ରଭୃତି ଗଛ ନିର୍ମୂଳ ଓ ଆମ୍ବ ଜାମୁ ପଣସ ପ୍ରଭୃତି ଗଛ କ୍ଷତ ବିକ୍ଷତ । ସାମାନ୍ୟ ଘର ସବୁ ନିଷ୍ପନ୍ନ ହୋଇ ଗଲେ ସେହିଠାରୁ ଗୁରୁବାର ଦିବା ଘ ୩ ଣ୍ଟା ପର୍ଯ୍ୟନ୍ତ ମୂଷଳ- ଧାରରେ ବୃଷ୍ଟି ଓ ଅଣଶାଶ ପବନ ବହିଲା ଯେ କେତେ ଶକ୍ତ ଘର ସବୁ ଅର୍ଦ୍ଧାଂଶରେ ଓ ସାମାନ୍ୟ ଘର ସବୁ ନିଃଶେଷରୂପେ ଲୁଣ୍ଠିତ ହୋଇ ଯାଇଁ ଅନେକ ଘରର କାନ୍ଥ ପଡ଼ିଗଲା । ବଡ଼ ବଡ଼ ନଡ଼ିଆ ଆମ୍ବ ଜାମୁ ଓ ପଣସ ଗଛସବୁ ଭାଙ୍ଗି କିମ୍ବା ଉପୁଡ଼ି ପଡ଼ିଲେ ମଧ୍ୟ ଭଲ ଗଛ ସବୁ ନିଃଶାଖା ନିଷ୍ପତ୍ର ହୋଇ ଭୂତଳଶାୟୀ ହେଲେ । ମହାଶୟ ଆମ୍ଭ ଗ୍ରାମକୁ ଦୂରରୁ ଅନା- ଇଲେ ଗୋଟିଏ ବୃହତ୍ ନଡ଼ିଆବଗିଚାପରି ଦୃଶ୍ୟ ହୁଏ ସେ ଗଛସବୁ ପ୍ରାୟ ଚତୁର୍ଥାଂଶରେ ଅଛି ଆଉ ସବୁ ଭୂତଳଶାୟୀ ଓ ଘର ଉପରେ ପଡ଼ି ଘରସବୁ ଚୂର୍ଣ୍ଣ କରି ଦେଇ ଅଛନ୍ତି ଆଉ ନଡ଼ିଆ ଗୁଆ ଅନେକ ଗରିବ ଲୋକଙ୍କର ଜୀବନୋପାୟ ଥିଲା । ବର୍ତ୍ତମାନ ପାଂଚ ବା ୬ ବର୍ଷ ପର୍ଯ୍ୟନ୍ତ ତହିଁର ଫଲମାନ ଚକ୍ଷୁରେ ଦେଖା ଯିବ ନାହିଁ । ଆଉ ଲୋକମାନେ କେତେ ଟଙ୍କା ବ୍ୟୟ କଲେ ଯେ ଘରସବୁ ମରାମତି କରିବେ ତାହାର ନିଶ୍ଚୟ ନାହିଁ । ଆଉ ଆମ୍ଭ ଗ୍ରାମର ପ୍ରାୟ ଅଧମାଇଲ ମଧ୍ୟରେ ଚତୁଷ୍ପାର୍ଶ୍ୱରେ ୫ ବା ୭ ଜଣ ମନୁଷ୍ୟ ଘରର କାନ୍ଥ ପଡ଼ି ମରି ଯାଇ ଅଛନ୍ତି । ଅନେକ ଗୋମେଷାଦି ମରି ଯାଇ ଅଛନ୍ତି । ତତୋଧିକ ଲଘୁଧାନ ସବୁ ଯାହା କି ସୁପକ୍ୱ ହୋଇ ଥିଲା ଆଉ ୮ ଦିନ ଉତ୍ତାରୁ କଟା ହୋଇଥାନ୍ତା ସେ ସବୁ ଅର୍ଦ୍ଧାଂଶ ବଳରେ ଝଡ଼ି ପଡ଼ି ଅଛି । ଯେଉଁ ସବୁ ମଧ୍ୟବର୍ତ୍ତୀ ଧାନ ପୁଷ୍ପିତ ହୋଇ ଥିଲେ ସେ ସବୁ ଭୂତଳଶାୟୀ ହୋଇ ଅଛନ୍ତି । ଆଉ ଯେଉଁ ସବୁ ବଡ଼ଧାନ ଥୋଡ଼ ହୋଇ ଥିଲେ ସେ ସବୁ ଥୋଡ଼ ଫାଟି ଯାଇ କ୍ଷତ ବିକ୍ଷତ ହୋଇ ପଡ଼ି ଅଛନ୍ତି । ଅତଏବ ଶେଷୋକ୍ତ ଦୁଇ ପ୍ରକାର ଧାନ ପ୍ରାୟ ଅଗାଡ଼ି ହୋଇ ଯିବେ ଓ ଷାଠିକିଆ ଧାନ ସବୁ ଫୁଲ ଓ କଣ୍ଟା ଧରି ଆସୁଥିଲେ ସେ ସବୁ ମଧ୍ୟ ନଷ୍ଟ ହୋଇ ଯିବେ । ବୁଣା ସମୟରେ ଅତିଶୟ ବୃଷ୍ଟି ହେବାରୁ ଲୋକେ ଦୁଇଥର ବୁଣି ସୁଦ୍ଧା ଏକପାରେ ଗଛ ହୋଇ ଥିଲା ସେ ସୁଦ୍ଧା ମାରି ଗଲା ଆଉ ଦେଉଳିଆ ଗାର କି ହେବ କହି ନ ପାରେଁ ମହାଶୟ ଆମ୍ଭଙ୍କୁ ପ୍ରାୟ ୭୦ ବର୍ଷ ବୟଃକ୍ରମ ହେଲା ଆମ୍ଭ ଜ୍ଞାନାବସ୍ଥାରେ ପାଞ୍ଚଗୋଟି ବୃହତ୍ ଝଡ଼ ଓ ଆଉ କେତେଗୁଡ଼ିଏ ସାମାନ୍ୟ ଝଡ଼ ଦେଖା ଥିଲୁ କିନ୍ତୁ ଏପରି ଦୀର୍ଘସମୟ- ବ୍ୟାପୀ ମହାଝଡ଼ କେବେହେଁ ଦେଖା ନ ଥିଲୁ । ମହାଶୟ ମରୁଡ଼ି ହେଉ ଥିଲା ସତ୍ୟ ତାହା ହୋଇ ଥିଲେ ନାଳ ଉଚ୍ଚକାର ଶସ୍ୟ ସମ୍ପୂର୍ଣ୍ଣ- ରୂପେ ଆଉ ସାଇବର ପ୍ରଭୃତି କି ଯେଉଁଠାରେ ନାଳ ନାହିଁ ସେଠାରେ ଶସ୍ୟ ଅର୍ଦ୍ଧାଂଶରେ ଅମଳ ହୋଇ ଥାନ୍ତା ଏ ଯାହା ହେଲା ଏଥିରେ ଚୂଡ଼ାପଣରେ ଶସ୍ୟ ଲାଭ ହେବାର ଆଶା ନାହିଁ । ଯାହା ହେଉ ବର୍ତ୍ତମାନ ମହାମାନ୍ୟ ଶୀଳ ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟ ଏ ପ୍ରଦେଶର ପ୍ରଜାଙ୍କପ୍ରତି ଯେବେ ଯଥାବିଧି ସାହାଯ୍ୟ କରନ୍ତି ତେବେ ଏକପ୍ରକାର ରକ୍ଷା ଅଛି ନଚେତ୍ ଏବର୍ଷ ଓଡ଼ିଶାର ଦଶା ନଅଙ୍କଠାରୁ ବଳିଯିବ ।

---

କୁଜଙ୍ଗଅଞ୍ଚଳକୁ ସରକାରୀ କାର୍ଯ୍ୟରେ ଯାଇ ଫେରି ଆସିଥିବା ଜଣେ ବନ୍ଧୁ ଲେଖି ଅଛନ୍ତି କି ଗତ ଶୁକ୍ରବାର ତୋଫାନ ଦିନ ମୁଁ ପାଲଗଡ଼- ଠାରେ ଥିଲି ପ୍ରାଣ ଘେନି ଫେରି ଆସିଅଛି । ମୁଁ ଯେଉଁଘରେ ଥିଲି ତହିଁର ତିନିପାଖ ମେଲା କେବଳ ଏକପାଖରେ କାନ୍ଥ ଥିଲା ସେଥିରେ ଜ ୨୪ ଣ ଖଣ୍ଡାଖଣ୍ଡ ହୋଇ ଗୃହଅଭ୍ୟନ୍ତରେ ପଶିଆ ଆଶ୍ରା ନେଇ ଦୁଇପ୍ରହର ବେଳଠାରୁ ରାତ୍ରି ତିନିଘଡ଼ି ପର୍ଯ୍ୟନ୍ତ ଅତିବାହିତ କଲୁଁ । ପରେ ସେହି ଓଦାଲୁଗା ଓ କାଦୁଅପଙ୍କରେ ସଞ୍ଚି ଯାପନ ହେଲା ଭାଗ୍ୟଙ୍କୁ ଟିକିଏ ନିଆଁ ମିଳିବାରୁ କିଛି କଷ୍ଟ ଲାଘବ ହୋଇଥିଲା । ଆରଦିନ ସକାଳେ ଦୁଇକୋଶ ପାଣିବାଟ ଅତିକ୍ରମ କରି ଜଗିବନ୍ଧ ପାଇବାରୁ ସୁସ୍ଥରେ ଗ୍ରାମକୁ ଆସିଅଛି । ସେ ଅଞ୍ଚଳରେ ଭୟାନକ ତୋଫାନ ହୋଇଥିଲା ଓ ତହିଁସଙ୍ଗେ ସାମାନ୍ୟ ଜୁଆର ଉଠିଥିଲା । ଜୟପୁରଠାରୁ ସମୁଦ୍ର ପର୍ଯ୍ୟନ୍ତ ଅର୍ଥାତ୍ ସମୁଦାୟ ତିରତୋଲ ଥାନାର ବାରପଣ କାନ୍ଥ ପଡ଼ିଯାଇ ଅଛି । ଥାନା, ଡାକଘର, ଗୃହଳଗୋଦାମ ଆଦି ବଡ଼ ବଡ଼ ଘର ଭୂମିସାତ୍ ଓ ଧାନ ପ୍ରାୟ ଆଠ- ପଣ ଝଡ଼ି ଯାଇଅଛି ଅନେକ ଗୋରୁ କାନ୍ଥ- ତଳେ ଓ ଖାଲରେ ପଡ଼ି ନଷ୍ଟ ହୋଇଅଛନ୍ତି । ବୃକ୍ଷ ପ୍ରାୟ ଦଶପଣ କି ବାରପଣରେ ନଷ୍ଟ ହୋଇ ଅଛି । ସ୍ଥାନେ ସ୍ଥାନେ ନଦୀତୀର ଅସାବଧା- ନରେ ଥିବା କେତେ ମନୁଷ୍ୟ ମଧ୍ୟ ନଷ୍ଟହୋଇ ଅଛନ୍ତି । ଲୁଣାଜଳଯୁଆର ମହାନଦୀଦ୍ୱାରା ତିରତୋଲ ପର୍ଯ୍ୟନ୍ତ ଉଠିଥିଲା । ଭୂତମୁଣ୍ଡାଇ ପ୍ରଭୃତି ଗ୍ରାମମାନଙ୍କରେ ଯୁଆର ପଶିଥିଲା । ମୁଁ ଯେଉଁଠାରେ ଥିଲି ସେ ପର୍ଯ୍ୟନ୍ତ ଯୁଆର ଆସିଥିଲା ଅଉ ପାଖହାତ ଉଠିଥିଲେ ମୋହର ବସିବା ସ୍ଥାନକୁ ବୁଡ଼ାଇ ଥାନ୍ତା । ପୂର୍ବେଇପବନ ଏହି ସମୟରେ ବନ୍ଦ ହେବାରୁ ଯୁଆର ଲେଉଟି ଗଲା । ତାରପୁରଲକ୍ଷ୍ନୀକଣ୍ଟ ଦୁଇସ୍ଥାନରେ ବନ୍ଧ ଭାଙ୍ଗିଯିବାରୁ ନାଳରୁ ପାଣି ଶୁଖିଯାଇ ଅଛି । ଇତ୍ୟାଦି ।

---

## ସାପ୍ତାହିକ ସମ୍ବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ମଙ୍ଗଳବାର ଜଳପ୍ଳାବିତ ପରିଦର୍ଶନ ନିମନ୍ତେ ମହାନଦୀର ଦକ୍ଷିଣ କୂଳ ବାଟେ ଗମନ କଲେ ।

ଏଠାରେ ଠାବେ ଠାବେ ଓଲାଉଠା ସାମାନ୍ୟଭାବରେ ଦେଖା ଦେଇ ଅଛି । ଜର ଓ କାଶ ଅନେକ ଲୋକଙ୍କୁ ହେଉଅଛି ।

ଗତ ଗୁରୁବାର ଚଳିତ ମାସ ତା ୧୨ ରିଖରେ ଗଡ଼- ଜାତର ସେନ୍‌ସସ୍ କାର୍ଯ୍ୟ ଶେଷ ହୋଇଅଛି ।

ଶ୍ରୀଯୁକ୍ତ ଦାରଭଙ୍ଗାର ରାଜା ସପରିବାରେ ତୀର୍ଥ ଯାତ୍ରା କରି ଗତ ସପ୍ତାହରେ ଗୟାଠାରେ ପହଞ୍ଚିଥିଲେ ।

ଜଳିତ ଏସବାଲି ବଙ୍କିକା ମାମଲ କ ଯହିଁରେ ବାଇକ- ମାସ୍ତର ବଟଲିତସାହେବ ମାଡ଼ ଖାଇ ଅଛନ୍ତି ପୁଲିସ ତହିଁର ଅନୁସନ୍ଧାନ କରି ୮।୧୦ ଣ ଆସାମିଙ୍କୁ ଚାଲାଣ ଦେଇ ଅଛନ୍ତି । ତା ୧୭ ରିଖରେ ମୋକଦ୍ଦମା ପଡ଼ିବାର କଥା ଅଛି ।

### କଲିକତା-ଗେଜେଟ ।

ମିଃ ଇଥନ ଓଡ଼ିଶାବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ ହେବାନିମନ୍ତେ ଉଜଣ୍ଟବଙ୍ଗଲକୁ ବଦଳି ହୋଇଅଛନ୍ତି ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଜାନକୀଭୂଷଣ ସେନ କଟକ ତ୍ରିବେଣୀର ଅବକାଶକାର୍ଯ୍ୟରେ ଗତ ସେପ୍ଟେ- ମ୍ବର ମାସ ତା ୨୭ ରିଖରୁ ନିଯୁକ୍ତ ହୋଇଅଛନ୍ତି ।

କୁଜଙ୍ଗ ନାବାଲଗୀ ମହାଲର ବନ୍ଦୋବସ୍ତକର୍ମଚାରୀ ବାବୁ ଜଗନ୍ନାଥ ଘୋଷ ଓଡ଼ିଶାର ଅଃ ବନ୍ଦୋବସ୍ତକର୍ମଚାରୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

ମୌଲବି ସୁଲତାନ ମହମ୍ମଦଙ୍କ ସ୍ଥାନରେ କାଜଲାଲ ମହମ୍ମଦ କଟକ ମିଉନିସିପାଲିଟିର କମିଶ୍ନର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଡାକ୍ତର ଏଫ୍ ଯେତ୍ରୁ ଛୁଟିପ୍ରାପ୍ତ ହେବାରୁ ତାଙ୍କ ସ୍ଥାନରେ ଶ୍ରୀ ସର୍ଜନ ମୋହନଲାଲ ମୁଖର୍ଜୀ ବାଲେଶ୍ୱର- ଡିଷ୍ଟ୍ରିକ୍ଟବୋର୍ଡର ସଭ୍ୟପଦରେ ନିଯୁକ୍ତ ହୋଇଅଛନ୍ତି ।

---

ମାନ୍ଦ୍ରାଜର ଗବର୍ଣ୍ଣର କଲିକତାକୁ ଆସିବା ସମୟରେ ଗଞ୍ଜାମଜିଲା ପରିଦର୍ଶନ କରିବାର କଳ୍ପନା କରି ଅଛନ୍ତି କାରଣ ସେଠାରେ ଫସଲହାନିର ଶଙ୍କା ଅଛି ।

ଗ୍ରହଣ ଦେଖା ନ ଗଲେ ସମସ୍ତ ଜଳାକର ସ୍ନାନଭୋଜନ କରିବ । ବ୍ରହ୍ମପୁରାଣେ । 'କାଶ୍ମୀ-ଗ୍ରାଦିଅଭାବେ ଗ୍ରସ୍ତୟୋ ଶ୍ଚନ୍ଦ୍ରସୂର୍ଯ୍ୟୟୋଃ ମୁକ୍ତ୍ୟୋଶ୍ଚ କୃତସ୍ନାନଃ ପଶ୍ଚାଦ୍ଭୁଞ୍ଜ୍ୟା ସ୍ତ୍ରଦେଶ୍ମନ ।' ମୁକ୍ତି ସମୟକୁ ଶାସ୍ତ୍ରଦ୍ୱାରା ଜାଣିବ । ପୁନଶ୍ଚ । ଯଥା ବୃକ୍ଷାଦୟଃ ଛନ୍ନେ ସ୍ନାନାଦ୍ୟଂ କ୍ରିୟତେ ଗ୍ରହେ । ଦର୍ଶନେଚ୍ଛାଦ୍ୟତେ ଭବନ୍ତି ସ୍ନାନାଦୌ ନୈବ ବାଧକାଂ ।' ଗ୍ରହଣଗ୍ରସ୍ତସମୟରେ ଭୋଜନ କରିବ ନାହିଁ, ମୁକ୍ତି ହେଲା ଉତ୍ତାରୁ ସ୍ନାନ କରି ପଛେ ଭୋଜନ କରିବ । ଯେପରି ବୃକ୍ଷାଦି ଅନ୍ତରାଳରେ ଗ୍ରହଣ ଦେଖା ନ ଗଲେ ସମସ୍ତ ଅନୁମାନକରି ସ୍ନାନାଦି କରିବାକୁ ହୁଏ ସେହିପରି ମେଘାଚ୍ଛନ୍ନାଦିରେ ସ୍ନାନାଦିର ବାଧା ହେବ ନାହିଁ । ଗଣିତଶାସ୍ତ୍ରଗଣନାକ୍ରମେ ସ୍ପର୍ଶମୁକ୍ତି ସ୍ନାନର କାଳ ଗ୍ରହଣକରିବାକୁ ହୁଅଇ । ତଥାଚ । 'ସୂର୍ଯ୍ୟଗ୍ରହୋ ଯଦା ରାତ୍ରୌ ଦିବା ଚନ୍ଦ୍ର ଗ୍ରହସ୍ତଥା । ତତ୍ର ସ୍ନାନଂ ନ କୁର୍ବୀତ ଦଦ୍ୟାଦ୍ଦାନଂ ନ ଚ କ୍ୱଚିତ୍ । ଅର୍ଥାତ୍ । ରାତ୍ରିରେ ସୂର୍ଯ୍ୟଗ୍ରହଣ ପଡ଼ିଲେ ଦିବା ଦିବସରେ ଚନ୍ଦ୍ରଗ୍ରହଣ ପଡ଼ିଲେ ସ୍ନାନଦାନାଦି କରିବାକୁ ହୁଅଇ ନାହିଁ, ଯେହେତୁ ଗ୍ରହଣ ଦେଖାଯାଇ ନ ପାରେ । ଏହି ଯେ ନିଷିଦ୍ଧ ବାକ୍ୟ ଅଛି ତାହା ବ୍ୟର୍ଥ ହୋଇଯିବ । ଯେହେତୁ ଦେଖା ନ ଗଲେ ସ୍ନାନାଦିର ନଷେଧର ସିଦ୍ଧି ହେଉଅଛି । କେହି କେହି କହନ୍ତି, "ଗ୍ରସ୍ତାସ୍ତେ ମୌକ୍ତିକଂ ସ୍ନାନଂ ମୁକ୍ତଂ ଦୃଷ୍ଟ୍ୱା ରବିଂ ବିଧୁଂ ।" ଇତ୍ୟାଦି ବାକ୍ୟରେ (ଦେଖିକରି) ଏହି ପଦଦ୍ୱାରା ଆଖିରେ ଦେଖିବାର ବୋଧ ହେଉ ଅଛି । ତାହା ନୁହେ । ଆଖିରେ ଦେଖିବାର ବୋଧକଲେ ଅନ୍ଧମାନଙ୍କୁ ଗ୍ରହଣର ଅଶୌଚ ଲାଗିବ ନାହିଁ ଯେହେତୁ ସେମାନେ ତାହା ଦେଖି ପାରନ୍ତି ନାହିଁ । ତଥାଚ । 'ରଜସୋ ଦର୍ଶନେ ନାସ୍ତି ତତ୍ସଂସ୍ପର୍ଶତର୍ଭବେତ୍ ।' ଅର୍ଥାତ୍ । ସ୍ତ୍ରୀ ରଜୋଦର୍ଶନରେ କିମ୍ବା ଅଶୁଚ ହେବ । ଏପରିସ୍ଥଳରେ ଅନ୍ଧସ୍ତ୍ରୀର ଦେଖିବାର ଶକ୍ତି ନ ଥିବାରୁ ଅଶୌଚ ହୋଇ ପାରିବ ନାହିଁ ତ । ଅଥଚ ଚନ୍ଦ୍ରସୂର୍ଯ୍ୟ ଗ୍ରହଣ ଦେଖା ହୋଇ ମେଘାଚ୍ଛନ୍ନରେ ଅସ୍ତ ହେଲେ ଉପୂରେ ଚନ୍ଦ୍ର ସୂର୍ଯ୍ୟ ଉଦୟ ପୂର୍ବରୁ ଲୋକରେ ଭୋଜନାଦି ବ୍ୟବହାର ଦେଖା ଯାଉଅଛି । ଅନ୍ୟଥା ଗ୍ରସ୍ତାସ୍ତ ସ୍ଥଳରେ ମୁକ୍ତି ଦେଖା ନ ଗଲେ ଭୋଜନାଦି କରନ୍ତି ନାହିଁ । । ଦେଖିବା ଅର୍ଥ ଏଠାରେ ଶାସ୍ତ୍ରୀୟ ସମସ୍ତ ଜ୍ଞାନ, ସ୍ନାନ ଭୋଜନାଦି କରିବାର ବାଧ୍ୟ ନୁହଇ । ଯେପରି ମେଘାଚ୍ଛନ୍ନରେ ମୁକ୍ତି ଦେଖାଯାଏ ନାହିଁ ଆଉ ଅନ୍ଧବ୍ୟକ୍ତିମାନଙ୍କର ଦେଖିବାର ଶକ୍ତି ନାହିଁ, ଏପରି ହେବାରୁ ସ୍ନାନାଦି କରିବା ବିଷୟରେ ଆପତ୍ତି କରାଯାଏ ନାହିଁ । ଯେହେତୁ ମେଘାଚ୍ଛନ୍ନ ନ ଥିଲେ ମୁକ୍ତି ଦେଖାଯାଇ ଥାନ୍ତା, ଆଉ ମଧ୍ୟ ଗ୍ରସ୍ତାସ୍ତ ସ୍ଥଳରେ ବିଶେଷ ପଶ୍ଚିମ ଦିଗକୁ ଗମନ କଲେ ମୁକ୍ତି ଦେଖା ଯାଇଥାନ୍ତା । ଅତଏବ ସମସ୍ତ ଶାସ୍ତ୍ରୀୟ ବଚନଦ୍ୱାରା ସ୍ପର୍ଶ ଦେଖି ମୁକ୍ତିର ଅନୁମାନ କରାଯାଇ ପାରେ । ଇତି ।

। ନ । ଶ୍ରୀରାମଚନ୍ଦ୍ରପୁର ନିବାସୀ
ଶ୍ରୀ କୁଳମଣିମିଶ୍ର ଶର୍ମ୍ମା

☞ ଉପରଲିଖିତ ପତ୍ରଦ୍ୱାରୁ ପତ୍ରପ୍ରେରକ ସଂସ୍କୃତଭାଷାରେ ଅନେକ ଶ୍ଳୋକକୁ ପଠାଇ ଥିଲେ କିନ୍ତୁ ସଂସ୍କୃତଭାଷା ସମସ୍ତଙ୍କୁ ବୁଝା ନ ଯିବ ଏହି କାରଣରୁ ଆମ୍ଭେ ତାହାସବୁ ଉତ୍କଳଭାଷାରେ ଅନୁବାଦ କରି ପତ୍ରରେ ପ୍ରକାଶ କଲୁଁ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ସୀତାରାମ ଭଞ୍ଜ | ଜୟପୁର | ଟ ୩୲ |
| ମିସ୍ ଡାନସ୍ଟଲ | କଲିକତା | ଟ ୪୲ |
| ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟ | | ଟ ୬୲ |
| " ଶୌରିଙ୍ଗରମୃଦୁଦୀନାୟକ | ଦେଙ୍କାନାଳ | ଟ ୩୲ |
| " କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ | କଟକ | ଟ ୩୲ |
| " ମଧୁସୂଦନ ମହାପାତ୍ର | " | ଟ ୧୲ |
| " ବାଞ୍ଛାନିଧି ମହାପାତ୍ର | ଏରସମା | ଟ ୩୲ |

# ବିଜ୍ଞାପନ ।

ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥଜିଉଙ୍କର
ମନ୍ଦିର ସଂସ୍କରଣବିଷୟକ ଚାନ୍ଦା ।

| | |
|---|---|
| ପୂର୍ବ ପ୍ରକାଶିତ ଚାନ୍ଦାର ସମଷ୍ଟି ଟ | ୨୩୦୫୦/୨ |
| ରାଜା ବୈଦ୍ୟନାଥ ପଣ୍ଡିତ ବାହାଦୁର ଟ | ୫୦୦୦୲ |
| ବାବୁ ଚନ୍ଦ୍ରଶେଖରଗୁପ୍ତ ଗରଫା ଟ | ୧୨୲ |
| " ପ୍ରସନ୍ନକୁମାର ପାଲ ବ୍ରାଞ୍ଚ କମିଟୀର ଅବୈତନିକସମ୍ପାଦକ ଯାଜପୁର ମାରଫତ ବାବୁ ଗୋପୀବଲ୍ଲଭ ରାୟ ଟ | ୨୦୲ |
| " ଗୋପୀକାନ୍ତ ବୋଷ ଟ | ୧୦୲ |
| " ମୋହିନୀମୋହନ ମହାପାତ୍ର ଟ | ୨୦୲ |
| " ଶିବପ୍ରସାଦ ଦାସ ଟ | ୧୦୲ |
| " କାମିନୀବଲ୍ଲଭ ରାୟ ଟ | ୧୦୲ |
| " ରଜନୀନାଥ ଘୋଷ ବି ଏଲ୍ ଟ | ୨୫୲ |
| " ପ୍ରସନ୍ନକୁମାର ସାଇ ଟ | ୨୫୲ |
| " ଗଦାଧର ରାଉତରା ଟ | ୨୦୲ |
| ଟ ୧୦୲ଙ୍କାର ଅନଧିକ ଚାନ୍ଦା ଟ | ୮୪୲ |
| ଆଲପୁର, ନିବାସୀ ଭଦ୍ରବ୍ୟକ୍ତିମାନଙ୍କର ଏବଂ ହରିସଭାର ଦତ୍ତ ଚାନ୍ଦା ବାବୁ ଅମ୍ବିକାଚରଣ ମୁଖୋପାଧ୍ୟାୟ କର୍ତ୍ତୃକ ପ୍ରେରିତ ଟ | ୧୫।୵ |
| ବାବୁ ତେଜକୁମାର କମ୍ପାନୀକୋଷାଗାରର ପ୍ରଧାନ କରାଣୀ, ଫିଲବିଟ, ଉତ୍ତର-ପଶ୍ଚିମ ପ୍ରଦେଶ କର୍ତ୍ତୃକ ପ୍ରେରିତ ଟ | ୧୫୲ |
| ମୁନସି କାନ୍ତପ୍ରସାଦ, ଲସ୍କର, ଗୁଆଲିୟର କର୍ତ୍ତୃକ ପ୍ରେରିତ ଟ | ୧୮୲ |
| ବାବୁ ରାମଚରଣ ଦୁବେ, ବାଲାଘାଟ ମଧ୍ୟପ୍ରଦେଶ ଟ | ୨୫୲ |
| ବାବୁ ଅନନ୍ତରାମ ଘୋଷ ରାୟ ବାହାଦୁର ସବ୍ ଜଜ ଚଟ୍ଟାଗଙ୍ଗ-କର୍ତ୍ତୃକ ପ୍ରେରିତ ଟ | ୫୦୲ |
| ଊ୦ | ଟ୨୮୪୧୪୲/୨ |

କଟକ } ଶ୍ରୀ ବଳରାମ ମଲ୍ଲିକ
୪।୧୦।୯୧ } ଅବୈତନିକ ସମ୍ପାଦକ ।

## ବିଶେଷ ଦ୍ରଷ୍ଟବ୍ୟ ।
## କୋଠାବାଡ଼ୀ ।

କଟକ ଚୌଧୁରୀବଜାର ଅଦାଲତ କଚେରୀ-ସନ୍ନିକଟ ୪ ଗୁଣ୍ଠ ଦୁଇବିଶ୍ୱା ଲାଖରାଜ ବାଜେୟାପ୍ତ ଜମି ଉପରେ ଥିବା ଏକମହଲା ପକ୍କା ଏବଂ ଏକମହଲା ଛଡାଘର ବିକ୍ରୟ ହେବ । ପକ୍କା ମହଲରେ ୮ ବଖରା ଘର ଏବଂ ଛଡା ମହଲରେ ୫ ବଖରା ଛପର ଘର ( ଏଥିମଧ୍ୟରୁ ତିନ ବଖରାର କାନ୍ଥ ପକ୍କା ଅଛି ) ଦୋତାଲା ପାଇଖାନା, କୂଅ ପ୍ରଶସ୍ତ ବାରନ୍ଦା ଏବଂ ବୈଠକଖାନା ଅଛି । ଜମିର ଖଜଣା ଟ ୧୵ ଦେବାକୁ ପଡ଼େ । ଅନ୍ୟାନ୍ୟ ବିଷୟ ଆମଠାରେ ଜ୍ଞାତବ୍ୟ ।

ଶ୍ରୀ ସାଧୁଚରଣ ରାୟ
୧୧।୧୧।୯୧

## NOTICE.

Wanted 8 Uriya clerks for the Census office at Calcutta on Rs. 25 per month. Preference will be given to those who know English and Uriya and have worked in a District Census office.

Split by PDF Splitter
Digitized by srujanika@gmail.com

Split by PDF Splitter



Applications will be received up to 20th November, 1891.

2 Grants Street } Charu Chandra Gosvami
Calcutta } *Assistant Superintendent Bengal Census.*

## କର୍ମଖାଲି ।

କଲିକତା ସେନସସ୍ ଅଫିସରେ ଆଠଜଣ କିରାଣୀ ନିଯୁକ୍ତ ହେବାର ଆବଶ୍ୟକ ଅଛି । ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଦୀପିକାରେ ଜଣାଇଦେବେ ଯେ ଯେଉଁଲୋକମାନେ ଉଡ଼ିଆ ଓ ଇଂରାଜୀ ଉତ୍ତମରୂପେ ଜାଣିଥିବେ ସେମାନେ କଲିକତା ସେନସେସ୍ ଅଫିସର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦରଖାସ୍ତ କରିବେ । ସେମାନେ ମାସିକ ଟ ୨୫ ୧ ହିସାବରେ ଦରମା ପାଇବେ । ଯେଉଁମାନେ ସେନସସ୍ ଅଫିସରେ କାର୍ଯ୍ୟ କରିଥିବେ ସେମାନଙ୍କର ଆବେଦନ ଅଗ୍ରଗଣ୍ୟ ହେବ । ଦରଖାସ୍ତକାରମାନେ ନଭେମ୍ବର ମାସ ତା ୨୦ ରଖ ପୂର୍ବରୁ ଦରଖାସ୍ତ ଦିଅିବେ । ଇତି ତା ୫ ରଖ ମାହେ ନଭେମ୍ବର ସନ ୧୮୯୧ ମସିହା ।

Charu Chandra Gosvami,

ନ ୨ ମ୍ବର ଗ୍ରାଣ୍ଟଷ୍ଟ୍ରିଟ } ଅସିଷ୍ଟେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବେଙ୍ଗଲ
କଲିକତା } ସେନ୍‌ସେସ୍

## ବାଲିକାଗଜ ।

ଉଲ୍ଲିଖିତ ସସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସମ୍ମୁଖ କଥା ଲଗାଇ ବାବୁ ଅର୍ତ୍ତତ୍ରାଣ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | | | |
|---|---|---|---|---|---|
| ୧୬ ପେଜ | ନାଇ | ଦ ୧୬ ଟ ୨୲୶ | | ରିମ୍ ଟ ୦୶୧ | |
| ୧୧ ପେଜ | ,, | ,, ଟ ୨୲ | | ,, ଟ ୦ ୶୦ | |
| ୧୨ ପେଜ | ,, | ,, ଟ ୨୲ | | ,, ଟ ୦ ୶ | |
| ୨୨ ପେଜ ଉଲେପ୍‌ଇସ୍କେପ୍ | ,, | ଟ ୩୲ | | ,, ଟ ୦ ୶୧ | |

ଶ୍ରୀଯୁକ୍ତ ବାବୁ ଗୋପାଳଙ୍କର ସମ୍ମୁଖର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଉଦରକୋଣା ଓ କଳଙ୍ଗ ଓ ରେସମୀ ଓ ଶେଗର ଲୁଗା ଓ ଷ୍ଟେସନରୀ ଓ କଳିକତା ଇତ୍ୟାଦି ସ୍ଥାନର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକ ପ୍ରକାର ଫେସନ ଜିନିଷ ବିକ୍ରୟ ଏକାଠେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇଥାଇବେ ।

## ପ୍ରଚାର ।

ଏ ଭାରତ କେହିଣସି ସାହେବ ରଣି ନିଅଂରେ ଉତ୍କଳ କୋଠାଘରର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଝିରେ ଅଲେ ଲେପିଦେଲେ ମଜବୁତ ହେବ ଓ ତାର ଖରଚ ନାହିଁ ।

ବର୍ଷାର ଓମତା ଓ ସାଜରେ ଲଗାଇବାର ଭାଳ ମଧ୍ୟ ଅଛି ।

ଅର୍ତ୍ତତ୍ରାଣ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦୶୦
ଅକ୍ଷରମୂଲ୍ୟ ଟ ୵୲
ପୃଷ୍ଠି ଏକ ଦ୍ରମୂଲ୍ୟ ଟ ୦୲

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦୲ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଯାଉଛି ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

## କଟକଭଣ୍ଡାର ।



ସଦର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ହୁଡିଭ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

Digitized by srujanika@gmail.com

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ଦ୍ରବ୍ୟାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅତ୍ର ପାଲଲହଡ଼ା କିଲ୍ଲା ଶ୍ରୀ ନାବାଲଗ ରାଜାଙ୍କ ଓ୍ୟାସ ମଧ୍ୟସ୍ଥିତ କୋଠା-ମାନ ମରାମତି ହେବାର ଅଛି ଓ ମଧ୍ୟ ଅପର କେତେକ ଘର ପ୍ରସ୍ତୁତ ହେବାର ଅଛି ଆପାତତଃ ମୋଟରେ ଟ ୧୫୦୦ ୯ ଙ୍କାର କର୍ମ ହେବ କୌଣସି ବ୍ୟକ୍ତିର କାନ୍ଟ୍ରାକ୍ଟ ନେବାର ଇଚ୍ଛା ଥିଲେ ସେ ଆଗାମି ନବେମ୍ବରମାସ ତା୧୦-ରଖ ମଧ୍ୟରେ ଆମ୍ଭ ନିକଟରେ ଆବେଦନ କରିବେ ଓ କେଉଁ ଦରରେ କର୍ମ କରି ପାରିବେ ସେଥିର ତଜ୍ଜନ ମଧ୍ୟ ଲେଖି ପଠାଇବେ ଯେଉଁ ବ୍ୟକ୍ତି ଏହି କର୍ମମାନ ଦସ୍ତୁର କରିବେ ତ-କ୍ଷଣାତ୍ କି ତାଙ୍କର କର୍ମ ଦୃଷ୍ଟିରେ ଅନୁଭବ ମଧ୍ୟ କର୍ମ ମାନ ଦିଆ ଯାଇପାରେ ଏଥିରୁ ସେ ଅବଗତ ହେବେ । ଇତି ;—

ପାଲଲହଡ଼ା ତା ୧୫ରଖ ମାହେ ଅକ୍ଟୋବର ସନ ୧୮୯୧ ମସିହା } Gour Ch. Sen *Manager.*

---

## ପ୍ରଯୋଜନୀୟଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତେଲ—ବହୁ ଦିବସରୁ କେଶତତ୍ତ୍ୱ ଅଲୋଚନା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଖଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଲାଳାଦିନଷ୍ଟ ହୋଇ ଚେତ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଂଣା ମାତ୍ର ।

୨ । ଦଦ୍ରୁ କୃତାନ୍ତ—ନାମ କୃତାନ୍ତ ସତ୍ୟ କିନ୍ତୁ ପ୍ର-ୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁଙ୍କ ପକ୍ଷରେ କୃତାନ୍ତ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁ-ରେ ଅଣୁ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବିଅର ମୂଲ୍ୟ ଛଅ ଅଣା ମାତ୍ର ।

୩ । ଶୂଳସଂହାରଣୀ—ଏହା ଯଥାବିଧି ସେବନ କଲେ ନୂତନ ବା ପ୍ରାଚୀନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତୁ ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ-ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷ-ଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ-ଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବ-ହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ଉପଶମିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ୨ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ମ୍ୟା-ଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତସ୍ୱଳ୍ପତା, ଅପରିଷ୍କୃତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବ-ଦେହର ପ୍ରଧାନ ଉପାଦାନ ଅଟେ। ଏହା ପରିଶୁଦ୍ଧ ଥିଲେ କୌ-ଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ତାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତି-ରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁୟା, ଗାତ୍ର, କଣ୍ଡୁ, ଗଣ୍ଡବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପ-ଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନ-ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, କାଳୁ କଣ୍ଡୁଆ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ଚାନ୍ଦିନୀଚୌକ, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

---

Watches! Clocks! Time pieces Repaired by an efficient workman the premises of the Cuttack Printing Company. Charge moderate.


## ଘଡ଼ିମରାମତି ।

ନାନାପ୍ରକାର ଷ୍ଟେଟ ବଡ଼ ଶନ୍ୟଘଡ଼ି ଇତ୍ୟାଦି ପ୍ରକାରେ ମରାମତ ହେବା ଓ ଯଥା ସମ-ୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ଏକ-ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରା-ମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ଭ ଗୁଲିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।



## ଗିଲ୍‌ଟୀ

ଘଡ଼ିର ଚେଇନ ବେଷ୍ଟ, ମୁଦି, ଗ୍ଲାସ-ସବ୍‌ଇନ୍‌ସ୍ପେକ୍ଟର ଓ ଇନ୍‌ସ୍ପେକ୍ଟରଙ୍କର କମର-ବେଲ ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ ) ଗିଲଟ କରି ଦିଆଯିବ ।

କଟକ ୧୪।୧୧।୮୯ } ଶ୍ରୀ ଗୌରଚନ୍ଦ୍ର ବସୁ


---


## ମେହରୋଗ ।

ପ୍ରତିଦିନ ସ୍ଥାନରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ରୋଗ-ଶାନ୍ତିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ-ଦ୍ୱାରା ସେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ

ଏହି ଔଷଧ ଯଥାବିଧିରେ ଏକପ୍ରାସ୍ତ ସେବା କଲେ ନୂତନ ରୋଗ ଏବଂ ଭଳ ଶୁଦ୍ଧ ସପ୍ତା-ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କରୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଶରୀର ବସ୍ତ୍ରବଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଆଲ୍‌ହେଟଷ୍ଟ୍ରୋଲ ନଂମ୍ବର ଭବନରେ ଏ, ଡେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ


---

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭାଗ ୨୬ ଶ
ସଂ ୪୫ ସଂଖ୍ୟା

ତା ୨୧ ଶେ ଶନିବାର ନବେମ୍ବର ସନ ୧୮୯୧ ମସିହା । ମାର୍ଗଶିର ୭ ସନ ୧୨୯୯ ସାଲ

ମୂଲ୍ୟ { ଅଗ୍ରିମ ବାର୍ଷିକ ମୂଲ୍ୟ ... ଟ ୩
ପଶ୍ଚାଦ୍ଦେୟ ... ଟ ୬


ଏମାସରେ ଟୋଫାନର ଯାଇ ପଡ଼ିଅଛିପରି ଗତପମାସ ତା ୧୦ ଲକ୍ଷ ବୋ ଗୃହ ଭଙ୍ଗରେ ଘୋର ଟୋଫାନ ହୋଇଥିଲା । କେଣ୍ଟିସ ଉପକୂଳରେ ୪ ୩ ଗୋ ଜାହାଜ ବଡ଼ାରେ ପଡ଼ିଯାଇଅଛି । ଏବଂ ପ୍ରାୟ ୫୦ ଣ ମନୁଷ୍ୟ ପଡ଼ିଅଛନ୍ତି । ଟୋଫାନ ଇଂଲଣ୍ଡ ଏବଂ ସ୍କଟଲଣ୍ଡର ପ୍ରାୟ ସର୍ବସ୍ଥରେ ବ୍ୟାପିଥିଲା ।

---

କୃଷିମାନେ ଋଣଗ୍ରସ୍ତ ହେବା ସମ୍ବନ୍ଧରେ ଗୋଟିଏ କମିଶନ ବସିଅଛି ଏବଂ ସର୍ ଗୃରଲସ କ୍ରସ୍ଥବେଇ ଏହି କମିଶନ ଅର୍ଥାତ୍ ସମିତିର ସଭାପତି ହୋଇଅଛନ୍ତି । ସମିତି ପ୍ରଥମେ ବମ୍ବେଇ ପ୍ରଦେଶରେ ଅନୁସନ୍ଧାନ ଆରମ୍ଭ କରି ତହିଁ ଉତ୍ତାରୁ ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ଦେଣଦାର ପ୍ରଜାମାନଙ୍କ ଅବସ୍ଥା ବୁଝିବେ । ଆଗାମୀ ଅପ୍ରେଲମାସ ପର୍ଯ୍ୟନ୍ତ ଅନୁସନ୍ଧାନ କାର୍ଯ୍ୟ ଶେଷ ହେବାର କଥା ଅଛି ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ କାଶ୍ମୀରଗସ୍ତରୁ ଲେଉଟି ଆସିଅଛନ୍ତି । ଆସିବା ସମୟରେ କାଶ୍ମୀରାଧିପତି ମହାରାଜା ପ୍ରତାପସିଂହଙ୍କୁ ସେଠା କାଉନସଲର ପ୍ରେସିଡେଣ୍ଟ ବା ସଭାପତିର ଆସନରେ ବସାଇ ଆସିଲେ ଏବଂ ତାହାଙ୍କ ଭାଇ ରାଜା ଅମରସିଂହଙ୍କୁ ଭାରତୀୟ ନକ୍ଷତ୍ରଉପାଧିରେ ଭୂଷିତ କଲେ । ମହାରାଜାଙ୍କପ୍ରତି ଯେପରି ଅନୁଗ୍ରହ ଏବଂ ସୁହୃଦତା ଦେଖାଇଲେ ତହିଁରୁ ଆଶା ହେଉଅଛି ଯେ ଅନତିରେ ତାହାଙ୍କର ଦଶା ଫେରିବ ।

---

ଭକ୍ତିଆପୁର କଟଲର ସାହେବଙ୍କ ମୋକଦମାରେ ଦଶଜଣ ଆସାମୀ ଗ୍ରେପ୍ତାର ହୋଇଅଛନ୍ତି ଏବଂ ଅନ୍ୟ ଜ ୮ ଜଣଙ୍କପରେ ... ହୋଇଅଛି । ଗତ ସୋମବାର ମୋକଦମା ପଡ଼ିଥିଲା ମାତ୍ର ଆସାମିମାନଙ୍କପକ୍ଷରୁ ହାଇକୋର୍ଟରେ ମୋସନ କରିବାକାରଣ ଅବକାଶ ପ୍ରାର୍ଥନା ହେବାରୁ ବିଚାରକର୍ତ୍ତା ଶ୍ରୀଯୁକ୍ତ ଜୋନସ ସାହେବ ଡେପୁଟୀ ମାଜିଷ୍ଟ୍ରେଟ ଏକସପ୍ତାହ ମହଲତ ଦେଇଅଛନ୍ତି ଏବଂ ଆସାମିମାନେ ଜଣକେ ପାଞ୍ଚଶତ ଟଙ୍କା ଲେଖାଏ ଜାମିନ ଦେଇ ଖଲାସ ପାଇଅଛନ୍ତି ।

---

ଗତ ରବିବାର ଶେଷରାତ୍ରର ଚନ୍ଦ୍ରଗ୍ରହଣ ଉତ୍କଳପାଞ୍ଜିରେ ଘ ୫।୨୬ ମିନଟରେ ଏବଂ କଲିକତାରେ ଜ୍ୟୋତିସମାନଙ୍କ ଲେଖାମତେ ଘ ୫।୪୮ ମିନଟରେ ଆରମ୍ଭହେବାର ଲେଖାଥିଲା । ମାତ୍ର ଦେଖିବାରେ ଘ ୫।୩୮ ମିନଟ ସମୟରୁ କଷ୍ଟତ ଆରମ୍ଭ ହୋଇଥିଲା । ଘ ୬।୫ ଟା ସମୟରେ ପୂର୍ଣ୍ଣଗ୍ରାସ ହୋଇ ସେହି ଅବସ୍ଥାରେ ଅସ୍ତହେଲା । ପଞ୍ଜିକାଗଣନା ଯଥାର୍ଥ ଥିବାର ପ୍ରଶସ୍ତ ପରୀକ୍ଷା ଗ୍ରହଣ ଅଟଇ । ଏ ପରୀକ୍ଷାରେ ପୁନଃ୨ ଉତ୍କଳପଞ୍ଜିକା ଉତ୍ତୀର୍ଣ୍ଣ ହେବା ବଡ଼ ସୁଖର ବିଷୟ ଅଟଇ ।

---

ବଙ୍ଗଲାର ଏକଜଣ ମାଜିଷ୍ଟ୍ରେଟ ପ୍ରସ୍ତାବ କରିଅଛନ୍ତି କି ଯାହାଘରେ ଚୋରି ବା ଡକାଇତି ହେବ ତାହାକୁ ଦଣ୍ଡ ଦେଲେ ଲୋକେ ସାବଧାନ ହୋଇ ଆପଣାଘର ଓ ସମ୍ପତ୍ତି ରକ୍ଷା କରିବେ ସୁତରାଂ ଚୋରି ଡକାଇତି ଆଉ ହେବ ନାହିଁ । ... ଏହି ବୁଦ୍ଧିମାନ୍ ମାଜିଷ୍ଟ୍ରେଟଙ୍କ ପରାମର୍ଶକୁ ଅବହେଳା କରି ପୁଲିସର କାର୍ଯ୍ୟକାରିତା ବଢ଼ାଇବା ଉଦ୍ଦେଶରେ ଅଧିକ ବ୍ୟୟ କରିବାକୁ ବସିଅଛନ୍ତି । ଦଣ୍ଡଦ୍ୱାରା ଲୋକଙ୍କୁ ସତର୍କ କରିଦେଲେ ପୁଲିସର ବ୍ୟୟ ଅନେକ ଊଣା ପଡ଼ିବ ଏବଂ ମାଜିଷ୍ଟ୍ରେଟମାନଙ୍କ ପରିଶ୍ରମ କିଛି ଲାଘବ ହେବ ! ରୋଗର ଚିକିତ୍ସାଠାରୁ ରୋଗ ଆସିବାକୁ ନ ଦେବାର ଅନେକାଂଶରେ ଭଲ ଅଟଇ ।

---

ଆମ୍ଭମାନଙ୍କ ଲେଫ୍ଟେନାଣ୍ଟ ସାହେବ ଆଗାମୀ ଜାନୁଏରୀମାସରେ ଏ ନଗରକୁ ଶୁଭାଗମନ କରିବେ । ଶୁଣାଯାଏ ସେ ଏଠାରେ ଉପସ୍ଥିତ ହୋଇ ବନ୍ଦୋବସ୍ତ କାର୍ଯ୍ୟ ଇତ୍ୟାଦି ତଦନ୍ତ କରିବେ ଓ କଚେରୀମାନ ଦେଖିବେ । ଶୁଣିବାରେ ଲାଟମହୋଦୟ ବନ୍ଦୋବସ୍ତକାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିଅଛନ୍ତି । ଟେଲରସାହେବ ଓ ଅଗଷ୍ଟି ସାହେବ ଏ କାର୍ଯ୍ୟ ଉତ୍ତମରୂପେ କରି ନ ପାରିବାରୁ ଏଥିରୁ ଅନ୍ତର ହୋଇଅଛନ୍ତି ଓ ଅନ୍ୟ କର୍ମଚାରୀମାନଙ୍କ ପ୍ରତି

Split by PDF Splitter

Digitized by srujanika@gmail.com

ଘାତକ ହୋଇଅଛି । ରାଇଲସାହେବ ଶୁଦ୍ଧା ଛାଡ଼ି ପାଇ ନାହାନ୍ତି । ବନ୍ଦୋବସ୍ତ କାର୍ଯ୍ୟ ଅତି ଗୁରୁତର ବ୍ୟାପାର ଅଟେ । ତହିଁରେ ଲାଟ ମହୋଦୟ ବିଶେଷ ଦୃଷ୍ଟି ରଖିବାର ପ୍ରଶଂସନୀୟ ଅଟଇ ।

---

ଗତମାସ ଶେଷ ଭାଗରେ କଲିକତା ଗଭର୍ଣ୍ଣମେଣ୍ଟର ସଭାଗୃହରେ ଗୋଟିଏ ଶିଳ୍ପସମିତି ବସିଥିଲା ଏବଂ ଭାରତୀୟ ଭୂତତ୍ତ୍ୱବିଭାଗର ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ପି, ଏନ୍ ବସୁ ସାହେବ ତହିଁର ସଭାପତି ହୋଇଥିଲେ । ପ୍ରଦେଶୀୟ ସମିତିକୁ ମୋଫସଲରୁ ଆସିଥିବା ଅନେକ ପ୍ରତିନିଧି ଏଠାରେ ଉପସ୍ଥିତ ହୋଇଥିଲେ । ସଭାପତିଙ୍କ ବକ୍ତୃତା ବଡ଼ ସାରଗର୍ଭ ଏବଂ ବିଚକ୍ଷଣ ହୋଇଥିଲା । ବଙ୍ଗପ୍ରଦେଶର କେଉଁ ସ୍ଥାନରେ ଶିଳ୍ପର ଅବସ୍ଥା କିପରି ତହିଁର ଅନୁସନ୍ଧାନ କରିବା, ଶିଳ୍ପବ୍ୟବସାୟର ଶିକ୍ଷା ଦେବା, ଦେଶୀୟ ଶିଳ୍ପର ଉନ୍ନତି କରିବା ଏବଂ ଯୌଥକାରବାର କିପରି ବିସ୍ତାର ହେବ ତହିଁର ବ୍ୟବସ୍ଥା କରିବା ଏହି ପ୍ରସଙ୍ଗମାନ ଏ ସଭାରେ ବିବେଚିତ ହୋଇଥିଲା । ସ୍ଥିରମତ ଗୋଟିଏ ଶିଳ୍ପସମିତି ଗଠିତ ଏବଂ ତହିଁର କାର୍ଯ୍ୟନିର୍ବାହକ କର୍ମଚାରୀମାନ ନିଯୁକ୍ତ ହୋଇ ଆଗାମୀ ବର୍ଷର ସଭାରେ କର୍ମଚାରୀଙ୍କ ରିପୋର୍ଟ ବିବେଚିତ ହେବାର ଧାର୍ଯ୍ୟ ହେଲା ।

---

ଜାପାନରେ ସମ୍ପ୍ରତି ଯେଉଁ ଭୂମିକମ୍ପ ହୋଇଥିଲା ତାହା ବଡ଼ ଭୟଙ୍କର ଥିବାର ଜଣାଯାଏ । ଏଥିରେ ଗୋଟିଏ ସୌଭାଗ୍ୟଶାଳୀ ନଗର ଏକାବେଳକେ ଧ୍ୱଂସ ହୋଇଗଲା ଏବଂ ଅନ୍ୟୂନ ଚାରିସହସ୍ର ଲୋକ ହତ ଏବଂ ୫ ସହସ୍ର ଆହତ ହୋଇଅଛନ୍ତି । ସର୍ବସୁଦ୍ଧା ଅର୍ଦ୍ଧଲକ୍ଷ ଘର ନଷ୍ଟ ହୋଇଅଛି । ସୁତରାଂ ଏହି ଭୂମିକମ୍ପର ଉତ୍ପାତ ସନ ୧୮୫୪ ଓ ସନ ୧୮୫୫ ସାଲର ଭୂମିକମ୍ପମାନଙ୍କର ସମାନ ନୁହଇ । କାରଣ ପ୍ରଥମଲିଖିତ ଭୂମିକମ୍ପରେ ଗୋଟିଏ ପ୍ରଦେଶ ଭୟାନକରୂପେ କ୍ଷତିଗ୍ରସ୍ତ ଏବଂ ସିମୋଦା ନଗର ସମ୍ପୂର୍ଣ୍ଣରୂପେ ବହିଯାଇ ଥିଲା । ପ୍ରତ୍ୟେକ କମ୍ପନ ପରେ ସମୁଦ୍ର ଜଳ ମାଡ଼ି ଆସିବାରୁ ସମ୍ପତ୍ତି କେତେ ନଷ୍ଟ ହୋଇଥିଲା ତହିଁର ପରିମାଣ କରିବା ଅସମ୍ଭବ । ସନ ୧୮୫୫ ସାଲର ଭୂମିକମ୍ପରେ ଏକା ଯଦୁଠାରେ ୧୪ ହଜାର ଗୃହ ନଷ୍ଟ ହୋଇଥିଲା ଏବଂ ୧୨ ହଜାର ଲୋକ ମରି ପଡ଼ିଥିଲେ । ଜାପାନରେ ଭୂମିକମ୍ପର ଦୌରାତ୍ମ୍ୟ ଅତ୍ୟନ୍ତ ଅଧିକ । ପ୍ରାୟ ଦଶବର୍ଷରେ ଥରେ ଲେଖାଏଁ ବଡ଼ ଭୂମିକମ୍ପ ହୁଅଇ ଏବଂ ଏକ ୨ ସ୍ଥାନରେ ବର୍ଷ ମଧ୍ୟରେ ଦୁଇଶତ ଥର ଘଟିବାର ଦେଖାଯାଇ ଅଛି ।

---

ଓଡ଼ିଶାର ବନ୍ଦୋବସ୍ତକର୍ତ୍ତା ଜମିଦାରମାନଙ୍କଠାରୁ ଯେଉଁ ଜଟିଳ କାଗଜ ତଲବ କରୁଅଛନ୍ତି ତହିଁପାଇଁ ଯଥେଷ୍ଟ ସମୟ ନ ଦେବା ଏବଂ ସମୟରେ କାଗଜ ଦାଖଲ ନ ହେଲେ ଦୈନିକ କଠିନ ଅର୍ଥଦଣ୍ଡ କରିବା ପ୍ରସଙ୍ଗ ଆମ୍ଭମାନଙ୍କର ଜଣେ ବନ୍ଧୁ ଲେଖି ପଠାଇ ସେସମ୍ବନ୍ଧରେ ପ୍ରସ୍ତାବ କରିଅଛନ୍ତି ଯେ "ମହାମାନ୍ୟ କମିଶନର ସାହେବ ଦୟାପରବଶ ହୋଇ ଏଥିର ଅନୁସନ୍ଧାନ କରିବେ ଏବଂ ଯଦ୍ୱାରା ହେଡ଼ଅଫିସରୁ କାଗଜ ତଲବ ହେଲେ ସେ କାଗଜ ଦାଖଲ ନ ହେବା ପର୍ଯ୍ୟନ୍ତ ଉପକେନ୍ଦ୍ରମାନଙ୍କରୁ କାଗଜ ତଲବ ନ ହେବ ତହିଁର ସମ୍ୟକ୍ ପ୍ରତିବିଧାନ କରିବେ । ଦେଶୀୟ ସମ୍ବାଦପତ୍ରମାନଙ୍କରେ ନକ୍ସା ଫାରମମାନ ପ୍ରକାଶିତ ହେଲେ ପ୍ରତ୍ୟେକ ଜମିଦାର ତଦନୁସାରେ କାଗଜ ପ୍ରସ୍ତୁତପକ୍ଷରେ ପୂର୍ବରୁ ଯତ୍ନଶୀଳ ହେବେ । ସାଧାରଣତଃ କାଗଜ ଦାଖଲବିଷୟରେ ଗୋଟିଏ ସମୟ ନିରୂପଣ କଲେ ସମସ୍ତେ କୃତକୃତ ହେବେ ଏବଂ ଅନ୍ୟାୟ୍ୟ ବ୍ୟୟଭାରବହନରୁ ମଧ୍ୟ ରକ୍ଷା ପାଇବେ ।" ଅମ୍ଭେମାନେ ଏ ପ୍ରସ୍ତାବ ପ୍ରତି କର୍ତ୍ତୃପକ୍ଷଙ୍କର ମନୋଯୋଗ ପ୍ରାର୍ଥନା କରୁଅଛୁଁ ।

---

ପ୍ରଜାସ୍ୱତ୍ୱ ଆଇନର ଦଶମଅଧ୍ୟାୟ ଏବଂ ଉକ୍ତ ଆଇନର ଧା ୩ ଠାରୁ ୫, ୧୯ ଠାରୁ ୨୭, ୪୮ ଠାରୁ ୪୯, ୫୩ ଠାରୁ ୭୫, ଓ ୯୮ ଧାରାମାନ ପ୍ରଚଳିତ ହୋଇଥିବାର "ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଆଇନର ଏସମସ୍ତ ବିଧି ଜମିଦାର ଓ ମୁକ୍ତାରମାନେ ଅବଗତ ହେଉନ୍ତୁ । ଚେକ୍‌ଫାରମରେ ଖଜଣାର ପାଉଣା ଓ ବର୍ଷଶେଷରେ ବିଶୋଧନ ଦେବାର ଓ ପ୍ରଜା ଯେତେବେଳେ ଇଚ୍ଛା କରିବ ତାହାଙ୍କୁ ହିସାବ ବୁଝାଇ ଦେବାର ଯେ ବିଧି ଅଛି ତାହାସବୁ ଏ ପ୍ରଦେଶରେ ଜାରି ହୋଇଅଛି । ଏସବୁ ନୂତନ କଥା ଅଟେ ଓ ଏଥିରୁ ଏଠା ଜମିଦାର ପ୍ରଜା ଅବା ମୁକ୍ତାରମାନେ ଅବଗତ ନାହାନ୍ତି । ଏବିଧି ଅନୁସାରେ ଜମିଦାର କାର୍ଯ୍ୟ ନ କଲେ ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ଓ କ୍ଷତିପୂରଣ ଦେବାର ଆଇନରେ ବିଧାନ ଅଛି । ଅତଏବ ସାବଧାନ ହେବାର ଉଚିତ । ଖଜଣା ଚିଟ ଅ ୬ -- ନଅନୁସାରେ ହେଉଥିଲା ଏବେ ସେ ଆଇନ ରହିତ ହେଲା । ପ୍ରଜାସ୍ୱତ୍ୱ ଆଇନର ଧା ୬୧—୬୪ ଅନୁସାରେ ହେବ । ଏଥିରେ ମଧ୍ୟ କେତେକ ନୂତନ ବିଧାନ ଅଛି । ଜମିଦାର ପ୍ରଜାଙ୍କ ଜାଣିବା କାରଣ ମୋଫସଲରେ ଏଥିର ବିଜ୍ଞାପନ ଦେବାର ଆବଶ୍ୟକ । ବୋଧ ହୁଏ କଲେକ୍ଟର ସାହେବ ଏଥିପ୍ରତି ସୁବିଚାର କରିବେ ।

---

ବଙ୍ଗଳାର ପଥ ଓ ପ୍ରଦେଶୀୟକର ସନ ୧୮୮୯।୯୦ ରେ ୭୭ ଲକ୍ଷ ୬୦ ହଜାର ଟଙ୍କା ଥିଲା ସନ ୧୮୯୦।୯୧ ସାଲକୁ ୭୮ ଲକ୍ଷ ୩୯ ହଜାର ଟଙ୍କା ହେଲା । ବୃଦ୍ଧିର କାରଣ ସ୍ଥାନବନ୍ଦୋବସ୍ତ । ପ୍ରତ୍ୟେକବର୍ଷ କେତେଗୁଡ଼ିଏ ଜିଲ୍ଲାର ପଥକରର ଜମାବନ୍ଦି ପୁନର୍ବାର ହୁଅଇ । ଗତବର୍ଷ ଏଗାରଜିଲ୍ଲାରେ ଏପରି ବନ୍ଦୋବସ୍ତ ହୋଇ ଜମିର ଖଜଣା ପୂର୍ବଠାରୁ ଅଧିକ ହେବାରୁ ପଥ ଓ ପ୍ରଦେଶୀୟ କର ବୃଦ୍ଧି ହେଲା । ବଙ୍ଗଳାର ସମସ୍ତ ଜମିର ଖଜଣା ପନ୍ଦରବର୍ଷପୂର୍ବେ ୧୩ କୋଟି ୧୧ ଲକ୍ଷ ୬୮ ହଜାର ଟଙ୍କା ଥିଲା ବର୍ତ୍ତମାନ ୧୪ କୋଟି ୬୦ ଲକ୍ଷ ୪୫ ହଜାର ହୋଇଅଛି । ଜମିର ଖଜଣା ବୃଦ୍ଧି ସ୍ଥଗିତ କରିବା ବିଷୟରେ ଅନେକ ଉପାୟ ହୋଇଥିବା ପ୍ରତ୍ୟକ୍ଷ ଏପରି ଖଜଣାବୃଦ୍ଧି ଚିରସ୍ଥାୟୀ ବନ୍ଦୋବସ୍ତ ସମୟରୁ କ୍ରମାଗତ ଭୂମିର ଦର ବୃଦ୍ଧି ହେବାର ଯେଉଁ କାରଣମାନ କଥିତ ହୁଅଇ ତହିଁର ଯୌକ୍ତିକତା ସମ୍ପାଦନ କରୁଅଛି । ବୋର୍ଡଙ୍କ ବିବେଚନାରେ ପୂର୍ବେ ଛାଡ଼ିଯାଇଥିବା ଲାଖରାଜ ଜମିର କରଧାର୍ଯ୍ୟ ଓ ଅଳ୍ପଦିନରେ ସାବଧାନପୂର୍ବକ ଜମାବନ୍ଦୀ ହେବାରୁ ଏପରି ବୃଦ୍ଧି ହୋଇଅଛି । ଯାହା ହେଉ ଜମାବନ୍ଦୀ କାର୍ଯ୍ୟ ଯେପରି ଭଲ ହୋଇଅଛି ଉସୁଲ କାର୍ଯ୍ୟ ସେପରି ହୋଇ ନାହିଁ ଗତବର୍ଷ ୧୮ ହଜାର ଟଙ୍କା ବାକି ପଡ଼ିଥିଲା ଏବର୍ଷ ତହିଁ ଉପରେ ଆଉ ୩୫ ଲକ୍ଷ ବାକି ପଡ଼ିଅଛି । କେବଳ ସୁଖର ବିଷୟ ଏହି ଯେ ସାର୍ଟିଫିକେଟ ମୋକଦ୍ଦମାର ସଂଖ୍ୟା ଗତବର୍ଷଠାରୁ ବିସ୍ତର ଊଣା ପଡ଼ିଅଛି ।

---

ଯେଉଁ ତୋଫାନ ଚଳିତମାସ ତା ୫ ରିଖରେ ଓଡ଼ିଶାର ଏକଅଂଶକୁ ନାରଖାର କରି ଦେଇ

Split by PDF Splitter
Digitized by srujanika@gmail.com

Split by PDF Splitter



ଗଲା ସେହି ତୋଫାନ ଏଠାରେ ପହଞ୍ଚିବା ପୂର୍ବେ ଗତମାସ ତା ୧ ରିଖ ରବିବାର ଆନ୍ଦାମାନଦ୍ୱୀପଠାରେ ମହା ବିକ୍ରମ ପ୍ରକାଶପୂର୍ବକ ଭୟାନକ ଉତ୍ପାତ କରାଇ ଥିଲା । ସେଦିନ ଦିବାଭାଗରେ ତୋଫାନର ଲକ୍ଷଣ ଜଣାଗଲା ଏବଂ ତାହା କ୍ରମଶଃ ବୃଦ୍ଧି ହୋଇ ଅର୍ଦ୍ଧରାତ୍ରରେ ଅତ୍ୟନ୍ତ ଭୟାନକ ରୂପ ଧାରଣ କରି ତିନି ଘଣ୍ଟା କାଳ କମ୍ପାଇ ଦେଲା । ତହିଁଉତ୍ତାରୁ କ୍ଷଣକାଳ ସ୍ଥିର ହୋଇ ଦ୍ୱିଗୁଣ ବଳରେ ଭିନ୍ନ ଦିଗକୁ ଆକ୍ରମଣ କରି ସକାଳ ପର୍ଯ୍ୟନ୍ତ ସମାନବଳରେ ରହି ଥିଲା । ଅତଃପର ସେଠାରୁ ବିଦାୟ ହୋଇ ଅସିଲା । ଏଥିରେ ଗବର୍ଣ୍ଣମେଣ୍ଟ-ହାଉସ ପ୍ରଭୃତି ବଡ଼ ଅଟ୍ଟାଳିକାମାନଙ୍କର ଛାତ ଭାଙ୍ଗି ଯାଇ ଅଛି ଏବଂ ଅନ୍ୟାନ୍ୟ ଘର ପ୍ରାୟ ଗୋଟାଏ ସୁଦ୍ଧା ରକ୍ଷା ପାଇ ନାହିଁ । ବନ୍ଦରରେ ଥିବା ଧୂଆଁକଳ ବୋଟ ଏବଂ ଅନ୍ୟାନ୍ୟ ନୌକା ସମ୍ପୂର୍ଣ୍ଣ ବା ଅଂଶିକ ନଷ୍ଟ ହୋଇ ଅଛି । ଏଣ୍ଟରପ୍ରାଇଜ ନାମକ ଏକ ବଡ଼ ଜାହାଜରେ ସର୍ବସୁଦ୍ଧା ଜ ୮୬ ଣ ଲୋକ ଥିଲେ । ସେ ଜାହାଜ ପବନବଳରେ ତଡ଼ାରେ ପଡ଼ି ଫାଟି ଜଳମଗ୍ନ ହେବାରୁ କେବଳ ଜ ୬ ଣ ଛଡ଼ା ଅଉ ସମସ୍ତେ ମରି ପଡ଼ି ଅଛନ୍ତି । ଏହି ଜ ୬ ଣ ଯେଉଁଠାରେ କଳାପାଣିର ସ୍ତ୍ରୀ କଇଦମାନେ ଥିଲେ ତହିଁ ନିକଟକୁ ଭାସି ଆସିଥିଲେ ମାତ୍ର ଲହଡ଼ୀ ଯୋଗେ କୂଳକୁ ଆସି ପାରୁ ନ ଥିଲେ । ସ୍ତ୍ରୀ କଇଦମାନେ ତାହାଙ୍କ ଦୁର୍ଦ୍ଦଶା ଦେଖି କେତେକଜଣ ଏକ ଅନ୍ୟର ହାତ ଧରି ଅଣ୍ଟାଏ ପାଣି ପର୍ଯ୍ୟନ୍ତ ପଶି ସେମାନଙ୍କୁ ଏକ ୨ କରି କୂଳକୁ ଟାଣିଆଣି ରକ୍ଷାକଲେ । ସ୍ତ୍ରୀମାନଙ୍କର ଏପରି ସାହସ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଏମାନଙ୍କୁ ପୁରସ୍କାର ଦେବା ଉଚିତ ।

---

ଦେବାନୀଅଦାଲତର ସଂସ୍କାର ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ ଷ୍ଟିଭେନସ ଓ ଟ୍ରେଭନର ସାହେବମାନେ ଯେଉଁ ଅନୁସନ୍ଧାନକାର୍ଯ୍ୟରେ ନିଯୁକ୍ତ ହୋଇ ଥିଲେ ତାହା ଶେଷକରି ସେମାନେ ଯେଉଁ ରିପୋର୍ଟ ଦେଇ ଅଛନ୍ତି ଏବଂ ତହିଁରେ ମାନ୍ୟବର ବଙ୍ଗୀୟ ଲେଟେଲଟ ଯେଉଁ ଅଦେଶ ଦେଇ ଅଛନ୍ତି ତାହା ସବୁ ଅବଧି ପ୍ରକାଶିତ ହୋଇ ନାହିଁ ମାତ୍ର ଗତବର୍ଷର ବଜେଟସମ୍ବନ୍ଧରେ ଲେଟେଲାଟଙ୍କର ମନ୍ତବ୍ୟରୁ ଜଣାଯାଏ ଯେ ବିସ୍ତାରିତ ଅଦେଶ ଶୀଘ୍ର ପ୍ରକାଶିତ ହେବ । ଏଥିମଧ୍ୟରେ ଏତିକ ଜଣାଯାଇଅଛି ଯେ ଜ ୪ ଣ ସବ ଜଜ ଏବଂ ଜ ୬୫ ଣ ମୁନସଫ ନୂତନ ନିଯୋଗ ହେବେ । ସବଜଜଙ୍କ ମଧ୍ୟରୁ ଏକ ଜଣ ୮ ଶତ ଏବଂ ତିନିଜଣ ୬ ଶତ ଲେଖାଁଏ ବେତନ ପାଇବେ । ମୁନସଫଙ୍କ ମଧ୍ୟରୁ ଜ ୫ ଣ ୨ୟ, ୧୦ ଜଣ ୩ୟ ଏବଂ ୫୦ ଜଣ ଚତୁର୍ଥ ଶ୍ରେଣୀରେ ନିଯୁକ୍ତ ହେବେ । ଅମଲାଙ୍କ ମଧ୍ୟରେ କାହାର ବେତନ ବଢ଼ିବାର କଥା ଏବଂ ଏଥିପାଇଁ ଏବର୍ଷ ୫ ହଜାର ଟଙ୍କା ଅଧିକା ମଞ୍ଜୁର ହୋଇ ଅଛି । ସମସ୍ତ ବଙ୍ଗଳା ସକାଶେ ମାସକୁ ହଜାର ଟଙ୍କା ଲେଖାଁଏ ଅଧିକା ବ୍ୟୟରୁ ଜଣା ଯାଉ ଅଛି ଯେ ଏ ବୃଦ୍ଧି ନାମମାତ୍ର । ଯାହା ହେଉ ହାକିମଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଦେବାନୀ ମୋକଦ୍ଦମା ନିଷ୍ପତ୍ତିରେ ଏଣିକି ବିଳମ୍ବ ହେବ ନାହିଁ ଏତଦ୍ରୂପ ସୁଫଳର ଆଶା ହେଉ ଅଛି । ମୁନସଫସଂଖ୍ୟା ଏତେ ବୃଦ୍ଧି ହେବା ସ୍ଥଳେ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଓଡ଼ିଶାର ଭାଗରେ କିଛି ପଡ଼ିବ ଯେବେ ଏମନ୍ତ ସୁଯୋଗରେ କେହି ଓଡ଼ିଶାବାସୀ ମୁନସଫ ହୋଇ ନ ପାରିବେ ତେବେ ଆମ୍ଭମାନଙ୍କର ଭାଗ୍ୟ ନିତାନ୍ତ ଉଣା ବୋଲିବାକୁ ହେବ । ଓଡ଼ିଶାର ବି, ଏଲ ଉପାଧିଧାରୀମାନଙ୍କର ଏ ସମୟରେ ବିଶେଷ ଯତ୍ନ କରିବାର ଆବଶ୍ୟକ ହେଉଅଛି ।

---

ବଙ୍ଗପ୍ରଦେଶରେ ଜାବାଲିଗି ଓ ଖୋରକି ମହାଲମାନଙ୍କର ଗତବର୍ଷର କାର୍ଯ୍ୟବିବରଣ ଦେଖି ମାନ୍ୟବର ଲେଫ୍ଟେଲଟ ବାହାଦୁର ଉପ୍ରୁଲ କହିଲ ବିଷୟରେ ତାକିଦ କରଣାନ୍ତର ଏହି ମନ୍ତବ୍ୟ ପ୍ରକାଶ କରି ଅଛନ୍ତି ଏ ସବୁ ମହାଲନାମରେ ଯେତେ ନଗଦ ଟଙ୍କା ଓ କମ୍ପାନୀକାଗଜ ଜମା ଅଛି ତଦୃଷ୍ଟିରେ ଚିରସ୍ଥାୟୀ ଉନ୍ନତିକାର୍ଯ୍ୟରେ ଅଧିକ ପରିମାଣ ଅର୍ଥବ୍ୟୟ କରିବାର ଉଚିତ ଥିଲା । ଏ ବିଷୟରେ ଅଳ୍ପ ଖର୍ଚ୍ଚ ହୋଇ ଥିବାର ବୋର୍ଡ଼ ବୁଝିଅଛନ୍ତି । ଆଗାମୀ ଶୀତକାଳରେ ଯେପରି ଉନ୍ନତ କାର୍ଯ୍ୟ ଆରମ୍ଭ ହେବ ତହିଁର ବନ୍ଦୋବସ୍ତ କରିବେ । ମାନ୍ୟବର ମହୋଦୟ ଆହୁରି କହିଅଛନ୍ତି କି ଯେ ସବୁ ମହାଲର ଟଙ୍କା ଉଦ୍ବର୍ତ୍ତ ରହଇ ସେ ସବୁ ମହାଲର 'ସ୍କୁଲ ଓ ଡାକ୍ତରଖାନାର ହେବା' ଏବଂ 'ଉଦ୍ବର୍ତ୍ତ ଅନାନତି' ଖାତାମାନଙ୍କରେ ଏବଂ ଦେଣହାର ମହାଲମାନଙ୍କର 'ଦେଣ ଅଦାୟ' ଖାତାରେ ଅଧିକ ଖର୍ଚ୍ଚ ଦେଖାଇବାର ଉଚିତ । ବାର୍ଷିକବିଜ୍ଞାପନୀ ପାଠକରି ମାନ୍ୟବର ଲେଫ୍ଟେଲଟ ବଡ଼ ଅସନ୍ତୁଷ୍ଟ ହୋଇ ଅଛନ୍ତି ଯେ ସ୍ୱତନ୍ତ୍ରକର୍ମଚାରୀକମାନେ ଏ ସମସ୍ତ ମହାଲର ଉନ୍ନତି କରିବାକୁ ଅତିଅଳ୍ପ ସକ୍ଷମ ହୋଇ ଅଛନ୍ତି । କେଉଁ ମହାଲର କେଉଁଠାରେ କୂଅ, ପୁଷ୍କରଣୀ, ବନ୍ଧ, ସଡ଼କ, ହାଟ, ଗ୍ରାମବସତି, ସଫାଇ ନାଳ ବା ଅନ୍ୟ ଉନ୍ନତିକାର୍ଯ୍ୟ କରିବାକୁ ହେବ ଏଥିର ବିସ୍ତାରିତ ଜ୍ଞାନଲାଭ କରିବା ଜିଲା କଲେକ୍ଟରମାନଙ୍କ ପକ୍ଷରେ ଅସମ୍ଭବ ଅଟଇ । ମାତ୍ର ମାନେଜରମାନଙ୍କୁ ଏସବୁ ଜାଣିବାର ନିତାନ୍ତ କର୍ତ୍ତବ୍ୟ ଏବଂ ଏଥିପାଇଁ ଅତ୍ୟନ୍ତ ଯୋଗ୍ୟଲୋକ ବାଛି ମାନେଜରପଦରେ ନିଯୁକ୍ତ କରିବାକୁ ହେବ ଏବଂ ମାନେଜରମାନେ ଅପଣା ଦାୟିତ୍ୱ ବୁଝି କାର୍ଯ୍ୟ କରୁଅଛନ୍ତି କି ନାହିଁ ଦେଖିବାକୁ ହେବ । ସମସ୍ତ ମାନେଜରଙ୍କ ନାମ ଆଗାମି ବର୍ଷର ବିଜ୍ଞାପନୀରେ ପ୍ରକାଶ ହେବ ଯେ ଗବର୍ଣ୍ଣମେଣ୍ଟ ସେମାନଙ୍କ ଯୋଗ୍ୟତା ବୁଝିପାରିବେ ।

---

ଗତ ଖ ୪୬ ସଂଖ୍ୟା ବାଲେଶ୍ୱରସମ୍ବାଦବାହିକାରେ 'କେନ୍ଦୁଝରର ସମ୍ବାଦ' ଶିର୍ଷକ ପ୍ରବନ୍ଧରେ ଲେଖାଅଛି କି ସେଠା ରଜା ସନ ୧୨୯୫ ସାଲର ନୂଆ ବନ୍ଦୋବସ୍ତରେ ତଳଲିଖିତ ଉପକରମାନ ବସାଇ ଥିବାରୁ ପ୍ରଜାମାନେ ବଡ଼ ଅସନ୍ତୁଷ୍ଟ ଥିଲେ । ମାନେଜର ଶ୍ରୀଯୁକ୍ତ ଭଥାଲ ସାହେବ ତାହା ସବୁ ଉଠାଇ ଦେବାରୁ ପ୍ରଜାମାନେ ପ୍ରୀତ ହୋଇ ଅଛନ୍ତି ।

୧। ଧାଙ୍ଗଟୀକର — ବ୍ରାହ୍ମଣ କରଣ ଓ ଖଣ୍ଡାୟତ ଭିନ୍ନ ଆଉ ସମସ୍ତ ଜାତି ଏହି କର ଦେଉଥିଲେ ।

୨। ପ୍ରତିଗ୍ରହଣପଣି — ଯେଉଁମାନେ ରଜାଠାରୁ ପଟ୍ଟା ନେଉଥିଲେ ସେହିମାନେ ପଟ୍ଟାଲିଖିତ ଭୂମିଖଣ୍ଡ ମଧ୍ୟରେ ଏକବର୍ଷ ପର୍ଯ୍ୟନ୍ତ ତହିଁ ବଳରେ ପ୍ରତିଗ୍ରହଣ କରୁଥିଲେ ଓ ଇଚ୍ଛାମତେ ଜନମାନଙ୍କଠାରୁ ଦକ୍ଷିଣା ଅଦାୟ କରୁଥିଲେ । ପଟ୍ଟାଦାର ଛଡ଼ା ଅପର ବ୍ରାହ୍ମଣର ପ୍ରତିଗ୍ରହଣ କରିବାର ଅଧିକାର ନ ଥିଲା ଏବଂ ଯେଉଁ ବ୍ରାହ୍ମଣ ସର୍ବୋଚ୍ଚ ଫିସ ଦେଉଥିଲା ସେ ପଟ୍ଟା ପାଉଥିଲା । ଏହିପରି ଜ୍ୟୋତିଷପଣି, ଭଣ୍ଡାରିପଣି, ଧୋବାପଣି, କମାରପଣି ବଢାଇପଣି ଇତ୍ୟାଦି ନିରୂପିତ ଥିଲା ।

୩। ଲବଣପଟ୍ଟା — ସମସ୍ତ କିଲ୍ଲାରେ ଲବଣ ବିକ୍ରୟ ନିମନ୍ତେ ଏକଜଣଠାରୁ ଫିସ ନିଆଯାଇ ଏକ ବର୍ଷ ମିଆଦରେ ତାହାକୁ ପଟ୍ଟା ଦିଆଯାଉଥିଲା । ଏକା ସେହି ବ୍ୟକ୍ତି କିଲ୍ଲାରୁ ଲୁଣ

Digitized by srujanika@gmail.com

ଅମଦାନୀ କର ସ୍ଥାନେ୨ ଦୋକାନ କର ବକୟୁ କରୁଥିଲ ଓ ଙ୍କଷ୍ଟାର ସମସ୍ତ ଲୋକ ତାହାର ନିରୂପିତ ମୂଲ୍ୟରେ ଲୁଣ କଣିବାକୁ ବାଧ୍ୟ ଥିଲେ ।

ଉପରଲିଖିତ ଉପକରମାନଙ୍କର ଦର କପ୍ରକାର ଥିଲା ଏବଂ ପ୍ରତ୍ୟେକର ବାର୍ଷିକ ଆୟ ଆନୁମାନିକ କେତେ ଥିଲା ସହଯୋଗୀ ସମ୍ପ୍ରତିଃ ଜାଣି ନ ପାରିବାରୁ ଲେଖି ନାହାନ୍ତି । ମାତ୍ର ଯେବେ ଏ ସମ୍ବାଦ ସତ୍ୟ ହୋଇଥାଏ ତେବେ ଏସବୁ ଉପକର ବସାଇବାର ତାତ୍ପର୍ଯ୍ୟ କସ ଏବଂ ଧୋବା ଭଣ୍ଡାରୀ ବଢ଼ାଇ କମାର ପ୍ରଭୃତିଙ୍କୁ ପ୍ରଜାଙ୍କ କାର୍ଯ୍ୟ ସକାଶେ ସ୍ୱତନ୍ତ୍ର ଜାଗିର ଦେବାର ସତ୍ତ୍ୱତର ନ୍ୟୂନ ଥିବା ପ୍ରତ୍ୟକ୍ଷେ ସେମାନଙ୍କଠାରୁ ଓଲଟି କର ନେବାର କପର ଯୁକ୍ତିସଙ୍ଗତ ହେଲା ଏବଂ ଏସବୁଦ୍ୱାରା ପ୍ରଜାଙ୍କର କି ଉପକାର ହେଲା ବା ହେବାର ଆଶା କରାଯାଇଥିଲା ଏହାସବୁ ଜାଣିବାକୁ ବଡ଼ ଆଗ୍ରହ ହେଉଅଛୁ । ଭରସା କରୁଅଛୁ ନୂତନ ମାନେଜର ଏସମସ୍ତ ବିଷୟ ତଦନ୍ତ କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ବା ଜଣାଇବେ ଏବଂ ଯଥାସମୟରେ ତାହା ସର୍ବସାଧାରଣଙ୍କ ଜ୍ଞାତସାରରେ ଆସିବ ।

---

ତୋଫାନ ।

ଅମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ ଯେ ବାବୁ ସେବଦାସ ନାୟକ ଡେପୁଟୀ କଲେକ୍ଟର ବାତ୍ୟାପୀଡ଼ିତ ଅଞ୍ଚଳର ଅବସ୍ଥା ଅନୁସନ୍ଧାନ କରିବା କାରଣ ପ୍ରେରିତ ହୋଇଥିଲେ । ଏକଥା ସମ୍ପୂର୍ଣ୍ଣ ଠିକ ନ ଥିଲା କାରଣ ପରେ ଅବଗତ ହେଲୁଁ ଯେ ବାବୁ ମହାଶୟ କେତେକ ଜମିଦାରଙ୍କ ଦରଖାସ୍ତ ମତେ ମରୁଡ଼ିରେ ସେମାନଙ୍କର ଫସଲ ଯେପରିମାଣରେ କ୍ଷତି ହୋଇଥିଲା ତହିଁର ତଦନ୍ତ ନିମନ୍ତେ କଲେକ୍ଟର ସାହେବଙ୍କ ଆଦେଶାନୁସାରେ ଯାଇଥିଲେ ଏବଂ ଏଥିମଧ୍ୟରେ ତୋଫାନ ହେବାରୁ ତହିଁର ଅବସ୍ଥା ମଧ୍ୟ ଦେଖି ଆସିବାକୁ ସାହେବ ପ୍ରଶଂସିତଙ୍କର ଆଦେଶ ଥିଲା । ସୁତରାଂ ସେ କେବଳ ଦେଓଗାଁର ତହସିଲକଚେରି ଏବଂ ଯିବାଆସିବା ବାଟରେ ତୋଫାନର ଉତ୍ପାତ ଯାହା ଦେଖିଥିବେ ତେତିକ ଜଣାଇଥିବେ । ସେ ଅନ୍ୟ କୌଣସି ସ୍ଥଳକୁ ଯାଇ ନାହାନ୍ତି ଏବଂ ଏପର୍ଯ୍ୟନ୍ତ ଅମ୍ଭମାନଙ୍କର କଲେକ୍ଟର ସାହେବ କାନଗୋଇ ଓ ପୁଲିସର ତଦନ୍ତ ଉପରେ ନିର୍ଭର କରୁଅଛନ୍ତି । ଏଥିନ୍ତ୍ରନ୍ଙ୍କୁ ଶୁଣିବାରେ ଆପଣା୨ ପ୍ରଜାଙ୍କୁ ସାହାଯ୍ୟ ପ୍ରଦାନ ଏବଂ ଖଜଣା ଅସୁଲକାର୍ଯ୍ୟ ଶିଥିଲ କରିବା କାରଣ ଜମିଦାରମାନଙ୍କ ନାମରେ ପରୁଆନା ହେଉଅଛି । କଲେକ୍ଟର ସାହେବ ସଦରମୁକାମରେ ନଥାନ୍ତି ନିଷ୍ଟିନ୍ତ ନ ରହି ଏତକ ଯେ କରୁଅଛନ୍ତି ଅବଶ୍ୟ ଭଲ ବୋଲିବାକୁ ହେବ ମାତ୍ର ଏହାଦ୍ୱାରା ପ୍ରଜାଙ୍କର ଦୁଃଖ ଯିବାର ଆଶା ନାହିଁ । ଅନ୍ତତଃ ଏହା ଗୌଣ ଉପାୟ ଅଟଇ । ତୋଫାନ ଯେମନ୍ତ ହଠାତ ଦୁଇଘଣ୍ଟା ଘଣ୍ଟାମଧ୍ୟରେ ଭୟାନକ କ୍ଷତି କରିଗଲା ତହିଁରୁ ପ୍ରଜାଙ୍କୁ ଉଦ୍ଧାର କରିବାର ଆଶୁ ଉପାୟ ଆବଶ୍ୟକ ଥିଲା । କଲେକ୍ଟର ସାହେବ ସ୍ୱୟଂ ମୋଫସଲକୁ ଯାଇ ଯେଉଁ୨ ବିଷୟରେ ସାହାଯ୍ୟର ଆବଶ୍ୟକ ତହିଁର ବ୍ୟବସ୍ଥା କରିଥିଲେ ଲୋକଙ୍କର ଦୁଃଖ ଅନେକପରିମାଣରେ ଘୁଞ୍ଚିଥାନ୍ତା । ବଡ଼ ଦୁଃଖର ବିଷୟ ଯେ ସେପରି କିଛି ହେଲା ନାହିଁ । ଯେ ସବୁସ୍ଥାନରେ ଲୁଣା ମାଡ଼ିଥିଲା ଓ ତୋଫାନ ଅତ୍ୟନ୍ତ ପ୍ରବଳ ହୋଇଥିଲା ସେସବୁ ସ୍ଥାନରେ ଲୋକେ ଦୁଇତିନ ଦିନ ଭାତର ମୁହଁ ଦେଖି ନାହାନ୍ତି । ଯେଉଁଠାରେ ନଡ଼ିଆଗଛମାନ ଭାଙ୍ଗି ପଡ଼ିଥିଲା ସେଠାରେ ନଡ଼ିଆ ଓ ତହିଁର ପାଣି ଖାଇ ପ୍ରାଣ ରକ୍ଷାକଲେ । ଏକ୨ ଦିନ ନଅଁଟିକଏ ପାଇ ନ ଥିଲେ । ଅନାହାର ଭଙ୍ଗାସ୍ଥାନରେ ବାସ ଏବଂ ମରିପଡ଼ିଥିବା ପଶୁପକ୍ଷିଙ୍କର ପଗ୍‌ଗନ୍ଧମୟ ପବନ ସେବାରେ ବାତ୍ୟାପୀଡ଼ିତ ଲୋକମାନଙ୍କର ଯେ ଅବସ୍ଥା ହୋଇଅଛି ତାହା ଅକଥନୀୟ । ଏଥିର ପ୍ରତୀକାର କରିବାକୁ କ ଜମିଦାରମାନେ ସମର୍ଥ । ଅମ୍ଭମାନଙ୍କର ଭୟ ହେଉଅଛି ଯେ ଦିନବେଳେ ତୋଫାନ ହେବାରୁ ଯେଉଁମାନେ କୌଣସିମତେ ପ୍ରାଣରକ୍ଷା କରିବାକୁ ସକ୍ଷମ ହୋଇଥିଲେ ସେମାନଙ୍କର ଅଧିକାଂଶ ରୋଗରେ ମରିପଡ଼ିବେ । କୁଲି ମଜୁରମାନଙ୍କୁ ପଇସା ବା ଚାଉଳ ଇତ୍ୟାଦି ସାହାଯ୍ୟ ଦେଇ ଗ୍ରାମମାନ ପରିଷ୍କାର କରାଇ ଶବ ସବୁକୁ ପୋତିପକାଇବା ଏବଂ ଦୁଃସ୍ଥିମାନଙ୍କୁ ଭତାଚ୍ଛାଦନ ଦିଆଯିବାର ବ୍ୟବସ୍ଥା ପ୍ରଥମରୁ ହୋଇଥିଲେ ଯେ ଉପକାର ହୋଇଥାନ୍ତା । ଏଣିକି ସେସବୁ ହେଲେ ମଧ୍ୟ ତେତେ ଫଳ ହେବ ନାହିଁ ।

ଅମ୍ଭେମାନେ ଏ ସପ୍ତାହରେ ଏ ତୋଫାନସମ୍ବନ୍ଧରେ ପୁରୀ, ଦେଓଗାଁ, କୁଜଙ୍ଗ ପ୍ରଭୃତି ସ୍ଥାନରୁ କେତେଗୁଡ଼ିଏ ପତ୍ର ପାଇଅଛୁଁ । ମାତ୍ର ସକଳ ବାତ୍ୟାପୀଡ଼ିତ ସ୍ଥାନର ଅବସ୍ଥା ଏକପ୍ରକାର ଥିବା ଏବଂ ପୂର୍ବପ୍ରକାଶିତ ପତ୍ରମାନଙ୍କରୁ ପାଠକମାନେ ତାହା ଅବଗତ ହୋଇଥିବାରୁ ଏସବୁ ପ୍ରକାଶ କରିବାର ପ୍ରୟୋଜନ ବୋଧ କରୁ ନାହୁଁ । କେବଳ ଏତକ ଲେଖିବା ଯଥେଷ୍ଟ ଯେ ଭିଶିଉରେ ସରକାରୀ କଚେରୀଘର ସମସ୍ତ ଭାଙ୍ଗିଯାଇ ଅଛି । ଅମଲାମାନେ ଶେଷରେ ମାନେଜରଙ୍କ ବସାରେ ଆଶ୍ରୟ ନେଇଥିଲେ ତାହା ଭୂମିସାତ ହେବାରୁ ପଡ଼ିଆରେ କ୍ଷୁଦ୍ର ତାଳଗଛମାନ ଧରି ଶୋଇପଡ଼ି ପ୍ରାଣ ରକ୍ଷାକଲେ କାରଣ ପବନ ବଳରେ ଛିଡ଼ାହେବା ଅସମ୍ଭବ ଥିଲା । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ଆମ୍ଭମାନଙ୍କର ଦୟାଶୀଳ ଓ କର୍ତ୍ତବ୍ୟପରାୟଣ ଲେଫ୍‌ଟେନାଣ୍ଟ ବାହାଦୁର ଏ ତୋଫାନର ବିସ୍ତାରିତ ଅବସ୍ଥା ଜାଣିବାର ତେଣିକି ଆଉ ଅବଧି କଲିକତାର କୌଣସି ସମ୍ବାଦପତ୍ରରେ ତାହା ପ୍ରକାଶ ହେଲା ନାହିଁ । ଓଡ଼ିଶାରେ ଶିକ୍ଷିତଲୋକଙ୍କ ସଂଖ୍ୟା ବର୍ଷକୁବର୍ଷ ବୃଦ୍ଧି ହେଉଥିବାସ୍ଥଳେ ସାଧାରଣ ହିତୋତ୍ତେଜନାର ଏପରି ଅଭାବ ବଡ଼ ଦୁଃଖର ବିଷୟ ଅଟଇ । ଏକଥିତେ ହାକିମମାନେ ଅପରଅଡ଼େ ଦେଶବାସିମାନେ ନୀରବ ସୁତରାଂ ଗବର୍ଣ୍ଣମେଣ୍ଟ କେଉଁଠାରୁ ପ୍ରକୃତ ଅବସ୍ଥା ଜାଣିବେ ଯେ ତହିଁର ପ୍ରତୀକାରର ଚେଷ୍ଟା କରିବେ ? ଅମ୍ଭେମାନେ ଆଶା କରୁଁ କି ପୁରୀ ଓ କଟକର କଲେକ୍ଟରମାନେ ଆଉ ବିଲମ୍ବ ନ କରି ପ୍ରକୃତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ବହୁତ ସାହାଯ୍ୟର ବନ୍ଦୋବସ୍ତ କରିବେ ।

ଅମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ କି ଏ ତୋଫାନରେ କୌଣସି ଜାହାଜ ମରି ପଡ଼ି ନାହିଁ । ମାତ୍ର ଦୁଃଖର ସହିତ ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ ଯେ କେତେଗୁଡ଼ିଏ ସ୍ଲୁପ ଓ ବଡ଼ ଜାହାଜ ମରି ପଡ଼ିଅଛି । ଧାମରାମୁହାଣ ନିକଟରେ ଖଣ୍ଡିଏ ତେଲଙ୍ଗିସ୍ଲୁପ ଲେଉଟିପଡ଼ିଛି ତହିଁ ଉପରେ ତନିଜଣ ମନୁଷ୍ୟ ଥିଲେ । ଭୁଆରନହେଷ୍ଟିଂସ ଜାହାଜ ତୋଫାନ ଉତ୍ତାରୁ ଗଙ୍ଗାବାଲିରୁ କଲିକତାକୁ ଯିବାସମୟରେ ସେମାନଙ୍କୁ ଉଦ୍ଧାର କଲେ । ସେମାନେ କହିଲେ ଯେ ସେହି ସ୍ଲୁପରେ ଜଣ୨୫ ଥିଲେ । ତହିଁମଧ୍ୟରୁ ସେହି ତିନିଜଣ ଏବଂ ସେମାନଙ୍କ ପ୍ରଭୁ ଦୁଇଜଣ ସ୍ଲୁପ ଲେଉଟିଗଲା ଉତ୍ତାରୁ ତହିଁ ଉପରେ ଚଢ଼ି ଥିଲେ । ପିଲା ଦୁହିଁଙ୍କି ଖଣ୍ଡାମଗରମାନେ ଉଠି ଟାଣି ନେଇଗଲେ । ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ଧରି ରଖି ପାରିଲେ

Split by PDF Splitter
Digitized by srujanika@gmail.com

Split by PDF Splitter



ନାହିଁ । ଅବଶିଷ୍ଟ ଲୋକ କେଉଁଆଡ଼େ ଗଲେ କିଛି ଜଣା ଯାଇ ନାହିଁ । ସମୁଦ୍ର ଆଉ ଏକସ୍ଥଳରେ ଅଡ଼େଇ ମାଇଲ ଦୂର ଯାଏ ନଉଆ ଭାସିବାର ଦେଖାଯିବାରୁ ଅନୁମାନ ହେଲ ଯେ ବରମାରୁ ଆସୁଥିବା ନଉଆ ସ୍ଥଳପ କେତେଖଣ୍ଡ ମରି ପଡ଼ିଅଛି । ସାଗରଠାରେ ସରକାରୀ କାର୍ଯ୍ୟରେ ନିଯୁକ୍ତ ଥିବା କଲରୁନ ଜାହାଜ କେଉଁଆଡ଼େ ଭାସି ଯାଇଅଛି ଅନେକ ଖୋଜା ହେବା ପ୍ରତ୍ୟକ୍ଷେ ଅଦ୍ୟାପି ଜଣା ଯାଇ ନାହିଁ । ଏଥିରେ ସରକାରୀ ନୌବିଭାଗର ଅନେକ ଗୁଡ଼ିଏ କର୍ମଚାରୀ ଥିଲେ । ଏହିପରି ଆଉ କେତେ ନୌକା ମରିପଡ଼ି ଥିବ ତହିଁର ସମ୍ବାଦ ପାଇବା ଅସମ୍ଭବ । ଏଥିରୁ ବୋଧ ହୁଅଇ ଯେ ଏ ତୋଫାନରେ ସ୍ଥଳଅପେକ୍ଷା ଜଳରେ ଊଣା କ୍ଷତି ହୋଇ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

ଅସ୍ମମାନଙ୍କ କଲେକ୍ଟର ସାହେବ ଆସନ୍ତା ମଙ୍ଗଳବାର ଜଗନ୍ନାଥପଡ଼ଙ୍କ ବାଟେ ଯାଜପୁର ଅଞ୍ଚଳକୁ ଗସ୍ତରେ ଯିବେ ଓ ଡିସେମ୍ବରମାସ ତା ୪ ରଖ ପର୍ଯ୍ୟନ୍ତ ଫେରିଆସିବେ । କେବଳ କଲେକ୍ଟରୀ ଫେସ୍ତାର ସଙ୍ଗେ ଯିବେ ।

ଏଠା ବନ୍ଦୋବସ୍ତ କର୍ମଚାରୀ ଶ୍ରୀଲ ସାହେବଙ୍କ ଜଣେ ପର୍ସୋନେଲ ଆସିଷ୍ଟାଣ୍ଟ ଆସି ଅଛନ୍ତି । ବନ୍ଦୋବସ୍ତ କର୍ମଚାରୀଙ୍କ ପଦ ଜଣ୍ଟା କମିଶନରଙ୍କ ପ୍ରାପ୍ତ କଣ୍ଯାଇ ଅଛି ।

ଏ ଜିଲ୍ଲାର ଏକ ୨ ସ୍ଥାନରେ ଓଲାଉଠା ଆରମ୍ଭ ହେବାର ସମ୍ବାଦ ଆସୁଅଛି । ଏ ନଗରରେ ମଧ୍ୟ ସାମାନ୍ୟରେ ଦେଖା ଯାଉଅଛି ।

ଗତ ତୋଫାନ ସମୟରେ ଦୁଇଦିନ ଅର୍ଥାତ୍ ଗୁରୁବାର ଓ ଶୁକ୍ରବାର ପ୍ରସ୍ଥରେ ୧୩୪ ଇଞ୍ଚ ଏବଂ କେନ୍ଦ୍ରାପଡ଼ାରେ ୧୫ଇଞ୍ଚ ବୃଷ୍ଟି ହୋଇଥିଲା । ମାତ୍ର ଓଡ଼ିଶା ଛଡ଼ା ବଙ୍ଗଳାର ଅନ୍ୟ ସବୁସ୍ଥାନରେ ନାମ ମାତ୍ର ବୃଷ୍ଟି ଅର୍ଥାତ୍ ଷ୍ଟେଟନାଙ୍ଗପୁରରେ କେବଳ ଏକଇଞ୍ଚରୁ ଅଧିକ ଆଉ ସବୁଠାରେ ତହିଁରୁ ଊଣା ।

କୋସଲରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଜଣେ ହେଡ଼କନଷ୍ଟବଲ ଓ ଜଣେ କନଷ୍ଟବଲ ଅପଣା ଏଲକାର ଚୌକିଦାର ଏବଂ କେତେକ ପ୍ରଜାଙ୍କଠାରୁ ଘୁସ ନେବାର ନାଲିସ ହେବାରୁ ଇନସ୍ପେକ୍ଟର ବାବୁ କାମିନୀକାନ୍ତର ଉପରେ ପ୍ରତି ତଦାରଖର ଭାର ଅର୍ପିତ ହୋଇଅଛି । ଅନୁସନ୍ଧାନର ଫଳ ଜଣାଯାଇ ନାହିଁ ।

ବରତୋଳ ଥାନା ଏଲାକାରେ ଗତ ତୋଫାନରେ ଏକହଜାର ଗୋରୁ ଏବଂ ଦୁଇଶତ ମନୁଷ୍ୟ ନଷ୍ଟ ହୋଇଥିବାର କେହି୨ ଅନୁମାନ କରନ୍ତି ।

ସମ୍ବାଦବାହିକା ଲେଖିଅଛନ୍ତି କି କାଲେକ୍ଟରଙ୍କ ପ୍ରଥମେ ଦୁଇଜଣ ହେଡଲେଷ୍ଟ କାର୍ଯ୍ୟ କରିବାକୁ କଲିକତାକୁ ଯାଇଥିଲେ ପୁଣି ଗ୍ରହଜଣ ଯାଇଅଛନ୍ତି । କଟକରୁ ଦୁଇଜଣ କଲିକତା ଯାଇଥିଲେ ମାତ୍ର ପଳାଇଆସିଲେ ।

## କଲିକତା-ଗେଜେଟ ।

ଲୋହାରଡଗାର ସବ ଡେଃ କଲେକ୍ଟର ମିଃ, ଯେ, ସି ଲଏଡ଼ ଓଡ଼ିଶାର ବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ ହେବା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କ ରାଜସ୍ୱବିଭାଗର ଅଧୀନରେ ଅବସ୍ଥାପିତ ହେଲେ ।

ଖୋର୍ଦ୍ଧା ତହସିଲଦାର ମୌଲବି ଦାଉଦ ବକ୍ସ ଡିସେମ୍ବର ମାସ ତା ୩୧ ରଖ ପର୍ଯ୍ୟନ୍ତ ଛୁଟି ପ୍ରାପ୍ତ ହୋଇ ଅଛନ୍ତି ।

ଖୋର୍ଦ୍ଧା ଓ ଭଦ୍ରକ ସଦରରେ ପଶୁପକ୍ଷୀ ନିବାରଣ ଆଇନ ଅର୍ଥାତ୍ ସନ୧୮୯୦ ସାଲର ଅ ୧୧ ଆଇନର ଅବଶିଷ୍ଟାଂଶ ପ୍ରଚଳିତ ହେବାର ବିଜ୍ଞାପନ ପ୍ରକାଶିତ ହୋଇ ଅଛି ।

---

ସମୁଦାୟ ପୃଥିବୀ ମଧ୍ୟରେ ୫୦୬୪ ପ୍ରକାର ଭାଷା ବର୍ତ୍ତମାନ ପ୍ରଚଳ ଅଛି । ଏଥି ମଧ୍ୟରେ ଏକା ଭାରତବର୍ଷରେ ୧୦୮ ପ୍ରକାର ଦେଶୀୟଭାଷା ବ୍ୟବହାର ହୁଅଇ ।

ହୋଲଣ୍ଡଦେଶର ଲୁଷ୍ଟନ ନଗରରେ ଗୋଟିଏ ବୃହତ୍ ଗୋଲାପ ଗଛ ଅଛି । ଦୁଇ ତିନି ବର୍ଷ ପୂର୍ବେ ତହିଁରେ ଏକସମୟରେ ଛଅ ହଜାର ଫୁଲ ଫୁଟିଥିଲା । ସେ ଗଛ ଜଣେ ମେମର ଅଟେ ସେ ତହିଁପ୍ରତି ବଡ଼ ଯତ୍ନ କରନ୍ତି । ଯତ୍ନ ଅପୂର୍ବ । ଧନ୍ୟ ସେ ଗଛ ଓ ଧନ୍ୟ ସେ ମାଳୀ !

ସ୍ପେନଦେଶରେ ଯୋଡ଼ିଏ ଦୈନିକସମ୍ବାଦପତ୍ର ଅଛି ଗୋଟିକର ଗ୍ରାହକସଂଖ୍ୟା ଷାଠିଏ ହଜାର, ଅନ୍ୟଟିର ସତୁରି ହଜାର । ସ୍ପେନରାଜ୍ୟ ବଡ଼ ବୃହତ୍ ବା ପ୍ରଧାନ ନୁହେ ତଥାପି ସେଠାରେ ସମ୍ବାଦପତ୍ରର କେଡ଼େ ଆଦର ଓ କେତେ ବଦ୍ୟାବର୍ଗ । କୋହ୍ନିଲେଟ ଇମ୍ପେରିଏଲଣ୍ଡର ଏତେ ଉନ୍ନତ ଭାରତବର୍ଷର ଭାଗ୍ୟରେ କି ଏପରି କେବେ ଘଟିବ !

ଜଗଏଡ଼ର ଲଭରପୁଲ ନଗରରେ ପ୍ରତିଦିନ ଏକଲକ୍ଷ କୋଡ଼ିଏହଜାର ଟଙ୍କାର ମଦ୍ୟ ପାନ ହୁଅଇ । ଯଦି ଏହା ବଡ଼ ମନ୍ଦ ଅଟେ ତଥାପି ତହିଁରୁ ସେଠାଲୋକେ ଯେତେକେ ଧର୍ମ ଓ ସୁଚଲାବସ୍ଥାପନ୍ନ ବଲକ୍ଷଣ ପରିଚୟ ମିଳୁଅଛି । ଧନ୍ୟ ଦାନଏତ !

ଇଉନାଇଟେଡ ଷ୍ଟେଟସରେ ଡାକଟିକଲ ପିଠିରେ ବିଜ୍ଞାପନ ଲେଖିବାର ପ୍ରଥା ଅଛି ଓ ଏଥିପାଇଁ ତହିଁରେ ସ୍ଥାନ ଥାଏ । ଏହି ବିଜ୍ଞାପନରୁ ସେ ଦେଶର ରାଜସରକାର ବାର୍ଷିକ ଟ୭୩୦୦୦୦ ଙ୍କା ରାଜସ୍ୱ ପ୍ରାପ୍ତ ହୁଅନ୍ତି ।

ରୁଷରାଜ୍ୟରେ କେତେକ ପରିମାଣରେ ଦୁର୍ଭିକ୍ଷ ପଡ଼ିଅଛି । ସେଠା ରାଜକୀୟ କର୍ମଚାରୀ ଅର୍ଥାତ୍ ହାକିମମାନେ ଅପଣା ବେତନରୁ କିୟଦଂଶ ବର୍ଜନ କରି ସାହାଯ୍ୟ ସକାଶେ ଦେଉ ଅଛନ୍ତି । ରୁଷରାଣୀ ଦୁଇକୋଟି ରୌପ୍ୟ ମୁଦ୍ରା (ରୋଲବ) ସାହାଯ୍ୟାର୍ଥେ ପ୍ରଦାନ କରି ସାରିଛନ୍ତି । ରାଜଧାନୀରେ ରୋଟିଗର ଦୁର୍ମୂଲ୍ୟ ହୋଇଅଛି । ଜଣେ ଦାନଶୀଳ ଦୋକାନୀ ସସ୍ତାରେ ବିକିବାରୁ ତାହା ଦୋକାନରେ ବଡ଼ ଭିଡ଼ ଲାଗି ଅଛି । ସାହାଯ୍ୟ କାର୍ଯ୍ୟର ବ୍ୟବସ୍ଥା ହେଉଅଛି ।

ଫ୍ରାନସ ଦେଶରେ ୨୮୦୦୦ ସ୍କୁଲ ଅଛି ତହିଁରେ କେବଳ କୃଷକମାନଙ୍କର ସନ୍ତାନମାନେ ସରକାରୀ ବ୍ୟୟରେ କୃଷିକାର୍ଯ୍ୟ ଓ ଫଳବୃକ୍ଷପ୍ରଣାଳୀ ଶିକ୍ଷା କରିଥାନ୍ତି ।

ଲେଫ୍ଟନେଣ୍ଟ ବଂ ଇଭ୍କାମଣ୍ଡଳ କଲେକ୍ଟରଙ୍କୁ ଗୁଳିକରି ଆଘାତ କରିଥିବା ଅପରାଧରେ ଦୌରା ସୁପର୍ଦ୍ଦ ହୋଇ ଜାମିନରେ ଅଛନ୍ତି । ଦେଶୀୟ ହେଲେ ଜାମିନ ପାଆନ୍ତେ କି ?

କଲିକତାର ପ୍ରସିଦ୍ଧ ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କ ଶରୀର ଅସୁସ୍ଥ ହୋଇ ଥିବାରୁ ଜଳ ବାୟୁ ପରିବର୍ତ୍ତନ ନିମନ୍ତେ ବୈଦ୍ୟନାଥକୁ ଗମନ କରି ଅଛନ୍ତି । ଗତବର୍ଷ ଶରୀର ଅସୁସ୍ଥ ହେତୁ ବୈଦ୍ୟନାଥକୁ ଗମନ କରି ଅବସ୍ଥାନ କରି ଥିଲେ ।

ପଣ୍ଡିତ ଜଗନ୍ନାଥ ନାରାୟଣ ପୂଜାରି ଏକଗ୍ରୀଷ୍ଟିଆନ ପାଦ୍ରିର ଗୃହରେ ଶ୍ରୀ—ପାନ କରିଥିବା ନିମିତ୍ତ ଏକ ସମ୍ପାଦକ ପ୍ରଚାର କରି ଥିବାରୁ ପଣ୍ଡିତଜୀ ସମାଜଚ୍ୟୁତ ହୋଇ ଥିଲେ । ସେ ସମ୍ପାଦକଙ୍କ ନାମରେ ନାଲିସ କରିବାରୁ ସମ୍ପାଦକଙ୍କୁ ଟ୫୦୫ ଅର୍ଥଦଣ୍ଡ ହୋଇ ଅଛି ।

କଲିକତା ମିଉନିସିପାଲିଟୀର ଚେୟାରମ୍ୟାନ ଏଚ ଲି ସାହେବ ସୁଦକ୍ଷତା ସହିତ କାର୍ଯ୍ୟ କରିଥିବାହେତୁରୁ କମିଶ୍ନରମାନେ ତାଙ୍କ ବେତନ ଅତିରିକ୍ତ ହଜାର ଟଙ୍କାରୁ ତିନିହଜାର ଟଙ୍କା ଦେବାନିମନ୍ତେ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପୁଣି ଆବେଦନପତ୍ର ପ୍ରେରଣ କରି ଅଛନ୍ତି । ଅବୈତନିକ ଚେୟାରମ୍ୟାନମାନେ କେଉଁଅଂଶରେ ଦକ୍ଷତାର ପରିଚୟପ୍ରଦାନ କରିବେ ?

ଗୋଟିଏ ବାଳକ ଅପଣା ମାତାର ଅଳଙ୍କାର ଚୋରି କରି ଥିବା ଅପରାଧରେ ଛଅମାସ ମିଆଦ ଦଣ୍ଡ ପାଇଅଛି । ଅନ୍ୟ ଏକ ଲୋକ ସେହି ଚୋରି ମାଲକୁ ଜାଣି ଶୁଣି ନେଇ ଥିବା ହେତୁରୁ ମଧ୍ୟ ସେହି ଦଣ୍ଡ ପ୍ରାପ୍ତ ହୋଇ ଅଛି ।

ହେଷମର ଜେଲଖାନାରେ ଏକା ନାମର ଦୁଇଜଣ କଏଦୀ ଥିଲେ ସେମାନଙ୍କର ପିତାର ନାମ ମଧ୍ୟ ଏକ । ଜଣେ ଅପିଲ କରି ଥିବାରୁ ୧୦ ବେତଘାତ ତାକୁ ମୁକ୍ତି ଦେବାର ହୁକୁମ ହୁଏ । ଭୁଲ ତାକୁ ବେତ ନ ଦେଇ ଅନ୍ୟବ୍ୟକ୍ତିକୁ ବେତ ଦେଇ ମୁକ୍ତି ଦେଇ ଥିଲେ । ତଦୁତ୍ତରେ ଘଟନା ପ୍ରକାଶ ପାଇବାରୁ ତାକୁ ଧରି ଆଣି କଏଦ କରାଗଲା ଓ ଅପର ବ୍ୟକ୍ତିକୁ ବେତ୍ରାଘାତ ପ୍ରଦାନ କରି ମୁକ୍ତି ଦିଆଗଲା । ଏଥିରେ ପ୍ରକୃତ ଦୋଷୀ କିଏ ?

ଯେ, ମାର୍ଟିନ ନାମକ ଜଣେ ଶ୍ୱେତକାୟ ପଦାଘାତଦ୍ୱାରା ତାହାର ପାଚକାକୁ ଯମାଲୟ ପ୍ରେରଣ କରି ଥିବା ଅପରାଧରେ ମାଜିଷ୍ଟ୍ରେଟ ସାହେବ ଟ ୫୦୧ ଙ୍କା ଜରିମାନା କରି ଖଲାସ କରି ଦେଇ ଥିଲେ ମାନ୍ଦ୍ରାଜ ହାଇକୋର୍ଟର ଆଦେଶାନୁସାରେ ତାହାର ପୁନର୍ବିଚାର ହେଉଅଛି । ବିଚାରର ଫଳ ପ୍ରକାଶ ପାଇ ନାହିଁ ।

ପ୍ରାୟ ଦୁଇ ସପ୍ତାହ ପର୍ଯ୍ୟନ୍ତ ନେପାଳରେ ଲବଣ ଦୁଷ୍ପ୍ରାପ୍ୟ ହେବାରୁ ତତ୍ରସ୍ଥ ଲୋକମାନେ କେବଳ ମିଷ୍ଟଦ୍ରବ୍ୟ ଅହାର କରି ଜୀବନାତିପାତ କରୁଥିଲେ ଅବଶେଷରେ ଲବଣ ରପ୍ତାନିର ବନ୍ଦୋବସ୍ତ ହେବାରୁ ଏମାନଙ୍କ ଦୁର୍ଦ୍ଦଶା ମୋଚନ ହୋଇ ଅଛି ।

ନଇସ୍ୱର୍ଗ ପ୍ରଦେଶରେ ଏଲିଜିଆ ଫ୍ଲୋରେନ୍ସ ହେଣ୍ଡର୍ସନ ନାମକ ଜଣେ ସ୍ତ୍ରୀର ପନ୍ଦରଥର ବିବାହ ହେଲାଣି । ଏହାଙ୍କ ପକ୍ଷରେ ବିବାହ ଜାଲବିଭ ପ୍ରାପ୍ତ ହୋଇ ଅଛି ।

ସଞ୍ଜୀବନୀରୁ ଅବଗତ ହେଲୁଁ ଯେ କଲିକତାର ଜଣେ ପ୍ରସିଦ୍ଧ ଏଟର୍ଣ୍ଣୀ ବାବୁ ନବୀନଚନ୍ଦ୍ର ବଡ଼ାଲ କେତେକଣ ବନ୍ଧୁଙ୍କ ସଙ୍ଗେ ଗତ ଦଶହରା ସମୟରେ ବୈଦ୍ୟନାଥକୁ ଯାଇ ଥିଲେ । ସେଠାରେ କୁଷ୍ଠରୋଗିଙ୍କ ଦୁର୍ଦ୍ଦଶା ଦେଖି ପ୍ରସ୍ତାବିତ କୁଷ୍ଠାଶ୍ରମର ସାହାଯ୍ୟ ନିମିତ୍ତ ସେ ଓ ତାହାଙ୍କ ବନ୍ଧୁମାନେ ମିଶି ୭୨ ହଜାର ଟଙ୍କା ଦାନ କରି ଅଛନ୍ତି । ଏହିପରି ଦୟାଶୀଳ ଲୋକଙ୍କ ସଂଖ୍ୟା ଯେତେ ବୃଦ୍ଧି ହେବ ସେତେ ଦେଶର ମଙ୍ଗଳ ହେବ । ପୁଣ୍ୟ ବିନା ରାଜ୍ୟର ମଙ୍ଗଳ ନାହିଁ ।

Digitized by srujanika@gmail.com

ଉଇନ୍ଦ୍ରମାନଙ୍କରେ ଏକା ସମୁଦ୍ରକୂଳସ୍ଥ ସ୍ଥାନମାନଙ୍କରେ ଦୁର୍ଭିକ୍ଷ ବା ମହର୍ଘ ସମୟରେ ବୃଷ୍ଟିଲେ କେବଳ ପାଣି ହୁଛ ଲୁଣ ସ୍ୱାଦ କଲେ ଗୁଲସ ସେମ୍ୟାନଙ୍କୁ ଉଳଣ ନ ହଚ-ବା କ୍ରୂ ସେମାନଙ୍କ ନାମରେ ମାମଲ ନ ଉଠିବା ପକ୍ଷେ ଅସ୍ତ-ମାନଙ୍କର ଗୋଟଲଙ୍କ ଯେ ଢ ଗଭର୍ଣ୍ଣ ଏ ନଗରକୁ ଅସି-ଥିଲେ ଥିଲା ପ୍ରଦାନ କର ଅଛନ୍ତି ଏ ଅଞ୍ଚ ଅତ ଯଥାର୍ଥ ଅଟନ୍ତି ଓ ପଟ ମ ହାବସ୍କଙ୍କର ଦୟା ଓ ଉଦେବତା ପ୍ରକାଶ ପାଉ ଅଛି ।

ବଉଗଟ ସାହେବଙ୍କ ଘୋଡ଼ଏ ବୃହତ୍ ଓ ମୂଲ୍ୟବାନ ଥିଲେ । କୌଣସି ସବେ।ତ୍ତାକୁ ଗାଡ଼ଯନ୍ତ୍ରରେ ଯିବାର ପାକସଂଯ ହେଲେ ଏ ସ୍ତ୍ରିଟପ୍ ସାହେବଙ୍କ ଗହଣରେ ଯାଉଥିଲେ ଓ ବଡ ଦେଖ ଦଶ୍ରୁ ଥିଲେ । ପ୍ରତ୍ୟେକର ମୂଲ୍ୟ ଦଶ ସହସ୍ର ଟଙ୍କା — ନକ୍ତରେ ସେ ଦୁହିଙ୍କର ମୃତ୍ୟୁ ଘଟିଛି ।

ଗ୍ରୀଷ୍ମକାଳରେ ଉଳ ବଡ ଓ ଶୀତସମୟରେ ଛୋଟ ହୁଏ ମାତ୍ର ଏ ଦେଶରେ ପ୍ରଭେଦ ପ୍ରାୟ ଦୁଇଘଣ୍ଟା । ଅର୍ଥାତ ସବା ବଡଦିନ ଘ ୧୩ଘଣ୍ଟା ଓ ଛୋଟଦିନ ପ୍ରାୟ ଘ ୧୧ ଘଣ୍ଟା କିନ୍ତୁ ଅନ୍ୟ ଦେଶମାନଙ୍କରେ ବିଶେଷ ପ୍ରଭେଦ । ଯଥା:— ଜର୍ମେନ ଦେଶସ୍ଥ ହାମ୍ବର୍ଗ ପ୍ରଦେଶରେ ସତଘଣ୍ଟା ପ୍ରଭେଦ ଅର୍ଥାତ ସବାବଡ଼ ଦିନ ଘ ୧୭ ଘଣ୍ଟା ଓ ସବା ଛୋଟଦିନ ଘ୭ ଘଣ୍ଟା । ଷ୍ଟକହଲମରେ ସବା ବଡଦିନ ଘ ୧୮୨ ଘଣ୍ଟା ଓ ସବା ଗୋଟଦିନ ଘ୫୨ ଘଣ୍ଟା । ରୁଷରାଜଧାନୀରେ ସବା ବଡଦିନ ଘ୧୯ ଘଣ୍ଟା ଓ ସବା ଗୋଟଦିନ ଘ ୫ ଘଣ୍ଟା । ଫିନଲଣ୍ଡରେ ସବା ବଡ଼ଦିନ ଘ ୨୧୨ ଘଣ୍ଟା । ନରଓଏ ଦେଶର ଉଣ୍ଡରହୁ-ସରେ ମଇମାସ ତା ୨୧ ଠାରୁ ଜୁଲାଇମାସ ତା ୨ ପର୍ଯ୍ୟନ୍ତ ଗୋଟିଏ ଦିନ ଏଥି ମଧ୍ୟରେ ସୂର୍ଯ୍ୟାସ୍ତ ହୁଅଇ ନାହିଁ । ଫିନଲଣ୍ଡ ପ୍ରଦେଶରେ ସାତେ ତିନିମାସ କେବଳ ଦିନ ହୁଅଇ । ସୂର୍ଯ୍ୟାସ୍ତ ହେବା ରାତ୍ରି ହୁଏ ନା ।

କୌଣସି ପରିବୃତ ଜଣକୁ ଅଧିକ ମୂଲ୍ୟର ଅଥବା ଓକିଲ ନିଯୁକ୍ତ କରିବାକୁ ନ ଦେବାରୁ ସେକେ ସାଉନକହାର ଡପୋଟୀ-ମେଜେଷ୍ଟର ଉପମନ୍ତ୍ରୀ ସମ୍ ଶାନମହାବାହାଦୁର ଓକିଲକୁ ହାକ-ଇ ହେବାକୁ ନ ଦେବାରେ ଓକିଲ ହାଇକୋର୍ଟରେ ଅବେଦନ କରିଥିଲେ । ହାଇକୋର୍ଟରୁ ଏହି ହେଲଦେ ଡପୋଟୀମେ-ଜେଷ୍ଟରଙ୍କୁ ସେପରି ନିୟମ କରିବାର ଅଧିକାର ନାହିଁ ଓ ସେ ଅଦେଶ ଅଧିକାରର ବହିର୍ଭୂତ ହୋଇଥିବାରୁ ତାହା ହାଇକୋର୍ଟ ରଦକଲେ ।

ପାରସଠାରୁ ଆସିଥିବା ଏକ ତାଡ଼ିତସମ୍ବାଦରୁ ପ୍ରକାଶ ଯେ ଗ୍ରେନୋବ୍ଲ ନଗର ନିକଟରେ ଯାତ୍ରି ବୋଝାଇକରା ରେଲ ଗାଡ଼ି ଅତି ଦ୍ରୁତବେଗରେ କଳ ଉପରେ ଗମନକରୁଥିବା ସମୟରେ ଲେଉଟିପଡ଼ିଲା । ଏଥିରେ ଜ ୧୫ ଜଣେକ ହତ ଏବ ୫୦ ଜଣ ଲୋକେ ପୀଡ଼ାଗ୍ରସ୍ତ ହୋଇଅଛନ୍ତି ।

ଅମେରିକାଖଣ୍ଡରେ ଫୌଜଦାରୀ ମୋକଦମାରେ ମୁଦେଇକୁ ମଧ୍ୟ ହାଜତରେ ରହିବାକୁ ହୁଅଇ । ପ୍ରତ୍ୟେକ ମୋକଦମାରେ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେବାକାରଣ ମୁଦେଇକୁ ଜାମିନ ଦେବାକୁ ହୁଅଇ ଏବ ତାହା ଦେଇ ନ ପା-ରିଲେ ମୁଦେଇମଧ୍ୟ ହାଜତକୁ ଯିବ । ଅଳ୍ପଦିନରେ ଏକ ସେହି ମୋକଦମାରେ ଅସାମୀ ଜାମିନ ଦେଇ ମୁକ୍ତି ପାଇଲା ମାତ୍ର ବୃଦ୍ଧା ମୁଦେଇ ଜାମିନ ଦେଇ ନ ପାରିବାରୁ ହାଜତକୁ ଗଲା । ଏ ଓଲଟା ଅଟେ ।

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଜଳ ଯାଦବ ବଟଢ | ଟ ୧୯ |
| ମୁନସି ଅବଦୁଲ ମଜବଖାଁ ରଘୁନାଥପୁର | ଟ ୧୫ |
| ବାବୁ ଗୋପୀନାଥ ମହାନ୍ତି କାଗଣପୁର | ଟ ୩୧ |
| ବାବୁ ଗଣେଶଚନ୍ଦ୍ର ମହାପାତ୍ର କଟକ | ଟ ୨୧ |

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅମ୍ଭମାନଙ୍କର ନାବାଳକ ରାଜା ମହାଶୟଙ୍କ ଅଭିଭାବକ ବାବୁ ଶ୍ରୀ ବନମାଳୀସିଂହ ଇଟାଲି-ଦେଶୀୟ ଇଲେକ୍ଟ୍ରିକ ହୋମିଓପାଥିଚିକିତ୍ସା-ଦ୍ୱାରା ଅକ୍ଳେଶରେ ଅନେକ ଲୋକଙ୍କର ଅସାଧ୍ୟ-ବେମାରମାନ ବିନାଅର୍ଥରେ ଆରାମ କରାଇ ଦେଉଅଛନ୍ତି ।

ବଡ଼ ଆଶ୍ଚର୍ଯ୍ୟର କଥା ଯେ ଯାହା ପାଟି ଲାଗି କଥା କହିବାର ଅକ୍ଷମ ହୋଇଅଛି, ସେ ଚିକିତ୍ସା-ଦ୍ୱାରା ମି ୩୨ କଟରେ ପରିଷ୍କାର କଥା କହି, ବାବୁ ମହୋଦୟଙ୍କୁ ଧନ୍ୟବାଦ ଦେଇ ଚାଲି ଯାଉ ଅଛି ।

ମାନନୀୟ ମେନେଜର ମହୋଦୟ ବାଲ-ଜିହ୍ୱା ସବଡିଭିଜନସ୍ଥ ମଜ୍ଜିକଚେରୀ ସନ୍ଦର୍ଶନ କରି ବର୍ତ୍ତମାନ ଅନ୍ୟାନ୍ୟ ବିଷୟରେ ବିଜ-ଜମାନ କରୁ ଅଛନ୍ତି ।

୧୬।୧୧।୯୧ ଢେଙ୍କାନାଲ } ଶ୍ରୀ ଗୌରାଙ୍ଗ ଗ୍ରନ୍ଥପଟ୍ଟନାୟକ ।

ଅପଣଙ୍କର ଜଗଦ୍‌ବ୍ୟାପିନୀ ପତ୍ରିକୈକ-ପାର୍ଶ୍ୱରେ ନିମ୍ନ ପ୍ରକଟିତ ବିଷୟଟିକୁ ସ୍ଥାନଦାନ କଲେ ଉପକୃତ ହେବି ।

ଅମ୍ଭମାନଙ୍କର ପ୍ରଶଂସିତ ମାନନୀୟ ଶୀଳ ଶ୍ରୀଯୁକ୍ତ କମିଶ୍ନର ସାହେବ ମହୋଦୟ ଏହିମାସ ତା ୧୧ ରଖ ସକାଳ ପ୍ରାୟ ୧୦ ଘଣ୍ଟା ସମୟରେ ଏଠିକୁ ଶୁଭାଗମନ କରିଥିଲେ, ଏଦିନ ଅନ୍ୟାନ୍ୟ କୌଣସି କାର୍ଯ୍ୟ ସନ୍ଦର୍ଶନ ନ କରି କେବଳ ବିଶ୍ରାମଲାଭ କରିଥିଲେ । ତତ୍ପରଦିନ ପ୍ରାତଃକାଳର ୭ଘଣ୍ଟା ସମୟରେ ଏଠା ତହ-ସିଲ କଚେରୀର କାର୍ଯ୍ୟପ୍ରଣାଳୀ ସନ୍ଦର୍ଶନ କରି ବିଶ୍ରାମସ୍ଥାନ ବଙ୍ଗଳାକୁ ପ୍ରସ୍ଥାନ କଲେ ପୁନଶ୍ଚ ସାୟଂକାଳ ୬ଘଟିକା ସମୟରେ ଅତ୍ରତ୍ୟ ସ୍କୁଲର ବାର୍ଷିକ ପୁରସ୍କାର କାର୍ଯ୍ୟ ବିତରଣ କରିବାନି-ମନ୍ତେ ଆଦେଶ ଦେଇଥିବାରୁ ନିର୍ଦ୍ଦିଷ୍ଟ ସମ-ୟରେ ବିଦ୍ୟାଳୟରେ ବିରାଜମାନ କରି ଛାତ୍ରମା-ନଙ୍କୁ ପୁରସ୍କାର ସ୍ୱହସ୍ତରେ ବିତରଣ କଲେ ।

ପ୍ରଶଂସିତ ସାହେବ ମହୋଦୟଙ୍କର ଆଗ-ମନ ପୂର୍ବରୁ ସଭାସ୍ଥାନ ଆଲୋକମାଳାରେ ବିଭୂଷିତ ହୋଇ ସୁସଜ୍ଜିତ ହୋଇଥିଲା, ଅତ୍ରତ୍ୟ ସବଡେପୁଟୀ କଲେକ୍ଟର ଓ ଅମଲା ଏବ ସ୍ଥାନୀୟ ଭଦ୍ରଗଣ ଓ ଦର୍ଶକମଣ୍ଡଳୀରେ ବିଦ୍ୟା-ଳୟ ଗୃହ ପରିପୂର୍ଣ୍ଣ ହୋଇଥିଲା । ମାନ୍ୟବର ମହୋଦୟଙ୍କର ଆଦେଶମତେ ସ୍କୁଲର ହେଡ୍-ପଣ୍ଡିତ ମହାଶୟ ବାର୍ଷିକ ବିଜ୍ଞାପନୀ ପାଠକଲା ପରେ ଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ ହେଲା, ତତ୍ପରେ ଛାତ୍ରମାନେ ଶିକ୍ଷାକରିଥିବା ପଦ୍ୟ ଓ ଗଦ୍ୟପ୍ରବନ୍ଧ ପାଠକରି ସଭାପତି ମହୋଦୟଙ୍କୁ ଓ ଦର୍ଶକମଣ୍ଡଳୀଙ୍କୁ ଆପ୍ୟାୟିତ କରାଇଲେ ତଦନନ୍ତର ସଭା ଭଙ୍ଗହେଲା । ଇତି ।

| | |
|---|---|
| ୧୪।୧୧।୯୧ ତଚିଁକାସ୍କୁଲ ବାଙ୍କୀ | ବଶମ୍ବଦ ଶ୍ରୀ ଚନ୍ଦ୍ରମଣି ପଣ୍ଡା ୨ୟ ଶିକ୍ଷକ |

# ବିଜ୍ଞାପନ ।

## NOTICE.

Wanted an Eurasian or Madrasee young man for the post of the Conservancy Inspector of the Pooree Municipality, on a salary of Rs. 70 with horse allowance of Rs. 15 per month.

The applicant must be aged 30 years and must possess some knowledge of Engineering and surveying.

Applications with testimonials will be received by the undersigned up to 7th December 1891.

| | |
|---|---|
| Pooree 16-11-91 | Khettra Mohan Bose Vice-Chairman In charge. |

## ପୂର୍ବପ୍ରକାଶିତ ଚାନ୍ଦାର ସମଷ୍ଟି

ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥସିଂହଙ୍କ ମନ୍ଦିର ସଂସ୍କାର-କଟସ୍ତକ ଚାନ୍ଦା, ପୂର୍ବ ପ୍ରକାଶିତ ଚାନ୍ଦାର ସମଷ୍ଟି ।

| | |
|---|---|
| | ଟ ୨୮୪୧୪୵୭ |
| ବାବୁ ବହାଦଲାଲ ପଣ୍ଡିତ | ଟ ୨୦୦୧ |
| ଉତ୍ତର ବ୍ରାହ୍ମ କମିଟୀର ଅବୈତନିକ ସମ୍ପାଦକ | |
| ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ମାରଫତ | |
| ବାବୁ ଯଦୁନାଥ ରାୟ | ଟ ୧୪୦୧ |
| ସନାତନ ମହାପାତ୍ର | ଟ ୪୦୧ |
| ଟ ୧୦୧ରୁ ଉଣା ଅନ୍ୟଙ୍କ ଚାନ୍ଦା | ଟ ୧୩୨ |
| ମୁନସି କାଳୀପ୍ରସାଦ ବ୍ରାହ୍ମକମିଟୀର ଅବୈତନିକ | |
| ସମ୍ପାଦକ ଲକ୍ଷ୍ନୌ, ସୁଲତାନପୁର କର୍ତ୍ତୃକ ପ୍ରେରିତ | ଟ ୨୧।୶ |
| ବାବୁ ଲଳିତମୋହନ ଦେ ପୋଷ୍ଟମାଷ୍ଟର | |
| ସାଲଟଙ୍ଗା, ଜଳପାଇଗୁଡ଼ୀ | ଟ ୧୧୧ |
| ପଣ୍ଡିତ ସୀତାରାମ ପ୍ରସାଦ ମିର୍ଜାପୁର | ଟ ୧୨ |

Split by PDF Splitter

Digitized by srujanika@gmail.com

| | |
|---|---|
| ବାବୁ କାଳୀଚନ୍ଦ୍ର ମୁଖୋପାଧ୍ୟାୟ ଡାକ୍ତର | |
| ଚ୍ୟାରଙ୍ଗବର୍ତ୍ତିକ ପ୍ରେସ | ଟ ୬୦୧ |
| ଡାକ୍ତର ଉପେନ୍ଦ୍ରନାଥ ଧର ଟ୍ରାଷ୍ଟ କମିଟିର | |
| ଅବୈତନିକ ସମ୍ପାଦକ ୨ ୟ କିସ୍ତି ବାବତ | ଟ ୧୦୦୧ |
| ବାବୁ ବ୍ରଜମୋହନ ଘୋଷ ରାୟ ବାହାଦୁର | ଟ ୧୦୧ |
| ବାବୁ ହରପଦ ବନ୍ଦ୍ୟୋପାଧ୍ୟାୟ | ଟ ୧୦୧ |
| „ କାଳୀକୃଷ୍ଣ ସେନ } „ ଦେଲଭେରେ ବର ଚୌଧୁରୀ } | ଟ ୧୦୧ |
| ଟ ୧୦ ବାବୁ ଅନାଥ ଶନ୍ଦାର ଘୋଷ | ଟ ୧୫୫ |
| ମୋଟ | ଟ ୩୦୯୦୮ ୵ ୭ |
| | ଟ ୩୦,୯୦୮ ୵ ୭ |
| ମୁନସୀ ଅନନ୍ତରାମ ସବଜଜ, କଟକ | ଟ ୧୦ |
| ବାବୁ ବଳଦେବ ଲାଲ ଉକିଲ | ଟ ୧୦ |
| ଶ୍ରୀମତୀ ନୈଳ ଦାଇ | ଟ ୧୦ |
| ବାବୁ ଦାମୋଦର ରାୟ, ଜମିଦାର | ଟ ୨୦ |
| ଶ୍ରୀମତୀ ଅଲ୍ଲାକେଶ ଦାସୀ | ଟ ୨୫ |
| ବାବୁ ଯଦୁନାଥ ଘୋଷ | ଟ ୧୦ |
| ମୁନସୀ କାଲୀପ୍ରସାଦ, ସେକ୍ରେଟେରୀ ମାଇ- ଫର ଲକ୍ଷ୍ନୌ ଗଥଇଅର ଟ୍ରାଷ୍ଟ- କମିଟିର ୩ ୟ କିସ୍ତି | ଟ ୩୫ |
| ରାଜ ଦାଲଚନ୍ଦ, ଅହମଦାବାଦ, ବଡ଼ୋଦର | ଟ ୧୦୦ |
| ବାବୁପ୍ରସାଦ ଦାସ ଦତ୍ତ କଲିକତା | ଟ ୧୦୦ |
| ମୋଟ | ଟ ୩୧,୨୨୮ ୵ ୭ |

କଟକ          ଶ୍ରୀ ବଳରାମ ମଲ୍ଲିକ
୧।୧୧।୯୧          ଅବୈତନିକ ସମ୍ପାଦକ

## ବାଲିକାଗଜ ।

ଉଲ୍ଲିଖିତ ରାସ୍ତା ଉପରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କୋଠା ନିକଟେ ବାବୁ ଅଭିରାମ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ପଟ | ବାଲି | ପ୍ରତି ଟ ୨୵ | ପୋଷ ଟ ୦୵ |
| ୧୩ ପଟ | „ | „ ଟ ୨୲ | „ ଟ ୦ ୵ |
| ୧୨ ପଟ | „ | „ ଟ ୨୲ | „ ଟ ୦ |
| ୨୨ ପଟ ଉଲେପଗଜେ ପ୍ | „ ଟ ୩ | | „ ଟ ୦ ୵ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍ଥାପନକାର ବସା କଟକଠାରୁ ଅମ୍ଭମାନଙ୍କ ଦୋକାନରେ ଚନ୍ଦନଚୋଣା ଓ ଚନ୍ଦନ ଓ ରେଶମୀ ଓ ଚେର ଲୁଗା ଓ ଷ୍ଟେସନାରୀ ଓ ବନ୍ଦ-ବଳ ଇତ୍ୟାଦି ସବସ୍ତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ପେଟେଣ୍ଟ ଔଷଧାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ଵେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ପଇଚାର ।

ଏ କାଗଜକୁ ଯେଉଁମାନେ ପାଠ କରେ ରଖିଅଛନ୍ତି ସେ କାଳର ଦୋଡା ସହରପାଠକେ ହେଲେ ପାଣିଗଲା ବନ୍ଦ ହେବ ବରଂ ମହିଷ ଅଛି ଲେପିଦେଲେ ମଜବୁତ ହେବ ଓ ଉଇ ଧରିବ ନାହିଁ ।

ବଟିଭ ଚମଡ଼ା ଓ ସାଜରେ ଲଗାଇବାର କାମ ମଧ୍ୟ ଅଛି ।

ଅଭିରାମ ଦାସ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି          ଟ ୦୵

ଅକ୍ଷରମୂଲ୍ୟ          ଟ ୨୲

ପୃଷ୍ଠା ଏକ ସ୍ତମ୍ଭକୁ ଟ ୩୲

ମାତ୍ର ଯେତେ ଛୋଟ ବିଜ୍ଞାପନ ହେଲେ ହେଁ ତହିଁର ଖର୍ଚ୍ଚ ଟ ୦୲ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ-ଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନଙ୍କୁ ପଠାଇ ଦେବାକୁ ହେବ ।

## କଟକ ଭଣ୍ଡାର ।



ସହର ଓ ମଫସଲବାସି ମାନଙ୍କ ସୁବିଧାର୍ଥେ ଅନ୍ଧକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରି-ଶ୍ରମନିମନ୍ତେ ଶତକରା ଟ ୨। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେୟରିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଅତଃପର ଉପକୃତ ହେବାକୁ

Digitized by srujanika@gmail.com

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ପୁରାତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଅତ୍ର ପାଲଲହରା କିଲ୍ଲା ଶ୍ରୀ ନାବାଳଗ ରାଜାଙ୍କ ଓ୍ୟାସ ମଧ୍ୟସ୍ଥିତ କୋଠାମାନ ମରାମତି ହେବାର ଅଛି ଓ ମଧ୍ୟ ଅପର କେତେକ ଘର ପ୍ରସ୍ତୁତ ହେବାର ଅଛି ଆପାତତଃ ମୋଟରେ ଟ ୧୫୦୦ ୧ ଙ୍କାର କର୍ମ ହେବ କୌଣସି ବ୍ୟକ୍ତିର କାନ୍ଟ୍ରାକ୍ଟ ନେବାର ଇଚ୍ଛା ଥିଲେ ସେ ଆଗାମି ନବେମ୍ବର ମାସ ତା ୧୦ ରିଖ ମଧ୍ୟରେ ଆମ୍ଭ ନିକଟରେ ଆବେଦନ କରିବେ ଓ କେଉଁ ଦରରେ କର୍ମ କରି ପାରିବେ ସେଥିର ତାଲିକା ମଧ୍ୟ ଲେଖି ପଠାଇବେ ଯେଉଁ ବ୍ୟକ୍ତି ଏହି କର୍ମମାନ କଣ୍ଟ୍ରାକ୍ଟ ନେବେ ଭବିଷ୍ୟତକୁ ତାଙ୍କର କର୍ମ ଦୃଷ୍ଟିରେ ଅନ୍ୟର ମଧ୍ୟ କର୍ମ ମାନ ଦିଆ ଯାଇପାରେ ଏଥିରୁ ସେ ଅବଗତ ହେବେ । ଇତି ;—

| | |
|---|---|
| ପାଲଲହରା<br>ତା ୧୫ଖ ମାହେ ଅକ୍ଟୋବର<br>ସନ ୧୮୯୧ ମସିହା | Gonr Ch. Son<br>*Manager.* |

---

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଆମ୍ଭ ନିକଟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—କୃତ୍ରିମ ଦେଶୀୟ କେଶତୈଳକୁ ଅପେକ୍ଷା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଖୁଣ୍ଟିଆ ନିବାରଣ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଡିବିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁକୀଟ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ଏଥିରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବିଆର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଜ୍ୱରହାରିଣୀ—ଏହା ଯଥାବିଧି ସେବନ କଲେ ବା ପ୍ରାଚୀନ ବା ନୂତନ ସବୁ ପ୍ରକାର ଜ୍ୱରନାଶକ, ପିତ୍ତଶୂଳ ବାତ୍ୟ ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ ଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣୀନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ହିମସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଳୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଅଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ। ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ତାବତ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁ, ଗାତ୍ର, ବଣ୍ଡ, ଗଣ୍ଡବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତିଖିତ ଉପଦ୍ରବମାନ ନିରାକୃତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଅଠଅଣା

| | |
|---|---|
| ବାଲୁବଜାର,<br>କଟକ<br>ଔଷଧଭଣ୍ଡାର । | ଡାକ୍ତର ।<br>ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।<br>V. L. M. S. |

---

Watches! Clocks! Time pieces Repaired by an efficient workman the premises of the Cuttack Printing Company. Charge moderate.

## ଘଣ୍ଟିମରମତି ।

ନାନାପ୍ରକାର ଘଣ୍ଟା ବଡ଼ ଘଣ୍ଟାଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ଷ୍ଟିଲ, ସ୍ପିରିଟଲେମ୍ପ ଓ ଇନଷ୍ଟେନ୍ଦ୍ରଙ୍କର ଜମର ବାକ୍ସ ଓ ଯେ ରାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଯେଉଁ ଅଲଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

| | |
|---|---|
| କଟକ<br>୧୪।୧୧।୮୯୧. | ଶ୍ରୀ ଗୌରୀଶଙ୍କର ରାୟ |

---

## ମେହରୋଗ ।

ପଞ୍ଚଦଶ ଦିନମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ୍ ଶୀଘ୍ର ଔଷଧ ବ୍ୟବହାର କରନ୍ତୁ, ସାମାନ୍ୟ ଅର୍ଥବ୍ୟୟ ଭୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ।

ଏହି ଔଷଧ ଯଥାବିଧିରେ ଏକପକ୍ଷ ସେବନ କଲେ ନୂତନ ରୋଗ ଏବଂ ତିନି ମାସ ପର୍ଯ୍ୟନ୍ତ ସେବନ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ଅନୁଗ୍ରହରେ ପରାଜୟ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଟ୍ଟହଟ୍ଟୋଲ ନମ୍ବର ଭବନରେ ସ, କେ, ଗତ ଦୋକାନଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୬ ଶ
ସ ୪୬ ଖ୍ୟା

ତା ୨୮ ରଖ ମାହେ ନବେମ୍ବର ସନ ୧୮୯୯ ଖ୍ରୀ ୯ ମାର୍ଗଶିର ୭ ୧୪ ଜ ସନ ୧୩୦୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

ଅସ୍ତ୍ରେଲିଆର ପ୍ରଗନାର କେତେକସ୍ଥାନରେ ଓଲାଉଠା ବଡ଼ପ୍ରବଳ ହେବାର କେନ୍ଦ୍ରାପଡ଼ାର ସବଡିବିଜନଅଫିସର ରପୋର୍ଟ କରିବାରୁ ଡିଷ୍ଟ୍ରିକ୍ଟବୋର୍ଡ଼ ଅବିଳମ୍ବେ ଜଣେ ଡାକ୍ତର ଔଷଧାଦିସହିତ ପଠାଇ ଦେଇଅଛନ୍ତି । ମାହାଙ୍ଗା-ଅଞ୍ଚଳରେ ଏବଂ ବାତ୍ୟାପୀଡ଼ିତ କେତେକ ସ୍ଥାନରେ ଏରୋଗ ମାଡିବାର ଏଥିମଧ୍ୟରେ ସମ୍ବାଦ ପାଇଅଛୁଁ । ଭରସା କରୁଁ ଏ ସବୁ ସ୍ଥାନକୁ ସାହାଯ୍ୟ ପ୍ରେରିତ ହେବ ।

---

ବର୍ତ୍ତମାନ ଗସ୍ତରେ ଅସ୍ମମାନଙ୍କର ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁର ହରିହରଛତ୍ର-ଯାତ୍ରା ଦେଖିବାକୁ ଯାଇ ଥିଲେ । ତାହାଙ୍କ ତେମ୍ବୁ ଜଗିବା ପାଇଁ ଏକଦଳ ପଦାତିକ ସୈନ୍ୟ ଏବଂ ତହିଁ ଉପରେ ପୁଲିସ-କର୍ମଚାରୀମାନେ ପହରା ଦେଉ ଥିଲେ । ଏବେ କେଉଁଠାରେ କେଉଁ ବାଟେ ଚୋର ପଶି ତେମ୍ବୁ-ଦ୍ୱାରରେ ଥିବା କୁକୁରକୁ ବିଷ ଖୁଆଇ ଅଚେତନ କରାଇ ଇଚ୍ଛାମତେ ଦ୍ରବ୍ୟାଦି ଚୋରି କରି ନେଇ ଗଲେ । ଚୋରିବିଦ୍ୟାର ପରୀକ୍ଷା ଦେବା ଏ ମାନଙ୍କର ଅଭିପ୍ରାୟ ଥିଲା ପରି ।

---

ସିଭିଲିୟାନ ମନରୋ ସାହେବ କଲିକତା ନଗ-ରୀର୍ଯ୍ୟ ସୁଖ୍ୟାତିପୂର୍ବକ କରି ବଙ୍ଗୀୟ ପୁଲିସ-ବିଭାଗର ଇନସ୍ପେକ୍ଟରଜେନରଲ ହୋଇ-ଥିଲେ । ପୁଲିସକାର୍ଯ୍ୟରେ ଏହାଙ୍କର ବିଶେଷ ଦକ୍ଷତା ହେତୁ ଲଣ୍ଡନର ପୁଲିସକମିଶନର-ପଦରେ ନିଯୁକ୍ତ ହେଲେ । ସମ୍ପ୍ରତି ସେ ସର-କାରୀ କାର୍ଯ୍ୟ ତ୍ୟାଗ କରି ଧର୍ମପ୍ରଚାର ନିମନ୍ତେ ଭାରତବର୍ଷକୁ ଆସି ଅଛନ୍ତି । ପୁଲିସକର୍ମଚାରୀର ଧର୍ମପ୍ରଚାରକ ହେବା ସାମାନ୍ୟ ପରିବର୍ତ୍ତନ ନୁହଇ ।

---

ସମ୍ବଲପୁରଠାରୁ ଖୋରଦା ପର୍ଯ୍ୟନ୍ତ ଗୋଟିଏ ରେଲବାଟ ପିଟିବାର କଳ୍ପନା ହୋଇ ତହିଁର ଜରିପ କାର୍ଯ୍ୟ ଆରମ୍ଭ ହେବାର ଅଛି । ଏଥି-ମଧ୍ୟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଘୋଷଣା ଦେଇ ଅଛନ୍ତି କି ଏହି ରେଲବାଟ ନିମିତ୍ତ ପୁରୀଜି-ଲ୍ଲାର ଖୋରଧା ସବଡିଭିଜନରେ ଏବଂ କଟକଜି-ଲ୍ଲାର ବାଙ୍କୀରେ ଜମି ଖରିଦ ହେବାର ସମ୍ଭା-ବନା ଅଛି । ଏ ରେଲବାଟ ପ୍ରସ୍ତୁତ ହେଲେ ବଙ୍ଗଳା-ନାଗପୁର ରେଲସଙ୍ଗେ ଇଷ୍ଟକୋଷ୍ଟ-ରେଲ ଯୋଗ ହେବ ଏବଂ ଓଡ଼ିଶାରୁ ସମସ୍ତ ଭାରତବର୍ଷକୁ ବାଟ ପିଟିଯିବ ।

---

ବାତ୍ୟାପୀଡ଼ିତଅଞ୍ଚଳର ସାହାଯ୍ୟନିମନ୍ତେ ଅଦ୍ୟାପି କିଛି ବନ୍ଦୋବସ୍ତ ହୋଇ ନାହିଁ । ଗତ ଶନିବାର ପ୍ରାୟ ଦୁଇଶତ ପ୍ରଜା ଏ ନଗରକୁ ଆସି କଲେକ୍ଟର ସାହେବଙ୍କଠାରେ ଦରଖାସ୍ତ କରିବାରେ ସାହେବ ସେମାନଙ୍କୁ ବୁଝାଇଦେ-ଲେ ଯେ ସାହାଯ୍ୟ ଦେବାକାରଣ ଜମିଦାର-ଙ୍କପ୍ରତି ପରୁଆନା ହୋଇ ଅଛି । ପ୍ରଜାମାନେ ଏହା ଶୁଣି ମହାଦୁଃଖରେ ଲେଉଟି ଗଲେ କାରଣ ଜମିଦାର ଯେତେ ସାହାଯ୍ୟ କରିବେ ତାହା ସେମାନଙ୍କୁ ଜଣାଅଛି । ବାସ୍ତବରେ ଅନେକ ଜମିଦାର ସ୍ୱୟଂ ତୋଫାନର ଧକ୍କା ସମ୍ଭାଳିପାରୁ ନାହାନ୍ତି ।

---

ସୁନ୍ଦରବନ ଏଲାକାରେ ବଡବାଘ ମାରି-ବାର ପୁରସ୍କାର ଟ ୨୦୲ ଙ୍କା ଓ କୁଆବାଘର ଟ ୧୦୲ ଙ୍କା ଲେଖାଏଁ ବନବିଭାଗରୁ ଦିଆଯାଉ ଥିଲା । ଏଥି ଉପରେ ଫଉଜଦାରୀ ମହକୁମାରୁ ପୃଥକ୍ ପୁରସ୍କାର ଦିଆଯାଉଥିଲା । ସମ୍ପ୍ରତି ମାନ୍ୟବର ଲେଫ୍ଟେନାଣ୍ଟ ନିୟମ କରି ଅଛନ୍ତି କି ଦୁଇବିଭାଗରୁ ପୃଥକ୍ ୨ ପୁରସ୍କାର ଦିଆ ନ ଯାଇ କୌଣସି ଏକ ବିଭାଗରୁ ବଡ଼ ବାଘ ବା ବାଘୁଣୀ ସକାଶେ ଟ ୫୦୲ ଙ୍କା ଏବଂ କୁଆବାଘ ସକାଶେ ଟ ୨୦୲ ଙ୍କା ଲେଖାଏଁ ପୁରସ୍କାର ଦିଆଯିବ । ଏଥିରେ ଶିକାରୀମାନେ ବାଘ ମାରିବାକୁ ଅଧିକ ଉତ୍ସାହିତ ହେବେ କାରଣ ସମସ୍ତ ପୁରସ୍କାର ଏକମହକୁମାରୁ ଏକବେଳେ ପାଇବେ ।

---

ମଞ୍ଜୁଷାର ଏକପତ୍ରରୁ ଅବଗତ ହେଲୁଁ ଯେ ମାନ୍ଦ୍ରାଜର ଗବର୍ଣ୍ଣର ଲର୍ଡ଼ ଓଏନଲକ ବାହାଦୁର ଚଳିତମାସ ତା ୧୮ ରିଖରେ ପାରଲାରେ ପହୁଞ୍ଚି ଦୁଇଦିନ ସେଠାରେ ରହି ତା ୨୦ ରିଖ ଦିବା ଘ ୧୦ ଟା ସମୟରେ ମଞ୍ଜୁଷାରେ ପ୍ରବେଶ ହେଲେ ଏବଂ ଆରଦିନ ସକାଳେ ବଗିରେ ବସି ଇଚ୍ଛାପୁରକୁ ଯାତ୍ରା କଲେ । ମଞ୍ଜୁଷାଧିପତି

Digitized by srujanika@gmail.com

Split by PDF Splitter



ବହୁଆଡ଼ମ୍ବରରେ ଏକବୃହତ ଉମ୍ବବକ୍ଷେତ୍ର ରଚନା କରି ଅଭ୍ୟର୍ଥନାର ଅନେକଆୟୋଜନ କରିଥିଲେ ଏବଂ ଲାଟମହୋଦୟ ଅପରାହ୍ଣ ସ ୫ ଟା ସମୟରେ ସେଠାରେ ସର୍ଦ୍ଦାରମାନଙ୍କ ସହିତ ବିରାଜମାନ ହୋଇ ରାଜା ଓ ଆଠଗଡ଼ରାଜା-ପ୍ରଭୃତିଙ୍କ ସହିତ ଏକଘଣ୍ଟାକାଳ ଆଳାପ କରି ପୁଷ୍ପମାଳା ଇତ୍ୟାଦି ସମ୍ମାନ ପ୍ରଦର୍ଶନପୂର୍ବକ ବିଦାୟ ହେଲେ । ତହିଁଉତ୍ତାରୁ ଶିକାର କରିବାକୁ ଯାଇ ସନ୍ଧ୍ୟାସମୟରେ ଲେଉଟି ଆସିଲେ ।

---

ଅମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ ଯେ ଗତ ତୋଫାନର ସବିଶେଷ ଅବସ୍ଥା ଗବର୍ଣ୍ଣମେଣ୍ଟ ଅବଗତ ହୋଇ ନାହାନ୍ତି । ମାତ୍ର ଗତସପ୍ତାହର କଲିକତାଗେଜେଟରେ ଦେଖିଲୁଁ ଯେ ଉପକୂଳସ୍ଥ ଭୂମିଖଣ୍ଡରେ ତୋଫାନ ଅତ୍ୟନ୍ତ ପ୍ରବଳ ହେବା ଗଛ ଘର ଓ ଫସଲ ଅନେକ ନଷ୍ଟକରିବା ଏବଂ ବହୁତ ପଶୁ ଆଉ କେତେକ ମନୁଷ୍ୟ ମରିପଡିବାର କଟକର କଲେକ୍ଟର ଚଳିତମାସ ତା ୧୪ ରିଖରେ ରିପୋର୍ଟ କରିଥିଲେ । ପୁରୀରକଲେକ୍ଟର ତୋଫାନ ଓ ବୃଷ୍ଟି ହେବାରୁ ଅନେକ ଫସଲ ରକ୍ଷାପାଇ । କେବଳ ଫୁଲ ଉଡାଇଥିବା ଫସଲରୁ କିଛି ବାଧିବାର ଲେଖିଥିଲେ । ଏଥିରୁ ପାଠକମାନେ ଦେଖିବେ ଯେ ପୁରୀ କଲେକ୍ଟର ତୋଫାନଦ୍ଵାରା ଅନିଷ୍ଟ ନ ହୋଇ ବରଂ ଉପକାର ହେବାର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଏବଂ କଟକକଲେକ୍ଟର ତୋଫାନର ଅନିଷ୍ଟକାରିତା ଜଣାଇସୁଦ୍ଧା ସାହାଯ୍ୟର ଆବଶ୍ୟକତା ଅନୁଭବ କରିପାରି ନାହାନ୍ତି । ଏଥିରୁ ପ୍ରଜାମାନେ ଆପଣାର ଦୁଃଖ ନ ଜଣାଇଲେ ସରକାର କିଛି କରିପାରୁ ନାହାନ୍ତି ।

---

କଲିକତାର କଷ୍ଟମଅଫିସର ଜଣେ କର୍ମଚାରୀ ଗୋଟିଏ ନୂତନ ପ୍ରତାରଣା ଧରିଅଛନ୍ତି । କେତେକ କାବୁଲି ଏବଂ କାଶ୍ମୀରିଲୋକ ଜର୍ମାନଦେଶରୁ କୃତ୍ରିମ ସାଲ ଆଣାଇ ଠିକ କାଶ୍ମୀରି ସାଲ ପରି ଧୋଇ କରି ପ୍ରକୃତ କାଶ୍ମୀରି ସାଲ ବୋଲି ବିକ୍ରୟ ହେବା କାରଣ ବଜାରକୁ ପଠାଇ ଦେଉଥିଲେ । ଏସବୁ ସାଲର ପ୍ରକୃତ ମୂଲ୍ୟ ଯୋଡ଼ା ପ୍ରତି ଦଶପନ୍ଦର ଟଙ୍କାରୁ ଅଧିକ ନୁହଇ ମାତ୍ର ବଜାରରେ ଏକ ଯୋଡ଼ା ଦେଢ଼ଶ ବା ଦୁଇଶଟଙ୍କାରେ ବିକ୍ରୟ କରୁଥିଲେ ଏ ପ୍ରତାରଣା ପ୍ରକାଶ ହେବାରୁ କଷ୍ଟମକର୍ତ୍ତ-ଗର କଲେକ୍ଟର ସାହେବ ଆମଦାନୀ କରିବା ମହାଜନମାନଙ୍କ ପ୍ରତି କଠିନ ଅର୍ଥଦଣ୍ଡ ବିଧାନ କରି ମାଲ୍କାମାନ ଉଠାଇ ଦେଇ ଅଛନ୍ତି । ଯେଉଁ ଅର୍ଥଦଣ୍ଡ ଆଦାୟ ହେବ ତହିଁର ଦୁଇ ତୃତୀୟାଂଶ ଉକ୍ତ କର୍ମଚାରୀ ପାଇବେ ଏବଂ ତାହା ସେ ପାଇବାର ବିଶେଷ ଯୋଗ୍ୟ ଅଟନ୍ତି ସନ୍ଦେହ ନାହିଁ । ସାଲ ଖରିଦଦାରମାନେ ସାବଧାନ ହେବନ୍ତୁ । ବର୍ତ୍ତମାନ କାଳରେ ଠକଙ୍କ ସଂଖ୍ୟା ଚାରିଆଡ଼େ ବଢୁଅଛି ଏବଂ ଏଥିଯୋଗେ ମଧ ଦେଶୀୟ ଦ୍ରବ୍ୟର ଆଦର ଊଣା ହେଉଅଛି ବଡ଼ ଦୁଃଖର ବିଷୟ ଅଟଇ ।

---

ଓଡ଼ିଶାର ବର୍ତ୍ତମାନ ବନ୍ଦୋବସ୍ତରେ ଗତ ବନ୍ଦୋବସ୍ତ ସମୟପରି ଏଦେଶବାସି ଅନେକ ଲୋକ ବଡ଼ ଚାକିରି ପାଇବାର ଆଶା କରିଥିଲେ ତାହା ବିଫଳ ହେଲା । ଆମଲା ଆମିନପ୍ରଭୃତି ଛୋଟ ଚାକିରିମାନ ପାଇବା ଆଶାରେ ଅନେକ ଲୋକ ଦୌଡ଼ାଦୌଡ଼ି କରୁଅଛନ୍ତି ମାତ୍ର ସେମାନଙ୍କର ଯୋଗ୍ୟତାନୁସାରେ ଆଶା ପୂର୍ଣ୍ଣ ହେବାର ମଧ ଲକ୍ଷଣ ଦିଶୁ ନାହିଁ । କାରଣ କର୍ମଚାରୀ ନିଯୋଗବିଷୟରେ ଗବର୍ଣ୍ଣମେଣ୍ଟଙ୍କର ଯେସମସ୍ତ ଆଦେଶ ଅଛି ତାହା ଏ ମହକୁମାରେ ଅବଧି ପ୍ରତିପାଳିତ ହୋଇ ନାହିଁ । କର୍ମଖାଲିର ବିଜ୍ଞାପନ ଦେଇ ଆବେଦନକାରୀଙ୍କ ମଧ୍ୟରୁ ପରୀକ୍ଷାଦ୍ଵାରା ଯୋଗ୍ୟଲୋକ ବାଛି ନେବା ନିୟମ ଅଟଇ ଏବଂ ଯେଉଁଠାରେ ଅଧିକଲୋକ ନିଯୁକ୍ତ ହେବାର ପ୍ରୟୋଜନ ସେଠାରେ ଏ ନିୟମ ଦୃଢ଼ରୂପେ ପ୍ରତିପାଳିତ ହେବା ଉଚିତ । ଏଥିରେ ଏକଆଡ଼େ ନିଯୋଗକର୍ତ୍ତା ଯେମନ୍ତ ଯୋଗ୍ୟଲୋକ ବାଛି ନେଇପାରନ୍ତି ଅନ୍ୟଆଡ଼େ ତେମନ୍ତ କାର୍ଯ୍ୟ ନ ପାଇବା ଲୋକର ମନ ମାରିଯାଏ ଏବଂ ସେ ଅଯଥା ଗୁହାରି କରି ପାରଇ ନାହିଁ । ପ୍ରକାଶ୍ୟଭାବରେ ଆମଲାପ୍ରଭୃତି ବନ୍ଦୋବସ୍ତ ମହକୁମାରେ କାର୍ଯ୍ୟ ନ ପାଇବାରୁ ଅନେକଙ୍କର ମନସ୍ତାପ ହେଉଅଛି ଏବଂ କେହି କେହି ଅନ୍ୟାୟ କଥା କହିବାକୁ ମଧ ଛାଡୁ ନାହାନ୍ତି ।

---

ମଣିପୁରର ଚ୍ୟୁତ ମହାରାଜା କୁଳଚନ୍ଦ୍ରଦେବ ସିଂହ ତାହାଙ୍କ ଭାଇ ଅନଙ୍ଗ ସିଂହ ସେନାପତି, ମନ୍ତ୍ରୀ ଛତ୍ର ସିଂହ ଅପର ଜ ୨ ଣ କଇଦିଙ୍କ ସହିତ ସର୍ବସୁଦ୍ଧା ଜ ୧୫ ଣ ପ୍ରାୟ ତା ୨୫ ନ ପୂର୍ବେ ଅତି ଗୋପନଭାବରେ ରେଲବାଟରେ କଲିକତାକୁ ଆନୀତ ହୋଇ ଆଲିପୁରଜେଲଖାନାରେ କଏଦ ଥିଲେ । କେତେକ ଲୋକ ସମ୍ବାଦ ପାଇ ରେଲଷ୍ଟେସନରେ ସେମାନଙ୍କୁ ଦେଖିବା ନିମନ୍ତେ ଉପସ୍ଥିତ ଥିଲେ, ମାତ୍ର ପୁଲିସ ଅତି ସତର୍କତା ସହିତ ରେଲଗାଡ଼ିରୁ ନେଇ କଇଦଗାଡ଼ିରେ ବନ୍ଦ କରି ଚଞ୍ଚଳ ନେଇଯିବାରୁ କେହି ଦେଖିପାରିଲେ ନାହିଁ । ଗତ ପୂର୍ବ ଗୁରୁବାର ଅପରାହ୍ନକାଳରେ ସେମାନଙ୍କୁ ସେହିପରି ଗୋପନଭାବରେ ଆଲିପୁରଜେଲଖାନାରୁ କଇଦଗାଡ଼ିରେ ନେଇ ସାଲାଦୀନ ନାମକ ଜାହାଜରେ ବସାଇଦେଲେ । ପୂର୍ବରୁ କିଛି ଜଣା ନ ଥିବାରୁ ଘାଟଠାରେ ବାହାରଲୋକ କେହି ଉପସ୍ଥିତ ନ ଥିଲେ । ଜାହାଜରେ ସମସ୍ତଙ୍କୁ ଏକସ୍ଥାନରେ ପହରାମଧ୍ୟରେ ବସାଇ ଦିଆଗଲା । ମହାରାଜା ଓ ସେନାପତି ଟିକିଏ ଛଡ଼ାରେ ଓ ଅନ୍ୟ ସମସ୍ତେ ମିଶାମିଶି ହୋଇ ବସିଥିଲେ । ପ୍ରଥମ ଦୁଇବ୍ୟକ୍ତି ଏବଂ ମନ୍ତ୍ରୀଙ୍କର ବେଡ଼ୀ ନ ଥିଲା । ଆଉ ସମସ୍ତେ ବେଡ଼ି ପିନ୍ଧିଥିଲେ । ଦୁଇଭାଇଙ୍କର ମୁଖ ମଳିନ ଦିଶୁଥିଲା ଓ ମନ୍ତ୍ରୀ ସେମାନଙ୍କୁ ବୁଝାଉଥିଲେ । ଅନ୍ୟମାନେ ନିଶ୍ଚିନ୍ତ କଥାବାର୍ତ୍ତା କରୁଥିଲେ । ଜାହାଜ ସେଦିନ ନଦୀମଧ୍ୟରେ ରହି ପରଦିନ ସକାଳେ ଆଣ୍ଡାମାନଦ୍ଵୀପକୁ ଯାତ୍ରା କଲା ଏବଂ ଏମନ୍ତେ ଚିରକାଳ ନିମନ୍ତେ ଭାରତବର୍ଷରୁ ବିଦାୟ ହେଲେ । ସଂସାରର ଗତି ଏହିପରି !

---

ସରକାରୀକର୍ମଚାରୀଙ୍କ ଭ୍ରମଣବିଧି ।

ଅମ୍ଭମାନଙ୍କର ବର୍ତ୍ତମାନ ଛୋଟଲାଟ ସର୍ ଚାର୍ଲ୍ସ ଇଲିଅଟ ବାହାଦୂରଙ୍କର କାର୍ଯ୍ୟପ୍ରଣାଳୀର ଗୋଟିଏ ପ୍ରଧାନ ଗୁଣ ଏହି କି ସେ ସମସ୍ତ ବିଷୟ ଆପେ ଦେଖି ଶୁଣି କରିବାକୁ ସର୍ବଦା ତତ୍ପର ଏବଂ ଏହିହେତୁ ସେ ଏ ଉଚ୍ଚପଦର ଭାର ନେବା ଦିନଠାରୁ ଯେତେ ଭ୍ରମଣ କରିଅଛନ୍ତି ତାହାଙ୍କ ପୂର୍ବବର୍ତ୍ତୀ କେହି ଶାସନକର୍ତ୍ତା ସେପରି କରି ନାହାନ୍ତି । କେବଳ ସର୍ ଟାମ୍ପଲ ବାହାଦୂରଙ୍କର ଏ ବିଷୟରେ ଟିକି ଅଧିକ ଦୃଷ୍ଟି ଥିଲା । ମାତ୍ର ତାହାଙ୍କର ଗସ୍ତ ଧୂମଧାମର ଥିଲା । ସର୍ ଇଲିଅଟ ବାହାଦୂରଙ୍କ ଗସ୍ତରେ ତେତେ ଆଡ଼ମ୍ବର ନାହିଁ ଅଥଚ ଗସ୍ତର ଉଦ୍ଦେଶ୍ୟ ବିସ୍ତାରିତରୂପେ ପ୍ରତିପାଳିତ ହେଉଅଛି । ସର୍ ଇଲିଅଟ ଯେଉଁ କାର୍ଯ୍ୟର ପରିଦର୍ଶନ ଯେତେବେଳେ କରନ୍ତି ତହିଁର ପୁଙ୍ଖାନୁପୁଙ୍ଖ ଦେଖିବାକୁ ଛାଡ଼ନ୍ତି ନାହିଁ । ସ୍ଵୟଂ ଯେଉଁ ସ୍ଥଳରେ ପରିଦର୍ଶନ କାର୍ଯ୍ୟ

Digitized by srujanika@gmail.com

କରୁଅଛନ୍ତି ଯଥାସାଧ୍ୟ ସେହି ସ୍ୱଭରେ ତାହାଙ୍କ ଅଧୀନସ୍ଥ ପ୍ରଧାନକର୍ମଚାରୀମାନେ ପରିଦର୍ଶନକାର୍ଯ୍ୟ ନିର୍ବାହ କରିବେ ଏହି ଅଭିପ୍ରାୟରେ ସେ ନେଟିଭ କର୍ମଚାରୀ ଏବଂ ପ୍ରତ୍ୟେକ ମହକୁମାର ପ୍ରଧାନ କର୍ମଚାରୀଙ୍କ ଗସ୍ତବିଷୟରେ ନୂତନ ନିୟମାବଳୀ ସମ୍ପ୍ରତି ପ୍ରଚାର କରି କେଉଁ କର୍ମଚାରୀ ବର୍ଷମଧ୍ୟରେ କେତେଦିନ ମୋଫସଲ ଗସ୍ତ କରି କି କି ମହକୁମା ଓ କାର୍ଯ୍ୟମାନ ପରିଦର୍ଶନ କରିବ ସେ ସମସ୍ତ ନିର୍ଦ୍ଦେଶ କରି ଦେଇଅଛନ୍ତି । ଏବଂ ସେହି ଆଦେଶମାନ ଦୃଢ଼ରୂପେ ପ୍ରତିପାଳନ କରିବା କାରଣ ବିଶେଷରୂପେ ସତର୍କ କରି ଦେଇଅଛନ୍ତି । ପ୍ରତ୍ୟେକ କର୍ମଚାରୀସମ୍ବନ୍ଧରେ ଯେ ଆଦେଶ ହୋଇଅଛି ତହିଁର ବିବରଣ ବାହୁଲ୍ୟ ଭୟରେ ଏଠାରେ ପ୍ରକାଶ କରିବାରୁ କ୍ଷାନ୍ତ ହେଲୁଁ । ଉଦାହରଣସ୍ୱରୂପ ଏତିକି ବୋଲିବା ଯଥେଷ୍ଟ ଯେ ବଙ୍ଗୀୟ କମିଶନରମାନେ ଛଅମାସ ଲେଖାଁଏ ଗସ୍ତ କରିବେ ମାତ୍ର ଓଡ଼ିଶା ଓ ଛୋଟନାଗପୁରର କମିଶନରମାନେ ଚାରିମାସ ଲେଖାଁଏ ଗସ୍ତକରି ଅନ୍ତତଃ ତିନିବର୍ଷ ମଧ୍ୟରେ ସବୁ ଗଡ଼ଜାତ ଥରେ ଲେଖାଏଁ ଦେଖିବେ ଏବଂ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଏକପକ୍ଷ ଲେଖାଏଁ ରହିବେ । ପ୍ରଧାନ କର୍ମଚାରୀ ଓ ହାକିମମାନେ ଗସ୍ତସମୟରେ ସ୍ଥାନୀୟଲୋକଙ୍କ ମଧ୍ୟରୁ ଯାହାର ଯେଉଁ ମହକୁମାସଙ୍ଗେ ସମ୍ପର୍କ ଅଥବା ଯାହାସଙ୍ଗେ ଆଳାପ କରିବା ଉଚିତ ତାହାସଙ୍ଗେ ଆଳାପ କରିବେ ଏବଂ ଅଧୀନସ୍ଥ କର୍ମଚାରୀଙ୍କ ସଙ୍ଗେ କିଛିଦିନ କାର୍ଯ୍ୟ କରି ସେମାନଙ୍କ କାର୍ଯ୍ୟପ୍ରଣାଳୀ ଦେଖିବେ ଏବଂ ଆବଶ୍ୟକମତେ ଉପଦେଶ ଦେବେ । ଗସ୍ତସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ଅତି ଗୋଟିଏ ସୁନ୍ଦର ନିୟମ ଜାରି କରିଅଛନ୍ତି । ତାହା ଏହିକି ଲେଫ୍ଟେଣ୍ଟ ଯେ ସମୟରେ ଦାର୍ଜିଲିଂରେ ନ ଥିବେ ସେ ସମୟରେ କୌଣସି ମହକୁମାର ପ୍ରଧାନ କର୍ମଚାରୀ ପୂର୍ବରୁ ଉପଯୁକ୍ତ ହେତୁ ଦର୍ଶାଇ ବିଶେଷ ଅନୁମତି ଗ୍ରହଣ ବିନା ସେଠାରେ ରହିପାରିବେ ନାହିଁ । ସୁତରାଂ ଏଣିକି କୌଣସି ଉଚ୍ଚକର୍ମଚାରୀ ଇଚ୍ଛାମତେ ଦାର୍ଜିଲିଂରେ ଗ୍ରୀଷ୍ମବିହାର କରିପାରିବେ ନାହିଁ । ଏଥିପାଇଁ ଅନେକଙ୍କ ମନରେ କଷ୍ଟ ହୋଇଥିବ । ମାତ୍ର ଯେଉଁମାନେ ପରର ଚାକିରୀ କରି ଇଚ୍ଛାନୁସାରେ ଅବସର ଓ ସୁଖ ଲୋଡ଼ନ୍ତି ସେମାନଙ୍କ ବାଞ୍ଛା ପୂର୍ଣ୍ଣ ହେବାର ନୁହଇ । କର୍ତ୍ତବ୍ୟପରାୟଣ ଲୋକ ଯେପରି ସୁଖ ଲାଭ କରି ଲୋଡ଼ିବେ ନାହିଁ କି ତହିଁରେ ତୃପ୍ତ ହେବେ ନାହିଁ ।

---

### ବନ୍ଦୋବସ୍ତ ଅପିଲର କୋର୍ଟଫିସ ।

ଗତସପ୍ତାହରେ ଏଠା ବନ୍ଦୋବସ୍ତକାର୍ଯ୍ୟସମ୍ବନ୍ଧୀୟ ଯେ କ୍ଷୁଦ୍ରପ୍ରବନ୍ଧରେ ଛାପାଖାନା ଭ୍ରମକ୍ରମେ "ଅସନ୍ତୋଷ" ପରିବର୍ତ୍ତେ "ସନ୍ତୋଷ" ଶବ୍ଦ ବସାଇ ଦେଇଥିଲା ତହିଁରେ ଏଠା ବନ୍ଦୋବସ୍ତକାର୍ଯ୍ୟପ୍ରତି ଲେଫ୍ଟେନାଣ୍ଟ ସାହେବ ଅସନ୍ତୋଷ ପ୍ରକାଶ କରୁଅଛନ୍ତି । ଏ କାର୍ଯ୍ୟପ୍ରତି ତାଙ୍କର ବିଶେଷ ଦୃଷ୍ଟି ଥିବା ହେତୁ ଗତସପ୍ତାହରେ ଯେପରି ଆନନ୍ଦିତ ହୋଇଥିଲୁଁ ଏ ସପ୍ତାହରେ ବନ୍ଦୋବସ୍ତ ସମ୍ବନ୍ଧରେ ତାଙ୍କର ଗୋଟିଏ କଠିନଆଜ୍ଞା ଦେଖି ସେହିପରି ଦୁଃଖିତ ହୋଇଅଛୁଁ । ତାହା ଏହି ଯେ ବନ୍ଦୋବସ୍ତକର୍ମଚାରୀଙ୍କ ଆଜ୍ଞାବିରୁଦ୍ଧେ ଅପିଲ ହେଲେ ଅପିଲଦରଖାସ୍ତରେ ଦଶଟଙ୍କାର କୋର୍ଟଫିସ ଲାଗିବ । ଡିଗ୍ରୀଛଡ଼ା ଅନ୍ୟହୁକୁମର ଅପିଲ ଅର୍ଥାତ୍ ବାଜେ ଅପିଲସ୍ଥଳେ ଅପିଲଦରଖାସ୍ତରେ ଆଠଅଣାର କୋର୍ଟଫିସ ଲାଗିବାର କୋର୍ଟଫିସଆଇନର ୨ୟ ତଫସିଲ ୧୧ (କ) ପ୍ରକରଣରେ ବିଧି ଅଛି । ସେହି ବିଧିଅନୁସାରେ ପ୍ରଜାସ୍ୱତ୍ୱଆଇନର ଦଶମାଧ୍ୟାୟାନୁଯାୟୀ ବନ୍ଦୋବସ୍ତକାର୍ଯ୍ୟସଂକ୍ରାନ୍ତ ସମସ୍ତ ଅପିଲଦରଖାସ୍ତରେ ଆଠଅଣା କୋର୍ଟଫିସ ଲାଗିଆସୁଥିଲା । ବର୍ତ୍ତମାନ ଲେଫ୍ଟେନାଣ୍ଟ ସାହେବ ବୋଲନ୍ତି ଯେ ଉକ୍ତପ୍ରଥା ଭ୍ରମଯୁକ୍ତ ଅଟେ କାରଣ ପ୍ରଜାସ୍ୱତ୍ୱ ଆଇନର ଧା ୧୦୭ ଧାର ମର୍ମାନୁସାରେ ବନ୍ଦୋବସ୍ତସମ୍ବନ୍ଧୀୟ ସକଳଆଜ୍ଞା, ଡିଗ୍ରୀତୁଲ୍ୟ ଅଟେ ମାତ୍ର ବନ୍ଦୋବସ୍ତମାମଲାରେ ତାହା ଧରାଯାଇ ନ ପାରେ ଏହେତୁ ୨ୟ ତଫସିଲର ୧୭ ପ୍ରକରଣର ୬ଦଫାନୁସାରେ ଅପିଲଦରଖାସ୍ତରେ ଦଶଟଙ୍କାର କୋର୍ଟଫିସ ଲାଗିବ ।

ଆମ୍ଭମାନଙ୍କ ବିବେଚନାରେ ଉପର୍ଯ୍ୟୁକ୍ତ ଆଜ୍ଞା ଅନ୍ୟାୟ ଓ ଅତିକଠିନ ଅଟେ । ପ୍ରଜାସ୍ୱତ୍ୱଆଇନର ଧା ୧୦୭ ଧାରେ ଲେଖା ଯେ କରଧାର୍ଯ୍ୟସମ୍ବନ୍ଧୀୟ ସକଳକାର୍ଯ୍ୟ ଦେୱାନୀକାର୍ଯ୍ୟବିଧିଆଇନର ମକଦ୍ଦମା ବିଚାରସକାଶେ ନିର୍ଦ୍ଦିଷ୍ଟ ନିୟମାନୁସାରେ ଚାଲିବ ଓ ଏଥିରେ ରାଜସ୍ୱକର୍ମଚାରୀର ନିଷ୍ପତ୍ତି ଡିଗ୍ରୀତୁଲ୍ୟ ପ୍ରବଳ ହେବ । ଲେଫ୍ଟେନାଣ୍ଟ ସାହେବଙ୍କ ଆଜ୍ଞାରୁ ପ୍ରକାଶ ଯେ ବନ୍ଦୋବସ୍ତସଂକ୍ରାନ୍ତ ସକଳ ଅପିଲରେ ଦଶଟଙ୍କାର କୋର୍ଟଫିସ ଲାଗିବ । ଏହା ହେଲେ କୌଣସି ରୟତ କିମ୍ବା ସାମାନ୍ୟ ସିକିମିଦାର କିମ୍ବା ଲାଖରାଜଦାର କିମ୍ବା ଖରିଦାଦାର ତାହାର ଜମିର ଜମା କିମ୍ବା ତାହାର ସ୍ୱତ୍ୱବିଷୟରେ ବନ୍ଦୋବସ୍ତକର୍ମଚାରୀଙ୍କ ଆଜ୍ଞାବିରୁଦ୍ଧରେ ଅପିଲ କରିବାକୁ ଚାହିଁଲେ ଦଶଟଙ୍କାର କୋର୍ଟଫିସ ଦେବ ଏ ଦେଶରେ ଅଧିକାଂଶ ପ୍ରଜା ଓ ଖରିଦାଦାର ଇତ୍ୟାଦିଙ୍କ ଜମିଜମା ଅତି କମ ଅଟେ ମାତ୍ର ଆପଣା ସ୍ୱତ୍ୱାଧିକାରପ୍ରତି ସମସ୍ତଙ୍କର ବିଶେଷ ମମତା ଆପଣାସ୍ୱତ୍ୱାଧିକାରପ୍ରତି କିଛି କ୍ଷତି ହେବା କିମ୍ବା ଜମା ବେଶି ହେବାର ଜାଣିଲେ ଅପିଲ କରିବାକୁ ସ୍ୱଭାବତଃ ଇଚ୍ଛା ହେବ ମାତ୍ର ସେ ସାମାନ୍ୟ ଲୋକମାନେ ଦଶଟଙ୍କାର କୋର୍ଟଫିସ ଦେଇପାରିବେକି ? ଅନେକ ଜମିଦାର ଅତି ସାମାନ୍ୟ ଅଟନ୍ତି କେହି୨ ରୟତଠାରୁ ହୀନ ଅନେକ ଜମିଦାରର ସଦରଜମା ଦଶଟଙ୍କାରୁ ଊଣା ଅଟେ ତହିଁମଧ୍ୟରେ ଦୁଇତିନିଟଙ୍କା ସଦରଜମାର ଜମିଦାରୀ ଅନେକ । ଏପରି ନାମକ ଜମିଦାରଙ୍କ ପକ୍ଷରେ ଅପିଲସକାଶେ ପ୍ରଥମତଃ ଦଶଟଙ୍କା ଫିସ ଦେବା କି ନ୍ୟାୟସଙ୍ଗତ ଓ ସହଜକଥା ?

ବନ୍ଦୋବସ୍ତମହକୁମାରେ ଆଠଅଣିଆର ବାଜେ ଦରଖାସ୍ତ ଦେବାକୁ ଗଲେ ତହିଁର ବାଜେଖର୍ଚ୍ଚା ଇତ୍ୟାଦିକ ପଡ଼ିବାର ସତତ ଶୁଣାଯାଏ । ଦଶଟଙ୍କିଆର ଅପିଲଦରଖାସ୍ତରେ ଯେ କେତେ ବାଜେଖର୍ଚ୍ଚ ପଡ଼ିବ ଏହା ସହଜରେ ଅନୁମାନ ହୋଇପାରେ । ବାଜେଖର୍ଚ୍ଚ ଛଡ଼ା ବ୍ୟୟ ଅଟକଳ ଟ ୧୫୲ ଙ୍କାର ଉପର ଯିବ କାରଣ ଏକା କୋର୍ଟଫିସ ଟ ୧୦୲ ଙ୍କା ଏଦେଶର ସାମାନ୍ୟ ଜମିଦାର ସିକିମିଦାର ଓ ପ୍ରଜାମାନଙ୍କ ପକ୍ଷରେ ଏହା ଗୁରୁତର ବ୍ୟାପାର । ସେମାନେ ଏତେ ଖର୍ଚ୍ଚା କରି ଅପିଲ କରିବାର ଅସମ୍ଭବ । ଏମାନଙ୍କ ପକ୍ଷରେ ଅପିଲ ଦରଖାସ୍ତର କୋର୍ଟଫିସ ଟ ୧୦୲ ଙ୍କା ଧାର୍ଯ୍ୟ କରିବା ଓ ଅପିଲ ନ ହେବାସକାଶେ ବାରଣ କରିଦେବା ସମାନ ଅଟଇ । ଦୟାଶୀଳ ସର, ଇଲିୟଟ ବାହାଦୁରଙ୍କର ଏପରି କାମନା ହୋଇ ନ ପାରେ ମାତ୍ର ଫଳେ ତାହା ଘଟୁଅଛି ।

ଲାଟସାହେବ ଯେ ୨ୟ ତଫସିଲର ପ୍ର ୧୭ କରଣର ଦ ୧୬ ଫା ଉଲ୍ଲେଖ କରନ୍ତି ତାହା ଦେୱାନୀ ମୋକଦ୍ଦମା ଓ ଦେୱାନୀ ଅଦାଲତପକ୍ଷରେ ଅଟେ । ଦେୱାନୀ ଅଦାଲତରେ ଅନେକପ୍ରକାର ମକଦ୍ଦମା ହୁଅଇ ଯେଉଁ ମକ-

Split by PDF Splitter

Digitized by srujanika@gmail.com

Split by PDF Splitter



ବମାର ତାହାଦ ଇଷ୍ଟିମିଟ କରବାର ଅସମ୍ଭବ ସେଥିର ମକଦମାର ଅରଜିରେ ଟ ୧୦ କାର କୋର୍ଟଫିସ ଲାଗିବ ଓ ଅପିଲ ହେଲେ ଅପିଲଦରଖାସ୍ତରେ କେଷ ଟ ୧୦ କାର କୋର୍ଟଫିସ ଲାଗିବ । ଏହାଇ ଉକ୍ତ ଦଫାର ତାତ୍ପର୍ଯ୍ୟ ବନ୍ଦୋବସ୍ତ ମାମଲା ପ୍ରତି ତାହା କଦାପି ଖାଟିବାର ନୁହେ ବରଂ କୋର୍ଟଫିସଆଇନର ଧାଂ ୧୯ ଗ୍ର ପ୍ର ୯ କରଣଅନୁସାରେ ବନ୍ଦୋବସ୍ତସଂକ୍ରାନ୍ତ ସମସ୍ତ ଦରଖାସ୍ତ କୋର୍ଟଫିସରୁ ମୁକ୍ତ ପାଇ ଅଛି । ଉକ୍ତ ପ୍ରକରଣରେ ଲେଖେ ଯେ ବନ୍ଦୋବସ୍ତକର୍ତ୍ତା କିମ୍ବା କମିଶନର କିମ୍ବା ବୋର୍ଡଙ୍କ ନିକଟରେ ବନ୍ଦୋବସ୍ତର ଜମାବନ୍ଦୀ ଜମା ତହିଁସଂକ୍ରାନ୍ତ କୌଣସି ସ୍ୱତ୍ୱାଧିକାର ବା ଲଭାଂଶ ବିଷୟରେ ଦରଖାସ୍ତ ବା ଆବେଦନପତ୍ର ବନ୍ଦୋବସ୍ତ ବୃତ୍ତାନ୍ତ ହେବା ପୂର୍ବେ କରବାକୁ ହେଲେ ତହିଁରେ ଅର୍ଦ୍ଧେ କୋର୍ଟଫିସ ଲାଗିବ ନାହିଁ । ଅପିଲନିଷ୍ପତ୍ତି ପରେ କିମ୍ବା ଅପିଲମିଆଦ ଗତେ ଅପିଲ ନ ହେଲେ ଅପିଲୋପଯୋଗୀ ଅଜ୍ଞା ବ କାର୍ଯ୍ୟ ବୃତ୍ତାନ୍ତ ହୁଏ । ଅପିଲପୂର୍ବେ କଦାପି ବୃତ୍ତାନ୍ତ ହୁଅଇ ନାହିଁ ଓ ମଧ୍ୟ ମହାଲର ଜମା ଅନୁସାରେ କମିଶନର ଓ ବୋର୍ଡଙ୍କର ବନ୍ଦୋବସ୍ତ ବୃତ୍ତାନ୍ତ ହେବାର ବିଧି ଅଛି । ଉକ୍ତ ପ୍ରକରଣରେ କମିଶନର ଓ ବୋର୍ଡ ଶବ୍ଦମାନ ଉଲ୍ଲେଖ ହେବାରୁ ଅପିଲ ସମ୍ପର୍କୀୟ ଦରଖାସ୍ତ ସେ ହାକିମଙ୍କ ହଜୁରରେ ହୋଇ ପାରେ । ବର୍ତ୍ତମାନ ଜିଲା ବନ୍ଦୋବସ୍ତର ମାଲିକ ବାଜେକର୍ମଗୃହ ହୋଇ ଅଛନ୍ତି କେହି କୋର୍ଟଫିସଅଇନ ହେବା ସମୟେ କମିଶନର ଓ ବୋର୍ଡ ବନ୍ଦୋବସ୍ତର ମାଲିକ ଓ ଅପିଲ ଶୁଣିବା ହାକିମ ଥିଲେ ସେମାନଙ୍କ ଗ୍ରନ୍ଥରେ ଦରଖାସ୍ତମାନ ଯେ ସ୍ଥଳେ କୋର୍ଟଫିସରୁ ବର୍ଜିତ ସେ ସ୍ଥଳେ ଅପିଲ ଦରଖାସ୍ତମାନ କୋର୍ଟଫିସରୁ ମୁକ୍ତ ଅଟେ । ଯେବେ ତହିଁରେ ଦଶଟଙ୍କା ଭଳ୍ୟ ଏତେ-ଅଧିକ କୋର୍ଟଫିସ ଲାଗିବାର ବ୍ୟବସ୍ଥାପକସଭାର ଉଦ୍ଦେଶ୍ୟ ଥାନ୍ତା ତେବେ ବନ୍ଦୋବସ୍ତର ସମସ୍ତ ଦରଖାସ୍ତକୁ କୋର୍ଟଫିସଦାୟରୁ ମୁକ୍ତ କରି ଥିବା ସ୍ଥଳେ ଅପିଲରେ ଦଶଟଙ୍କା ଫିସ ଲାଗିବାର ସ୍ପଷ୍ଟ ବିଧି ହୋଇ ଥାନ୍ତା । ଅତଏବ ବର୍ତ୍ତୃଙ୍କର ସେପରି ଉଦ୍ଦେଶ୍ୟ ନୁହେ ଓ ନ ଥିଲା ଓ ହୋଇ ନ ପାରେ । ଯହିଁର ଅରଜିରେ ଟ ୧୦ କାର କୋର୍ଟଫିସ ଲାଗିବ ତହିଁର ଅପିଲରେ ସେହି ପ୍ରକାର ଲାଗିବ । ବନ୍ଦୋବସ୍ତମାମଲାରେ ଦଶଟଙ୍କାର କୋର୍ଟଫି ଯୁକ୍ତ ଅରଜି ନାହି ଅପିଲରେ ଦଶଟଙ୍କା ଲାଗି ନ ପାରେ । ଷ୍ଟେଟଲାଟ ସାହେବ ବଡ ଭ୍ରମରେ ପଡ଼ି ଅଛନ୍ତି ସନ୍ଦେହ ନାହିଁ । ଜମିଦାରମାନେ ଏ ବିଷୟର ଆନ୍ଦୋଳନ ଓ ଯଥାର୍ଥ ପ୍ରତୀକାର କଲେ ଉକ୍ତ ଆଜ୍ଞା ରଦ ରହିତ ହୋଇ ପାରେ । ସେମାନେ ସ୍ୱାଭାବିକ ଅଳସ ତ୍ୟାଗ କରି ଅଗ୍ରସର ହେଉନ୍ତୁ ।

---

## ସାଲଭେସନ ଅରମୀ ।

ସାଲଭେସନ ଅରମୀ ଅର୍ଥାତ ପରିତ୍ରାଣସେନା ନାମରେ ବିଲାତରେ କେତେକବର୍ଷ ହେଲା ଗୋଟିଏ ନୂତନଦଳ ହୋଇଅଛି । ଏମାନେ ଖ୍ରୀଷ୍ଟିୟାନଧର୍ମାବଲମ୍ବୀ ଏବଂ ପାପାଗ୍ରହରୁ ଲୋକଙ୍କୁ ରକ୍ଷାକରିବା ଏମାନଙ୍କର ଉଦ୍ଦେଶ୍ୟ । ପାପସଙ୍ଗେ ସଂଗ୍ରାମ କରି ଲୋକଙ୍କୁ ତାହାର ଅଧିକାରରୁ ଧର୍ମଅଡ଼କୁ ଟାଣିଆଣିବା ଏମାନଙ୍କର ବ୍ରତ ହେବାରୁ ଏ ଦଳରନାମ ସେନା ହୋଇଅଛି ଏବଂ ଦଳଭୁକ୍ତ ଲୋକମାନେ ସୈନିକ ଉପାଧିମାନ ମଧ୍ୟ ଧାରଣ କରିଅଛନ୍ତି । ଏହି ସେନାର ଅବସ୍ଥାନ ଇଂଲଣ୍ଡରେ ମାତ୍ର ଦଳଭୁକ୍ତ ଲୋକମାନେ ଏକାଦଶହୋଇ ପୃଥିବୀର ନାନାସ୍ଥାନରେ ଗଉଣି କରି ଅପଣାବ୍ରତାଚରଣରେ ପ୍ରବୃତ୍ତ ହୋଇଅଛନ୍ତି । ଭାରତବର୍ଷମଧ୍ୟରେ ବମ୍ବେଇ ଓ ମାନ୍ଦ୍ରାଜରେ ଏମାନଙ୍କର କାର୍ଯ୍ୟକ୍ଷେତ୍ର ଫିଟିଅଛି ଏବଂ ମାନ୍ଦ୍ରାଜରେ ଏଦଳର ଯେଉଁମାନେ ଅଛନ୍ତି ତହିଁମଧ୍ୟରୁ କପ୍ତାନ ଇଭ୍ସ ଏବଂ ତାହାଙ୍କ ସ୍ତ୍ରୀ ଦ ୧୦।୨ ଦିନ ହେଲା ଏ ନଗରକୁ ଆସି ଗତ ଶୁକ୍ରବାର ସନ୍ଧ୍ୟା ସ ୭ ଘଣ୍ଟା ସମୟରେ ପ୍ରିଣ୍ଟିଂକମ୍ପାନୀଙ୍କ ହଲଗୃହରେ ଗୋଟିଏ ସଭା କରିଥିଲେ । ଆମ୍ଭମାନଙ୍କର ଜଜ ବି, ଏଲ. ଗୁପ୍ତ ସାହେବ ଏ ସଭାର ସଭାପତି ହୋଇଥିଲେ ଏବଂ ନଗରବାସୀ ଏତେ ଇଂରାଜ ଦେଶୀୟ ଭଦ୍ରଲୋକ ସଭାରେ ଉପସ୍ଥିତ ହୋଇଥିଲେ ଯେ ଅସନ ବିନା ଅନେକ ଲୋକ ଛିଡ଼ାହୋଇ ରହିଲେ ଓ କେତେ ସ୍ଥାନ ଅଭାବରୁ ବାହୁଡ଼ିଗଲେ କପ୍ତାନ ଇଭ୍ସ ଏବଂ ତାହାଙ୍କ ସ୍ତ୍ରୀଙ୍କ ବେଶ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ । ଦୁହିଙ୍କର ପରିଧାନ ଗେରୁଆ ବସନ ଅର୍ଥାତ ମୋଟ ଆନଫଡ଼ା ଲୁଗାକୁ ଗେରୁଆବର୍ଣ୍ଣ କରି ତହିଁରୁ କପ୍ତାନ ଖଣ୍ଡେ ବହିର୍ବାସପରି ପିନ୍ଧିଅଛନ୍ତି ଖଣ୍ଡେ ଦେହରେ ଚଦର ଓ ଖଣ୍ଡେ ମୁଣ୍ଡରେ ପାଗ କରିଅଛନ୍ତି ଓ ସ୍ତ୍ରୀ କେବଳ ଖଣ୍ଡେ ଗେରୁଆ ଆନଫଡ଼ା ଶାଢୀପ୍ରାୟ ପିନ୍ଧିଅଛନ୍ତି । ଦୁହିଙ୍କ ଅଙ୍ଗରେ ଖଣ୍ଡେଲେଖାଏ ଲାଲ ଫ୍ଲାନେଲର ଅଙ୍ଗରଖା ଏବଂ ଗୋଡରେ ଚଟିଯୁତା ଅଛି । ଫଳତଃ ଠିକ ସନ୍ନ୍ୟାସୀ ସନ୍ନ୍ୟାସିନୀପ୍ରାୟ ଦିଶୁଅଛନ୍ତି । ଏଦଳଭୁକ୍ତ ସମସ୍ତ ଲୋକଙ୍କର ଏହି ପରିଚ୍ଛଦ ଏବଂ ଲୋକଙ୍କସଙ୍ଗେ ଅଧିକ ମେଶିପାରିବା ଏବଂ ଅତି ସାମାନ୍ୟରେ ପରିଧାନର ପ୍ରୟୋଜନ ଯୋଗାଇବା ଏ ବେଶର ଉଦ୍ଦେଶ୍ୟ ଅଟଇ ଏମାନଙ୍କର ପରିଧାନପରି ଖାଦ୍ୟର ବ୍ୟୟମଧ୍ୟ ସାମାନ୍ୟ ଅଟଇବୋଲି ଶୁଣିଲୁଁ ।

ସଭାପତି ମହାଶୟ ସଭାର କାର୍ଯ୍ୟାରମ୍ଭ କରି ପରିତ୍ରାଣସେନାର କିଞ୍ଚିତ ପରିଚୟ ଦେଇ କପ୍ତାନ ଇଭ୍ସ ଏବଂ ସ୍ତ୍ରୀଙ୍କୁ ସଭାସ୍ଥ ବ୍ୟକ୍ତିମାନଙ୍କୁ ଚିହ୍ନାଇଦେଲେ ଏବଂ କହିଲେ କି ପାପସଙ୍ଗେ ଯୁଦ୍ଧ କରିବା ଏମାନଙ୍କର କାର୍ଯ୍ୟ ବୋଲି ସୈନିକ ଆଖ୍ୟା ଧାରଣ କରିଅଛନ୍ତି ଏବଂ ସ୍ୱୟଂ ଦରିଦ୍ରାବସ୍ଥାରେ ରହି ଦରିଦ୍ରମାନଙ୍କର ସେବା କରିବା ଅଭିପ୍ରାୟରେ ଯୋଗିର ବେଶ ଗ୍ରହଣ କରିଅଛନ୍ତି । ଏଦେଶର ଯୋଗିମାନେ ନିର୍ଜନବନରେ ତପସ୍ୟା କରୁଥିଲେ । ଏ କଳିଯୋଗିମାନେ ଲୋକସମାଜରେ ରହି ଲୋକଙ୍କର ହିତସାଧନରେ ନିଯୁକ୍ତ ରହିଅଛନ୍ତି । ଏମାନଙ୍କଦ୍ୱାରା କି ଉପକାର ସାଧିତ ହେଉଅଛି ତାହା ସେମାନେ ସ୍ୱୟଂ ବର୍ଣ୍ଣନାକରିବେ । ଅତଃପର କପ୍ତାନଙ୍କ ସ୍ତ୍ରୀ ମଧୁରସ୍ୱରରେ ଗୋଟିଏ ଗୀତ ଗାୟନ ଓ କଟକିଶିଜାର ପାଦ୍ରୀ ସଂକ୍ଷେପ ପ୍ରାର୍ଥନା । ପାଠକଲାଉତ୍ତାରୁ କପ୍ତାନଇଭ୍ସ ଓ ତାହାଙ୍କ ସ୍ତ୍ରୀ ଯଥାକ୍ରମେ ବକ୍ତୃତା ପ୍ରଦାନଦ୍ୱାରା ପରିତ୍ରାଣ ସେନାର ମହତ୍କାର୍ଯ୍ୟର ବିବରଣ ସଭାସ୍ଥ ଲୋକଙ୍କୁ ଜଣାଇଲେ । ତହିଁର ସଂକ୍ଷେପ ବିବରଣ ଏହିକି ଲଣ୍ଡନନଗରରେ ଏହି ସେନାଙ୍କ ଉଦ୍ୟମରେ ଗୋଟିଏ ବୃହତ କାରଖାନା ଫିଟିଅଛି ଏବଂ ସଂକ୍ଷେପନାମକ ଅଷ୍ଟ୍ରେଲିଆରେ ଗୋଟିଏ ବୃହତ କୃଷିକ୍ଷେତ୍ର ସ୍ଥାପିତ ହୋଇଅଛି । କଲିକତା ଅଧିକନ୍ତୁ ଧନଶାଳୀ ରାଜ୍ୟ ମାତ୍ର ଯେମନ୍ତ ବଡ଼ ବଡ଼ ଧନୀ ଅଛନ୍ତି ସେମନ୍ତ ଅତ୍ୟନ୍ତ ଗରିବ ମଧ୍ୟ ଅଛନ୍ତି ଏହି ଗରିବଙ୍କ ସଂଖ୍ୟା ଗଣା ନୁହଇ । ଏହା ଲଣ୍ଡନ ନଗରରେ ପ୍ରାୟ ୬୦ ହଜାର ଏମନ୍ତ ଦରିଦ୍ର ଅଛନ୍ତି ଯେ ସେମାନଙ୍କର ଘର ନାହିଁବୋଲି ଦାରୁଣ ଶୀତନେତ୍ରିକା ସଡ଼କପାଖରେ ବାହାରେ ପଡ଼ିରହନ୍ତି ଓ ଅନେକଲୋକ ଦେହାନ୍ତ କରିବାକୁ କାହାର ନ ଥିଲେ ମଧ୍ୟ ମୂଲ ନ ପାଇ ଅନ୍ନକଷ୍ଟ ଭୋଗକରନ୍ତି । ଏହିପରି ଲୋକଙ୍କୁ ଆଶ୍ରୟ ଏବଂ

Digitized by srujanika@gmail.com